

ଅଟକିଛି ରାକା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-340 ◆MONDAY ◆8 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୪୦ ◆ସୋମବାର ◆୮ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ୟୁରୋପରେ ଜିପିଏସ୍ ସିଗନାଲ୍ ଜାମ୍ କରୁଛି ଋଷ ଉପଗ୍ରହ

■ ଲଣ୍ଡନ,୭ ।୬ (ଏଜେନ୍ସି): ମହାକାଶ ଏବେ ଏକ ନୂଆ ଯୁଦ୍ଧକ୍ଷେତ୍ରରେ ପରିଣତ ହେବାକୁ ଯାଉଛି । ଋଷିଆର ଉପଗ୍ରହଗୁଡ଼ିକ ସମଗ୍ର ୟୁରୋପରେ ଜିପିଏସ୍ ସିଗନାଲ୍‌ରେ ବାଧା ସୃଷ୍ଟି କରୁଥିବା ନେଇ ବୈଜ୍ଞାନିକମାନେ ଦାବି କରିଛନ୍ତି । ଆମେରିକାର 'ୟୁନିଭର୍ସିଟି ଅଫ୍ ଟେକ୍ସାସ' ପକ୍ଷରୁ ପ୍ରକାଶିତ ଏକ ଗବେଷଣା ପତ୍ରରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି, ଯାହା ବିଶ୍ୱର ସୁରକ୍ଷା ଚିନ୍ତାକୁ ବଢ଼ାଇ ଦେଇଛି । ଏହି ସିଗନାଲ୍ ଜାମିଂ ଯୋଗୁଁ ୟୁରୋପର ବିଭିନ୍ନ ଅଞ୍ଚଳରେ ଉଡ଼ାଣ ଭରୁଥିବା ବିମାନ ଏବଂ ସମୁଦ୍ରରେ ଯାତ୍ରା କରୁଥିବା ଜାହାଜଗୁଡ଼ିକର ନେଭିଗେସନ୍ ସିଷ୍ଟମ ପ୍ରଭାବିତ ହେଉଛି । ଋଷିଆ ପକ୍ଷରୁ କୃତ୍ରିମ ଉପଗ୍ରହ ମାଧ୍ୟମରେ ମୂଳ ସିଗନାଲ୍‌କୁ ବିକୃତ ବା ଦୁର୍ବଳ କରିଦିଆଯାଉଛି, ଯାହାଫଳରେ ଗ୍ରାଉଣ୍ଡରେ ଥିବା ରିସିଭରଗୁଡ଼ିକ ସଠିକ୍ ସ୍ଥାନ ନିରୂପଣ କରିବାରେ ବିଫଳ ହେଉଛନ୍ତି ।

**ମହାକାଶରେ ଡିଜିଟାଲ୍ ୱାର୍**

ବିଶେଷଜ୍ଞଙ୍କ କହିବାନୁସାରେ, ଏହା ପାରମ୍ପରିକ ସାମରିକ ଯୁଦ୍ଧ ବଦଳରେ ଡିଜିଟାଲ୍ ଏବଂ ମହାକାଶ ଭିତ୍ତିଭୂମିକୁ ଟାର୍ଗେଟ୍ କରିବାର ଏକ ଆଧୁନିକ 'ଇଲେକ୍‌ଟ୍ରୋନିକ ୱାରଫେୟାର୍' ବା ବୈଦ୍ୟୁତିକ ଯୁଦ୍ଧ କୌଶଳ । ୨୦୨୨ ମସିହାରେ ୟୁକ୍ରେନ୍ ଉପରେ ଋଷିଆର ଆକ୍ରମଣ ପରଠାରୁ ୟୁରୋପରେ ଏଭଳି ସିଗନାଲ୍ ସମସ୍ୟା ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି । ଶାରୀରିକ ଆକ୍ରମଣ ତୁଳନାରେ ଏହି ସିଗନାଲ୍ ଜାମିଂର ମୂଳ ଉତ୍ସ ଖୋଜିବା ବେଶ୍ କଷ୍ଟକର । ଏହି ବିପଦକୁ ଦୃଷ୍ଟିରେ ରଖି ୟୁରୋପୀୟ କର୍ତ୍ତୃପକ୍ଷ ଏବେ ଏକ ବିକଳ୍ପ ବ୍ୟାକଅପ୍ ନେଭିଗେସନ୍ ସିଷ୍ଟମ ଏବଂ ଅଧିକ ସୁରକ୍ଷିତ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ।

## ୧୪୦୦ କିଲୋମିଟର ଦୂରରୁ ଆସି ଦିଲ୍ଲୀ ପ୍ରଫେସରଙ୍କୁ ହତ୍ୟା

■ ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ମହିଳା ପ୍ରଫେସରଙ୍କ ରହସ୍ୟଜନକ ହତ୍ୟାକାଣ୍ଡର ପରଦାଫାଶ କରିଛି ପୋଲିସ । ମାତ୍ର ୩ ଦିନ ମଧ୍ୟରେ ପୋଲିସ ପଶ୍ଚିମବଙ୍ଗରୁ ଜଣେ ଦମ୍ପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି । କୋଟି କୋଟି ଟଙ୍କାର ସମ୍ପତ୍ତି ବିବାଦକୁ ନେଇ ପ୍ରଫେସର ଦେବସ୍ମିତା ପଲ୍‌ଙ୍କୁ ହତ୍ୟା କରିବା ପାଇଁ ଏହି ଦମ୍ପତି ପଶ୍ଚିମବଙ୍ଗରୁ ପ୍ରାୟ ୧୪୦୦ କିଲୋମିଟର ଦୂର ଯାତ୍ରା କରି ଦିଲ୍ଲୀ ଆସିଥିଲେ । ଗତ ବୁଧବାର ଦିନ ପୂର୍ବ ଦିଲ୍ଲୀର ଏକ ଆପାର୍ଟମେଣ୍ଟରେ ରହୁଥିବା ଦେବସ୍ମିତାଙ୍କୁ ତାଙ୍କ ଘର ଭିତରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ହତ୍ୟାକାରୀମାନେ ନିଜର ନାବାଳକ ପୁଅକୁ ସାଙ୍ଗରେ ଆଣିଥିଲେ ଯେପରି କାହା ମନରେ ସନ୍ଦେହ ନହେବ । ସେମାନେ ମୁହଁରେ ମାସ୍କ ପିନ୍ଧି ଘର ଭିତରକୁ ପ୍ରବେଶ କରିଥିଲେ ଏବଂ ହତ୍ୟା କରିବା ପରେ ମାତ୍ର ୩୦ ମିନିଟ୍ ମଧ୍ୟରେ ପୋଷାକ ବଦଳାଇ ସେଠାରୁ ଫେରାର ହୋଇଯାଇଥିଲେ ।

**ସଂପତ୍ତି ହଡ଼ପ ଷଡ଼ଯନ୍ତ୍ର**

ପୁଲିସ ସୂତ୍ରରୁ ପ୍ରକାଶ ଯେ ପଶ୍ଚିମବଙ୍ଗରେ ଦେବସ୍ମିତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ରହିଥିଲା । ଗିରଫ ହୋଇଥିବା ଦମ୍ପତି ସେହି ଘରେ ଭଡ଼ାଟିଆ ଭାବେ ରହୁଥିଲେ ଏବଂ ସେହି ସମ୍ପତ୍ତିକୁ ହଡ଼ପ କରିବାକୁ ଚାହୁଁଥିଲେ । ଦେବସ୍ମିତା ସେମାନଙ୍କୁ ଘର ଖାଲି କରିବାକୁ ଚାପ ପକାଉଥିବାରୁ ହତ୍ୟା ପାଇଁ ସେମାନେ ଏଭଳି ସାଙ୍ଘାତିକ ଯୋଜନା କରିଥିଲେ । ପୋଲିସ ସିସିଟିଭି ଯାଞ୍ଚ କରିବା ସହ ସେହି ଅଞ୍ଚଳକୁ ଆସିଥିବା ଏକ କାର୍‌ର ଚାଳକକୁ ଅଟକ ରଖି ପଚରାଉଚରା କରିଥିଲା । ଏହାପରେ ପ୍ରାୟ ୭ଟି ପୋଲିସ ଟିମ୍ ୪ଟି ରାଜ୍ୟରେ ଚଢ଼ାଉ କରି ଶେଷରେ ପଶ୍ଚିମବଙ୍ଗର ବର୍ଦ୍ଧମାନରୁ ଅଭିଯୁକ୍ତ ରାମପ୍ରସାଦ ଦାସ ଏବଂ ବନଶ୍ରୀ ଦାସଙ୍କୁ ଗିରଫ କରିଛି ।

## ହାଣ୍ଡିଶାଳକୁ ଗ୍ୟାସ୍ ସିଲିଣ୍ଡର ଚିନ୍ତା



### ୯୦ ଦିନରେ ୮୯ ଟଙ୍କା ମହଙ୍ଗା

■ ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ପରେ ଖାଉଟିଙ୍କୁ ନିସ୍ତାର ମିଳୁନାହିଁ । ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ସବୁ ମହଙ୍ଗା । କ୍ରମାଗତ ଭାବେ ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି ଖାଉଟିଙ୍କ ପରିବାର ବଜେଟ ବଢ଼ାଇଦେଇଛି । ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ ପରେ ବିକଳ୍ପ ଉତ୍ସରୁ ତେଲ ଏବଂ ଗ୍ୟାସ୍ ଆମଦାନୀ କରୁଥିଲେ ସୁଦ୍ଧା ଭାରତ ଉପରୁ ସଙ୍କଟ ଟଳୁନି । କାରଣ କ୍ରମାଗତ ଭାବେ ଦେଶରେ ପେ ।ଟ୍ରୋଲ, ଡିଜେଲ ସହ ଗ୍ୟାସ୍ ସିଲିଣ୍ଡର ମହଙ୍ଗା ହେବାରେ ଲାଗିଛି । କେନ୍ଦ୍ର ସରକାର ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ପୁଣି ଥରେ ବୃଦ୍ଧି କରିଛନ୍ତି । ସରକାର ଅଧ ରାତିରେ ଏହି ଦର ବୃଦ୍ଧି କରିଛନ୍ତି । ଏଥିଯୋଗୁ ଏଲପିଜି ସିଲିଣ୍ଡର ପିଛା ଦର ୨୯ ଟଙ୍କା ବୃଦ୍ଧି ପାଇଛି । ରବିବାର ମଧ ରାତ୍ରରୁ ନୂଆ ଦର ଲାଗୁ ହୋଇଛି । ମାତ୍ର ୩ ମାସ ମଧ୍ୟରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ୮୯ ଟଙ୍କା ମହଙ୍ଗା ହୋଇଛି ।

**ଘରୋଇ ସିଲିଣ୍ଡର ୨୯ ଟଙ୍କା ବଢ଼ିଲା**

ଦର ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ୧୪.୨ କେଜି ବିଶିଷ୍ଟ ଘରୋଇ ସିଲିଣ୍ଡର ପିଛା ମୂଲ୍ୟ ୨୯ ଟଙ୍କା ବୃଦ୍ଧି ଘଟି ୯୧୩ ଟଙ୍କାରୁ ୯୪୨ ଟଙ୍କାରେ ପହଞ୍ଚିଛି । ଏହାପୂର୍ବରୁ ମାର୍ଚ୍ଚ ୭ ତାରିଖରେ ଘରୋଇ ସିଲିଣ୍ଡର ମୂଲ୍ୟ ୬୦ଟଙ୍କା ବୃଦ୍ଧି ପାଇଥିଲା । ଏହାକୁ ମିଶାଇଲେ ୯୦ ଦିନରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୮୯ ଟଙ୍କା ବୃଦ୍ଧି ଘଟିଛି । ଏହାଫଳରେ ଭୁବନେଶ୍ୱରରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୯୩୯ ଟଙ୍କାରୁ ୯୬୮ ଟଙ୍କାରେ ପହଞ୍ଚିଛି । ଟଙ୍କା ମହଙ୍ଗା ହୋଇଛି । ସୂଚନାଯୋଗ୍ୟ, ଏହା ପୂର୍ବରୁ ସରକାର ୧୯କେଜି ବିଶିଷ୍ଟ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ▶ପୃଷ୍ଠା-୭

# ୮ ରାଜ୍ୟରେ ପହଞ୍ଚିଲା ମୌସୁମୀ

■ ନୂଆଦିଲ୍ଲୀ, ୭ ।୬ (ଏଜେନ୍ସି): ଦେଶରେ ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି । ମାତ୍ର ୪ ଦିନ ମଧ୍ୟରେ ଏହା ଭାରତର ୮ଟି ରାଜ୍ୟକୁ ସ୍ପର୍ଶ କରି ସାରିଛି । ମୌସୁମୀ ପ୍ରଭାବରେ କେରଳ, କର୍ଣ୍ଣାଟକ, ଗୋଆ ଏବଂ ତାମିଲନାଡୁର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି । ଅନ୍ୟପଟେ ଗୁଜରାଟକୁ ବାଦ୍ ଦେଲେ ଦେଶର ବାକି ସମସ୍ତ ରାଜ୍ୟରେ ପ୍ରାକ୍-ମୌସୁମୀ ବର୍ଷା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । କେରଳ, କର୍ଣ୍ଣାଟକ ଓ ତାମିଲନାଡୁରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଝଡ଼ତୋଫାନ ସହ ବର୍ଷା ହୋଇପାରେ । ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ ଏବଂ ମଧ୍ୟପ୍ରଦେଶରେ ପ୍ରବଳ ପବନ ବହିବ । ଓଡ଼ିଶା, ବିହାର, ଝାଡ଼ଖଣ୍ଡ ସମେତ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଜାରି ରହିବ । ରାଜସ୍ଥାନରେ ୩୦ ରୁ ୫୦ କିଲୋମିଟର ବେଗରେ ଗରମ ଓ ପ୍ରବଳ ପବନ ବହିବାର ସୂଚନା ରହିଛି । ମଧ୍ୟପ୍ରଦେଶରେ ଜୁନ୍ ୨୦ ପୂର୍ବରୁ ମୌସୁମୀ ପହଞ୍ଚିବା ନେଇ ଆଶା କରାଯାଉଥିବା ବେଳେ ଉତ୍ତର ପ୍ରଦେଶରେ ଏହା ପ୍ରାୟ ୪ ରୁ ୬ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୨୪ ଆଡ଼କୁ ପହଞ୍ଚିପାରେ । ▶ପୃଷ୍ଠା-୭

## ୩-୪ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ

■ ଭୁବନେଶ୍ୱର, ୭।୬ (ସମିସ): ଓଡ଼ିଶା ମୁହାଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୬-୮ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ଆଇଏମ୍‌ଡି କହିଥିଲା । ହେଲେ ଏହି ସମୟ ଆହୁରି କମି ଯାଇଛି । ଆସନ୍ତା ୩-୪ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବା ନେଇ ପାଗ ଅନୁକୂଳ ଥିବା ଆଜି ଆଇଏମ୍‌ଡି କହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏକ୍ସ ଯୋଗେ କହିଛନ୍ତି ଯେ ଓଡ଼ିଶାର କିଛି ଅଞ୍ଚଳରେ ମୌସୁମୀ ସକ୍ରିୟ ହେବା ପାଇଁ ପାଗ ଅନୁକୂଳ ହୋଇଛି । ତେଣୁ ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହେବ ବୋଲି ସେ କହିଛନ୍ତି ।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଆସନ୍ତା ୩-୪ ଦିନ ମଧ୍ୟରେ ଆରବ ସାଗରର ଆହୁରି କିଛି ଅଞ୍ଚଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନାର କିଛି ଭାଗ, ଆନ୍ଧ୍ର ପ୍ରଦେଶର ଅଧିକ ଅଞ୍ଚଳ, ତାମିଲନାଡୁର ଅବଶିଷ୍ଟ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମ-ମଧ୍ୟ ଓ ଉତ୍ତର-ପଶ୍ଚିମ ▶ପୃଷ୍ଠା-୭

### କାଳବୈଶାଖୀ ତାଣ୍ଡବରେ କଟକ ବେହାଲ

## ବଜ୍ରପାତରେ ଭାଙ୍ଗିଲା ଚଣ୍ଡୀ ମନ୍ଦିର ଦଧିନଉତି



■ କଟକ, ୭।୬ (ସମିସ): ରୌପ୍ୟନଗରୀ କଟକ ସମେତ ସମଗ୍ର ଜିଲ୍ଲାରେ ଆଜି ଅପରାହ୍ଣରେ କାଳବୈଶାଖୀ ଜନିତ ଝଡ଼ବର୍ଷା ସହ ଭୟଙ୍କର ବଜ୍ରପାତର ତାଣ୍ଡବ ଦେଖିବାକୁ ମିଳିଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ କଟକର ଅଧିଷ୍ଠାତ୍ରୀ ମା' କଟକ ଚଣ୍ଡୀଙ୍କ ମନ୍ଦିରର ଗୁରୁତର କ୍ଷତି ହୋଇଛି । ପ୍ରଚଣ୍ଡ ବଜ୍ରପାତରେ ମନ୍ଦିର ଉପରେ ନୂଆ କରି ସ୍ଥାପନ କରାଯାଇଥିବା ସୁଉଚ୍ଚ 'ଦଧିନଉତି'ଟି ଆଂଶିକ ଭାବେ ଭାଙ୍ଗି ଫାଟି ଯାଇଛି । ବଜ୍ରପାତ ଏତେ ଭୟଙ୍କର ଓ ଶକ୍ତିଶାଳୀ ଥିଲା ଯେ ମନ୍ଦିର ଚୂଡ଼ାରୁ କିଛି ପଥର ଭାଙ୍ଗି ସିଧା ତଳକୁ ଖସି ପଡ଼ିଥିବା ବେଳେ ଆଉ କିଛି ପଥର ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି । ତେବେ, ସୌଭାଗ୍ୟବଶତଃ ଏଥିରେ କୌଣସି ଶ୍ରଦ୍ଧାଳୁ କିମ୍ବା ସେବାୟତଙ୍କର କୌଣସି କ୍ଷୟକ୍ଷତି ଘଟିନାହିଁ । କଟକ ଚଣ୍ଡୀ ମନ୍ଦିରର ଦୀର୍ଘ ବର୍ଷର ଇତିହାସରେ ଏଭଳି ଦେବପୀଠ ▶ପୃଷ୍ଠା-୭

### ୨୦୪ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

## ବକୁଳବନ ଢାଞ୍ଚାରେ ପ୍ରାଥମିକ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ




■ ଖୋର୍ଦ୍ଧା/ଭୁବନେଶ୍ୱର, ୭ ।୬ (ସମିସ): ସତ୍ୟବାଦୀର ବକୁଳବନ ବିଦ୍ୟାଳୟ ପରି ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ରୂପରେଖ ବଦଳିବ । ସେଥିପାଇଁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରେ ରାଜ୍ୟର ୨୨୦୦ଟି ବିଦ୍ୟାଳୟକୁ ବିକଶିତ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟକୁ ବିକଶିତ କରାଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଆଜି ଭିତ୍ତିପ୍ରସ୍ତର ରଖାଯାଇଛି । ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ । ତେଣୁ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ଏହି ଯୋଜନା କରିଛନ୍ତି । ନିଯୁକ୍ତି ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ପାଠପଢ଼ା ସହ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ । ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ, ପିଏମ୍‌ଶ୍ରୀ ବିଦ୍ୟାଳୟ ସ୍ଥାପନ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପରି ଅନେକ ଯୋଜନା କରି ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ଓ ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ▶ପୃଷ୍ଠା-୭

**୩ ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତି**

## ଦିଲ୍ଲୀରୁ ଫେରିଲେ ନବୀନ



■ ଭୁବନେଶ୍ୱର, ୭।୬ (ସମିସ): ୭ ଦିନିଆ ଦିଲ୍ଲୀ ଗସ୍ତ ସମାପ୍ତ କରି ରବିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ । ଆଜି ବିମାନବନ୍ଦରରେ ପହଞ୍ଚିବା ପରେ ଦଳର ଅନେକ ଛାମୁଆ ନେତା ତଥା ବିଧାୟକ ନବୀନଙ୍କୁ ସ୍ୱାଗତ କରିଛନ୍ତି । ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ସୁଶାନ୍ତ ରାଉତ ଓ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖପାତ୍ର ଡ. ଲେନିନ୍ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ସପ୍ତାହବ୍ୟାପୀ ଦିଲ୍ଲୀ ଗସ୍ତ ସମୟରେ ନବୀନ ବିଭିନ୍ନ ନିର୍ଦ୍ଧାରିତ ଓ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପ୍ରେମିକାକୁ ମାରି ପୋତିଦେଲା



■ ଯୋଡ଼ା, ୭।୬ (ସମିସ): ପ୍ରେମିକାକୁ ହତ୍ୟା କରି ମାଟି ତଳେ ପୋତିଦେଲା । କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରୁ ଏପରି ଏକ ଜଘନ୍ୟ ଆପରାଧିକ ଘଟଣା ପଦାକୁ ଆସିଛି । ମୃତ ଯୁବତୀଜଣଙ୍କ ହେଲେ, ଭଦ୍ରାସାହି ପଞ୍ଚାୟତସ୍ଥିତ ଝାଡ଼ଗାଁ ଗ୍ରାମର ଅନିତା ମହାକୁଡ଼ । ୨୩ ଦିନ ହେଲା ସେ ନିଖୋଜ ଥିଲେ । ଆଜି ସକାଳେ ପୁଲିସ୍ ରୋଇଡ଼ାସ୍ଥିତ ଏକ ଖଣି ଡମ୍ପ ନିକଟରେ ମାଟି ତଳୁ ଅନିତାଙ୍କ କଙ୍କାଳ ଜବତ କରି ପରୀକ୍ଷା ପାଇଁ ପଠାଇଛି । ଏହାସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି । ସେ ହେଲା, ସଂଗ୍ରାମ ଆଲଦା । ତ୍ରିକୋଣୀୟ ପ୍ରେମ ସଂପର୍କରୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ହେଉଥିବା ବେଳେ ପୁଲିସ ପ୍ରକୃତ କାରଣ ଖୋଜିବା ପାଇଁ ତନାଘନା ଚଳାଇଛି । ତଦନ୍ତ ପରେ ଘଟଣା ସମ୍ପର୍କରେ ଅଧିକ ସୂଚନା ଦିଆଯିବ ବୋଲି ଥାନାଧିକାରୀ କହିଛନ୍ତି ।

**୨୩ ଦିନ ପରେ ମାଟି ତଳୁ କଙ୍କାଳ ଜବତ**

**ଅଭିଯୁକ୍ତ ପ୍ରେମିକ ଗିରଫ**

ଗତ ମେ' ୧୪ ତାରିଖରୁ ଅନିତା ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ପରିବାରଲୋକ ବହୁ ଖୋଜାଖୋଜି କରି ନ ପାଇବାରୁ ତାଙ୍କ ମା' ପ୍ରମିଳା ମହାକୁଡ଼ ଏ ସଂପର୍କରେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରିବା ସହ ପ୍ରେମିକ ସଂଗ୍ରାମ ଆଲଦାକୁ ଥାନାକୁ ଟେକି ଆଣି ଜେରା କରିଥିଲା । ଜେରା ବେଳେ ସେ ଅନିତାଙ୍କୁ ହତ୍ୟା କରି ମାଟିରେ ପୋତିଛି ବୋଲି ସ୍ୱୀକାର କରିଥିଲା । ତା' ସୂଚନା ଆଧାରରେ ଆଜି ସକାଳେ ପୁଲିସ ରୋଇଡ଼ାସ୍ଥିତ ଏକ ଖଣି ଡମ୍ପ ନିକଟରୁ ଅନିତାଙ୍କ କଙ୍କାଳ ମାଟି ତଳୁ ଉଦ୍ଧାର କରିଥିଲା ।

# ଭାରତରେ ହ୍ରାସ ପାଇଲା ପ୍ରଜନନ ହାର

### ଜନସଂଖ୍ୟା ସ୍ଥିର ରଖିବା ସ୍ତରଠାରୁ ବି ତଳକୁ ଖସିଲା ସଂଖ୍ୟା

■ ନୂଆଦିଲ୍ଲୀ, ୭ ।୬ (ଏଜେନ୍ସି): ଭାରତରେ ଜନସଂଖ୍ୟା ବୃଦ୍ଧି ହାର ଏବେ ମନ୍ଥର ହେବାରେ ଲାଗିଛି । ଭାରତ ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ 'ନମୁନା ପଞ୍ଜୀକରଣ ପ୍ରଣାଳୀ ପରିସଂଖ୍ୟାନ ରିପୋର୍ଟ ୨୦୨୪' ଅନୁଯାୟୀ, ଦେଶର ମୋଟ ପ୍ରଜନନ ହାର ପ୍ରଥମ ଥର ପାଇଁ ଜନସଂଖ୍ୟା ସ୍ଥିର ରଖିବାର ସୀମା (ରିପ୍ଲେସମେଣ୍ଟ ଥ୍ରେସ୍‌ହୋଲ୍ଡ) ୨.୧ ରୁ ତଳକୁ ଖସିଆସି ୧.୯ ରେ ପହଞ୍ଚିଛି । ଏହାର ଅର୍ଥ ଜଣେ ମହିଳା ତାଙ୍କ ଜୀବନକାଳ ମଧ୍ୟରେ ଜନ୍ମ କରୁଥିବା ହାରାହାରି ପିଲାଙ୍କ ସଂଖ୍ୟା ଏବେ ସନ୍ତୁଳନ ରକ୍ଷା କରିବା ପାଇଁ ଆବଶ୍ୟକ ହେଉଥିବା ସଂଖ୍ୟା ଠାରୁ କମ୍ ରହିଛି । ବର୍ତ୍ତମାନ ଭାରତର ଜନସଂଖ୍ୟା ୧୪୫ କୋଟିରେ ପହଞ୍ଚିଥିଲେ ମଧ୍ୟ ପ୍ରଜନନ ହାର ହ୍ରାସ ପାଇବା କାରଣରୁ ଆଗାମୀ ଦିନରେ ଜନସଂଖ୍ୟା ହ୍ରାସ ପାଇବା ନିଶ୍ଚିତ ହୋଇଯାଇଛି ।



**ଫିନଲ୍ୟାଣ୍ଡଠାରୁ କମିଲା ଦିଲ୍ଲୀର ହାର**

**ଚିନ୍ତା ପ୍ରକଟ କଲେ ଏଲନ୍ ମସ୍କ**

ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଆଗାମୀ ୨୧ ବର୍ଷ ମଧ୍ୟରେ ଭାରତର ଜନସଂଖ୍ୟା ସର୍ବୋଚ୍ଚ ସ୍ତର ଛୁଇଁବା ପରେ ଏଥିରେ ବ୍ୟାପକ ହ୍ରାସ ଦେଖାଦେବ ଏବଂ ଶତାବ୍ଦୀର ଶେଷ ଆଡ଼କୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇପାରେ । ରିପୋର୍ଟ ଅନୁଯାୟୀ, ବିହାରରେ ସର୍ବାଧିକ ପ୍ରଜନନ ହାର ୨.୯ ରହିଥିବା ବେଳେ ଉତ୍ତର ପ୍ରଦେଶରେ ୨.୬, ମଧ୍ୟପ୍ରଦେଶରେ ୨.୪ ଏବଂ ରାଜସ୍ଥାନରେ ୨.୩ ରହିଛି । କେବଳ ଏହି ବଡ଼ ରାଜ୍ୟଗୁଡ଼ିକରେ ହାର ସୀମା ଉପରେ ରହିଛି । ଅନ୍ୟପଟେ ଦିଲ୍ଲୀରେ ଏହି ହାର ସବୁଠାରୁ କମ୍ ଅର୍ଥାତ୍ ୧.୨ ରହିଛି, ଯାହା ଫିନଲ୍ୟାଣ୍ଡ ଦେଶର ହାର ଠାରୁ ବି କମ୍ । ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳ ଭଳି ରାଜ୍ୟଗୁଡ଼ିକରେ ମଧ୍ୟ ପ୍ରଜନନ ହାର ଯଥେଷ୍ଟ କମ୍ ରହିଛି । ସୀମିତ ଆୟ ଥିବା ପରିବାରଗୁଡ଼ିକ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ଗୋଟିଏ ପିଲା ହିଁ ଯଥେଷ୍ଟ ବୋଲି ଶ୍ରେୟସ୍କର ମଣୁଛନ୍ତି । ସହରୀକରଣ ଯୋଗୁଁ ପ୍ରାୟ ୭୦ ପ୍ରତିଶତ ଲୋକ ଏବେ ଏକକ ପରିବାରରେ ରହୁଛନ୍ତି, ଯାହାଦ୍ୱାରା ପିଲା ବଢ଼ାଇବା ପିତାମାତାଙ୍କ ▶ପୃଷ୍ଠା-୭

## +୩ ଆଡମିସନ୍ ପାଇଁ ପରଘରେ ମୂଲ

■ କେନ୍ଦୁଝର/ତେଲକୋଇ, ୭।୬ (ସମିସ): ଘର ପାଖରେ ଜଙ୍ଗଲ । ସେଠାରେ ଏକ ଦରଭଙ୍ଗା ଗଛ ଉପରେ ବସିଛନ୍ତି ଜଣେ ଛାତ୍ର । ଏକାଗ୍ର ଚିତ୍ତରେ ପାଠ ପଢୁଛନ୍ତି । ଘରୁ ବାହରି ଜଙ୍ଗଲରେ ଛେଳି ଚରାଇବା ସହ ସେଠାରେ ବସି ପାଠ ମଧ୍ୟ ପଢୁଛନ୍ତି । ଏଥିସହ ପରଘରେ ମୂଲ ଲାଗି ନିଜ +୩ ଆଡମିସନ୍ ପାଇଁ ସେ ଟଙ୍କା ଯୋଗାଡ଼ କରୁଛନ୍ତି । ଏ ହେଉଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ପଞ୍ଚାୟତ ସୁଡ଼ଙ୍ଗ ଗାଁର ମାନସ ଦେହୁରୀଙ୍କର କରୁଣ କାହାଣୀ ।

ମାନସ ଜଣେ ମେଧାବୀ ଛାତ୍ର । ସେ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଏ ବର୍ଷ ୮୫ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ମାନସଙ୍କ ବାପା ବେଣୁଧର ଆରପାରିକୁ ଚାଲିଯିବା ପରେ ତାଙ୍କ ଘରର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି । ବଡ଼ଭାଇ ଟୁକୁନା ବାହାରେ ଦାଦନ ଖଟୁଛନ୍ତି । ଆଗକୁ ପ୍ରଶାସନିକ ସେବାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ମାନସ ନିଜର +୩ ଆଡ଼ମିସନ୍ ପାଇଁ ଛେଳି ଚରାଇବା ସହିତ ପର ଘରେ ମୂଲ ଲାଗୁଛନ୍ତି । ସରକାର ତାଙ୍କ ପ୍ରତି ସହାୟତାର ହାତ ବଢ଼ାଇଲେ ମାନସ ତାଙ୍କ ସ୍ୱପ୍ନ ସାକାର କରିପାରିବେ ବୋଲି କହିଛନ୍ତି । ୨୦୨୪ ମସିହାରେ କାଦକଳା ଉଚ୍ଚବିଦ୍ୟାଳୟରୁ ସେ ୭୦% ମାର୍କ ରଖି ମାଟ୍ରିକ ପାସ୍ କରିଥିଲେ । ଏହାପରେ ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୮୫ ପ୍ରତିଶତ ମାର୍କ ରଖି +୨ ପାସ୍ କଲେ । +୨ ପରୀକ୍ଷା ସମୟରେ ବାପା ବେଣୁଧର ଆରପାରିକୁ ଚାଲିଗଲେ । ତେଣୁ ଅର୍ଥ ଅଭାବରୁ ବଡ଼ଭାଇ ପାଠ ଛାଡ଼ି ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି । ତେବେ ପାଠପଢ଼ି ପ୍ରଶାସନିକ ସେବାରେ ନିଜକୁ ନିୟୋଜିତ କରିବାକୁ ଲକ୍ଷ୍ୟ ରଖିଥିବା ମାନସ ଅର୍ଥ ▶ପୃଷ୍ଠା-୭



**ଆର୍ଥିକ ଅନଟନରେ ଶିକ୍ଷାର ଆଲୁଅ ଖୋଜୁଛନ୍ତି**

**+୨ କଳାରେ ୮୫ ପ୍ରତିଶତ ମାର୍କ ରଖିଥିଲେ**

**ମୂଲ ଲାଗିବା ସହ ଛେଳି ଚରାଇ ଭବିଷ୍ୟତକୁ ସାକାର କରିବାକୁ ସ୍ୱପ୍ନ**

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୩୨ ବିଦ୍ୟାର୍ଥୀ ପୁରସ୍କୃତ



ସୁନାବେଡ଼ା, ୭।୬(ସମିସ): ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ପୌର ପରିଷଦ ପଡିଆରେ 'ଅରୂପା'ର ସର୍ବ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଅବସରରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ୩ଟି ବର୍ଗରେ ହୋଇଥିଲା। ପ୍ରତିଯୋଗିତାରେ ୫୦୦ରୁ ଅଧିର୍କ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଚିତ୍ରାଙ୍କନର 'କ' ବର୍ଗରେ ,ରିଲିପ୍ସା ମହାପାତ୍ର ପ୍ରଥମ ସ୍ଥାନ, ଦର୍ଶିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜୟେଶ ପ୍ରାଂଶୁ ଜେନା, ଆରାଧ୍ୟା ସାହୁ, ସମୃଦ୍ଧି ସାମଲ, ମୋନାଲି ଟିକାଦାର, ମନିଶା ମାନଭିକା, ଇଶିକା ରାଉତ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରାପ୍ତ କରିଥିଲେ। "ଖ' ବର୍ଗରେ ଜାଗୃତି ଦାସ ପ୍ରଥମ ସ୍ଥାନ, ମାନନ୍ୟା ଚାନ୍ଦ ଦ୍ୱିତୀୟ ସ୍ଥାନ, ଜାଙ୍ଗସିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଦେବାଂଶୀ କୁଲଦୀପ, ଶୁଭ୍ରାଂଶୁ ବେହେରା, ଆସ୍ଥା ସମ୍ମାରେଡି, ରୋଶନି ମଣ୍ଡଳ, ପ୍ରୀୟାଂଶୁ ମାଇତି, ନନ୍ଦିନୀ ଆଇକତ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରାପ୍ତ କରିଥିଲେ। "ଗ' ବର୍ଗରେ ଶୁଭସ୍ମିତା ତ୍ରିପାଠୀ ପ୍ରଥମ ସ୍ଥାନ, ଶୁଭ୍ରଜ୍ୟୋତ୍ସ୍ନା ତ୍ରିପାଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନୃତ୍ୟରେ ଇତିଶ୍ରୀ ଆଚାର୍ଯ୍ୟ, ଶୁଭସ୍ମିତା ନାୟକ, ଆସ୍ଥା ସମ୍ମାରେଡି, ବର୍ଷା ରାଣୀ ବଡେଇ, ହଂଶିକା କେଲାଡ଼ି, ଜାଗୃତି ସାହୁ, ଯଜ୍ଞସିନୀ ସାହୁ, ରାଣୀ ଖିଲ, ନନ୍ଦିନୀ ଆଇକତ, ଇପ୍ସିତା ପ୍ରଧାନ, ଅନୁଷ୍କା ରାଣୀ ଦାସ, ସୋନାକ୍ଷୀ ରାଉତ , କୁହୁ ମଣ୍ଡଳ ଗ୍ରୁପ୍ ଡାନ୍ସରେ ଦ୍ୱିତୀୟ ସ୍ଥାନ ଓ ପାଶ୍ଚାତ୍ୟ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଫ୍ୟାନ୍ସି ଡ୍ରେସ୍ ଓ ମଡେଲ ରାମ୍ପ ୱାକ୍‌ରେ ଆସ୍ଥା ସମ୍ମାରେଡି ପ୍ରଥମ ସ୍ଥାନ, ମାନନ୍ୟା ଚାନ୍ଦ, ମାନ୍ୟତା ଚାନ୍ଦ, ମୋନାଲି ଟିକାଦାର ସାନ୍ତ୍ୱନା ମୂଳକ ଭାବେ ପୁରସ୍କାର ପାଇଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତା ରେ "କ" ବର୍ଗରେ ଆସ୍ଥା ସମ୍ମାରେଡି ପ୍ରଥମ ସ୍ଥାନ, "ଖ" ବର୍ଗରେ ଜାଗୃତି ଦାସ ଦ୍ୱିତୀୟ ସ୍ଥାନ, "ଗ' ବର୍ଗରେ ଶୁଭସ୍ମିତା ତ୍ରିପାଠୀ ସାନ୍ତ୍ୱନା ମୂଳକ ଭାବେ ପୁରସ୍କାର ପାଇଛନ୍ତି। ଛାତ୍ର ଛାତ୍ରୀ ଙ୍କ ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି , ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ , ନୃତ୍ୟ ଶିକ୍ଷୟିତ୍ରୀ ହୃଦାଞ୍ଜଳୀ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

## ଯୁବକଙ୍କୁ ଛୁରାମାଡ଼ ପରେ ଉତ୍ତେଜନା

# ରାସ୍ତାରୋକ ସହ ଦୋକାନ ପୋଡ଼ାଜଳା



ଲକ୍ଷ୍ମୀପୁର,୭।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ରବିବାର ଦିନ ଦେଖିବାକୁ ମିଳିଛି ଆଦିବାସୀଙ୍କ ଉଗ୍ରରୂପ। ଏହାର କାରଣ ହେଉଛି ଶନିବାର ଦିନ ବଡଶଙ୍ଖା ଗ୍ରାମର ଆଦିବାସୀ ଯୁବକଙ୍କୁ ଲକ୍ଷ୍ମୀପୁର ରେଲି ସାହିର ଯୁବକ କୌଣସି ଏକ ବସଚକୁ ନେଇ ଛୁରା ମାଡ଼ କରିଥିଲେ। ଏହାର ପ୍ରତିବାଦରେ ବଡଶଙ୍ଖା ଗ୍ରାମର ଶତାଧିକ ଲୋକ ଲକ୍ଷ୍ମୀପୁର ଆସି ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଆକ୍ରମଣକାରୀଙ୍କୁ ଖୋଜି ବୁଲିଥିଲେ। ଏହା ପରେ ଅନ୍ୟ ଜଣେ ବ୍ୟକ୍ତିକୁ ଧରି ମାରପିଟ କରିଥିଲେ। ଏତିକିରେ କଥା ସରି ନଥିଲା । ରବିବାର ଅପରାହ୍ନରେ ପୁଣି ଶହ ଶହ ଲୋକ ଆସି ରାଜରାସ୍ତା ଉପରେ ପୋଡ଼ାଜଳା କରି ଆକ୍ରମଣକାରୀ ସମ୍ପର୍କୀୟଙ୍କ ୫ଟି ପରିବା ଦୋକାନକୁ ଭଙ୍ଗାରୁଜା କରି ପୋଡ଼ି ଦେଇ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। କିଛି ସମୟ ପାଇଁ ରାଜରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇ ଥିଲା। ଦୀର୍ଘ ସମୟ ବୁଝାସୁଝା ପରେ ଅବରୋଧକାରୀ ହଟି ଥିଲେ ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହା ପରେ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ ଲକ୍ଷ୍ମୀପୁର ଆସି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ସହ କୋରାପୁଟ ଦାୟିତ୍ୱରେ ଥିବା ନବରଙ୍ଗପୁର ଏସ୍‌ପି ପାର୍ଥପ ଜଗଦୀଶ କଶ୍ୟପ, କୋରାପୁଟ ଅତିରିକ୍ତ ଏସ୍‌ପି ଅମ୍ବିତ ମହାନ୍ତି ସହ ଏକ ଟିମ୍ ଆସି ସ୍ଥାନୀୟ ଏସଡିପିଓ ମନୋଜ ବେହେରା, ଆଇଆଇସି ସୁଜ୍ଞାନି ସାହୁ ଓ ଥାନା ସମସ୍ତ କର୍ମଚାରୀଙ୍କ ମିଳିତ ଭାବେ ସବୁ ଘଟଣା ଉପରେ ନଜର ରଖିଥିବା କହିଛନ୍ତି। ଯେଉଁ ମାନଙ୍କ ନାମରେ କେସ ହୋଇଛି, ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଙ୍କୁ ଖୁବ୍‌ଶୀଘ୍ର ଖୋଜି ବାହାର କରାଯିବ ବୋଲି ପୁଲିସ କହିଛି। ସ୍ଥାନିୟ ତହସିଲଦାର ନୈବେଦ୍ୟ କୁମାର ଭୋଇ, ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ବିଡିଓ ସବ୍ୟସାଚୀ ବେହେରା ଏହି ଘଟଣା ଉପରେ ନଜର ରଖି ଏହା ଆଗକୁ କିପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଏବେକାର ଲକ୍ଷ୍ମୀପୁର ହେଉଛି ଶାନ୍ତିପୂର୍ଣ୍ଣ ସ୍ଥାନ। ଏଠି କିଛି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ପାଇଁ ଅଶାନ୍ତି ସୃଷ୍ଟି ହେଉଛି । ତାକୁ ମୂଳପୋଛ କରିବାକୁ ପୁଲିସକୁ ସାଧାରଣ ଲୋକଙ୍କ ଦାବି ହେଉଛି। ଆଜି ଯେଉଁ ପରିସ୍ଥିତି ଲକ୍ଷ୍ମୀପୁରରେ ଘଟିଛି ଏଭଳି ବିଗତ ଦିନରେ କେବେ ଘଟି ନାହିଁ। ତେଣୁ ପୋଲିସ୍‌ର ପଦକ୍ଷେପ ଉପରେ ଏବେ ଲୋକଙ୍କ ନଜର ରହିଛି।

# ବିଏସ୍‌ଏଫ୍‌ର ବ୍ୟାପକ ଚାରାରୋପଣ ଅଭିଯାନ



ମାଲକାନଗିରି,୭।୬(ସମିସ): ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ସେକ୍ଟର ମୁଖ୍ୟାଳୟ ବିଏସ୍‌ଏଫ ମାଲକାନଗିରି ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଚାରାରୋପଣ ଅଭିଯାନ ଆୟୋଜନ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ପରିବେଶ ସଂରକ୍ଷଣ, ସବୁଜିମା ବୃଦ୍ଧି ଏବଂ ସ୍ଥାୟୀ ବିକାଶ ପ୍ରତି ବିଏସଏଫର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରାଯାଇଛି। ସେକ୍ଟର ମୁଖ୍ୟାଳୟ ବିଏସଏଫ ମାଲକାନଗିରି, ଏମ୍‌ଭି-୦୩, ବାଲିମେଲା, ଚିତ୍ରକୋଣ୍ଡା ସମେତ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ଷମ ବିଏସଏଫ ଘାଟିରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଭିଯାନର ଅଂଶ ସ୍ୱରୂପ ସେକ୍ଟର ମୁଖ୍ୟାଳୟ ଓ ଏହା ଅଧୀନସ୍ଥ ୧୦୩, ୧୧୦ ଏବଂ ୧୭୭ ବାଟାଲିୟନ ବିଏସଏଫର ସାମୂହିକ ପ୍ରୟାସରେ କ୍ୟାମ୍ପସ ପରିସରରେ ପ୍ରାୟ ୨,୯୦୦ଟି ଫଳଦାୟକ ଓ ଅନ୍ୟାନ୍ୟ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଏହି ବୃକ୍ଷରୋପଣ ଅଭିଯାନର ନେତୃତ୍ୱ ସେକ୍ଟର ମୁଖ୍ୟାଳୟ ବିଏସଏଫ ମାଲକାନଗିରିର ଡେପୁଟି ଇନ୍ସପେକ୍ଟର ଜେନେରାଲ ବିଜୟ ସିହ୍ନା କରିଥିଲେ। କାର୍ଯ୍ୟକ୍ରମରେ ବିଏସଏଫର ଅଧିକାରୀ ଓ ଯବାନମାନେ ଉତ୍ସାହର ସହ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ପ୍ରତି ସେମାନଙ୍କର ଦାୟିତ୍ୱବୋଧ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପରିବେଶ ସଚେତନତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଅଂଶ ଗ୍ରହଣକାରୀମାନେ ବୃକ୍ଷରୋପଣ ଏବଂ ଗଛର ଯତ୍ନ ମାଧ୍ୟମରେ ପରିବେଶର ସନ୍ତୁଳନ ରକ୍ଷା କରିବା ସହ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବାର ସଂକଳ୍ପ ନେଇଥିଲେ। ବିଏସଏଫ ପକ୍ଷରୁ କୁହାଯାଇଛି ଯେ, ଏପରି ପରିବେଶ ମୁଖୀ କାର୍ଯ୍ୟକ୍ରମ କେବଳ ସବୁଜିମା ବୃଦ୍ଧିରେ ସହାୟକ ହେବ ନାହିଁ, ବରଂ ସାଧାରଣ ଲୋକଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ମଧ୍ୟ ବୃଦ୍ଧି କରିବ। ଏହି ପଦକ୍ଷେପ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ, ସୁସ୍ଥ ଏବଂ ସ୍ଥାୟୀ ପରିବେଶ ଗଠନ ଦିଗରେ ବିଏସଏଫର ନିରନ୍ତର ସମର୍ପଣର ପ୍ରତିଫଳନ ବୋଲି କୁହାଯାଇଛି।

# ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ, ୭ ଗିରଫ

ଉମରକୋଟ,୭।୬(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଡଙ୍ଗରୀ ସାହିଠାରେ ବିଳମ୍ବିତ ରାତିରେ ଜୁଆ ଅଡ୍ଡା ଉପରେ ପୁଲିସ ଚଢ଼ଉ କରିଛି। ଘଟଣାସ୍ଥଳରୁ ୭ଜଣଙ୍କୁ ଗିରଫ କରିବା ସହ ୨ଟି ବୋଲେରୋ ଗାଡ଼ି ୪ ମୋବାଇଲ ଫୋନ ଜବତ କରାଯାଇଛି। ଘଟଣାସ୍ଥଳରୁ ନଗଦ ୫୫, ୩୧୦ ଟଙ୍କା, ଜୁଆ ଖେଳ ସାମଗ୍ରୀ ଜବତ ହୋଇଛି । ଏସ୍‌ପି କଶ୍ୟପ ପାର୍ଥ ଜଗଦୀଶଙ୍କ ସୂଚନା ଆଧାରରେ ପୋଲିସ ଜୁଆ ଅଡ୍ଡା ଉପରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ଉ ବେଳେ ସେଠାରେ ଜୁଆ ଖେଳୁଥିବା ୭ ଜଣ ପୋଲିସ ହାତରେ ଧରାପଡ଼ିଥିଲେ। ସାତ ଜଣଙ୍କ ମଧ୍ୟରୁ ୬ ଜଣ ଜୁଆଡ଼ି ପଡୋଶୀ ଛତିଶଗଡ଼ ରାଜ୍ୟର ହୋଇଥିବା ବେଳେ ଜଣେ ଚନ୍ଦାହାଣ୍ଡି ବ୍ଲକର ବୋଲି ସୂଚନା ମିଳିଛି। ଅଭିଯୁକ୍ତମାନଙ୍କଠାରୁ ନଗଦ ଟଙ୍କା, ତାସ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ସେହିପରି ଘଟଣାସ୍ଥଳରେ ଥିବା ୨ଟି ବୋଲେରୋକୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ କେସ୍ ନଂ.୧୭୮/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଜିଲ୍ଲାରେ ବେଆଇନ ଜୁଆ କାରବାର ବିରୋଧରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ଚଢ଼ଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



କୋଷାଗୁମୁଡ଼ା,୭।୬(ସମିସ): ଆଜି ନବରଙ୍ଗପୁର ଜିଲ୍ଲାରେ ୧୧ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମଧ୍ୟରୁ କୋଷାଗୁମୁଡ଼ା ବ୍ଲକର ମାଝୀଧନୁଆରେ ଏକ ଆଦର୍ଶ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ନବରଙ୍ଗପୁର, କୁଞ୍ଜ ବିହାରୀ ଦାସ ସମାଜସେବୀ, ଶିକ୍ଷାମନ୍ତ୍ରୀ ପ୍ରତିନିଧି, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ ପାତ୍ର, ଡ଼ାବୁଗାଁ ବିଧାୟକଙ୍କ ପ୍ରତିନିଧି, ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକେଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନବରଙ୍ଗପୁର ସୁପ୍ରିୟା ନାୟକ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋଷାଗୁମୁଡ଼ା ଆଶିଷ ତ୍ରିପାଠୀ ,କୋଷାଗୁମୁଡ଼ା ପଞ୍ଚାୟତ ସମିତି ଅଧକ୍ଷା ସର୍ବେଶ୍ୱରି ମାଝୀ ,କୋଷାଗୁମୁଡ଼ା ଥାନାଧିକାରୀ ବାଙ୍ଗି ମାଂଝୀ, ସ୍ଥାନୀୟ ସରପଞ୍ଚ ଦୟାରାମ ପୂଜାରୀ, ମାଝୀଧନୁଆ ସମିତି ସଭ୍ୟ ଯୁଗ୍ଧର ହରିଜନ ପ୍ରମୁଖଙ୍କ ଉପସ୍ଥିତିରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରସ୍ତର ସ୍ଥାପନ କରାଗଲା। ଏହି ଅବସରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଯୋଜନା ସହ ଗୁଣାନକ ଶିକ୍ଷା ବ୍ୟବସ୍ଥା ବିଷୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଉଦ୍‌ବୋଧନ ଦେଇଥିଲେ। ଏହି ଅଞ୍ଚଳର ଛାତ୍ରଛାତ୍ରୀ ମାନେ କିପରି ଅଧିକରୁ ଅଧିକ ସୁବିଧା ପାଇପାରିବେ ଏବଂ ମାନସିକ ସ୍ତରରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହବ ତାହା ବିଧାୟକ ଗୌରୀ ଶଙ୍କର ମାଝୀ ବୁଝାଇଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି, ମୋ ସ୍କୁଲ୍ ସଭାପତି, ଆଞ୍ଚଳିକ ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ମୁଖ୍ୟ ସିଆରସିସି, କୋଷାଗୁମୁଡ଼ା ବ୍ଲକ ଟିସି ଶ୍ରୀ ବିଶୋଇ , ବ୍ଲକର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଚୋରି ଅଭିଯୋଗରେ ଦୁଇ ଯୁବକ ଗିରଫ

ଉମରକୋଟ,୭।୬ (ସମିସ): ପାଣି ମୋଟରରୁ ବିଦ୍ୟୁତ ତାର ଚୋରି କରୁଥିବା ଅଭିଯୋଗରେ ଉମରକୋଟ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଡେପଗୁଡାର ରାଜକୁମାର ହରିଜନ (୨୬) ଓ ଡଙ୍ଗରି ସାହିର ସମୀର ହରିଜନ (୨୪)। ପୁଲିସ ସୂତ୍ରରୁ ପ୍ରକାଶ, ଭାମିନି ପଞ୍ଚାୟତ ବାଟିବେଡା ଗାଁରେ ବସୁଧା ଯୋଜନାରେ ପାଣି ମୋଟର ଲଗାଯାଇଛି। ମୋଟରରେ ଲାଗିଥିବା ୪୦ ମିଟର ତାରକୁ କାଟି ଅଭିଯୁକ୍ତମାନେ ନେଇଯାଉଥିବା ବେଳେ ଗ୍ରାମବାସୀଙ୍କୁ ଦେଖି ନିକଟ ଏକ ମକାବାଡକୁ ଦୌଡି ପଳାଇଥିଲେ। ଗ୍ରାମବାସୀ ସେମାନଙ୍କୁ କାବୁ କରି ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପସ୍ଥିତିରେ ପୁଲିସ ଜିମାରେ ଦେଇଥିଲେ। ଉଭୟଙ୍କୁ ଥାନାରେ ପଚରାଉଚରା କରିବା ପରେ ତାର ଚୋରି କରୁଥିବା ସେମାନେ ସ୍ୱୀକାର କରିଥିଲେ। ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କହିଛନ୍ତି। ସୂଚନାଥାଉକି କିଛି ଦିନ ହେବ ଉମରକୋଟ ଅଞ୍ଚଳର ଚାଷଜମିରେ ଥିବା ବୋୱେଲରୁ ଦୁର୍ବୃତ୍ତମାନେ ମୋଟର ପମ୍ପ ସହ ତାର କାଟି ନେଉଥିଲେ। ଚାଷୀମାନେ ଚାଷ କରି ନପାରି ହଇରାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା।

# ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପରଜା ସମାଜର ସମ୍ବର୍ଦ୍ଧନା



କାକିରିଗୁମା,୭।୬(ସମିସ): ଜିଲ୍ଲା ପରଜା ସମାଜ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷାରେ ପାସ୍ କରିଥିବା ୨୬୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଲକ୍ଷ୍ମୀପୁର ବ୍ଲକ୍ ପରଜା ସମାଜ ସଭାପତି ଡମ୍ବରୁଧର ମୁଦୁଲିଙ୍କ ସଭାପତିତ୍ୱରେ ରବିବାର ଦିନ ଗୈଡଗୁଡା ପରଜା ସମାଜ ଗୃହରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାୟଗଡ଼ାର ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି, ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପ୍ରଭୁ ଜାନୀ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, ଗୌଡ଼ଗୁଡ଼ା ସରପଞ୍ଚ ଭଗବତୀ ମୁଦୁଲି, ପ୍ରିୟଙ୍କା ଜାନୀ ଯୋଗ ଦେଇଥିଲେ। ବାଲ୍ୟ ବିବାହ ରୋକିବା ସହ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱ ଦେବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକ ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁରର ସରପଞ୍ଚ , ଲକ୍ଷ୍ମୀପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୁ ମୁଦୁଲି, ମଦନ ମୁଦୁଲି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ,ଶିକ୍ଷକ, ଶିକ୍ଷୟତ୍ରୀ, ବୃଦ୍ଧିଜୀବି ଅଭିଭାବକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଲକ୍ଷ୍ମୀପୁର ପରଜା ସମାଜ ସମ୍ପାଦକ ଘାସିରାମ ମୁଦୁଲି, ସାଧବ ଜଦାମି, ଭାସ୍କର ମୁଦୁଲି, ସିମାଚଳ ବହେପାରି, ଲୁକୁନାଥ ଦାମ୍, ସୁବାଷ ନନ୍ଦିବାଡି, ଟଣସୁନ୍ଦର ମୁଦୁଲି, ବଳରାମ ମୁଦୁଲି, ଦୁଯ୍ୟ ଜାନୀ, ଜୟ ସେନ୍ ଚାଲାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମଦନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଦଳରୁ ୨୫ କର୍ମୀଙ୍କ ବିଜେଡିରେ ଯୋଗଦାନ

ଉମରକୋଟ,୭।୬ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ୱାର୍ଡର ୨୫ରୁ ଅଧିକ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ବ୍ଲକ୍ ସଦର ମହୁକମାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, ପୌରାଧକ୍ଷା ରାଧା ଭତ୍ରା, ନବୀନା ନାୟକ, ଝାଡ଼େଶ୍ୱର ମହାନ୍ତି, ଚନ୍ଦନ ବେହେରା, କୈଳାସ ନାୟକ, ଭିକି ନାୟକ, ନିଲମ ହରିଜନ ପ୍ରମୁଖ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ସେମାନେ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏହି ଅବସରରେ ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ସୋମବାର ବିଦ୍ୟୁତ୍ ବିଭାଗ ବିରୋଧରେ ବିକ୍ଷୋଭ କରାଯିବ ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳୀୟ ନେତାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଚେରଚେଟାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ପାପଡାହାଣ୍ଡି,୭।୬ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଚେରଚେଟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ ଲିଙ୍ଗରାଜ ଭତରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବିଡ଼ିଓ କପିଳଦେବ ସାହୁ, ବିଇଓ ସୁଦୀପ୍ତ କୁମାର ଦାସ, ସରପଞ୍ଚ ଉର୍ମିଳା ମାଝୀ, ସମିତିସଭ୍ୟ ପ୍ରହଲ୍ଲାଦ ଚଲାଣ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଭାସୀ ଦ୍ୱାରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରି ଉଦଘାଟନ କରିଥିଲେ। ଗୁଣାକ ଶିକ୍ଷାର ଉନ୍ନତି, ଭିତ୍ତି ଭୂମି ବୃଦ୍ଧି, ଛାତ୍ରଛାତ୍ରୀଙ୍କ ବିକାଶର ଉନ୍ନତି ଯୋଗ୍ୟତା ହେବ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରାଧନ ଶିକ୍ଷୟିତ୍ରୀ ସାଗରୀକା ଦାସ, ଏବିଓ ପୂର୍ଣଚନ୍ଦ୍ର ପୂଜାରୀ, ଏବିଓ ବାଳକ ଦାସ ରନ୍ଧାରୀ ପରିଚାଳନା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



କୋରାପୁଟ,୭।୬(ସମିସ): କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ନିଘାମନିଗୁଡ଼ା କ୍ରିକେଟ ଟିମ ଦ୍ୱାରା ଆୟୋଜିତ ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଆୟୋଜକ ନିଘାମାନିଗୁଡ଼ା କ୍ରିକେଟ କ୍ଲବ ଓ ଡୁମୁରିପୁଟ କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଚୈତନ୍ ଜାନି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗଦୀଶ ଖୋସଲା ଅତିଥି ଭାବେ ଯୋଗ ଦେଇ ଫାଇନାଲ ମ୍ୟାଚ ଶୁଭାରମ୍ଭ କରିଥିଲେ। ନିଘାମାନିଗୁଡ଼ା କ୍ରିକେଟ କ୍ଲବ ଡୁମୁରିପୁଟ କ୍ରିକେଟ ଟିମକୁ ପରାସ୍ତ କରି ଚମ୍ପିଆନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ସାମ୍ବାଦିକ ସୁବୋଧ କୁମାର ଚେଟୀ, ସମାଜସେବୀ ବିଷ୍ଣୁ ପ୍ରସାଦ ଦାସ, ଏମ୍ ,ସୁରେଶ କୁମାର, ସୁକାନ୍ତ ନାୟକ , ନୀଳ ପୂଜାରୀ, ମଙ୍ଗଳା ନାୟକ ଅତିଥି ଭାବେ ଯୋଗଦେଇ ବିଜେତା, ଉପ ବିଜେତା ଦଳ ସହ ଶ୍ରେଷ୍ଠ ଖେଳାଳୀ ମାନଙ୍କୁ ଟ୍ରଫି, ନଗଦ ଟଙ୍କା ପୁରସ୍କାର ବିତରଣ କରିଥିଲେ। ନିଘାମାନିଗୁଡ଼ା କ୍ରିକେଟ କ୍ଲବର ନବୀନ ଚୌଧୁରୀ, ରମାକାନ୍ତ କଂସାରୀ, କ୍ରାନ୍ତି କୁମାର କଂସାରୀ, ମହେଶ ମାଝୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କ୍ରୀଡ଼ା ଆୟୋଜନ ଓ ପରିଚାଳନା କରିଥିଲେ।

# ୧୨ ଜିଏମ୍‌ଏପିଭି ବିଦ୍ୟାଳୟର ଶିଳାନ୍ୟାସ



କୋରାପୁଟ/ଲମତାପୁଟ,୭।୬(ସମିସ): କୋରାପୁଟ ଜିଲ୍ଲାର ୧୨ଟି ଚୟନିତ ଜିଏମଏପିଭି ବିଦ୍ୟାଳୟର ନୂତନ ଭବନ ନିର୍ମାଣ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଲମତାପୁଟ ବ୍ଲକ ଅନ୍ତର୍ଗତ ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏହି ଯୋଜନାକୁ ଆଦିବାସୀ ବହୁଳ ଜିଲ୍ଲାରେ ଶିକ୍ଷାର ବିକାଶ କ୍ଷେତ୍ରରେ ଏହା ମାଇଲ ଖୁଣ୍ଟ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ଚିକେନପୁଟ ସରପଞ୍ଚ ସୁନାଧର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀ ପଞ୍ଜୀକରଣ ଓ ଧାନକିଣାରେ ବଡ଼ କାରସାଦି

# ଜମି କି ଅମଳ ବଢୁନି; କିନ୍ତୁ ଚାଷୀ ବଢୁଛନ୍ତି

- ପଞ୍ଜୀକରଣ ଓ ଧାନକିଣା ତାରତମ୍ୟକୁ ନେଇ ପ୍ରଶ୍ନ
- ଯୋଗାଣ ବିଭାଗ ଓ ସମବାୟ ବିଭାଗ ଅଧିକାରୀଙ୍କ ଷଡଯନ୍ତ୍ର
- ମିଲର୍ସଙ୍କ ସହ ମିଳି କାରବାର ଚାଲିଛି

ବଲାଙ୍ଗିର, ୭।୬(ସମିସ)

ବଲାଙ୍ଗିର ଜିଲ୍ଲାରେ ଧାନକିଣା ଓ ଚାଷୀ ପଞ୍ଜିକରଣକୁ ନେଇ ବଡ ଧରଣର କାରସାଦି ଚାଲିଛି। ବର୍ଷକୁ ବର୍ଷ ଆଶାଠାରୁ ଅଧିକ ଚାଷୀଙ୍କ ଉଭୟ ଖରିଫ ଓ ରବିରେ ପଞ୍ଜିକରଣ କରାଯାଉଛି। ସେହି ଅନୁସାରେ ଧାନ କିଣା ପରିମାଣ ମଧ୍ୟ ବଢୁଛି; କିନ୍ତୁ ଜମି ପରିମାଣ ଓ ଅମଳ ପରିମାଣ ସମାନ ରହୁଛି। ଏଣୁ କେଉଁଠୁ ଧାନ ଆସୁଛି ଆଉ କିଏ ଧାନ ବିକୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବିନା କୌଣସି ନୂତନ ଜଳସେଚନ ବ୍ୟବସ୍ଥା ସତ୍ତ୍ୱେ ଚଳିତ ରବିରେ ଏତେ ଚାଷୀ କେମିତି ବଢ଼ିଲେ ଓ ଧାନ କେଉଁଠୁ ଆସିଲା? ରାଜ୍ୟ ସରକାର କାହା ଧାନ କିଣୁଛନ୍ତି। ୮ଶହ ଟଙ୍କା ବୋନସ ଘୋଷଣା ପରେ ଏହିଭଳି ଅଭିଯୋଗ ସାମ୍ନାକୁ ଆସିଛି। ଚାଷୀ ପଞ୍ଜିକରଣର ଭିଜିଲାନ୍ସ ତଦନ୍ତ କରାଗଲେ ଶହ ଶହ ନକଲି ଚାଷୀ ଓ ଚାଷୀ କାର୍ଡ ସାମ୍ନାକୁ ଆସିବ। ଏହି କାରବାର କୃଷି ମନ୍ତ୍ରୀଙ୍କ ଜିଲ୍ଲାରେ ଚାଲିଛି; କିନ୍ତୁ ମନ୍ତ୍ରୀ ଚୁପ୍।

ବଲାଙ୍ଗିର ଜିଲ୍ଲାରେ ବର୍ତ୍ତମାନ ରବି ଧାନକିଣା ଚାଲିଛି; କିନ୍ତୁ ଚଳିତ ବର୍ଷ ଉଭୟ ଖରିଫ ଓ ରବି ଧାନକିଣାରେ ଅନେକ ତଞ୍ଚକତା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଧାନକିଣା ଅନିୟମିତତା କରିବା ପାଇଁ ବିଭାଗୀୟ ଅଧିକାରୀ ଓ ପେକ୍ସ ଅଧିକାରୀ ମିଳିତ ଭାବେ ନକଲି ଚାଷୀ କାର୍ଡ ପ୍ରସ୍ତୁତ କରି ଭୂତ ଚାଷୀ ପଞ୍ଜିକରଣ କରିଥିବା ନେଇ ଅଭିଯୋଗ ହୋଇଛି; ଯାହାକି ବିଗତ ବର୍ଷ ଓ ଚଳିତ ବର୍ଷର ଚାଷୀ ପଞ୍ଜିକରଣ ଓ ଧାନକିଣା ରିପୋର୍ଟ ହିଁ ସ୍ପଷ୍ଟ କରିଛି। ବିଭାଗୀୟ ସୂଚନା ଅନୁସାରେ ୨୦୨୧-୨୨ ଖରିଫରେ ୬୩ହଜାର ୩୮୩ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଶାସନ ୨୮ ଲକ୍ଷ ୪୭ ହଜାର ୩୧୯ କ୍ୱିଣ୍ଟାଲ ଧାନ କିଣିଥିଲା। ୨୦୨୨-୨୩ରେ ୭୪ ହଜାର ୪୫୦ ଚାଷୀ ପଞ୍ଜିକରଣ କରିଥିବା ବେଳେ ୩୪ ଲକ୍ଷ ୭ ହଜାର ୬୬୬ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୩-୨୪ରେ ୮୯ ହଜାର ୪୨୩ ଚାଷୀ ପଞ୍ଜିକରଣ କରିଥିବା ବେଳେ ୩୪ ଲକ୍ଷ ୩୪ ହଜାର ୩୨୬ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସେହିପରି ୨୦୨୪-୨୫ ଖରିଫରେ କିନ୍ତୁ ଚାଷୀ ପଞ୍ଜିକରଣ ସଂଖ୍ୟା ୯୪ ହଜାର ୩୦୯ରେ ପହଞ୍ଚିଥିବା ବେଳେ ୪୦ ଲକ୍ଷ ୯୯ ହଜାର ୩୦୨ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୫-୨୬ ଖରିଫରେ ଏହି ସଂଖ୍ୟା ୧ ଲକ୍ଷ ପାର୍ ହୋଇଥିବା ବେଳେ ପ୍ରାୟ ୪୪ ଲକ୍ଷ ୯୨ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥିଲା।

ଅନ୍ୟପକ୍ଷରେ ୨୦୨୧-୨୨ ରବିରେ ୭୨୭୨ ଚାଷୀ ରହିଥିବା ବେଳେ ପ୍ରଶାସନ ୨ ଲକ୍ଷ ୫୮ ହଜାର ୮୮୭ କ୍ୱିଣ୍ଟାଲ ଧାନ କିଣିଥିଲା। ସେହିପରି ୨୦୨୨-୨୩ ରବିରେ ୭୮୨୧ ଚାଷୀ ପଞ୍ଜିକରଣ କରିଥିବା ବେଳେ ୨ ଲକ୍ଷ ୭୦ ହଜାର ୮୦୩ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୩-୨୪ ରବିରେ ୭୮୬୯ ଚାଷୀ ପଞ୍ଜିକରଣ କରିଥିବା ବେଳେ ୨ ଲକ୍ଷ ୫୭ ହଜାର ୨୨୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ୨୦୨୪-୨୫ ରବିରେ ରେକର୍ଡ ସଂଖ୍ୟକ ୪୮ ପ୍ରତିଶତ ଚାଷୀ ପଞ୍ଜିକରଣ ସଂଖ୍ୟା ବୃଦ୍ଧି ପାଇଥିଲା। ୨୦୨୫-୨୬ ରବିରେ ପୁଣି ୪୮ ପ୍ରତିଶତ ଚାଷୀ ପଞ୍ଜିକରଣ ସଂଖ୍ୟା ବୃଦ୍ଧି ପାଇ ୧୭ ହଜାର ୩୦୪ରେ ପହଞ୍ଚିଛି। ଏହା ସହିତ ଧାନ କିଣା ପରିମାଣ ମଧ୍ୟ ଚଳିତ ବର୍ଷ ବୃଦ୍ଧି ପାଇବା ଏକ ପ୍ରକାର ନିଶ୍ଚିତ। ଏହା ହେବା ଦ୍ୱାରା ଜିଲ୍ଲାରେ ଥିବା ମିଲରଙ୍କୁ ଧାନ ଉଠାଇବା, ଗଚ୍ଛିତ ରଖିବା, ପ୍ରୋସେସିଂ ପରେ ଧାନ ଡେଲିଭରି ଦେବା ଓ ପୁଣି ଧାନକିଣା ପାଇଁ ପ୍ରସ୍ତୁତ ହେବାରେ ଅନେକ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି କୃଷି ବିଭାଗ ସୂଚନା ଅନୁସାରେ ଚଳିତ ରବିରେ କିମ୍ବା ପୂର୍ବ ବର୍ଷ ଖରିଫ କିମ୍ବା ରବି ସମୟରେ ସେତେଟା ଆଖିଦୃଶିଆ ଧାନଚାଷ ପାଇଁ ଜମି ପରିମାଣ ବୃଦ୍ଧି ପାଇନାହିଁ କି ଅମଳ ପ୍ରତିଶତ ବୃଦ୍ଧି ପାଇନାହିଁ। ଏପରିକି ଏହି କିଛି ବର୍ଷ ଭିତରେ ଆଖିଦୃଶିଆ ଜଳସେଚନ ବ୍ୟବସ୍ଥା ମଧ୍ୟ ବଢ଼ିନାହିଁ। ଏମିତିରେ ଗୋଟିଏ ବର୍ଷ ଭିତରେ ଏତେ ସଂଖ୍ୟାରେ ଚାଷୀଙ୍କ ସଂଖ୍ୟା କେମିତି ବଢ଼ିଲା ଓ ଅମଳ ଧାନ ପ୍ରତିଶତ ମଧ୍ୟ କେମିତି ବଢ଼ିଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ନିହାତି ଭାବେ ଚାଷୀ ପଞ୍ଜିକରଣ ସମୟରେ କାରସାଦି କରାଯାଇଥିବା ସ୍ପଷ୍ଟ ହୋଇଛି। ଗୋଟିଏପଟେ ମିଲର୍ସଙ୍କ ସହ ସ୍ଥାନୀୟ ବିଜେପି ମଙ୍ଗୁଆଳ ନେତାଙ୍କ ମଧୁର ସମ୍ପର୍କ ଅନ୍ୟପଟେ ଯୋଗାଣ ଓ ସମବାୟ ବିଭାଗର ଅସାଧୁ କର୍ମଚାରୀଙ୍କ ଲାଭଖୋର ମନୋଭାବ ଯୋଗୁଁ ଜିଲ୍ଲାରେ ଚାଷୀ ପଞ୍ଜିକରଣ ଓ ଧାନକିଣାରେ ବଡ ଧରଣର ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। କେବଳ ଧାନକିଣା ପରିମାଣକୁ ବୃଦ୍ଧି କରାଯାଇନାହିଁ। ସେହି ଅନୁସାରେ ବୋନସ ଟଙ୍କା ମଧ୍ୟ ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କ କହିବା ଅନୁସାରେ କିଛି ହେରଫେର ହୋଇନାହିଁ। ପୂର୍ବରୁ ଚାଷୀ ମଣ୍ଡିରେ ଧାନ ବିକିବାକୁ ଚାହୁଁ ନ ଥିଲେ। ଚଳିତ ବର୍ଷ ବୋନସ ଟଙ୍କା ପାଇଁ ଚାଷୀ ପଞ୍ଜିକରଣ ଅଧିକ କରିଛନ୍ତି। ସେହି ଅନୁସାରେ ଧାନକିଣା ଯାଇଥିବା ସେ ପ୍ରତିକ୍ରିୟାରେ କହିଛନ୍ତି; କିନ୍ତୁ ପଞ୍ଜିକୃତ ଚାଷୀ ଓ ଧାନକିଣାରେ ରହିଥିବା ତାରତମ୍ୟ ଭିନ୍ନ କଥା କହୁଛି। ଏହାଫଳରେ ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ଅସାଧୁ ଅଧିକାରୀଙ୍କ ସହ ଶହ ଶହ ନକଲି ଚାଷୀ ସାମ୍ନାକୁ ଆସିବେ ବୋଲି ଚାଷୀ ମତ ରଖିଛନ୍ତି।

## ଉଦ୍‌ଘାଟନ ଅପେକ୍ଷାରେ କପିଲାଭଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର



କଣ୍ଟାବାଞ୍ଜି, ୭।୬(ସମିସ): ବଲାଙ୍ଗୀର ଜିଲ୍ଲାର ଶେଷ ସୀମାରେ ଥିବା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟାଠାରେ ନିର୍ମାଣ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟନ ଅପେକ୍ଷାରେ ଥିବା ଦେଖିବାକୁ ମିଳିଛି। ନିର୍ମାଣ ହେବାର ଏକ ବର୍ଷ ପାଖାପାଖି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଲୋକେ ବାଧ୍ୟ ହୋଇ କ୍ୱାକ ତଥା ନକଲି ଡାକ୍ତର ଉପରେ ନିର୍ଭର କରୁଛନ୍ତି। ଏହା ଶୀଘ୍ର କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଅଞ୍ଚଳର ଶହ ଶହ ରୋଗୀ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଏହି ଅଞ୍ଚଳ ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲା ଶେଷ ସୀମାରେ ରହିଛି। ଏଣୁ ଏଠାରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ କହିଲେ ଚଳେ। ସରକାର ସ୍ୱାସ୍ଥ୍ୟ ସେବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି; ହେଲେ ପ୍ରକୃତପକ୍ଷରେ ଗ୍ରାମାଞ୍ଚଳରେ କେତେ ପହଞ୍ଚୁଛି ତାହା ତଦନ୍ତ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ପ୍ରତିକ୍ରିୟା ରଖିଛନ୍ତି। ଏ ନେଇ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଇନଚାର୍ଜ ଜୟନ୍ତ ବାଗଙ୍କୁ ଯୋଗା ଯୋଗ କରିବାରୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଲେ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଛନ୍ତି। ତୁରନ୍ତ ସରକାରଙ୍କ ପକ୍ଷରୁ କପିଲାଭଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଶୀଘ୍ର ଉଦ୍‌ଘାଟନ ନ ହେଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ବିରୋଧୀ କଂଗ୍ରେସ, ନରସିଂହଙ୍କ ଅଭିଯୋଗର ଉତ୍ତର ରଖିଲେ ପୌରାଧ୍ୟକ୍ଷା

# ବିକାଶମୂଳକ କାମ ଦେଖି କଂଗ୍ରେସ ବିଚଳିତ

ବଲାଙ୍ଗିର, ୭।୬(ସମିସ): ବଲାଙ୍ଗିର ପୌରପାଳିକାକୁ ବିଭିନ୍ନ ସମୟରେ ପୂର୍ବତନ ବିଧାୟକ ନରସିଂହ ମିଶ୍ର ଓ କଂଗ୍ରେସ ଟାର୍ଗେଟ କରି ଦୁର୍ନୀତି ଅଭିଯୋଗ ଆଣୁଛନ୍ତି। ମୁଖ୍ୟତଃ ମହାରାଣୀସାଗର ଓ ଅନ୍ୟ ୧୧ଟି ବନ୍ଧକଟାର ପୁନଃରୁଦ୍ଧାର ପ୍ରସଙ୍ଗରେ ଦୁର୍ନୀତି ଅଭିଯୋଗ ଆଣି ନଗର କଂଗ୍ରେସ ପକ୍ଷରୁ ଶନିବାର ଧାରଣା ଦିଆଯାଇଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ-ବିଜେଡି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ବିରୋଧୀ କଂଗ୍ରେସର ଅଭିଯୋଗର ଉତ୍ତର ରଖିଛନ୍ତି। ରବିବାର ସ୍ଥାନୀୟ ସର୍କିଟ ହାଉସଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଲିକା ସାହୁ କହିଛନ୍ତି ଯେ, କଂଗ୍ରେସର ନରସିଂହ ମିଶ୍ର ୧୦ବର୍ଷ ପର୍ଯ୍ୟନ୍ତ ବିଧାୟକ ରହି କୌଣସି ଗୋଟିଏ ମଧ୍ୟ ବନ୍ଧର ପଙ୍କୋଦ୍ଧାର କରାଇ ପାରିଲେ ନାହିଁ। ବିଧାୟକ ଥିବା ସମୟରେ ଓ ଏବେ ନରସିଂହ ବାରମ୍ବାର ପୌରପରିଷଦ ବିରୋଧରେ ବିଷୋଦ୍ଗାର କରି ଆସୁଛନ୍ତି। ସେଥିପାଇଁ ପୌରପାଳିକା ଅଞ୍ଚଳରେ ୨୦୨୪ ନିର୍ବାଚନରେ ଜନସାଧାରଣ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ। ତଥାପି କଂଗ୍ରେସ ଏହି ଘଟଣାରୁ ଶିକ୍ଷାଲାଭ ନ କରି ବାରମ୍ବାର ଭୁଲ୍ ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତ କରି ଚାଲିଛନ୍ତି। ମହାରାଣୀ ସାଗର ଦୁର୍ନୀତି କଥା ଉଠାଇ ଲକ୍ଷ୍ମୀଯୋର ପ୍ରକଳ୍ପରେ କରାଇଥିବା ମହାଦୁର୍ନୀତିରୁ ଦୃଷ୍ଟି ହଟାଇବାକୁ ନରସିଂହ ଚେଷ୍ଟା କରୁଛନ୍ତି। ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ବାରମ୍ବାର ଦାବି ଓ ବିଧାନସଭାରେ ଆଲୋଚନା ପରେ ସରକାରୀ ଅନୁଦାନ ଆସି ଅନେକଗୁଡ଼ିଏ ବିକାଶ ମୂଳକ କାମ ହେଉଛି। ମହାରାଣୀସାଗରର ତଥ୍ୟରଖି ପୌରାଧ୍ୟକ୍ଷା କହିଛନ୍ତି ଯେ, ଏଠାରେ କିଭଳି କାମ ହୋଇଛି ବଲାଙ୍ଗିର ଜନସାଧାରଣ ସ୍ୱଚକ୍ଷୁରେ ଦେଖୁଛନ୍ତି। ଏଠାରେ ଥିବା ସ୍ୱଚ୍ଛ



ଜଳରେ ହଜାର ହଜାର ଲୋକ ଗାଧୋଉଛନ୍ତି। ମାତ୍ର ୪୪ ଲକ୍ଷ ଟଙ୍କା ବିଲ୍ ପେମେଣ୍ଟ ହୋଇଛି। ବିରୋଧୀ କିନ୍ତୁ ଏଠାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଉଠାଉଛନ୍ତି; ଯାହାକି ହାସ୍ୟାସ୍ପଦ। ସରକାର ମଞ୍ଜୁର କରିଥିବା ୧୨କୋଟି ୧୮ଲକ୍ଷ ଟଙ୍କା ମଧ୍ୟରୁ ପୌରପାଳିକାକୁ ୮କୋଟି ୩୩ ଲକ୍ଷ ଟଙ୍କା ଆସିଛି। ସରକାରଙ୍କ ନିର୍ଦ୍ଦେଶରେ ସ୍ୱୟଂସହାୟିକା ଗୋଷ୍ଠୀ ଜରିଆରେ ଏହି କାମ କରାଯାଉଛି। ସେଥିରୁ ମାତ୍ର ୪୪ ଲକ୍ଷ ଟଙ୍କା ବିଲ୍ ପେମେଣ୍ଟ କରାଯାଇଛି। ଏବେ ବାକି କାମ କରାଯାଉଛି। ବାହାର ପାଣି ନ ପଶିବା ପାଇଁ ମହରାଣୀସାଗରରେ ଏକ ସ୍ୱତନ୍ତ୍ର ଏବଂ ଉନ୍ନତମାନର ଡ୍ରେନ ନିର୍ମାଣ ଚାଲିଛି। ଲକ୍ଷ୍ମୀଯୋରରେ ପ୍ରକଳ୍ପରେ ଠିକାଦାର କରି କେବଳ ନରସିଂହଙ୍କ ପରିବାର ଓ ସମର୍ଥକ ଲାଭବାନ ହୋଇଛନ୍ତି। ଏଠାରେ ୨୦ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ତାହା ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ। ତାହାର ଭିଜିଲାନ୍ସ ତଦନ୍ତ କରାଯିବ କି ବୋଲି ଲିକା ଚେତାଇ ଦେଇଛନ୍ତି। ଠିକଖ ସେହିପରି ଏବେ ୧୧ଟି ବନ୍ଧ ପାଇଁ ପ୍ରାୟ ୧୪ କୋଟି ଟଙ୍କାର ଅନୁଦାନ ରହିଛି। ବଲାଙ୍ଗିର ସହରର ବନ୍ଧକଟାର ପାଣି ମଣିଷ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଟେଷ୍ଟ ରିପୋର୍ଟ ଆସିଥିଲା। ଏହାକୁ ତୁରନ୍ତ ନିଷ୍କାସନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ କରିଥିଲେ। ପରିବେଶ ପ୍ରଦୂଷଣ ବିଭାଗ ତଥା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ୧୧ଟି ବନ୍ଧର ଜଳ ନିଷ୍କାସନ କରାଇ ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ପଙ୍କୋଦ୍ଧାର କାମ ଚାଲିଛି। ପ୍ରତ୍ୟେକ ବନ୍ଧରେ ଏକ ତଦାରଖ କମିଟି ଗଠନ କରି ସେମାନଙ୍କ ଆବଶ୍ୟକ ପରାମର୍ଶ ନିଆଯାଉଛି। ପ୍ରତ୍ୟେକ ୱାର୍ଡର କାଉନସିଲର ଓ ପୌର ଅଧିକାରୀ, କର୍ମଚାରୀ ଜଗି ରହି କାମ କରାଉଛନ୍ତି। ଏହି ବିକାଶମୂଳକ କାମ ବିରୋଧୀଙ୍କୁ ହଜମ ହେଉନାହିଁ। ସେଥିପାଇଁ ସେମାନେ ବିଭିନ୍ନ ସମୟରେ ବିଭ୍ରାନ୍ତିମୂଳକ ଅଭିଯୋଗ ଆଣି କାମ ବନ୍ଦ କରାଇବାକୁ ଅପଚେଷ୍ଟା କରୁଛନ୍ତି। ଯଦି ଏଭଳି ତଥ୍ୟହୀନ ଓ ବିଭ୍ରାନ୍ତିମୂଳକ ଅଭିଯୋଗରୁ ବିରୋଧୀ କଂଗ୍ରେସ କ୍ଷାନ୍ତ ନ ହୁଏ ତାହାହେଲେ ବଲାଙ୍ଗୀରର ହଜାର ହଜାର ମହିଳାଙ୍କୁ ରାଜରାସ୍ତାକୁ ଆଣି କଂଗ୍ରେସକୁ ଉଚିତ ଜବାବ ଦିଆଯିବ ବୋଲି ପୌରାଧ୍ୟକ୍ଷା ଚେତାବନୀ ଦେଇଛନ୍ତି। ଚଳିତ ପୌରପରିଷଦ ଅମଳରେ ବଲାଙ୍ଗିର ସହରରେ କରାଯାଇଥିବା ବିକାଶମୂଳକ ପ୍ରକଳ୍ପର ତଥ୍ୟ ମଧ୍ୟ ପୌରାଧ୍ୟକ୍ଷା ଗଣମାଧ୍ୟମ ସମ୍ମୁଖରେ ଦେଇଥିଲେ। ସହରରେ ଡ୍ରେନ୍ ନିର୍ମାଣ, ପେଭର ବ୍ଲକ ରାସ୍ତା, ଆଲୋକୀକରଣ ବ୍ୟବସ୍ଥାକୁ ଉନ୍ନତ କରାଯାଇଛି ବୋଲି ତଥ୍ୟ ରଖିଥିଲେ। ତେବେ ବଲାଙ୍ଗିରକୁ ସଫା, ସବୁଜ-ସୁନ୍ଦର କରି ଗଢି ତୋଳିବାକୁ ସଂକଳ୍ପ ନିଆଯାଇଛି। ସେଦିଗରେ କାମ କରାଯାଉଛି। ତେଣୁ ବିରୋଧୀ କଂଗ୍ରେସ ବିକାଶର ବିରୋଧୀ ନ ହୋଇ ସହଯୋଗ କରିବାକୁ ପୌରାଧ୍ୟକ୍ଷା ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଶମ୍ଭୁ ନାଗ ଓ ଇସମତ ଆରାଖାନ ମଧ୍ୟ ବିରୋଧୀ କଂଗ୍ରେସର ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ଶମ୍ଭୁ ଅଭିଯୋଗ ଉଠାଇ ଥିଲେ ଯେ ନରସିଂହ ମିଶ୍ର ବିଧାୟକ ଥିବାବେଳେ କରୋନା ସମୟରେ ଗରିବଙ୍କ ଘର ଭାଙ୍ଗିଥିଲେ। ଜବରଦଖଲ ଜମିକୁ ନିଜ ପୁଅ ନାମରେ କରିନେଲେ। ସେ ଯଦି ଲୋକଙ୍କ ନେତା ତାହା ହେଲେ ସେ ଯେଉଁ ଆଇନରେ ଜବରଦଖଲ ଜମିକୁ ପଟ୍ଟା କରିନେଲେ ସେହି ଆଇନରେ ଗରିବଙ୍କୁ ଜମିପଟ୍ଟା କରାଇବା ପାଇଁ ଚେଷ୍ଟା କରିଥିଲେ କି ବୋଲି ଶମ୍ଭୁ ପ୍ରଶ୍ନ କରିଛନ୍ତି। ମହାରାଣୀସାଗର ଏହା ସହ ରାଣୀବନ୍ଧର ୩ ପଟେ ଗାର୍ଡ ୱାଲ୍ ନିର୍ମାଣ ହେଉଛି। ଗୋଟିଏ ପଟେ ତାଙ୍କ ପରିବାର ସଦସ୍ୟ ବେଆଇନ ଷ୍ଟଲ୍ ନିର୍ମାଣ କରିଥିବାରୁ ଗାର୍ଡ ୱାଲ୍ ନିର୍ମାଣ ହୋଇ ପାରୁନାହିଁ ବୋଲି ଶମ୍ଭୁ ଅଭିଯୋଗ ଉଠାଇଛନ୍ତି। କାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରାଯିବାକୁ ନରସିଂହ ବିରୋଧ କରିଥିଲେ। ତେଣୁ ନରସିଂହଙ୍କୁ କାଉନସିଲର ଇସମତ ଆରାଖାନ ଜଣେ ମହିଳା ବିରୋଧୀନେତା ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ, ସରିତା ଦାସ, ନନ୍ଦିନୀ ପୋଢ, ସନ୍ତୋଷିନୀ କୁଅଁର, ପିଙ୍କି କବାଟ, ଶତ୍ରୁଘ୍ନ ବାଗ, ଗଙ୍ଗାଧର ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, କିଶୋର କମ୍ଭାର, ପ୍ରତିମା ଛତ୍ରିଆ, ସନ୍ତୋଷିନୀ କୁଅଁର ପ୍ରମୁଖ ଯୋଗ ଦେଇଥିଲେ।

## କାର୍‌ରୁ ୮୮୦ ବୋତଲ କଫସିରପ ଜବତ; ୫ ଗିରଫ

ବଲାଙ୍ଗିର, ୭।୬(ସମିସ): ବେଆଇନ କଫସିରଫ ଚାଲାଣ ମାମଲାରେ ବଲାଙ୍ଗିର ପୁଲିସ ୫ ଜଣକୁ ଗିରଫ କରିଛି। ଏକ କାର୍ (ଓଡି ୧୫ ଏଲ ୦୧୨୦)ରେ କଫସିରଫ ଚାଲାଣ ହେଉଥିବା ବେଳେ ପୁଲିସ ଚଢଉ କରିଥିଲା। ୮୮୦ ବୋତଲ କଫସିରପ ଜବତ ସହ କାର୍ ଜବତ ହୋଇଛି। ବଲାଙ୍ଗିର ରାଜୀବନଗର ଅଞ୍ଚଳରୁ ବାଇପାଇ ରୋଡ୍‌ରେ ସ୍ମାର୍ଟପାର୍କ ପଟକୁ ଏକ ଧଳା କାର୍‌ରେ କଫସିରଫ ଚାଲାଣ ହେଉଥିବା ପୁଲିସ ଖବର ପାଇଥିଲା। ଶନିବାର ବିଳମ୍ବିତ ରାତିରେ ଏହି ଖବର ପାଇ ଟାଉନ ଥାନା ଅଧିକାରୀ ଅବନୀ ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅତିରିକ୍ତ ଥାନା ଅଧିକାରୀ ଫିରୋଜ ଏକ୍କା, ଏସ୍‌ଆଇ ଦେବାଶିଷ ଶତପଥୀ, ଚର୍ଚ୍ଚିଲ ମହାପାତ୍ର, ବିଶାଖା ନାଏକ, ଏଏସ୍‌ଆଇ ବୈକୁଣ୍ଠ ଦେହେରୀ ପ୍ରମୁଖ ନାକା କରି ଗାଡିମଟର ଯାଞ୍ଚ କରିଥିଲେ। ତେବେ ଜବତ କଫସିରଫର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବଲାଙ୍ଗିର ସହର ତାଳପାଲିପଡ଼ାର ବିଦ୍ୟାଧର ସାହୁ (୨୦), ବରପାଲିପଡ଼ାର ଅଙ୍କିତ ପଟେଲ(୧୯), ବିଶେଷ ଜେନା (୧୯), ତୁଲସୀନଗରର



ପ୍ରିୟାଂଶୁ ନନ୍ଦ (୧୯) ଓ କଟକ ଜିଲ୍ଲା ନରସିଂହପୁରର ସୁରେଶ ସାହୁ। ତେବେ ଏହି ଚାଲାଣର ମୁଖ୍ୟ ବିଦ୍ୟାଧର ସାହୁ ନାମରେ ପୂର୍ବରୁ ମଧ କଫସିରଫ ମାମଲା ରହିଛି।

## ବଲାଙ୍ଗିର ଅଧ୍ୟାପକ ମଞ୍ଚ ଗଠିତ

- ସୁରେଶ ଚନ୍ଦ୍ର ଷଡଙ୍ଗୀ ସଭାପତି ଓ ରତିକାନ୍ତ ନାଏକ ସମ୍ପାଦକ



ବଲାଙ୍ଗିର, ୭।୬(ସମିସ): ବଲାଙ୍ଗିରସ୍ଥିତ ଯାଦବ ଭବନରେ ଜିଲ୍ଲାସ୍ତରୀୟ ଅଧ୍ୟାପକ ମଞ୍ଚ ଗଠନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ରାମଶରଣ ହୋତା ସଭାପତିତ୍ୱ କରିଥିଲେ। ସଭାରେ ଜିଲ୍ଲାର ସରକାରୀ ମହାବିଦ୍ୟାଳୟ ଯୁକ୍ତ ଦୁଇ, ଯୁକ୍ତ ତିନି, ଅନୁଦାନପ୍ରାପ୍ତ ୪୪୮ ବର୍ଗ, ୬୬୨ ବର୍ଗ ତଥା ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ସହ ଅବସର ଗ୍ରହଣ କରି ସାରିଥିବା ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ। ଅଧ୍ୟାପକ କବିରାଜ ଭୋଇଙ୍କ ପ୍ରସ୍ତାବ କ୍ରମେ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ଅଧ୍ୟାପକ ନାରାୟଣ ମିଶ୍ର ଉପ-ସଭାପତି, ଅଧ୍ୟାପକ ରତିକାନ୍ତ ନାଏକ ସମ୍ପାଦକ, ପ୍ରମୋଦ ବଡପଣ୍ଡା ସହ ସମ୍ପାଦକ, ଡ. ଜଗନ୍ନାଥ ସାହୁ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ଛବିଳ ବଗର୍ତ୍ତି, କବିରାଜ ଭୋଇ, ରମେଶ ଚନ୍ଦ୍ର ପ୍ରଧାନୀ, ଶିବଶଙ୍କର ଉଦ୍‌ଗାତା, ପୁରୁଷୋତ୍ତମ ଭଞ୍ଜ, ଦିବାକର ପୋଡ ସଭ୍ୟ ଭାବେ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. କୌତୁକ ପନ୍ଦର, ରାଧେଶ୍ୟାମ ସିଂ ସେନାପତି, ପ୍ରମୋଦ ବରାଡ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ରମେଶ ଚନ୍ଦ୍ର ସିଂଦେଓ, ଦଧିବାମନ ପଧାନ, ସତ୍ୟ ନାରାୟଣ ବଗର୍ତ୍ତି, ହେମନ୍ତ ସାହୁ, ରବୀନ୍ଦ୍ର ସେଠ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ସି-ଏସ୍‌ଟି ମିଳିତ ମଞ୍ଚର ଆଇନ୍ ଅମାନ୍ୟ ଆନ୍ଦୋଳନ ଚେତାବନୀ

କଣ୍ଟାବାଞ୍ଜି, ୭।୬(ସମିସ): ଏସ୍‌ସି-ଏସ୍‌ଟି ମିଳିତ ମଞ୍ଚ ଆଇନ୍ ଅମାନ୍ୟ ଆନ୍ଦୋଳନ ଲାଗି ଚେତାବନୀ ଦେଇଛି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏସ୍‌ସି-ଏସ୍‌ଟି ମିଳିତ ମଞ୍ଚ, କଣ୍ଟାବାଞ୍ଜି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଚେତାବନୀ ଦିଆଯାଇଛି। ଏଥିରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗୀର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ,



ଲକ୍ଷେଘର ଗଣ୍ଡା ସମାଜ ସଭାପତି ଗୋବିନ୍ଦ ତାଣ୍ଡି, ବଲାଙ୍ଗୀର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଲା ମାଝି ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମୁଦାୟଙ୍କ ସାମ୍ବିଧାନିକ ଅଧିକାର, ଶିକ୍ଷା, ଜୀବିକା, ଜମି ସୁରକ୍ଷା ଓ ସାମାଜିକ ନ୍ୟାୟ ପ୍ରସଙ୍ଗରେ କମିଟି ପକ୍ଷରୁ ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ କୁହାଯାଇଥିଲା ଯେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪, ୧୫(୪), ୧୬(୪), ୨୧, ୪୬, ପଞ୍ଚମ ସୂଚୀ, ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିବାରଣ ଆଇନ, ପେସା ଆଇନ ଓ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଏହି ସମୁଦାୟଙ୍କ ସୁରକ୍ଷା ଓ ଉନ୍ନତି ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ; କିନ୍ତୁ ବିଭିନ୍ନ କ୍ଷେତ୍ରରେ ଏସ୍‌ସି/ଏସ୍‌ଟି ସମୁଦାୟଙ୍କ ଅଧିକାର ପ୍ରଭାବିତ ହେଉଥିବାରୁ ଏହି ଦାବିଗୁଡ଼ିକ ଉଠାଯାଇଛି। କମିଟି ପକ୍ଷରୁ ଅନ୍ୱେଷା ଯୋଜନାକୁ ପୁନଃ ଚାଲୁ କରିବା, ଜିଏନ୍‌ଏମ୍ ଓ ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ୫୦ ହଜାର ଟଙ୍କା ଛାତ୍ରବୃତ୍ତି ଜାରି ରଖିବା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ପୁନଃ କାର୍ଯ୍ୟକାରୀ କରିବା, ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିବାରଣ ଆଇନର କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏବଂ ପେସା ଆଇନକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିବା ଦାବି କରାଯାଇଛି।

ସେହିପରି ପଞ୍ଚାୟତରାଜ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା ପୁନଃ ବହାଲ, ଏସ୍‌ସି/ଏସ୍‌ଟି ଜମିର ବେଆଇନ ହସ୍ତାନ୍ତର ରୋକିବା, ଜମିହୀନ ପରିବାରଙ୍କ ଘର ଭଙ୍ଗା ବନ୍ଦ କରିବା, ଗ୍ରାମସଭାର ଅନୁମୋଦନ ବିନା ଖଣି ଓ ଶିଳ୍ପ ପ୍ରକଳ୍ପକୁ ଅନୁମତି ନ ଦେବା ଏବଂ ଯୋଗ୍ୟ ଆଦିବାସୀ ଓ ବନବାସୀ ପରିବାରଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ କରିବା ପାଇଁ ସରକାରଙ୍କୁ ଦାବି କରାଯାଇଛି। କମିଟି କହିଛି ଯେ, ଏହି ସମସ୍ତ ଦାବି କେବଳ ଏକ ସମୁଦାୟର ସ୍ୱାର୍ଥ ସହ ଜଡ଼ିତ ନୁହେଁ, ବରଂ ସାମାଜିକ ନ୍ୟାୟ, ସମାନତା ଓ ସମ୍ବିଧାନର ମୂଳ ଆଦର୍ଶ ସହ ଜଡ଼ିତ। ଗଣମାଧ୍ୟମ ଏହି ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ସରକାର ଓ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବେ ବୋଲି ମିଳିତ ମଞ୍ଚ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମନୋରଞ୍ଜନ ଭୋଇ, ଭୁବନେଶ୍ୱର କୁଅଁର, ରସିକ ଧାରୁଆ, ଚୈତନ କିଶୋର ମାଝି, ରାମଚନ୍ଦ୍ର ଶବର, ଖେଲନ୍ତି ସମର୍ଥ, ନରୋତ୍ତମ ମାଝି, ଗୋବିନ୍ଦ ବର୍ଗେ, ଦୈତାରୀ ଭୋଇ, ଗିରି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍‌ର ଦ୍ୱିତୀୟ ସଂସ୍କରଣ

# ବାଳିକା ବିଭାଗରେ ବରଗଡ଼ ଜୋନ୍ ଚାମ୍ପିଅନ







ବଲାଙ୍ଗିର, ୭।୬(ସମିସ)

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଆନ୍ତଃଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଫୁଟବଲ୍ ଚାମ୍ପିୟନସିପ୍‌ର ଦ୍ୱିତୀୟ ସଂସ୍କରଣର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାଳିକା ବର୍ଗର ଫାଇନାଲ୍‌ରେ ବରଗଡ଼ ଓ ଦେବଗଡ଼ ମଧ୍ୟରେ ହୋଇଥିବା ରୋମାଞ୍ଚକର ମୁକାବିଲାରେ ବରଗଡ଼ ୨୧ ଗୋଲ୍‌ରେ ବିଜୟୀ ହୋଇ ଜୋନ୍ ଚାମ୍ପିୟନ୍ ଟ୍ରଫି ହାସଲ କରିଛି। ଏହି ଅବସରରେ ଅତିଥି ଭାବେ ବଲାଙ୍ଗିର ପୌରପାଳିକା ଅଧ୍ୟକ୍ଷା ଲିକା ସାହୁ ଓ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ୍ ସମ୍ପାଦକ ଶରତ ନନ୍ଦ, ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର, ସୁଧୀରଚନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ସୀତା ମାରାଣ୍ଡି, ମାମା ସିଂ, ଅନିତା ମହାନନ୍ଦ ଓ ପ୍ରିୟଙ୍କା ବିଶି ମ୍ୟାଚ୍ ପରିଚାଳନାର ଦାୟିତ୍ୱ ନେଇଥିଲେ। ସୁରେଶ ଦାଶ ମ୍ୟାଚ୍ କମିଶନର ଭାବେ କାର୍ଯ୍ୟ ଭାର ନିଭାଇଥିଲେ।

## ମେହେରୁଣୀ ପୋଲ ନିକଟରେ ସିରିଜ୍ ଦୁର୍ଘଟଣା

ଶଗଡ଼ା/ମନମୁଣ୍ଡା, ୭।୬(ସମିସ): ମନମୁଣ୍ଡା ଥାନା ମସିଣାପଡ଼ା ମେହେରୁଣୀ ପୋଲ ନିକଟରେ ଏକ ବଡ଼ଧରଣର ସିରିଜ୍ ଦୁର୍ଘଟଣା ଘଟିଛି। ଏକ ଅଚଳ ଗାଡ଼ି ରାସ୍ତା ଉପରେ ଠିଆ ହୋଇ ଥିବା ବେଳେ ପଛପଟୁ ଆସୁଥିବା ଅନ୍ୟ ଏକ ଦ୍ରୁତଗାମୀ ଟ୍ରକ୍ ଶକ୍ତ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ପଛରୁ ଆସୁଥିବା ଏକ ମାଛ ବୋଝେଇ ପିକଅପ୍ ଭ୍ୟାନ୍ ମଧ୍ୟ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ଟ୍ରକର ପଛରେ ପିଟି ହୋଇଥିଲା। ଏହି ଭୟଙ୍କର ସିରିଜ୍ ଦୁର୍ଘଟଣାରେ ୩ଟି ଗାଡି କ୍ଷତିଗ୍ରସ୍ତ ହୋଇଛି; ହେଲେ କାହାରି ପ୍ରାଣହାନି ଘଟିନାହିଁ କିମ୍ବା କେହି ଗୁରୁତର ଆହତ ହୋଇ ନାହାନ୍ତି।

## ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ଶଗଡ଼ା, ୭।୬ (ସମିସ): ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ପରିବେଶ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟକୁ ଚଳିତ ବର୍ଷ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ବୌଦ୍ଧରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କଠାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ କ୍ଷେତୀ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ 'ସଣ୍ଡେ ଅନ୍ ସାଇକଲ'



ବୌଦ୍ଧ, ୭।୬(ସମିସ): ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ସଣ୍ଡେ ଅନ୍ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ବୌଦ୍ଧ ଆଦର୍ଶ ଥାନା ଆଇଆଇସି ନଳିନୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାଇକଲ ଶୋଭାଯାତ୍ରାକୁ ଥାନା ପରିସରରୁ ଆରକ୍ଷୀ ଅଧୀକ୍ଷକ କୁଲଦୀପ୍ ମୀନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପ ଆରକ୍ଷୀ ଅଧୀକ୍ଷକ ଗୌରାଙ୍ଗଚରଣ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମସ୍ତ ଅତିଥି, ପୁଲିସ୍ ଅଧିକାରୀ ଓ କର୍ମଚାରୀ ସାଇକଲ ଚଳାଇ ଭୈରବୀ ଛକ, ରଥ ସାହି, ପୋଷ୍ଟ ଅଫିସ୍ ଛକ ଦେଇ ମର୍ଜାକୁଦ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁଣି ଆଦର୍ଶ କୃଷି ବଜାର ଛକକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ବୌଦ୍ଧରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା



ବୌଦ୍ଧ, ୭।୬(ସମିସ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା ଶୁଭାରମ୍ଭ ହୋଇ ସହର ପରିକ୍ରମା କରଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଏସ୍‌ପି କୁଲଦୀପ୍ ମୀନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ବୌଦ୍ଧ ତହସିଲଦାର ଅନିତା ସାହୁ, ବିଡ଼ିଓ ଯୁଗଳକିଶୋର ବିଶ୍ୱାଳ, ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପଦଯାତ୍ରା ଜିଲ୍ଲା ଷ୍ଟାଡିୟମରୁ ବାହାରି ୱାରଲେସ ଛକ, ଜଗନ୍ନାଥ ମନ୍ଦିର, ଭୈରବୀ ଛକ, ଗାନ୍ଧୀ ଛକ, ବାଘ ଗୁଡ଼ା ଛକ, ହାତୀଶାଳ ଛକ, ଟ୍ରେଜେରୀ ଛକ ହୋଇ ପୁଣି ଜିଲ୍ଲା ଷ୍ଟାଡିୟମ ନିକଟରେ ପହଞ୍ଚିଥିଲା।

● ଘଣ୍ଟାପଡ଼ାରେ ରାତ୍ରିକାଳୀନ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ସାଲେପାଲିକୁ ହରାଇ ତୁଣ୍ଡଲା ଚାମ୍ପିଅନ



ଶଗଡ଼ା, ୭।୬(ସମିସ): କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ମାଁ ସମଲେଶ୍ୱରୀ ଭଲିବଲ କ୍ଲବ୍ ପକ୍ଷରୁ ଆୟୋଜିତ ୨ ଦିନିଆ ରାତ୍ରିକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଲାଙ୍ଗୀର ଜିଲ୍ଲା ସାଲେପାଲି ଟିମ୍‌କୁ ହରାଇ କଳାହାଣ୍ଡି ଜିଲ୍ଲା ତୁଣ୍ଡଲା ଭଲିବଲ୍ ଟିମ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ବତନ ବିଧାୟକ ମହୀଧର ରଣା ଅତିଥି ଭାବେ ଯୋଗ ଦେଇଥିଲେ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର

# ନୂଆ ପ୍ରକଳ୍ପ ପାଇଁ ସମସ୍ତଙ୍କ ଭିତରେ ଉତ୍ସାହ





ବୌଦ୍ଧ/ହରଭଙ୍ଗା/ଶଗଡ଼ା/ମନମୁଣ୍ଡା/ତରଭା, ୭।୬(ସମିସ)

ବୌଦ୍ଧ ଜିଲ୍ଲା ତଥା ବ୍ଲକର ଶଗଡ଼ା ପଞ୍ଚାୟତ କୁରୁମୁଣ୍ଡା ଏବଂ କଣ୍ଟାମାଳ ବ୍ଲକର ଟପର୍ଣ୍ଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଗୋଦାବରୀଶ ମିଶ୍ର ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନ୍ୟ ବିଦ୍ୟାଳୟ ସହ ଏହି ଦୁଇ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ତେବେ କୁରୁମୁଣ୍ଡାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଫଳକରେ କନ୍ଧମାଳ ସାଂସଦ, କଣ୍ଟାମାଳ ବିଧାୟକ, ବୌଦ୍ଧ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ରହିଥିଲା। କେହି କିନ୍ତୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ।

ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଫଳକ ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଶଗଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ, ଶଗଡ଼ା ସମିତି ସଭ୍ୟ କୁନୁ ଦନ୍ତା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ପ୍ରଧାନ ଯୋଗ ଦେଇଥିଲେ। ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆଖପାଖ ଅଞ୍ଚଳର ଲୋକ, କୁରୁମୁଣ୍ଡା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମସ୍ତ ଆଞ୍ଚଳିକ ସାଧନ କର୍ମୀ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ବୌଦ୍ଧ ବ୍ଲକ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କଣ୍ଟାମାଳ ବ୍ଲକ ଟପର୍ଣ୍ଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ମୁଖ୍ୟ ଅତିଥି ଭାବେ ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ଜିଲ୍ଲା ପରିଷଦ ସଭ୍ୟ ସୁମିତ୍ରା ସାହୁ, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, କୁଲୁତାଯୋର ସରପଞ୍ଚ ଚୁମକି ଭୋଇ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ବିଡିଓ ସାମ୍ପି ଜୟଶ୍ରୀ ରେଡ୍ଡୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଡିଇଓ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ପ୍ରମୁଖ କିନ୍ତୁ ଯୋଗ ଦେଇ ନ ଥିଲେ। ଏଡିଇଓ ଚୂଡ଼ାମଣି ବାରିକ, ଏବିଇଓ ଦୁର୍ଗାଚରଣ ପ୍ରଧାନ, ନୀଳମଣି ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅନ୍ୟପକ୍ଷେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତ ବାମଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ବାମଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ, ବିଡ଼ିଓ ବିଜୟ ପ୍ରଧାନ, ତହସିଲଦାର କର୍ଣ୍ଣ ସୁନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା, ସ୍ଥାନୀୟ ସରପଞ୍ଚ ଇନ୍ଦୁମତୀ ଝାଙ୍କର, ପ୍ରଧାନ ଶିକ୍ଷକ ଅରବିନ୍ଦ ରଥ, ସମିତି ସଭ୍ୟ କୁମୁଦିନୀ ସେଠି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, ବିଶିକେଶନ ବେହେରା, କାଡିକେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନବ ଦୀପ ମଞ୍ଚ ପରିଚାଳନା କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଡୁଙ୍ଗୁରିପାଲି କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ ଏବଂ ବିନିକା ବ୍ଲକ ଅନ୍ତର୍ଗତ ଶଙ୍କରାସ୍ଥିତ ବ୍ରଜବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିନିକାରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଓ ଡୁଙ୍ଗୁରିପାଲିସ୍ଥିତ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲପାଳ ଡ. ନୃପରାଜ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ରାଜ୍ୟର ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।





## ଖୁଣ୍ଟିଗୋରାରେ ଆଦିବାସୀଙ୍କ ସହ ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ଆଲୋଚନା



କଣ୍ଟାମାଳ, ୭।୬(ସମିସ): ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡମ୍ବରୁଧର କହଁର କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଗସ୍ତରେ ଆସି ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ସହ ବିଭିନ୍ନ ଉନ୍ନୟନମୂଳକ ଓ ସାମାଜିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଗସ୍ତ ସମୟରେ ସେ ଆଦିବାସୀ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା, ଆବଶ୍ୟକତା ଓ ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ଅବଗତ ହୋଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଏବଂ ଜୀବିକା ବିକାଶ ଭଳି ବିଭିନ୍ନ ପ୍ରସଙ୍ଗରେ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଅଧ୍ୟକ୍ଷ ଶ୍ରୀ କହଁର ଆଦିବାସୀ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଥିବା କହିବା ସହ ଲୋକଙ୍କ ସମସ୍ୟାର ସମାଧାନ ଓ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରଶାସନ ପଦକ୍ଷେପ ନେବ ବୋଲି ଆଶ୍ୱାସନ ଦେଇଥିଲେ। ଏହି ଅବସରରେ କଣ୍ଟାମାଳ ବ୍ଲକ ଆଦିବାସୀ ସଂଘ ଉପସଭାପତି ତଥା ଉଡେର ଗୌନ୍ତିଆ ପିତାମ୍ବର ଭୋଇ, କନ୍ଧ ସମାଜ ଗବେଷକ ରୋହିତ ଭୋଇ, କନ୍ଧ ସମାଜ କୋଷାଧ୍ୟକ୍ଷ ବଂଶୀଧର ମାଝୀ, ପୂର୍ବତନ ସରପଞ୍ଚ ତଥା ଅନୁସୂଚିତ ଜାତି ନେତା ପ୍ରହଲ୍ଲାଦ ସେଠି ଏବଂ ସ୍ଥାନୀୟ ଆଦିବାସୀ ଲୋକ ଉପସ୍ଥିତ ଥିଲେ।

ଜିଲ୍ଲାପାଳଙ୍କ ବାରପାହାଡ଼ ପୀଠ ପ୍ରକଳ୍ପ କାମ ପରିଦର୍ଶନ

## ସୁବର୍ଣ୍ଣପୁର ଜିଲ୍ଲାରେ ଇକୋଟୁରିଜମ୍‌ର ଯଥେଷ୍ଟ ସମ୍ଭାବନା

ତରଭା, ୭।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଇକୋଟୁରିଜମର ଯଥେଷ୍ଟ ସମ୍ଭାବନା ରହିଛି। ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥଳ ରହିଛି; ଯାହାର ବିକାଶ କରାଗଲେ ଜିଲ୍ଲାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇ ପାରିବ। ତରଭା ବ୍ଲକ ପାଇକବାହାଲ ପଞ୍ଚାୟତ ରାଜପାଲି/ବ୍ରାହ୍ମଣୀପାଲିର ବାରପାହାଡ ଜଙ୍ଗଲରେ ଥିବା ଦେବପୀଠ ସେଥିରୁ ଅନ୍ୟତମ। ଏଠାରେ ଏକ ଜଳସଂରକ୍ଷଣ କେନ୍ଦ୍ରନିର୍ମାଣ ଚାଲିଛି। ଆଗକୁ ଆହୁରି ଉନ୍ନୟନମୂଳକ କାମ କରାଯିବ ବୋଲି ପରିଦର୍ଶନରେ ଆସି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ କହିଛନ୍ତି। ରବିବାର ପ୍ରାୟ ଦିନ ୯ଟା ସମୟରେ



ସେ ବାରପାହାଡପୀଠରେ ପହଞ୍ଚି ଚାଲିଥିବା ପ୍ରକଳ୍ପ କାମ ବୁଲି ଦେଖିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବାରପାହାଡ ଖୋଲରେ ଅନେକ କିଛି ବିକାଶ କାମ କରାଯାଇ ପରିବ ବୋଲି ସେ କହିଥିଲେ। ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଅମଳରେ ଏଠାକୁ ପର୍ଯ୍ୟଟନ ବିଭାଗରୁ ୨୮ ଲକ୍ଷ୬୯ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଚଳିତବର୍ଷ ବନ ବିଭାଗ ୨୪ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଇ ୮୦/୬୦ ମିଟର ଏକ ଜଳସଂରକ୍ଷଣ କେନ୍ଦ୍ର ନିର୍ମାଣ କରାଇଛି। ପ୍ରାୟ ୧୦ଫୁଟ ପର୍ଯ୍ୟନ୍ତ ଖୋଳି ପ୍ରକଳ୍ପର ଆଉଟଲେଟ ଓ ଇନଲେଟ ନିର୍ମାଣ ଚାଲିଛି। ଗତବର୍ଷ ଏଠାରେ ୧୬୦୦ ଚାରା ରୋପଣ କରାଯାଇଥିଲା। ଠିକ ସେହିପରି ଚଳିତବର୍ଷ ମଧ୍ୟ ବନ ବିଭାଗ ୧୦ହେକ୍ଟର ଜମିରେ ଚାରା ରୋପଣ କରିବାକୁ ଯାଉଛି। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କାଳରେ ପାହାଡ ଉପରେ ଥିବା ଦେବୀପୀଠ ପର୍ଯ୍ୟନ୍ତ ରାସ୍ତା ଓ ପାହାଚ ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ପିକନିକ ପିଣ୍ଡି, ଚାଷୀଙ୍କ ଜମିକୁ ପାଣି ନେବାକୁ ପ୍ରକଳ୍ପରେ ଆଉଟଲେଟର ବ୍ୟବସ୍ଥା, ଉପରମୁଣ୍ଡରେ ଚେକ୍‌ଡ୍ୟାମ୍ ନିର୍ମାଣ ଓ ତଳେ ଏକ ସୁଦୃଷ୍ୟ ଗେଟ୍ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଉପସ୍ଥିତ ବନ ବିଭାଗର ଏସିଏଫ ଗିରିଧାରୀ ନାଗ, ରେଞ୍ଜ ଅଫିସର ସୁଭାଷ ମହାପାତ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରାଜେଶ ସାହୁ ଅନୁଦାନ ଓ ପ୍ରକଳ୍ପ କାମ ବିଷୟରେ ଜିଲ୍ଲାପାଳ ଡ.ସାହୁଙ୍କୁ ଅବଗତ କରିଥିଲେ। କିଛି ଚାଷି ଜମିକୁ ଜଳସେଚନ ସୁବିଧା ପାଇଁ ପ୍ରକଳ୍ପର ତଳମୁଣ୍ଡର ଆଡିକୁ ବଢ଼ାଇବାକୁ ଜିଲ୍ଲାପାଳ ଓ ଉପସ୍ଥିତ ବନଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ରାଜପାଲି ଗ୍ରାମର ବରିଷ୍ଠନାଗରିକ ବାଳଗୋପାଳ ପଣ୍ଡା, ଲୋକନାଥ ପଣ୍ଡା, ଅଭିମନ୍ୟୁ ପଣ୍ଡା, ବାସୁଦେବ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ମେଣ୍ଡାର ସନ୍ତୋଷ ଦାସ, ନରହରି ପୂଜାହାରୀ, କ୍ଷମାନିଧି ଝାଙ୍କର, ସିଦ୍ଧାର୍ଥ ଅଗ୍ରୱାଲ, ବିଭୁତିଭୁଷଣ ଝାଙ୍କର, ଭୁବନାନନ୍ଦ ବାଦୀ, ପାଇକବାହାଲ ସରପଞ୍ଚ ଗଣନାଥ ସାହୁ, ସମିତିସଭ୍ୟ ରାଜକିଶୋର ଭୁଏ, ବାରପାହାଡସେନାର କିଶୋର ପଣ୍ଡା, ପ୍ରମୋଦ ନାୟକ, ମନ ଖମାରୀ, ବ୍ରାହ୍ମଣୀପାଲିର ଭାଗୀରଥି ସାହୁ, ଶେଷଦେବ ମେହେର, ସତ୍ୟାନନ୍ଦ ସାହୁ, ଡାହିମାଳର ଗୌତମ ସା, ବିଶ୍ୱାମିତ୍ର ସା, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରୋତ୍ତମ ମଲ୍ଲିକ, ଧିରେନ୍ଦ୍ର ଝାଙ୍କର, ମଖନାମୁଣ୍ଡାର ଦେବୀ ପୂଜକ ଜିତେନ ଧରୁଆ, କୁଜାବୁଢା ଧରୁଆ, ତିଲେଇମାଳର ଦଶରଥ ଧରୁଆ ପ୍ରମୁଖଙ୍କ ସହ ଶତାଧିକ ଲୋକ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳ ରାଣିସର୍ଡାଠାରେ ହୋଇଥିବା ୧୦ହେକ୍ଟରର ବନୀକରଣ ପ୍ରକଳ୍ପ ପରିଦର୍ଶନ କରିବା ସହ ପାଇକବାହାଲଠାରେ ଥିବା ଆଧ୍ୟାତ୍ମିକ ପୀଠ ସୀତାରାମ ସିଦ୍ଧମଠ ଓ ଭାଗ୍ୟଡୁଙ୍ଗୁରୀ ପରିଦର୍ଶନ କରିଥିଲେ।

ବୌଦ୍ଧରେ ଉଦ୍‌ଯାପିତ ହେଲା ସିଏମ୍ ଟ୍ରଫି ଜୋନ୍ ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍

# ବାଳକରେ ଗଜପତି; ବାଳିକାରେ କଳାହାଣ୍ଡି ଚାମ୍ପିଅନ







ବୌଦ୍ଧ, ୭।୬(ସମିସ)

ସିଏମ୍ ଟ୍ରଫି-୨୦୨୬ ଅଧୀନ ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ସଂସ୍କରଣ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ରେ ସମାପ୍ତ ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ବୌଦ୍ଧ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଏବଂ ଗଜପତି ଜିଲ୍ଲାରୁ ପ୍ରାୟ ୨୪୦ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗର ଫାଇନାଲ୍‌ରେ ଗଜପତି ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ମାଲକାନଗିରି ଦଳକୁ କ୍ରମାଗତ ଦୁଇଟି ସେଟ୍‌ରେ ୨୫-୧୮ ଓ ୨୫-୧୭ ସ୍କୋରରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମାଲକାନଗିରି ଦଳ ରନର୍ସଅପ୍ ସ୍ଥାନ ଅଧିକାର କରିଥିଲା। ସେହିପରି ବାଳିକା ବିଭାଗର ଫାଇନାଲ୍ ମ୍ୟାଚ୍‌ରେ କଳାହାଣ୍ଡି ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ମାଲକାନଗିରି ଦଳକୁ ୨୫-୧୫ ଓ ୨୫-୦୩ ସ୍କୋରରେ ପରାଜିତ କରି ଚାମ୍ପିଅନ ମୁକୁଟ ହାସଲ କରିଥିଲା। ମାଲକାନଗିରି ଦଳ ବାଳିକା ବିଭାଗରେ ମଧ୍ୟ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ରନର୍ସଅପ୍ ଦଳଗୁଡ଼ିକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକାରୀ କୁଲଦୀପ ମୀନା, ବୌଦ୍ଧ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍‌ର ସମ୍ପାଦକ ଯୁଗଳ କିଶୋର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ, ବିଶିଷ୍ଟ ଶିକ୍ଷାବିତ ଶ୍ୟାମସୁନ୍ଦର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ମ୍ୟାଚ୍ କମିଶନର ତଥା ଚିଫ ରେଫରୀ ମଳୟ ବିଶ୍ୱାଳଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାରୁ ଆସିଥିବା ମ୍ୟାନେଜର ତଥା କୋଚ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୌଦ୍ଧ ଜିଲ୍ଲାର କ୍ରୀଡ଼ା ପ୍ରଶିକ୍ଷକ ଦଶରଥ ଭୋଇ, ମନୋଜ ଗାଇଗରିଆ, ଅମ୍ବରିଶ ପ୍ରଧାନ, ସୁରେନ୍ଦ୍ରନାଥ ସାହୁ, ସୁଧୀର ଭୋଇ, ଶଶାଙ୍କ ଶେଖର ଶାସନୀ, ଦୀପାଂଶୁ ପରିଡ଼ା ପ୍ରମୁଖଙ୍କୁ ଉତ୍ତମ ମ୍ୟାଚ୍ ପରିଚାଳନା ପାଇଁ ସମ୍ମାନିତ କରାଯାଇଥିଲା।

## ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ହରଭଙ୍ଗା, ୭।୬(ସମିସ): ବୌଦ୍ଧ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହରଭଙ୍ଗା ବ୍ଲକ ବାଣିଭୂଷଣପୁର କରଞ୍ଜକଟା ପଞ୍ଚାୟତବାସୀଙ୍କ ପାଇଁ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୬କୋଟି ୧୨ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ ଅଟକଳରେ ୫୭ ଜାତୀୟ ରାଜପଥଠାରୁ ହରଭଙ୍ଗା ବ୍ଲକ ମାର୍ଦୀଙ୍ଗ ଭାୟା ଲୁଣ୍ଠୁରୁଯୋର, ଭଉଁରିପଥର ରାସ୍ତା ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଣୀଭୂଷଣପୁର ସମିମି ସଭ୍ୟ ପ୍ରଶାନ୍ତ ପ୍ରଧାନ, କରଞ୍ଜକଟା ସରପଞ୍ଚ ନିହାର ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ୮ କୋଟି ୫୯ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟ ଅଟକଳରେ ବାହାଲି ନାଳ ଉପରେ ଏକ ସେତୁ ନିର୍ମାଣ ଲାଗି ଶୁଭ ଦିଆଯାଇଛି। ଅନ୍ୟପକ୍ଷେ ୬କୋଟି ୧୨ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ରାସ୍ତାଠାରୁ ବାହାଲି ପର୍ଯ୍ୟନ୍ତ ନୂତନ ରାସ୍ତାର ନିର୍ମାଣ ପାଇଁ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ବାଳଗୋପାଳ ସିଂହ୍କା ଓ କନିଷ୍ଠ ଯନ୍ତ୍ରୀ କୃତିବାସ ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ଠିକାଦାର ସଂଘର ପଶ୍ଚିମ, ଦକ୍ଷିଣ ଓଡ଼ିଶାସ୍ତରୀୟ ବୈଠକ

## ଠିକାଦାରମାନଙ୍କ କଲ୍ୟାଣ ପାଇଁ ହସ୍ତକ୍ଷେପ, ସମର୍ଥନ ଦାବି

**ସମ୍ବଲପୁର, ୭।୬ (ସମିସ)**

ସମ୍ବଲପୁର ଜିଲ୍ଲା ଠିକାଦାର ସଂଘ ଆହ୍ୱାନକ୍ରମେ ସମ୍ବଲପୁରର ଏକ ଘରୋଇ ହୋଟେଲରେ ଆଜି ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ୧୭ଟି ଜିଲ୍ଲାର ଠିକାଦାର ସଂଘ ଏକାଠି ହୋଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ସମେତ କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ବୌଦ୍ଧ, ସୋନପୁର, ଦେବଗଡ଼, ଗଜପତି, ରାୟଗଡ଼ା, ମାଲକାନଗିରି, ଭୁବନେଶ୍ୱର, ନୂଆପଡ଼ା, ରାଉରକେଲା, ନବରଙ୍ଗପୁର ପ୍ରମୁଖ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ଠିକାଦାର ସଂଘ ଗୁଡ଼ିକର ଏକତା ବିକାଶ କାର୍ଯ୍ୟରେ ସୁଗମ ଏବଂ ସୁନିଶ୍ଚିତ କରିବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ।




ସମ୍ବଲପୁର ଠିକାଦାର ସଂଘ ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ତୁଷାରକାନ୍ତ ପ୍ରଧାନ, ସଂଯୋଜକ ଗୋପାଳ ଦାନୀ, ରାଜ୍ୟ ଠିକାଦାର ସଂଘ ୱେଲ୍‌ଫେୟାର ଫୋରମ୍ ସଭାପତି ଜଗନ୍ନାଥ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅରୁଣ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ଉପସ୍ଥିତ ଠିକାଦାରମାନେ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ଆଲୋଚନା କରିଥିଲେ। ଠିକାଦାର ମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ହସ୍ତକ୍ଷେପ କରିବା ପାଇଁ ବିଧାୟକ ଶ୍ରୀମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଠିକାଦାରମାନେ ପ୍ରାୟତଃ ଟେଣ୍ଡର ସମ୍ବନ୍ଧୀୟ ପ୍ରକ୍ରିୟା, ଅନୁମୋଦନ, ଡକ୍ୟୁମେଣ୍ଟେସନ୍ ଏବଂ ଅନ୍ୟାନ୍ୟ ପ୍ରଶାସନିକ ମାମଲାରେ ବିଭିନ୍ନ ଅସୁବିଧା ସମ୍ମୁଖୀନ ହୁଅନ୍ତି। ପ୍ରାୟ ସମସ୍ତ ଜିଲ୍ଲାରେ ଠିକାଦାର ସଂଘ ପ୍ରତିଷ୍ଠା ହୋଇଛି। ପାରସ୍ପରିକ ବୁଝାମଣା ବିକଶିତ ହୋଇଛି, ଯାହାଦ୍ୱାରା ଠିକାଦାରମାନେ ଅନ୍ୟ ଜିଲ୍ଲାର ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିର୍ଭର ରହନ୍ତି। ଠିକାଦାରମାନଙ୍କ ପାଇଁ ସମାନ୍ୟ, ସୁସ୍ଥ ପ୍ରତିଯୋଗିତା ଏବଂ ସନ୍ତୁଳିତ ସୁଯୋଗ ବଜାୟ ରଖିବାରେ ସାହାଯ୍ୟ କରିଛି।

ଦାବି ଅନୁସାରେ ସମ୍ବଲପୁର ଜିଲ୍ଲା ଠିକାଦାର ସଂଘ ୨୦୦୯ ମସିହାରେ ପଞ୍ଜିକୃତ ହୋଇ ବର୍ତ୍ତମାନ ପ୍ରାୟ ୧୫୦୦ ସଦସ୍ୟ ଅଛନ୍ତି। ଗତ କିଛି ଦଶନ୍ଧି ଧରି, ସଂଘ ଠିକାଦାରଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛି। ସମ୍ବଲପୁର ଜିଲ୍ଲା ଠିକାଦାର ସଂଘ ମଧ୍ୟ ଅନ୍ୟ ଜିଲ୍ଲା ସହ ଏହି ବୁଝାମଣାକୁ ପାଳନ କରିଛି। ତଥାପି, ଅନେକରେ ଅନ୍ୟ ଜିଲ୍ଲା ଠିକାଦାରମାନେ ଏହି ନିୟମକୁ ପାଳନ ନ କରି ସମ୍ବଲପୁର ଜିଲ୍ଲାର ଟେଣ୍ଡରରେ ଅଂଶଗ୍ରହଣ କରନ୍ତି, ଫଳରେ ସ୍ଥାନୀୟ ଠିକାଦାରମାନଙ୍କ ମଧ୍ୟରେ ଅସନ୍ତୋଷ ଏବଂ ଏକ ଅସୁସ୍ଥ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି ହୁଏ। ତେଣୁ ଏହି ବିଷୟରେ ବିଧାୟକ ଶ୍ରୀ ମିଶ୍ରଙ୍କ ହସ୍ତକ୍ଷେପ ଦାବି କରାଯାଇଥିଲା।

### ପାୱାରଚ୍ୟାନାଲରେ ଅଘଟଣ

# ପିକ୍‌ନିକ୍ କରିବାକୁ ଯାଇ ଯୁବକ ନିଖୋଜ

**ସମ୍ବଲପୁର, ୭।୬ (ସମିସ) :** ସମ୍ବଲପୁର ବୁର୍ଲା ଥାନା ଅଧୀନ ପାୱାର ଚ୍ୟାନେଲ ପାର୍ଶ୍ୱସ୍ଥ ଅଠର ହଜାରକୁ ପିକ୍‌ନିକ୍ କରିବାକୁ ଯାଇଥିବା ବେଳେ ଜଣେ ଛାତ୍ର ପ୍ରଖରସ୍ରୋତରେ ଭାସି ଯାଇଛନ୍ତି। ନିଖୋଜ ଛାତ୍ର ଜଣକ ହେଉଛନ୍ତି ସ୍ୱସ୍ତିକ ପାଢ଼ୀ। ବୁର୍ଲା ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପୁଲିସ ଟିମ୍ ଏକ ଟିମ୍ ଏବଂ ଅଗ୍ନିଶମ ବାହିନୀର ୩ଟି ଦଳ ସର୍ଚ୍ଚ ଅପରେସନ୍ କରୁଛନ୍ତି। ପାଣିର ପ୍ରଖରସ୍ରୋତ ଓ ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଅଠର ହଜାର ସାଇଫନ୍‌ର ସମସ୍ତ ଫାଟକ ବନ୍ଦ କରାଯାଇ ଖୋଜାଖୋଜି ଚାଲିଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ସ୍ୱସ୍ତିକଙ୍କ କୌଣସି ପତ୍ତା ମିଳି ପାରିନାହିଁ।

ସୂଚନା ଅନୁସାରେ, ବୁଢ଼ାରାଜା ସହଯୋଗନଗର ବାସିନ୍ଦା ସ୍ୱସ୍ତିକ ପାଢ଼ୀ (୧୭) ଭୁବନେଶ୍ୱରର ଏକ କଲେଜରେ ଯୁକ୍ତ ୨ ପଢ଼ୁଛନ୍ତି। ସେ ଛୁଟିରେ ନିଜ ଘରକୁ ଆସିଥିଲେ। ଆଜି ତାଙ୍କ ଟ୍ୟୁସନ୍ ଶିକ୍ଷକ ଏବଂ ଅନେକ ବନ୍ଧୁଙ୍କ ସହିତ ପାୱାର ଚ୍ୟାନେଲ ନିକଟସ୍ଥ ଅଠର ହଜାର ଅଞ୍ଚଳକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ଚ୍ୟାନେଲରେ ଗାଧୋଇବା ସମୟରେ, ସମ୍ଭବତଃ ତାଙ୍କ ଗୋଡ଼ ଖସିଯିବାରୁ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ ବୋଲି ଜଣାପଡ଼ିଛି। ଖବର ପାଇ ବୁର୍ଲା ପୁଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ, ଛାତ୍ର ସ୍ୱସ୍ତିକଙ୍କ କୌଣସି ପତ୍ତା ମିଳି ପାରି ନ ଥିବା ଜିଲ୍ଲା ଅଗ୍ନିଶମ ଅଧିକାରୀ ସୁଦାମ କିସ୍‌କୋ କହିଛନ୍ତି।

# ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ପକ୍ଷରୁ ସାଇକେଲ ରାଲି




**ସମ୍ବଲପୁର, ୭।୬ (ସମିସ) :** ବିଶ୍ୱ ସାଇକେଲ ଦିବସ ପାଳନ ପାଇଁ ଆଜି ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର, ଗୋଶାଳା ପକ୍ଷରୁ ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ଏସ୍‌ଏଆଇ) ର 'ଫିଟ୍ ଇଣ୍ଡିଆ ଆନ୍ଦୋଳନ' ଅନ୍ତର୍ଗତ 'ସାଇକେଲ୍ ଅନ୍ ସଣ୍ଡେ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରୁପ୍ ସେଣ୍ଟରର ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂହଙ୍କ ସକ୍ଷମ ମାର୍ଗଦର୍ଶନ ଏବଂ ନେତୃତ୍ୱରେ ଏହା ପରିଚାଳିତ ହୋଇଥିଲା। ସୁନ୍ଦରଗଡ଼ର ଭାରତୀୟ କ୍ରୀଡ଼ା ପ୍ରାଧିକରଣର ପ୍ରଭାରୀ ଅଭୟ ଦେବ ତିୱାରୀ ଏବଂ ପ୍ରତିନିଧି ଇନ୍ସପେକ୍ଟର/ଜିଡି, ଗ୍ରୁପ୍ ସେଣ୍ଟର, ସମ୍ବଲପୁର ରାଜୀବ ରଞ୍ଜନ କୁମାରଙ୍କ ସମନ୍ୱୟରେ ଏକ ମିଳିତ ସାଇକେଲ ରାଲି ଏବଂ ଫିଟନେସ୍ ସଚେତନତା ଅଭିଯାନ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ କ୍ରୀଡ଼ା ସଂଗଠନର ପ୍ରାୟ ୧୨୦ ଜଣ ଛାତ୍ର ଏବଂ ଖେଳାଳିଙ୍କ ସହିତ ସମ୍ବଲପୁରର ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରର ୪୨ଜଣ ଅଧିକାରୀ ଏବଂ ଜବାନ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ଏକାଠି ସାଇକେଲ ରାଲି କରିଥିଲେ, ଫିଟନେସ୍, ଶୃଙ୍ଖଳା, ପରିବେଶ ସୁରକ୍ଷା, ସଡ଼କ ସୁରକ୍ଷା ଏବଂ ଏକ ସୁସ୍ଥ ଜୀବନଶୈଳୀର ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରସାର କରିଥିଲେ। ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂହ ସମସ୍ତ ଅଧିକାରୀ, ସୈନିକ, ଖେଳାଳି ଏବଂ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ, ଭବିଷ୍ୟତରେ ଏପରି ଜନସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ସେମାନଙ୍କୁ ଆହ୍ୱାନ ଦେଇଥିଲେ। ସେ 'ଫିଟ୍ ଇଣ୍ଡିଆ, ସୁସ୍ଥ ଭାରତ' ପ୍ରତିଜ୍ଞାକୁ ସାକାର କରିବା ପାଇଁ ପ୍ରତ୍ୟେକ ସୈନିକ ଏବଂ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ହିନ୍ଦ୍ ମଜଦୂର ସଭାର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ

**ସମ୍ବଲପୁର, ୭।୬ (ସମିସ) :** ସମ୍ବଲପୁରରେ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ହିନ୍ଦ୍ ମଜଦୂର ସଭା (ଏଚ୍‌ଏମ୍‌ଏସ୍) ର ରାଜ୍ୟ ପରିଷଦର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଗତ ବୈଠକର ନିଷ୍ପତ୍ତିର ଅନୁପାଳନ ଓ ଆଜିର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟିକା ତଥା ଇବ୍ ଭେଲି କୋଇଲା ମଜଦୂର ସଭାର ସାଧାରଣ ସମ୍ପାଦିକା ଅଲକା ମହାନ୍ତି, କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ) ର କର୍ତ୍ତୃପକ୍ଷ ଏଚ୍‌ଏମ୍‌ଏସ ତଥା କୋଇଲା ଖଣି ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟାର ପ୍ରତିକାର ଦିଗରେ ଅବହେଳା କରୁଥିବା ଏବଂ ବିଭିନ୍ନ ଆପତ୍ତି ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଘୋର ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏଥିଯୋଗୁଁ ଆଜିର ବୈଠକରେ ଜୁଲାଇ ମାସ ୧୫ ତାରିଖ ପୂର୍ବରୁ ଏସବୁର ପ୍ରତିବାଦ ପାଇଁ ଏହାର ମୁଖ୍ୟ କାର୍ଯ୍ୟାଳୟ ବୁର୍ଲା ଠାରେ ଗଣଧାରଣା ଦେବାକୁ ନିଷ୍ପତ୍ତି ହୋଇଛି। ଆହୁରି ମଧ୍ୟ ଓଡ଼ିଶା ରାଜ୍ୟରେ ଶତକଡା ୬୬% ଠିକା ଶ୍ରମିକ ସର୍ବନିମ୍ନ ମଜୁରୀରୁ ବଞ୍ଚିତ ହେଉଥିବା ଏବଂ ଏ କ୍ଷେତ୍ରରେ ଆମ ରାଜ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ରାଜ୍ୟରେ ଅଧିକ ଶ୍ରମିକ ଶୋଷଣ ହେଉଥିବା ଅଭିଯୋଗ କରାଯାଇ ଆଗାମୀ ଦିନ ଏହି ପ୍ରସଙ୍ଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ହିନ୍ଦ୍ ମଜଦୂର ସଭା (ଏଚ୍‌ଏମ୍‌ଏସ୍) ର ରାଜ୍ୟସ୍ତରୀୟ ପ୍ରତିନିଧି ସମ୍ମିଳନୀ ଆଗାମୀ ଜୁଲାଇ ମାସ ମଧ୍ୟରେ ତାଳଚେରରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏହି ସମ୍ମିଳନୀ ପାଇଁ ତାଳଚେର ବିଧାୟକ ତଥା ଶ୍ରମିକ ନେତା ବ୍ରଜ କିଶୋର ପ୍ରଧାନଙ୍କୁ ଗଠିତ ସମ୍ମିଳନୀ କମିଟିର ଅଧ୍ୟକ୍ଷ କରାଯାଇଛି। ତାଳଚେର କୋଇଲା ଖଣି ଅଞ୍ଚଳରେ ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ବ୍ରଜରାଜନଗର ଖଣି ଅଞ୍ଚଳରେ ପୂର୍ବତନ ବିଧାୟିକା ଅଲକା ମହାନ୍ତିଙ୍କୁ ସଂଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି। ସମ୍ମିଳନୀରେ ମହିଳା ମାନଙ୍କୁ ଶତକଡା ୩୩ ଭାଗ କାର୍ଯ୍ୟକାରୀ କମିଟିରେ ସ୍ଥାନ ଦେବାକୁ ନିଷ୍ପତ୍ତି ହୋଇଛି। ନିକଟ ଅତୀତରେ ଏଚ୍‌ଏମ୍‌ଏସ୍ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ଆଠଗଡ଼ର ତିଗିରିଆରେ ହୋଇଥିବା ଆକ୍ରମଣର ଦୃଢ଼ ନିନ୍ଦା କରାଯାଇ ଅପରାଧୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। କାର୍ଯ୍ୟକାରୀ କମିଟି ବୈଠକରେ ଉପସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ଉପସଭାପତି ଅକ୍ଷୟ ନାୟକ, ଉପସଭାପତି ଗୁଣନିଧି ବଳ, ଉପସଭାପତି ଯୁଗୋଳ କିଶୋର ନାୟକ, ରାଜ୍ୟ ସମ୍ପାଦକ ତ୍ରିଲୋଚନ ପ୍ରଧାନ, ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରାଜ୍ୟ ସମ୍ପାଦକ ଭୁବନାନନ୍ଦ ମହାପାତ୍ର, ରାଜ୍ୟ ସମ୍ପାଦକ ପବିତ୍ର ବିଶ୍ୱାଳ, ରାଜ୍ୟ ସମ୍ପାଦକ ପ୍ରମୋଦ ଦାସ, ସମ୍ପାଦକ ପ୍ରଦୀପ ଦାସ, ସମ୍ପାଦକ ଜ୍ଞାନରଞ୍ଜନ ଦାସ, ସମ୍ପାଦକ ବାସୁଦେବ ସାହୁ, ଶ୍ରୀନିର୍ମାଣ ଶ୍ରମିକ ମହାସଭାର ସାଧାରଣ ସମ୍ପାଦକ ରାଜେନ୍ଦ୍ର ଦାସ, ଭରତପୁର କୋଲ୍‌ମାଇନ୍ସର ସମ୍ପାଦକ ପ୍ରକାଶ କୁଣ୍ଡୁ, ବାବୁଲାଲ ଖଣ୍ଡୁଆଲ, କିଶୋର ନାଏକ, ଜେ.ଏସ.ଡ଼ବ୍ଲୁ ଭୁଷଣ କମ୍ପାନୀର ସାଧାରଣ ସମ୍ପାଦକ ରୁଦ୍ର ମେହେର, ହିଣ୍ଡାଲ୍‌କୋ ପାୱାର ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ଯୋଗିନ୍ଦ୍ର ବେହେରା, ହିଣ୍ଡାଲ୍‌କୋ ଏଫ୍‌ଆର୍‌ପି ୟୁନିଅନ୍‌ର ସାଧାରଣ ସମ୍ପାଦକ ସୁବ୍ରତ ପଣ୍ଡା, ଈଶ୍ୱର ଭଞ୍ଜ, ସଦାଶିବ ବିଶି, ରାମେଶ୍ୱର ଯାଦବ, ରୁଦ୍ରାଣି ନାଥ, ସ୍ନେହଲତା ବାରିକ, ମମତା ନାୟକ, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ୍ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ୪ ଜିଲ୍ଲାରେ ମିଳିଲାନି ବି-ନେଗେଟିଭ ରକ୍ତ

# ଜୀବନରକ୍ଷା ପାଇଁ ଆଗେଇ ଆସିଲେ ସାମ୍ବାଦିକ



**ସମ୍ବଲପୁର, ୭।୬ (ସମିସ) :** ସମ୍ବଲପୁର ସମେତ ଝାରସୁଗୁଡ଼ା, ବରଗଡ଼ ଏବଂ ବଲାଙ୍ଗିର ଜିଲ୍ଲା ରକ୍ତଭଣ୍ଡାରରେ ବି-ନେଗେଟିଭ ବର୍ଗର ରକ୍ତ ଉପଲବ୍ଧ ନାହିଁ। ବୁର୍ଲାର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି ହୋଇଥିବା ଜେଣ ରୋଗୀଙ୍କୁ ଏହି ବର୍ଗର ରକ୍ତ ଆବଶ୍ୟକ ହୋଇଥିବାବେଳେ ଗତକାଲିଠାରୁ ତାଙ୍କ ସମ୍ପର୍କୀୟ ଏହି ବର୍ଗର ରକ୍ତ ଖୋଜି ଖୋଜି ନୟାନ୍ତ ହୋଇ ପଡ଼ିଥିଲେ। ଶେଷରେ ଆଜି ବୁର୍ଲା ଏକତାମଞ୍ଚ ପାଖରେ ଖବର ପହଞ୍ଚିବା ମାତ୍ରେ ରକ୍ତ ଯୋଗାଡ଼ ପାଇଁ ଉଦ୍ୟମ କରାଯାଇଥିଲା। ଏକତାମଞ୍ଚର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ତଥା ସାମ୍ବାଦିକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନିଜ ରକ୍ତର ବର୍ଗ ବି-ନେଗେଟିଭ ହୋଇଥିବାରୁ ସେ ତୁରନ୍ତ ରକ୍ତଦାନ ପାଇଁ ଆଗେଇ ଆସିଥିଲେ। ରକ୍ତଦାନ କରି ସେ ରୋଗୀଙ୍କ ଜୀବନ ରକ୍ଷା କରିଛନ୍ତି। ଏଭଳି ମହତ କାର୍ଯ୍ୟ ପାଇଁ ଜ୍ୟୋତିପ୍ରକାଶଙ୍କୁ ଏକତାମଞ୍ଚ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ରକ୍ତଦାନ ସମୟରେ ବୁର୍ଲା ଏକତା ମଞ୍ଚର ସଭାପତି ପ୍ରଦୀପ କୁମାର ମିଶ୍ର, ପ୍ରଫୁଲ୍ଲ ନାୟକ, ଇଂ. ଅଶ୍ୱିନୀ ଚୌଧୁରୀ, ଗିରିଜା ଶଙ୍କର ନାୟକ, ଗୌତମ ବେହେରା, ହିମାଂଶୁ ଧର, ରକ୍ତଭଣ୍ଡାର ଅଧିକାରୀ ଡା. ଗୀତିମାଧୁରି ଦତ୍ତ, ଟ୍ରାନ୍ସଫ୍ୟୁଜନ ମେଡିସିନ ସହକାରୀ ପ୍ରଫେସର ଡା. ସଙ୍ଗୀତା ସାମଦ, ନର୍ସିଂ ଅଫିସର ସାବିନୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଜାମପାଲି ଗ୍ରାମର ସରୋଜ ପାତ୍ର (୩୯) ବ୍ରେନ ହେମରେଜ୍ ହୋଇ ଗତ ୨ତାରିଖରୁ ବୁର୍ଲାର ଏକ ଘରୋଇ ନର୍ସିଂହୋମ୍ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଥିବାବେଳେ ରକ୍ତର ଆବଶ୍ୟକତା ରହିଥିଲା। ତେବେ ପରୀକ୍ଷା ପରେ ତାଙ୍କ ରକ୍ତ ବିରଳ ବର୍ଗ ବି-ନେଗେଟିଭ ହୋଇଥିବା ଜଣାପଡ଼ିଥିଲା। ଏହି ବର୍ଗର ରକ୍ତ ଯୋଗାଡ଼ ପାଇଁ ରୋଗୀଙ୍କ ପରିବାର ଦୁଇଦିନ ହେଲା ଖୋଜି ଖୋଜି ନୟାନ୍ତ ହୋଇସାରିଥିଲେ। ଆଜି କୌଣସି ସୂତ୍ରରୁ ରୋଗୀଙ୍କ ଭାଇ ମନାରଞ୍ଜନ ପାତ୍ର ବୁର୍ଲା ଏକତା ମଞ୍ଚର ସଭାପତି ପ୍ରଦୀପ କୁମାର ମିଶ୍ରଙ୍କୁ ଯୋଗାଯୋଗ କରି ରକ୍ତ ଯୋଗାଡ଼ ପାଇଁ ଅନୁରୋଧ କରିଥିଲେ।

# ଜିଲ୍ଲାରେ ୭ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ

**ସମ୍ବଲପୁର, ୭।୬ (ସମିସ) :** ରାଜ୍ୟରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷାର ବିକାଶ ଓ ଗ୍ରାମୀଣ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ସମ୍ବଲପୁର ଜିଲ୍ଲାରେ ପ୍ରସ୍ତାବିତ ୭ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ସମସ୍ତ ବିଦ୍ୟାଳୟଗୁଡ଼ିକର ଶିଳାନ୍ୟାସ ସମ୍ପନ୍ନ କରିଛନ୍ତି। ଓସେପାର ନିର୍ଦ୍ଦେଶନାମା ଅନୁଯାୟୀ ଜମନକିରାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖର୍ସନମାଲ, କୁଚିଣ୍ଡାର କୁଟୁରାଚୁଆଁ ନୋଡାଲ ହାଇସ୍କୁଲ ଓ ମନୋହର ଉଚ୍ଚ ବିଦ୍ୟାଳୟ କୁନ୍ତରା, ଯୁଯୋମୁରାର ଗମ୍ଭାରୀପଙ୍କ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ମାନେଶ୍ୱର ବ୍ଲକର ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ଧମା, ସରକାରୀ ଉଚ୍ଚ ବିଦ୍ୟାଳୟ ମୁରା ଓ ଗୋକୁଳାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ବଟେମୁରା ପରିସରରେ ଏହି କାର୍ଯ୍ୟକ୍ରମଗୁଡ଼ିକ ସଫଳତାର ସହ ସମାପ୍ତ ହୋଇଛି। ଏହି ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ବିଧାୟକ ତଥା ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ ଏବଂ ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷାର ସଭାପତି ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଏବଂ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଡିପିସି) ଲକ୍ଷ୍ମଣ ଭୋଇଙ୍କ ପ୍ରେରଣା ଓ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉତ୍ସବରେ ସମ୍ପୃକ୍ତ ଅଞ୍ଚଳର ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ପ୍ରଶାସନିକ ସହଯୋଗ କରିଥିଲେ। ସ୍ଥାନୀୟ ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଜନସାଧାରଣ ଉପସ୍ଥିତ ରହିଥିଲେ।



# ଡିଗ୍ରୀ କଲେଜ ସ୍ଥାପନ ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହ ଆଲୋଚନା

**ରେଢ଼ାଖୋଲ, ୭।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଡ଼ମାଳ ପଞ୍ଚାୟତରେ ଏକ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଓଡ଼ିଶା ସରକାରଙ୍କ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡାକ୍ତର ମୁରଲୀ ଧର ମାଝୀଙ୍କୁ ଅଞ୍ଚଳବାସୀ ନିମନ୍ତ୍ରଣ କରିଥିଲେ। ସେ ନିମନ୍ତ୍ରଣ ରକ୍ଷା କରି ଆଜି ବଡ଼ମାଳରେ ପହଞ୍ଚିଥିବାବେଳେ ବଡ଼ମାଳ ଜୁନିଅର କଲେଜରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଜିକୁ ୩୦ ବର୍ଷ ପୂର୍ବେ ଉପାନ୍ତ ଅଞ୍ଚଳ ବଡ଼ମାଳ ଠାରେ ରେଢ଼ାଖୋଲ ବ୍ଲକର ପ୍ରଥମ ଯୁକ୍ତ ଦୁଇ କଲେଜ ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ କଲେଜ ସରକାରୀ ମାନ୍ୟତା ପାଇ ବହୁ ଖ୍ୟାତି ଅର୍ଜନ କରିଛି। ଉଚ୍ଚ ଶିକ୍ଷାରୁ ବଞ୍ଚିତ ଉପାନ୍ତ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇ ଉଚ୍ଚ ପଦ ପଦବୀ ହାସଲ କରିପାରିଛନ୍ତି। ଏଠାରୁ ୪୦ କିମି ଦୂର ପର୍ଯ୍ୟନ୍ତ କୌଣସି ଡିଗ୍ରୀ କଲେଜ ନ ଥିବାରୁ ବହୁ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରେ ଡିଗ୍ରୀ କଲେଜରେ ଅଧ୍ୟୟନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଆଲୋଚନା ପାଇଁ ଅଞ୍ଚଳ ତରଫରୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ଶ୍ରୀ ମାଝୀ ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତାଙ୍କୁ ଏକ ଡିଗ୍ରୀ କଲେଜ ସ୍ଥାପନ ଉପରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଅବିଭକ୍ତ ବଡ଼ମାଳ ପଞ୍ଚାୟତ ସାଗଯୋରୀ ରେ ଜନ୍ମିତ ଶ୍ରୀ ମାଝୀ ଏହା ଉପରେ ମୁଁ ନିଶ୍ଚିତ ଭାବେ ପଦକ୍ଷେପ ନେବି ବୋଲି ପ୍ରକାଶ କରିବା ସହ ଏହି ପ୍ରୟାସ କୁ ପ୍ରଶଂସା କରିଥିଲା। ଅନୁଷ୍ଠିତ ବୈଠକରେ ଯୁକ୍ତ ଦୁଇ କଲେଜର ବରିଷ୍ଠ ପ୍ରତିଷ୍ଠାତା ସଭ୍ୟ ହିମାଂଶୁ ଶେଖର ସାହୁ, ନବୀନ ଚନ୍ଦ୍ର ଦାସ, ମଧୁସୂଦନ ସାହୁ, ରମଣୀ ରଞ୍ଜନ ପ୍ରଧାନ, ଅଗସ୍ତି ଧଳ, ପଦ୍ମନାଭ ପ୍ରଧାନ, ପଞ୍ଚାନନ ସାହୁ, ଶରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶିକ୍ଷୟିତ୍ରୀ ଅର୍ଚ୍ଚନା ପତିଙ୍କ ପରଲୋକ



**ସମ୍ବଲପୁର, ୭।୬ (ସମିସ) :** ସମ୍ବଲପୁର ଜିଲ୍ଲା ଗୁଣ୍ଡେରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଚ୍ଚନା ପତି (୫୬) ଙ୍କର ଆଜି ବୁର୍ଲାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଗତ କିଛିବର୍ଷ ହେବ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ଶେଷଶଯ୍ୟା ନିକଟରେ ସ୍ୱାମୀ ଅନିରୁଦ୍ଧ ମିଶ୍ର, ପୁଅ ସିଦ୍ଧାନ୍ତ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଭତରା ଶଙ୍କରମଠ ନିକଟସ୍ଥ ମାଷ୍ଟର୍ କଲୋନୀ ବାସଭବନକୁ ଯାଇ ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ଆଜି ସନ୍ଧ୍ୟାରେ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ସିଦ୍ଧାନ୍ତ ମୁଖାଗ୍ନି ଦେଇଥିଲେ।

# ଜିଲ୍ଲାସ୍ତରୀୟ 'ଅସ୍ମିତା' ସାଇକଲିଂ ଲିଗ୍

**ସମ୍ବଲପୁର, ୭।୬ (ସମିସ) :** କ୍ରୀଡ଼ାରେ ମହିଳାମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ 'ଅସ୍ମିତା' ସାଇକେଲିଂ ଲିଗ୍ ଏବଂ ବିଶ୍ୱ ସାଇକେଲ ଦିବସ ପାଳନର ଏକ ଅଂଶ ଭାବରେ ସମ୍ବଲପୁର ସାଇକେଲିଂ କ୍ଲବ ସହାୟତାରେ ଓଡ଼ିଶା ସାଇକେଲିଂ ଆସୋସିଏସନ୍ ଦ୍ୱାରା ସମ୍ବଲପୁରରେ 'ଅସ୍ମିତା' ଖେଲୋ ଇଣ୍ଡିଆ ମହିଳା ସାଇକେଲିଂ ଲିଗ୍ ସଫଳତାର ସହିତ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀ ଏବଂ ସମ୍ବଲପୁର ସାଇକେଲିଂ କ୍ଲବର ସଦସ୍ୟଙ୍କ ସମେତ ପ୍ରାୟ ୧୨୦ ଜଣ ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଯୁବତୀମାନଙ୍କୁ ଫିଟନେସ୍, ଆତ୍ମବିଶ୍ୱାସ ନିର୍ମାଣ ଏବଂ କ୍ରୀଡ଼ା ଉତ୍କର୍ଷତାର ଏକ ମାଧ୍ୟମ ଭାବରେ ସାଇକେଲିଂକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା। ଓଡ଼ିଶା ସାଇକେଲିଂ ଆସୋସିଏସନ୍‌ର ପି.କେ. ବିଶୋୟୀଙ୍କ ସହିତ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପ୍ରତିନିଧିତ୍ୱ କରୁଥିବା ଡଃ ଜ୍ଞାନ ରଞ୍ଜନ ପରିଡ଼ା ଏହି ଯାତ୍ରାକୁ ଆନୁଷ୍ଠାନିକ ଭାବରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ, ସ୍ଥାୟୀତ୍ୱ ଏବଂ ପରିବେଶ ସଂରକ୍ଷଣ ପାଇଁ ସାଇକେଲିଂର ଲାଭ ବିଷୟରେ ସଚେତନତା ପ୍ରସାର କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ ମଧ୍ୟ କାର୍ଯ୍ୟ କରିଥିଲା।



# ଅଧିକାରୀଙ୍କ ମନମୁଖୀ କାର୍ଯ୍ୟଯୋଗୁଁ ଦୁଗ୍ଧଚାଷୀ ଶୋଷଣର ଶିକାର

**କୁଚିଣ୍ଡା, ୭।୬(ସମିସ)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅଧୀନସ୍ଥ ଡିପୁପଡ଼ା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଅଧୀନସ୍ଥ ୨୮ଟି ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି/ସମ୍ପାଦକଙ୍କ ଏକ ଜରୁରୀ ବୈଠକ ରବିବାର ଡିପୁପଡ଼ାରେ ଅନୁଷ୍ଠିତ ହୋଇଥିଲା। ଡିପୁପଡ଼ା ଓ ବାମରା ଦୁଗ୍ଧ ମାର୍ଗରେ ଅବସ୍ଥାପିତ ଥିବା କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହେରୀ ଗତ ମାର୍ଚ୍ଚ ୩୧ରେ ଅବସରଗ୍ରହଣ ପରେ ବକ୍ସମା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଭାରପ୍ରାପ୍ତ ଅଞ୍ଚଳ ଅଧିକାରୀ ସରୋଜିନୀ ବାରିକ ଓ ଜମନକିରା ଦୁଗ୍ଧ ମାର୍ଗର କ୍ଷେତ୍ର ପରିଦର୍ଶକ ସମୀର ରଞ୍ଜନ ଗୌଡ଼ଙ୍କୁ ଡିପୁପଡ଼ା ଓ ବାମରା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଦାୟିତ୍ୱ ଦିଆଯାଇଛି। ମାତ୍ର ବିଗତ ୩ମାସ ହେବ ବକ୍ସମା ଅଧିକାରୀଙ୍କ ମନମୁଖୀ ପରିଚାଳନା ଯୋଗୁଁ

**ଜୁଲାଇ ୧ରୁ ଦୁଗ୍ଧ ଯୋଗାଣ ବନ୍ଦ ଚେତାବନୀ**

ସମସ୍ତ ସମିତିର ସଭାପତି/ସମ୍ପାଦକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଫଳରେ ସମିତିକୁ ଦୁଗ୍ଧ ଯୋଗାଉଥିବା ଚାଷୀମାନେ ତାଙ୍କର ଦୁଗ୍ଧ ମୂଲ୍ୟ ନପାଇ ଶୋଷଣର ଶିକାର ହେଉଛନ୍ତି। ଏନେଇ ହୋଇଥିବା ବୈଠକର ଆଲୋଚନା ମୁତାବକ ଡିପୁପଡ଼ାରେ ଜଣେ ଅଭିଜ୍ଞ କ୍ଷେତ୍ର ପରିଦର୍ଶକ ନିଯୁକ୍ତି ସହ ବକ୍ସମା ଅଧିକାରୀ ଶ୍ରୀମତୀ ବାରିକଙ୍କ ତୁରନ୍ତ ବଦଳି ଦାବି କରାଯାଇଛି। ଅନ୍ୟଥା ଜୁଲାଇ ୧ରୁ ସମସ୍ତ ସମିତିର ତାଙ୍କ ଦୁଗ୍ଧ ଉତ୍ପାଦନ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଏହି ମର୍ମରେ କୁଚିଣ୍ଡା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ପଚାରିବାରୁ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତକରି ସମିତିର ବିଭିନ୍ନ ସମସ୍ୟା ଏବଂ ବକ୍ସମା ଅଧିକାରୀ ଶ୍ରୀମତୀ ବାରିକଙ୍କ ବଦଳି ଦାବି କରାଯାଇଛି। ଏଥିସହ ସମ୍ବଲପୁର ଜିଲ୍ଲାପାଳ, ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସମିତି (ସାମୁଲ) ର ସାଧାରଣ ପରିଚାଳକ, କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବୈଠକରେ କୁର୍ମୀମୁଣ୍ଡା, ଗନମୁଣ୍ଡା, ସାନଜଟିଆପାଲି, ପାରୁଆଭାଡି, ରାମତିଲେଇମାଲ, ଗୋଛରା, ଲଇଡାଗୁଣା, କର୍ଡାଖମଣ, କୁ.ଜମନକିରା, ପଣ୍ଡିଆଢିପା, ଲୁନ୍ଦୁରୁଡିହି, କୁସୁମନାଲି, କୁନ୍ତରା, ଆଠଗାଁ ଛକ, ବାଙ୍କେ, ଜାମଢିପା, ଲଇଗୁରା, ତୁରେଇ, କନ୍ଦ୍ଲେଇପାଲି, ଡିପୁପଡ଼ା, କେଶାଇବାହାଲ, ଚାରମାଳ, ଜରାବଗା, ସର୍ଗିଡିହି, ବେଲମୁଣ୍ଡା, ଝଗଡ଼ାତିରିଆ ପ୍ରମୁଖ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସଭାପତି/ସମ୍ପାଦକମାନେ ଯୋଗଦେଇଥିଲେ।

# ଏସ୍‌ସିବିରେ ଆଖି ବୁଜିଲେ ଚିକିତ୍ସାଧୀନ ଯୁବତୀ

**ବରଗଡ଼, ୭ ।୬ (ସମିସ):** ବରଗଡ଼ ଥାନା ସିମେଣ୍ଟ ନଗର କେନାଲ ପଡ଼ାର ମଣ୍ଟୁ ତରାଇ ଓ ସତ୍ୟବତୀ ତରାଇଙ୍କ ଝିଅ ଲିଜା (୧୮) ଆଉ ନାହାନ୍ତି। ୩ ଦିନ ତଳେ ଲିଜା ପେଟ୍ରୋଲ ସଂସ୍ପର୍ଶରେ ଆସି ୮୦ ଭାଗ ପୋଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସିତ ଅବସ୍ଥାରେ



ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ମୃତଦେହ କଟକରୁ ନିଜ ଗାଁକୁ ଆଣିବା ପାଇଁ ମଣ୍ଟୁଙ୍କ ପକ୍ଷେ ସମ୍ଭବ ନ ଥିଲା। ଏ ନେଇ ସଂକଳ୍ପ ପରିବାର ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସହ ଯୋଗାଯୋଗ କରିଥିଲା। ଉପଜିଲ୍ଲାପାଳ ଶ୍ରୀ ପାଣ୍ଡେ ତୁରନ୍ତ ତତ୍ପରତା ଦେଖାଇ ସହଯୋଗ କରିଥିଲେ। ସେ ସଙ୍ଗେ ସଙ୍ଗେ ବରଗଡ଼ ଆରଆଇ ସଞ୍ଜୀବ ମିଶ୍ରଙ୍କ ଜରିଆରେ ଲିଜାଙ୍କ ପରିବାର ପାଖକୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପଠାଇଥିଲେ। ଏହାସହ କଟକରୁ ମୃତଦେହ ଆଣିବାକୁ ସୁବ୍ୟବସ୍ଥା କରିଥିଲେ।

# କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର



**ବରଗଡ଼, ୭ ।୬ (ସମିସ):** ବରଗଡ଼ ଖଜୁରଟିକ୍ରା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକ ଦୁର୍ଘଟଣା ଘଟିଛି। ଏକ କାର୍ ଗୋଟିଏ ବାଇକ୍‌କୁ ଧକ୍କା ଦେଇ ପଳାଇଛି। ବାଇକ୍ ଚାଳକଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ଚିନ୍ମୟ ପାଣ୍ଡେ ଓ ଅମର କୁମାର ପ୍ରମୁଖ ପହଞ୍ଚି ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଯୁବକ ଜଣକ ହେଲେ ବରଗଡ଼ ବିସିପଡ଼ା ବାସିନ୍ଦା ଗଜପତି ସୁନାଙ୍କ ପୁଅ ଧୀରଜ ସୁନା (୩୨)। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭିମସାର୍ ପଠା ଯାଇଛି।

# ବିଶ୍ୱ ପରିବେଶ ଦିବସ

**ପଦ୍ମପୁର, ୭ ।୬(ସମିସ):** ପଦ୍ମପୁର ନରସିଂହନାଥ ଭେଷଜ ସମିତି ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଡା ମାନଭଞ୍ଜନ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୀନକେତନ ସାହୁ ସଂଯୋଜନା କରିଥିଲେ। ସଭାରେ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା, ପଦ୍ମପୁର ବରିଷ୍ଠ ନାଗରିକ ସଂଘ ସଭାପତି ଜୟ ନାରାୟଣ ତ୍ରିପାଠୀ, ସାମାଜିକ କର୍ମୀ ନୀରୋଜ ଦୋରା, ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ଅଧ୍ୟାପକ ଲଳିତେନ୍ଦୁ ନାୟକ, ନାଟ୍ୟକାର କେଶରଞ୍ଜନ ପ୍ରଧାନ, ଡ ଭକ୍ତପୁରଣ ସାହୁ, ଅଧ୍ୟାପିକା ମୋନାଲିସା ସ୍ୱାଇଁ, ଓକିଲ ସଂଘର ସଭାପତି ଆନନ୍ଦ ପଣ୍ଡା, ସମ୍ପାଦକ ହରିଶଙ୍କର ସିଂ, ଆଶିଷ ଜ୍ୟୋତିଶ, ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, ଶିକ୍ଷକ କିଶୋର ପାତ୍ର, ସୁବାଷ ଚନ୍ଦ୍ର ସାହୁ, ସନାତନ ବାରିକ, ପ୍ରୀତିରଞ୍ଜନ ପ୍ରଧାନ, ଡଙ୍ଗାଘାଟ ସରପଞ୍ଚ ଶଙ୍କର୍ଷଣ ନାଗ, ଚାଷୀ ଭରତ ବଢେଇ ପ୍ରମୁଖ ଯୋଗ ଦେଇଥିଲେ। କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପଦ୍ମପୁର ବନାଞ୍ଚଳ କାର୍ଯ୍ୟାଳୟର ବନପାଳ ପୂର୍ଣ୍ଣଚନ୍ଦ୍ର ଦୋରାଙ୍କ ସହ କର୍ମଚାରୀ ସହଯୋଗ କରିଥିଲେ। ସେହିଭଳି ପଦ୍ମପୁର ଶାନ୍ତିନଗରସ୍ଥିତ ଶିକ୍ଷକ ଭବନ ପ୍ରେକ୍ଷାଳୟରେ ଭାରତ ବିକାଶ ପରିଷଦ ପଦ୍ମପୁର ଶାଖା ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଶାଖା ସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମହେଶ୍ୱର ସାହୁ, ଜୁରିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ପାତ୍ର ଏବଂ ଅଞ୍ଚଳ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ମୋନାଲିସା ସ୍ୱାଇଁ ଯୋଗ ଦେଇଥିଲେ। ଶାନ୍ତନୁ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ସମ୍ପାଦନା କରିଥିଲେ।

# ଏନ୍‌ସିସି ତାଲିମ ଶିବିରରେ ଭାଗନେଲେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ୧୭ କ୍ୟାଡେଟ୍



**ବରଗଡ଼, ୭ ।୬(ସମିସ):** ଓଡ଼ିଶା ଏନ୍‌ସିସି ନାଭାଲ୍ ୟୁନିଟ୍ ଦ୍ୱାରା ମେ ୨୮ ରୁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବାର୍ଷିକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ବରଗଡ଼ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ୧୨ ଜଣ ବାଳକ ଏବଂ ୫ ଜଣ ବାଳିକାଙ୍କୁ ନେଇ ମୋଟ ୧୭ ଜଣ ଏନ୍‌ସିସି କ୍ୟାଡେଟ୍ ଏହି ୧୦ ଦିନିଆ ଶିବିରରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ରିଙ୍କୁ ସାହୁ, ଶିକ୍ଷୟିତ୍ରୀ ସସ୍ମିତା ମିଞ୍ଜ ଏହି ଛାତ୍ରଛାତ୍ରୀଙ୍କ ନେତୃତ୍ୱ ନେଇଥିଲେ।

### ଜାତୀୟ କ୍ୟାନସର ସର୍ଭାଇଭର୍ସ ଦିବସ

# ସଚେତନତା ହିଁ କ୍ୟାନସରର ସବୁଠୁ ବଡ଼ ଅସ୍ତ୍ର

**ବରଗଡ଼, ୭ ।୬ (ସମିସ)**

ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ଫାଇଟର୍ସ ଗ୍ରୁପ ପକ୍ଷରୁ ଜାତୀୟ କ୍ୟାନସର ସର୍ଭାଇଭର୍ସ ଦିବସ ପାଳିତ ହୋଇଛି। କ୍ୟାନସରକୁ ନେଇ ସମାଜରେ ରହିଥିବା ଭୟ, ଭ୍ରାନ୍ତ ଧାରଣା ଓ ନିରାଶାକୁ ଦୂର କରି ସଚେତନତା, ଠିକ୍ ଚିକିତ୍ସା ଏବଂ ସାମାଜିକ ସହଯୋଗ ମାଧ୍ୟମରେ ରୋଗୀଙ୍କୁ ନୂତନ ଜୀବନ ଦେବା ଲକ୍ଷ୍ୟ ନେଇ ରବିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଚେତନତା ହିଁ କ୍ୟାନସରର ସବୁଠୁ ବଡ଼ ଅସ୍ତ୍ର ବୋଲି ଏଥିରେ ମତ ପ୍ରକାଶ ପାଇଛି

ମୁଖ୍ୟ ଅତିଥି ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କ୍ୟାନସର ବିରୋଧୀ ଲଢ଼େଇ କେବଳ ଡାକ୍ତର କିମ୍ବା ହସ୍ପିଟାଲର ଦାୟିତ୍ୱ ନୁହେଁ। ସମାଜ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଲୋକଙ୍କ ସମ୍ମିଳିତ ପ୍ରୟାସ ହିଁ ରୋଗୀଙ୍କୁ ନୂତନ ଆଶା ଦେଇପାରିବ। କ୍ୟାନସର କାହାକୁ ପଚାରି ଆସେ ନାହିଁ। ସାଧାରଣ ଜନତା ହୁଅନ୍ତୁ, ଜନପ୍ରତିନିଧି ହୁଅନ୍ତୁ କିମ୍ବା ଉଚ୍ଚପଦସ୍ଥ ଅଧିକାରୀ, ଯେକୌଣସି ବ୍ୟକ୍ତି ଏହି ରୋଗର ଶିକାର ହୋଇପାରନ୍ତି। ତେଣୁ କେବଳ ବ୍ୟକ୍ତିଗତ ଭାବେ ନୁହେଁ; ସମାଜ ଓ ଅଞ୍ଚଳର ସୁରକ୍ଷା ପାଇଁ ମଧ୍ୟ ଶକ୍ତିଶାଳୀ ସ୍ୱାସ୍ଥ୍ୟ ଭିତ୍ତିଭୂମି ଗଢ଼ି ତୋଳିବା ଆବଶ୍ୟକ। ପଦପଦବୀ ସ୍ଥାୟୀ ନୁହେଁ; କିନ୍ତୁ ଲୋକଙ୍କ ସ୍ୱାସ୍ଥ୍ୟ ଓ ଜୀବନର ସୁରକ୍ଷା ସର୍ବଦା ଆମର ପ୍ରାଥମିକତା ହେବା ଉଚିତ ବୋଲି ସାଂସଦ କହିଥିଲେ। କାର୍ଯ୍ୟକ୍ରମରେ ଫାଇଟର୍ସ ଗ୍ରୁପର ଅଧ୍ୟକ୍ଷ ଅଶ୍ୱିନୀ ଦର୍ଜୀ ଅଧ୍ୟକ୍ଷତା କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ କ୍ୟାନସର ସହଯୋଗୀ ସୃଷ୍ଟି କରି ପୀଡିତ ସେବାରେ ନିୟୋଜିତ କରିବା ଲକ୍ଷ୍ୟ ବୋଲି ଶ୍ରୀ ଦର୍ଜୀ କହିଥିଲେ। ସାଧାରଣ ସମ୍ପାଦକ ଅସୀମା ବିଶୋଇ ବାର୍ଷିକ କାର୍ଯ୍ୟ ବିବରଣୀ ପାଠ କରିଥିଲେ। ଗ୍ରାମାଞ୍ଚଳର ପ୍ରତ୍ୟେକ କେନସର ରୋଗୀଙ୍କ ପାଖରେ ଠିକ୍ ସୂଚନା, ଚିକିତ୍ସା ସହାୟତା ଓ ସାମାଜିକ ସମର୍ଥନ ପହଞ୍ଚାଇବା ହିଁ ଫାଇଟର୍ସ ଗ୍ରୁପର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ବିଶୋଇ କହିଥିଲେ। ଶିଶୁ କ୍ୟାନସର ବିଶେଷଜ୍ଞ ଡା. ରମନଦୀପ ସିଂ ଅରୋରା ସାମିଲ ହୋଇ କ୍ୟାନସର ନିର୍ଣ୍ଣୟ ପରେ ଭୟ ଓ ଆତଙ୍କ ଅନେକ ରୋଗୀଙ୍କୁ ଭୁଲ୍ ନିଷ୍ପତ୍ତି ନେବାକୁ ବାଧ କରେ। ଠିକ୍ ସମୟରେ ଠିକ୍ ଚିକିତ୍ସା ଏବଂ ଯଥାର୍ଥ ପରାମର୍ଶ ଜୀବନ ରକ୍ଷା କରିପାରେ ବୋଲି କହିଥିଲେ। ବିଶେଷଜ୍ଞ ପ୍ୟାନେଲରେ ଯୋଗଦେଇ ଡା. ନିର୍ମାଲ୍ୟ ଦେଓ ପ୍ରଧାନ କହିଥିଲେ ଯେ, କ୍ୟାନସରକୁ ନ ଲୁଚାଇ ଚିହ୍ନଟ କରି ଠିକ୍ ସମୟରେ ଚିକିତ୍ସା କରାଇବା ଆବଶ୍ୟକ। ସଚେତନତା ହିଁ ସବୁଠାରୁ ବଡ଼ ଅସ୍ତ୍ର। ପ୍ରତ୍ୟେକ ପଞ୍ଚାୟତରେ ଜଣେ କ୍ୟାନସର କେୟାର ସହଯୋଗୀ ଥିଲେ ରୋଗୀମାନେ ଚିକିତ୍ସା, ପରାମର୍ଶ ଓ ସହାୟତା ପାଇବାରେ ଅନେକ ସୁବିଧା ପାଇବେ। ଡା. ସତରୂପା ମହାପାତ୍ର କହିଥିଲେ ଯେ, ପରିବାର, ଡାକ୍ତର ଓ ସମାଜର ସମର୍ଥନ ରୋଗୀଙ୍କ ମନୋବଳ ବଢ଼ାଇଥାଏ। ଚିକିତ୍ସା ସହିତ ମାନସିକ ସହଯୋଗ ମଧ୍ୟ ସମାନ ଭାବେ ଜରୁରୀ। ଡା. ପ୍ରତୀକ ମହାରଣା ମଧ୍ୟ ନିଜ ମତ ରଖିଥିଲେ। ଅଶୋକ ପ୍ରଧାନ



ଯୋଗଦେଇ କହିଥିଲେ ଯେ, ସମାଜର ସାଧାରଣ ଲୋକମାନେ ଯଦି ସ୍ୱେଚ୍ଛାସେବୀ ଭାବେ ଆଗକୁ ଆସନ୍ତି ତେବେ କ୍ୟାନସର ରୋଗୀ ଓ ସେମାନଙ୍କ ପରିବାରକୁ ବହୁତ ବଡ଼ ସାହାରା ମିଳିପାରିବ। ବିଜନକାନ୍ତି ମିଶ୍ର କହିଥିଲେ ଯେ, ଗ୍ରାମ ସ୍ତରରେ ଏକ ଶକ୍ତିଶାଳୀ କ୍ୟାନସର ସହାୟତା ନେଟୱର୍କ ଗଢ଼ି ଉଠିଲେ କୌଣସି ରୋଗୀ ଏକାକୀ ଅନୁଭବ କରିବେ ନାହିଁ। କ୍ୟାନସର ସରଭାଇବର୍ସ ଦୁର୍ଲଭି ବିଶ୍ୱାଳ ପ୍ୟାନେଲିଷ୍ଟ ଭାବେ ଯୋଗଦେଇ ମୂଲ୍ୟବାନ ମତ ରଖିଥିଲେ। ସହ ସମ୍ପାଦକ ଅର୍ଜୁନ ସେଠ ସଂଗଠନର ଭବିଷ୍ୟତ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ। ଏହି ଅଧିବେଶନକୁ ଉମ୍ମିଦେଁ ପ୍ରତିଷ୍ଠାତା ନିତାଇ ଗୌର ପାଣିଗ୍ରାହୀ ସଞ୍ଚାଳନ କରିଥିଲେ। ଜୟଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତାପ ଦାଶ, ଦୁର୍ଲଭି ବିଶ୍ୱାଳ, ଅନୁଜା ସାହୁ, ସାମ୍ବାଦିକ ସତ୍ୟଜିତ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଭା ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କ୍ୟାନ୍ସର ରୋଗୀଙ୍କ ସହାୟତା ଓ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୨ ଜଣ କ୍ୟାନସର କେୟାର ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

**ଭୟ ଓ ଆତଙ୍କ ଅନେକ ରୋଗୀଙ୍କୁ ଭୁଲ୍ ନିଷ୍ପତ୍ତି ନେବାକୁ ବାଧ କରେ**

**ଠିକ୍ ସମୟରେ ଠିକ୍ ଚିକିତ୍ସା ଏବଂ ଯଥାର୍ଥ ପରାମର୍ଶ ଜୀବନ ରକ୍ଷା କରିପାରେ**

**କ୍ୟାନସରକୁ ନ ଲୁଚାଇ ଚିହ୍ନଟ ପୂର୍ବକ ଠିକ୍ ସମୟରେ ଚିକିତ୍ସା କରାଇବା ଆବଶ୍ୟକ**

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ସଚେତନତା




**ଅତାବିରା, ୭ ।୬(ସମିସ):** ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୬ ନମ୍ବର ୱାର୍ଡରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟମଣି ଭୋଇ, ଯମୁନା ଭୋଇ, ସୁପରଭାଇଜର ରାଜୀବ ବିଶ୍ୱାଳ, ବୁଥସ୍ତରୀୟ ଅଧିକାରୀ ଓ ଭୋଟର୍ ଉପସ୍ଥିତ ଥିଲେ।

# ବରପାଲି ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ବରଗଡ଼, ୭ ।୬(ସମିସ):** ବରପାଲି ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତା ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ମହାସମାରୋହରେ ପାଳିତ ହେବ। ମହାଦେବ ଏବଂ ମାତା ପାର୍ବତୀଙ୍କ ବିବାହ ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆୟୋଜକ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ବରିଷ୍ଠ ସଦସ୍ୟ ପୀନାକି ଦାଶ, ସାମ୍ବାଦିକ ପଦ୍ମଲୋଚନ ସାହୁ, ପିଙ୍କୁ ସାହୁ, ସଞ୍ଜୟ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



# ଥୁଆପାଲି-ଖୁଣ୍ଟୁଲିପାଲି ରାସ୍ତା ଶୋଚନୀୟ

**ଥୁଆପାଲି, ୭ ।୬(ସମିସ):** ଭେଡେନ ବ୍ଲକ ଥୁଆପାଲିରୁ ଖୁଣ୍ଟୁଲିପାଲି ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଝରାପାଲି ମୋଡ କେନାଲ ବ୍ରିଜ, ସାରସପାଲି ଉପରଛକ, ସାରସପାଲି ମୋଡାଣି, ସଂକ୍ରିଡାର ବାଏଲପଟା ନିକଟରେ ରାସ୍ତା ଅବସ୍ଥା ନ କହିଲେ ଭଲ। କେନାଲ ପାଣି ଆସିବା ଆଗରୁ ଏହି ରାଞ୍ଜଉରକ ମରାମତି ହେବା ଆବଶ୍ୟକ। ନ ହେଲେ ରାସ୍ତା ବନ୍ଦ ହେବାର ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ଏହି ରାସ୍ତା ଦେଇ ଲୋକେ ସମ୍ବଲପୁର, ବୁର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ, ବିନିକା ଓ ସୋନପୁର ଆଦି ଅଞ୍ଚଳକୁ ଯିବା ଆସିବା କରିଥାନ୍ତି। ବରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କିଛି ବର୍ଷ ଆଗରୁ କିଛି କିଛି କାମ ହୋଇଥିଲା।

# ଓଏଭି ଭିତ୍ତିଭୂମି ବିକାଶ ପାଇଁ ଆଲୋଚନା



**ପଦ୍ମପୁର, ୭ ।୬(ସମିସ):** ବରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଗୋବର୍ଦ୍ଧନ ଭୋଏ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରିଛି। ଜିଲ୍ଲାର ଦୁଇଟି ପ୍ରମୁଖ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି ସମସ୍ୟାର ସମାଧାନ ପାଇଁ ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ରାଜବୋଡାସମ୍ବର ବ୍ଲକ ବାହୁପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଝାରବନ୍ଧ ବ୍ଲକ ବଲିଢ଼ିପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି ପାଇଁ ଆଲୋଚନା କରିଛନ୍ତି।

# ଆକ୍ରମଣ ଅଭିଯୋଗରେ ୨ ଗିରଫ

**ଅତାବିରା, ୭ ।୬(ସମିସ):** ଅତାବିରା ଥାନା ଦୁଲମପୁର ଖଲିଆପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ଘଟଣାର ପୁଲିସ ୨ ଜଣକୁ ଗିରଫ କରିଛି। ଗିରଫ ୨ ଜଣ ହେଲେ ଦୁଲମପୁର ଖଲିଆପାଲି ଗ୍ରାମର ଅମିତ ବଘାର ଓ ଦୀପକ ଛୁରିଆ। ୬ ତାରିଖ ସନ୍ଧ୍ୟାରେ ଜଗଦୀଶ ନାଏକ ନଳକୂଅରୁ ଗାଧୋଇ ଘରକୁ ଫେରୁଥିଲେ; ହେଲେ ଦୁଇ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଜଗଦୀଶଙ୍କ ଭାଇ ଧର୍ମରାଜ ନାଏକ ଅତାବିରା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଥିଲା।



# ରକ୍ତଦାନ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରା



**ବରଗଡ଼, ୭। ୬(ସମିସ):** ବରଗଡ଼ ନିୟନ୍ତ୍ରିତ ବଜାର କମିଟିଠାରେ ନିଷ୍ଠା ପରିବାର ତରଫରୁ ରକ୍ତ ଦାନ ସଚେତନତା ବାର୍ତ୍ତା ନେଇ ଏକ ବିରାଟ ମୋଟର ସାଇକଲ ରାଲି ଆୟୋଜିତ ହୋଇଯାଇଛି। ବରଗଡ଼ ରକ୍ତଭଣ୍ଡାର ଅଧିକାରୀ ହରେକୃଷ୍ଣ ଦୁଆନ ଓ ଏଏସ୍‌ଆଇ ଉସ ରଞ୍ଜନ ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ। ନିଷ୍ଠା ପରିବାରର ସଦସ୍ୟ ବରଗଡ଼ ସହର ଭ୍ରମଣ କରି ରକ୍ତଦାନର ବାର୍ତ୍ତା ଦେଇଥିଲେ। ଯୁବପିଢ଼ି ଆଗକୁ ଆସିଲେ ହିଁ ରକ୍ତ ଅଭାବ ଦୂର ହେବ ବୋଲି ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ ମତ ରଖିଥିଲେ। ଉପ ସଭାପତି ସଚି ପଣ୍ଡା, କ୍ଷିରୋଦ୍ର ସାହୁ, ମଦନ ମୋହନ ଦାଶ, ବିଦ୍ୟାଧର ଭୋଇ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଜିତୁ ମହାପାତ୍ର, ଜୟନ୍ତ ପଧାନ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଥଯାତ୍ରା ପ୍ରସ୍ତୁତି ବୈଠକ



**ପଦ୍ମପୁର, ୭ ।୬(ସମିସ):** ପଦ୍ମପୁର ଶାନ୍ତିନଗର ମାଉସୀ ମାଁ ମନ୍ଦିରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଉସୀ ମାଁ ମନ୍ଦିର ପୂଜା କମିଟି ସମ୍ପାଦକ ପ୍ରତାପ ନାଥ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। କମିଟି ସଭାପତି ଡ. ଦେବାଶିଷ ରଥ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ମହେଶ ବେହେରା, କୋଷାଧ୍ୟକ୍ଷ କୁନାଲ ପାଣିଗ୍ରାହୀ, ସହ ସମ୍ପାଦକ ତୁଷାର ପଧାନ, ଡ. ଗଦାଧର ରଥ, ଡ଼. ଅର୍ଜୁନ ଦେବତା, ସରୋଜ ରଥ, ଶାନ୍ତାନୁ ପାଣିଗ୍ରାହୀ, ତାରା ପ୍ରସାଦ ଶତପଥୀ, ସୂର୍ଯ୍ୟପ୍ରସାଦ ହୋତା, ଜଗବନ୍ଧୁ ପୋଥାଳ, ପ୍ରୀତିରଞ୍ଜନ ପଧାନ, ଘନଶ୍ୟାମ ପୁଞ୍ଜି, ଗଙ୍ଗାଧର ମହାନ୍ତି, ବିଦ୍ୟାଧର ଦାଶ, ଅମୀୟ ପୁରୋହିତ, ସୁରଜ ପ୍ରସାଦ ସାହୁ, ଅଶୋକ ଦାଶ, ଦିବ୍ୟକିଶୋର ପଣ୍ଡା, ସୁମନ୍ତ ସାହୁ, ବିକାଶ ବଢେଇ, ପୁଷ୍ପବସ ପଧାନ, ବିକାଶ ପୁରୋହିତ ଓ ମିଳନ ପଣ୍ଡା ଉପସ୍ଥିତ ଥିଲେ। ପୂଜା କମିଟି ସମ୍ପାଦକ ପ୍ରତାପ ନାଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଖେଳ ଶିକ୍ଷକ ନିର୍ଦ୍ଦୋଷରେ ଖଲାସ

**ବରଗଡ଼/ପାଇକମାଲ, ୭ ।୬(ସମିସ)**

ଜଣେ ଛାତ୍ରୀଙ୍କୁ ଅସଦାଚରଣ, ଯୌନ ଉତ୍ପୀଡ଼ନ ଏବଂ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିବା ଛେତଗାଁ ପଞ୍ଚାୟତ ହାଇସ୍କୁଲର ଖେଳ ଶିକ୍ଷକ ନରେନ ଓରଫ ନାରାୟଣ ସାହୁ ଶେଷରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ବରଗଡ଼ ପୋକ୍ସୋ ସ୍ୱତନ୍ତ୍ର ଅଦାଲତର ବିଚାରପତି ଡ. କିରଣ କୁମାର ପ୍ରଧାନ ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ଜାନୁଆରୀ ୨୧ରେ ସ୍କୁଲ ପରିସରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଖେଳ ଶିକ୍ଷକ ଯୌନ ଉଦ୍ଦେଶ୍ୟରେ ଅନୁସରଣ କରିବା, ସ୍ପର୍ଶ କରିବା, ଗଳା ଚିପି ହତ୍ୟା ଧମକ ଦେବା ସହ ଜାତିକୁ ନେଇ ଅପମାନିତ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଛାତ୍ରୀଙ୍କ ଭାଇଙ୍କ ଅଭିଯୋଗକ୍ରମେ ପାଇକମାଳ ଥାନାରେ ମାମଲା ରୁଜୁ



ହୋଇଥିଲା। ବିଚାର ସମୟରେ ମୋଟ ୧୧ ଜଣ ସାକ୍ଷୀଙ୍କୁ ଅଦାଲତରେ ପଚରାଉଚରା କରାଯାଇଥିଲା। ମାମଲାର ପ୍ରମୁଖ ସାକ୍ଷୀ ଥିବା ପୀଡ଼ିତା ଛାତ୍ରୀ ଅଦାଲତରେ କହିଥିଲେ ଯେ, ଘଟଣା ସମ୍ପର୍କରେ ଭୁଲ୍ ବୁଝାମଣା ଏବଂ ଭୁଲ୍ ସୂଚନା କାରଣରୁ ମାମଲା ହୋଇଥିଲା। ତାଙ୍କର ଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ। ଅଭିଯୋଗକାରୀ ଭାଇ ଓ ପରିବାର ସଦସ୍ୟମାନେ ମଧ୍ୟ ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ନ ଥିବା କହିଥିଲେ। ଅନ୍ୟ ସାକ୍ଷୀମାନେ ମଧ୍ୟ ଅଭିଯୋଗକୁ ସମର୍ଥନ କରି ନ ଥିଲେ। ଅଦାଲତ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ବିଚାରକୁ ନେଇ ଅଭିଯୁକ୍ତଙ୍କ ବିରୋଧରେ ଆଣାଯାଇଥିବା ଯୌନ ଉତ୍ପୀଡ଼ନ, ଧମକ, ଜାତିଆଣ ଆକ୍ଷେପ ଓ ଅନ୍ୟାନ୍ୟ ଅଭିଯୋଗ ପ୍ରମାଣିତ ହୋଇ ନ ଥିବା ଦର୍ଶାଇଥିଲେ। ଫଳରେ ନରେନ ଓରଫ ନାରାୟଣ ସାହୁଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ରାୟ ପରେ ସେ ବେଲ୍ ବଣ୍ଡରୁ ମଧ୍ୟ ମୁକ୍ତ ହୋଇଛନ୍ତି।

# ପିପିଏଲ୍‌କୁ ନେଚର କେୟାର ସସ୍‌ଷ୍ଟେନ୍‌ବିଲିଟି ସମ୍ମାନ

ପାରାଦ୍ୱୀପ,୭।୬(ସମିସ)




ବୃକ୍ଷ, ବାୟୁ ଓ ପାଣି ହେଉଛି ମଣିଷ ସମାଜ ପାଇଁ ପ୍ରକୃତିର ବରଦାନ। ଏହାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ। ବୃକ୍ଷ ସେବା ଓ ତ୍ୟାଗର ପ୍ରତୀକ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଗୌରୀଶଙ୍କର ଶତପଥୀ କହିଛନ୍ତି। ପାରାଦୀପ ଜୟଦେବ ସଦନରେ ବିଶ୍ୱ ପରିବେଶ ଦିବସ ଅବସରରେ ନୂଆଦିଲ୍ଲୀର ନେଚର କେୟାର ଇନ୍‌ସିଏଟିଭ୍ ପକ୍ଷରୁ ଆୟୋଜିତ ଉତ୍ସବରେ ସେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଏହା କହିଛନ୍ତି। ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ଦୁର୍ଗାପ୍ରସାଦ ଗୁରୁଙ୍କ ଅଧ୍ୟକ୍ଷତାରେ ପାରାଦୀପ ଜୟଦେବ ସଦନ ଠାରେ ଆୟୋଜିତ ସଭାରେ ବିଚାରପତି ଶ୍ରୀ ଶତପଥୀ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଆମକୁ ବ୍ୟାପକ ଚାରାରୋପଣ କରିବାକୁ ପଡ଼ିବ। ଚାରା କିଭଳି ବିଶାଳ ବୃକ୍ଷରେ ପରିଣତ ହେବ ସେ ବ୍ୟବସ୍ଥା କରିବା ଦରକାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ କହିଲେ, ବନ୍ଦର ପକ୍ଷରୁ ଏକ ମିଲିୟନ ଚାରାରୋପଣ କରାଯାଇ ତାହାର ସୁରକ୍ଷା କରାଯାଉଛି। ସହରର ବିଭିନ୍ନ ସ୍ଥାନରେ ରୋପଣ ହୋଇଥିବା ଗଛ ଜଙ୍ଗଲରେ ପରିଣତ ହୋଇଛି। ୨୦୩୦ ସୁଦ୍ଧା ବନ୍ଦର ସମ୍ପୂର୍ଣ୍ଣ ଯାନ୍ତ୍ରୀକ ହେବ, ଯାହାଦ୍ୱାରା ପ୍ରଦୂଷଣକୁ ବହୁ ମାତ୍ରାରେ ରୋକାଯାଇପାରିବ। ସମ୍ମାନିତ ଅତିଥି ଭାବେ କେରଳର ଅତିରିକ୍ତ ପିସିସିଏଫ୍ ଡ.ପଦ୍ମା ମହାନ୍ତି, ଚାରାରୋପଣ ଯେତିକି ଜରୁରୀ ଚାରାକୁ ବୃକ୍ଷରେ ପରିଣତ କରାଇବା ସେତିକି ଜରୁରୀ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାରାଦୀପ ଆଇଓସିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ, ପିପିଏଲ ପାରାଦୀପ ୟୁନିଟ୍ ମୁଖ୍ୟ ଏସ୍ ଗିରୀଶ, କଲିକତାର ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ୍ ଅଭିଜିତ୍ ସେଠ୍ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ବହୁ ଉପାଦେୟ ସୂଚନା ପ୍ରଦାନ କରିଥିଲେ।

ପରିବେଶର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚଳିତ ବର୍ଷର ସମ୍ମାନଜନକ ନେଚର କେୟାର ସସଷ୍ଟେନବିଲିଟି ସମ୍ମାନ "ପିପିଏଲ୍‌କୁ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ପିପିଏଲ ପକ୍ଷରୁ ୟୁନିଟ୍ ମୁଖ୍ୟ ଶ୍ରୀ ଗିରୀଶ ସମ୍ମାନ ଗ୍ରହଣ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଓମ୍‌ପ୍ରକାଶ ଗୁରୁ ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାମାଜିକ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ସାମ୍ମନରେ ସମ୍ମାନିତ କରାଯାଇଥିଲା। ସକାଳବେଳା ଶତାଧିକ ସ୍ୱେଚ୍ଛାସେବୀ ପାରାଦୀପ ସମୁଦ୍ର ବେଳାଭୂମି ସଫେଇ କରିଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ବାଲିକୁଦା,୭।୬(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମକୁ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ, ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ବିଡ଼ିଓ ବିଦ୍ୟାଧର ଦଣ୍ଡପାଟ, ଜିଲ୍ଲାପରିଷଦ ତଟିନା ସ୍ୱାଇଁ, ସରପଞ୍ଚ ରାଜଶ୍ରୀ ଖଟୁଆ, ବିଦ୍ୟାଳୟ ଆଲୁମିନା କମିଟି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ପରିଚାଳନା କମିଟି ସଭାପତି ସଞ୍ଜୟ ସ୍ୱାଇଁ, ସିଆର୍‌ସିସି ଅମୀୟ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଜଗନ୍ନାଥ ସାମଲ, କବିନ ଦାସ ମଣ୍ଟୁ ବେହେରା, ଅଶୋକ ମହାନ୍ତି, ଶୁଭନାରାୟଣ ବେହେରା,ସୁଚିତ୍ରା ସାହୁ, ମୋନାଲିସା ସାହୁ, ଅଞ୍ଜଳି ମହାନ୍ତି, ଅନୁପମା ସିଂ, ପ୍ରିୟବ୍ରତ ସେନାପତି, ଆଲବର୍ଟ ଖାଲକେ, ରାଜେଶ ସାହୁ, ଜଟାଧାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଦାମୋଦର ଦାସ ଆଲୋକ ବାରିକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଷୋଡ଼ଶ ଅଧ୍ୟାୟ



ଜଗତସିଂହପୁର,୭।୬(ସମିସ): ପ୍ରଚଣ୍ଡ ଗ୍ରୀଷ୍ମର ରୌଦ୍ରତାପକୁ ଖାତିର ନକରି ଜଗତସିଂହପୁରର ପ୍ରାଚୀନ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ ନେଇ ଅନୁଷ୍ଠିତ ହୋଇଯାଇଛି 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ୧୬ତମ ଅଧ୍ୟାୟ। ସହର ନିକଟସ୍ଥ ଅନେକ ଅନାଲୋଚିତ ଓ ଉପେକ୍ଷିତ ଐତିହ୍ୟ ସ୍ଥଳୀକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଐତିହ୍ୟ ପ୍ରେମୀ ସାମିଲ ହୋଇଥିଲେ। ପଦଯାତ୍ରାର ପ୍ରଥମ ପର୍ଯ୍ୟାୟରେ ସଦସ୍ୟମାନେ ଦେଉଳି ଗ୍ରାମେଶ୍ୱର ଗ୍ରାମର ପ୍ରାଚୀନ ଗ୍ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଏଠାରେ ଥିବା ନବମ-ଦଶମ ଶତାବ୍ଦୀର ଶାକ୍ତ, ଶୈବ ଓ ବୈଷ୍ଣବ କୀର୍ତ୍ତିରାଜି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମନ୍ଦିର ପରିସରରେ ଥିବା ଚାମୁଣ୍ଡା, ଗଣେଶ, ବରାହ, ନାରାୟଣ ଏବଂ ଆସ୍ତିକ ଜରତ୍କାରୁଙ୍କ ଭଳି ଦୁର୍ଲଭ ପ୍ରାଚୀନ ମୂର୍ତ୍ତି ଓ ଭଗ୍ନାବଶେଷର ସୁରକ୍ଷା ନିମନ୍ତେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପଦଯାତ୍ରୀ ମାନେ ଖେରସ ଅଞ୍ଚଳରେ ଥିବା ଚର୍ଚ୍ଚିକା ମନ୍ଦିର ପରିଦର୍ଶନ କରିଥିଲେ। ଏଠାରେ ଅଜୈକପାଦ ଭୈରବ, ଗଣେଶ, ବୌଦ୍ଧ ଦେବୀ ତାରା ଏବଂ ମୁଖ୍ୟ ଦେବୀ ଭାବେ ପୂଜିତ ଅର୍ଦ୍ଧଭଗ୍ନ ପ୍ରେତବାହିନୀ ଚାମୁଣ୍ଡାଙ୍କ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସ୍ଥାନର ତାନ୍ତ୍ରିକ ମୂର୍ତ୍ତିକଳାକୁ ନେଇ ଗବେଷଣାତ୍ମକ ମତ ରଖିଥିଲେ ଅଂଶଗ୍ରହଣକାରୀମାନେ। ଶେଷରେ, ସୁବର୍ଣ୍ଣ ବାରାହୀ ମନ୍ଦିର ପରିସରରେ ଅଧ୍ୟାପକ ଭଗବାନ ଦାଶ ମନ୍ଦିରରେ ଥିବା ମା' ପାର୍ବତୀଙ୍କ ପ୍ରାଚୀନ ମୂର୍ତ୍ତି ଏବଂ ବିଭିନ୍ନ ଜୈନ ଓ ବୌଦ୍ଧ କଳାକୃତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ପରିଶେଷରେ ପ୍ରସାଦ ସେବନ ପୂର୍ବକ ଏହି ଅଧ୍ୟାୟର ସମାପ୍ତି ଘଟିଥିଲା। ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଯୋଜକ ଶ୍ରୀକାନ୍ତ ସିଂହ ପରିଚାଳନା କରିଥିଲେ। ଏହି ଅଭିଯାନରେ ଯୁବ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ଦେବାଶିଷ ପାତ୍ର, ସମ୍ବିତ ସିଂହ, ସୌର୍ଯ୍ୟପ୍ରକାଶ ନାୟକ, ରତିରଞ୍ଜନ ପଣ୍ଡା, ଦିନେଶ ସ୍ୱାଇଁ, ଶୁଭମ୍ କୁମାର, ନୀଳାଦ୍ରି ଆଚାର୍ଯ୍ୟ ଓ ରୋହନ ମହାରଣା ସକ୍ରିୟ ସହଯୋଗ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜଗତସିଂହପୁରର ଏପରି ଅନେକ ବିରଳ କୀର୍ତ୍ତିରାଜି ଆଜି ବି ଇତିହାସ ପୃଷ୍ଠାରୁ ବାଦ୍ ପଡ଼ିଛି। ସେଗୁଡିକୁ ଚିହ୍ନଟ କରି ଲୋକଲୋଚନକୁ ଆଣିବା ଏହି ପଦଯାତ୍ରାର ଏକମାତ୍ର ଲକ୍ଷ୍ୟ ବୋଲି ସଂଯୋଜକ ଶ୍ରୀକାନ୍ତ ସିଂହ ମତ ରଖିଛନ୍ତି।

# ଶିକ୍ଷକଙ୍କ ବଦଳିକୁ ନେଇ ଅସନ୍ତୋଷ

ରଘୁନାଥପୁର,୭।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟରେ ଥିବା ଶିକ୍ଷକ ସମୀର ପ୍ରସନ୍ନ ସ୍ୱାଇଁଙ୍କ ବଦଳିକୁ ନେଇ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏହି ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବେ ଯେତିକି କାର୍ଯ୍ୟ କରୁଥିଲେ ତା ଠୁଁ ବଳି ଛାତ୍ରଛାତ୍ରୀ ମାନଙ୍କୁ ଭଲପାଇବା, ଶିକ୍ଷାଦାନର ମାନ ବୃଦ୍ଧି କରିବା, ଶୃଙ୍ଖଳା ରକ୍ଷା କରିବା ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ମାନଙ୍କ ସହଯୋଗ ଲୋଡିବା ଘଟଣା ପାଇଁ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଶ୍ରୀ ସ୍ୱାଇଁ ଶିକ୍ଷକରୁ ପଦୋନ୍ନତି ପାଇ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଥିବାରୁ ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟ ଛାଡ଼ି ଚାଲିଯାଉଛନ୍ତି। ହେଲେ ଏ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀଙ୍କ ପ୍ରତି ସମ୍ମାନ ସର୍ବଦା ରହିଥିବ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ପାରାଦୀପ,୭।୬(ସମିସ): ନୂଆଗଡ଼ ଗ୍ରାମର ବାବନ ବେହେରା ନାମକ ଜଣେ ବିବାହିତା ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ପାରାଦୀପ ଗଡରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ୪ ମାସ ହେବ ସେ ବିବାହ କରିଥିବା ବେଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ସ୍ତ୍ରୀ ରାଗି ବାପ ଘରକୁ ଯାଇଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଗତକାଲି ରାତିରେ ଘର ପଛ ପଟୁ କବାଟ ଦେଇ ବେକରେ ରସି ଲଗାଇ ଆ।ହତ୍ୟା କରିଛନ୍ତି। ସକାଳୁ ଘର ମାଲିକ କବାଟ ବାଡ଼େଇବା ପରେ କୌଣସି ଆବାଜ ନ ମିଳିବାରୁ ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଯୁବକକୁ ଉଦ୍ଧାର କରିଥିଲେ। ମୃତକ ଯୁବକ ବାପ ମା'ଙ୍କର ଏକମାତ୍ର ପୁତ୍ର ଥିଲେ। ଏନେଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ପରିବେଶ ଶିବିରରେ ସାମ୍ବାଦିକ ସମ୍ମାନିତ



ଜଗତସିଂହପୁର,୭।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ନିଲେ ଝଣ୍ଡେ ୱାଲେ ଓପନ୍ ୟୁନିଟ୍ ଆନୁକୂଲ୍ୟରେ ଏକଦିବସୀୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପରିବେଶ ଶିବିର 'ଆହ୍ୱାନ-୨୦୨୬' ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୨୦୦ରୁ ଅଧିକ ସ୍କାଉଟ୍, ଗାଇଡ୍, ରୋଭର୍, ରେଞ୍ଜର୍, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପଟେନ୍, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇ ପରିବେଶ ସୁରକ୍ଷା ଏବଂ ସାମାଜିକ ଦାୟିତ୍ୱ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୌରପରିଷଦ ଜଗତସିଂହପୁରର ଅଧ୍ୟକ୍ଷା ଅର୍ଚ୍ଚନା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଜୟ କୁମାର ରଥ, ପ୍ରତାପ ଚନ୍ଦ୍ର ରାଉତରାୟ, ରଶ୍ମିକାନ୍ତ ସାହୁ, ନିରଞ୍ଜନ ବିଶ୍ୱାଳ, ଈଶ୍ୱର ଚନ୍ଦ୍ର ନନ୍ଦ, ମଧୁସୂଦନ ସାହୁ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପରିବେଶ ସଚେତନତା ନିମନ୍ତେ ବକ୍ତୃତା, ନାଟକ, ସଙ୍ଗୀତ, ଲିଖିତ କୁଇଜ୍, ପୋଷ୍ଟର ପ୍ରସ୍ତୁତି, ସ୍ଲୋଗାନ ଲେଖନ ଓ ଗ୍ରୀନ୍ ଇନୋଭେସନ୍ ପ୍ରେଜେଣ୍ଟେସନ୍ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଉଦଯାପନୀ ସମାରୋହରେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ରଥ ମୁଖ୍ୟଅତିଥି ଏବଂ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ସର ଯୁଗ୍ମ ସମ୍ପାଦକ (ପ୍ରୋଗ୍ରାମ ଆଣ୍ଡ ଟ୍ରେନିଂ) ଅନାମିକା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଭାଷ ଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଡ. ନିହାର ରଞ୍ଜନ ଭୋଇ, ଅତୁଲ ବିକ୍ରମ ପ୍ରଧାନ ଏବଂ ମନୋଜ କୁମାର ନନ୍ଦୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୟୁନିଟ୍ ଲିଡର ବିଜୟ କୁମାର ରଥ ସଭାରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୈନିକ 'ସକାଳ'ର ଜଗତସିଂହପୁର ଜିଲ୍ଲା ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କୁ 'ସ୍କାଉଟ୍ ବାର୍ତ୍ତା ସାରଥୀ ସମ୍ମାନ' ସମ୍ମାନିତ କରାଯାଇଥିଲା।

# ହରିହରାନନ୍ଦ ଆଶ୍ରମ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ



ନାଉଗାଁ,୭।୬(ସମିସ): ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଆଦର୍ଶକୁ ପାଥେୟ କରି ନାଉଗାଁ ବ୍ଲକ ଅବଦୁଲପୁରୁ ସ୍ଥିତ ହରିହରାନନ୍ଦ ଧ୍ୟାନମନ୍ଦିର ମାତୃଆଶ୍ରମ ଦ୍ୱାରା ନାଉଗାଁ ବଜାରରେ ସ୍ୱଚ୍ଛତା ସେବା କରାଯାଇଛି। ଏହି ଜନକଲ୍ୟାଣକାରୀ ମହତ୍ୱ କାର୍ଯ୍ୟକ୍ରମକୁ ଆଶ୍ରମର ସନ୍ନ୍ୟାସିନୀ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରିଙ୍କ ସହିତ ଆଶ୍ରମର ଅନେକ ଗୁରୁଭକ୍ତ କ୍ରିୟାଯୋଗୀ ସାଧକ ସାଧିକାମାନେ ଯୋଗ ଦେଇ ନାଉଗାଁ ବଜାର ବସଷ୍ଟାଣ୍ଡ ଓ ବଜାର ଅଞ୍ଚଳର ବିଭିନ୍ନ ଗଳିରେ ଥିବା ଅଳିଆ ଆବର୍ଜନା ସଫା କରାଯାଇଛି। ଯାହାଦ୍ୱାରା ବଜାରରେ ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ବାତାବରଣ ସୃଷ୍ଟି ହୋଇପାରିଛି।

# ୨୬ ଗ୍ରାମ ହେରୋଇନ୍ ଜବତ; ଜଣେ ଗିରଫ

ଜଗତସିଂହପୁର,୭।୬(ସମିସ): ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ଯଶୋବନ୍ତପୁର ଗ୍ରାମ୍ୟ ରାସ୍ତା ନିକଟରେ ଚଢ଼ଉ କରାଯାଇ ୨୬ ଗ୍ରାମ ହେରୋଇନ ଜବତ କରାଯାଇଛି। ଚୋରା ନିଶା କାରବାରରେ ସମ୍ପୃକ୍ତ ସେହି ଗ୍ରାମର ବିଶ୍ୱରଞ୍ଜନ ଭୋଇକୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଜବତ ହେରୋଇନର ବଜାର ମୂଲ୍ୟ ୨ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୌଣସି ସୂତ୍ରରୁ ଖବର ପାଇ ଜଗତସିଂହପୁର ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଯଶୋବନ୍ତପୁର ଯାଇଥିଲା। ସେଠାରେ ସନ୍ଦେହଜନକ ଭାବରେ ବୁଲୁଥିବା ବିଶ୍ୱରଞ୍ଜନକୁ କାବୁ କରିବା ପରେ ତା ନିକଟରୁ ଉକ୍ତ ହେରୋଇନ ଜବତ ହୋଇଥିଲା। ଏହି ଚଢ଼ଉରେ ଅବକାରୀ ଏସ୍ଆଇ ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସଆଇ ଶୁଭଦର୍ଶିନୀ ସାହୁ, କନଷ୍ଟେବଲ ସବିତା ନାୟକ, ଲକ୍ଷ୍ମୀ ନାରାୟଣ ମଲ୍ଲିକ ଏବଂ ନବଘନ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

# ବେଳାଭୂମିରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ




ପାରାଦୀପ,୭।୬(ସମିସ): ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ପାରାଦୀପ ବେଳାଭୂମିରେ ୧୦୦ତମ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଐତିହାସିକ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଭାରତୀୟ ସମୁଦ୍ର ତଟ ରକ୍ଷୀ ବାହିନୀର କମାଣ୍ଡାଣ୍ଟ କୃଷ୍ଣକାନ୍ତ ଚୌବେ, ୮ ନମ୍ବର ୱାର୍ଡର ପାରିଷଦ ଅଜିତ ଷଡ଼ଙ୍ଗୀ ଏବଂ ଏନ୍‌ସିସି ଆଲୁମ୍ନି ଉପଦେଷ୍ଟା ଲେଫ୍ଟନାଣ୍ଟ ଅକ୍ଷୟ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏନ୍‌ସିସି ଆଲୁମ୍ନି ଆସୋସିଏସନର୍‌ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଉପସଭାପତି ବିବେକାନନ୍ଦ ମହାପାତ୍ର ଓ ବିକ୍ରମ ସିଂ ମହାରଣା, ସମ୍ପାଦକ ପଦ୍ମନାଭ ଦାସ, ସହ-ସମ୍ପାଦକ ନୀଳିମା ପ୍ରିୟଦର୍ଶିନୀ, ଅନାଦି ସେନାପତି, ହୃଦାନନ୍ଦ ନାଥ ଶର୍ମାଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ସୋମନାଥ ମହାପାତ୍ର, ଲିପୁନା ବାରିକ, ସନ୍ତୋଷ ମହାପାତ୍ର, ଶୁଭାଶିଷ ତ୍ରିପାଠୀ, ଦୀପକ ଓଝା, ଜିତେନ୍ଦ୍ର ବାରିକ, ପିକୁନ ସେନାପତି, ଅରୁଣିମା ନାୟକ, ସୁଚରିତା ରାଉତ, ତେଜସ୍ୱିନୀ ଏବଂ ବହୁ ସଂଖ୍ୟକ ଏନ୍‌ସିସି କ୍ୟାଡେଟ ଓ ଆଲୁମ୍ନି ସଦସ୍ୟ ଉପସ୍ଥିତ ରହି ବେଳାଭୂମି ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଲିଥିନ ଓ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ, ବର୍ଜ୍ୟବସ୍ତୁର ସଠିକ ପୃଥକୀକରଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଗତ ୧୦୦ ରବିବାର ଧରି ବେଳାଭୂମି ସଫେଇ, ବାର୍ଷିକ ରକ୍ତଦାନ ଶିବିର ମାଧ୍ୟମରେ ୧୧୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ, ନିଶା ନିବାରଣ ସଚେତନତା, ଗ୍ରୀଷ୍ମ ପ୍ରବାହ ସମୟରେ ଦହିପାଣି ବଣ୍ଟନ, ପକ୍ଷୀଙ୍କ ପାଇଁ ଜଳପାତ୍ର ଓ ଖାଦ୍ୟପାତ୍ର ସ୍ଥାପନ, ସଡ଼କ ସୁରକ୍ଷା ଏବଂ ଟ୍ରାଫିକ ସଚେତନତା ଭଳି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଚଳାଇ ଆସୁଛି।

# ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ନାଉଗାଁ,୭।୬(ସମିସ): ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ଦ୍ୱାରା ଆଭାସୀରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନାଉଗାଁ ବ୍ଲକରେ ଗୋପବନ୍ଧୁ ସ୍ମାରକୀ ସରକାରୀ ଉଚ୍ଚବିଦ୍ୟାଳୟ, ତିରୁଣାଠାରେ ବିଧାୟକ ତଥା ଜଗତସିଂହପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ଅମିତା ସ୍ୱାଇଁ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ପରିଡା, ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପୁହାଣ, ପୁରାତନ ଛାତ୍ର ସଂସଦର ସଭାପତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସମସ୍ତ ସଦସ୍ୟ ଓ ସଦସ୍ୟା, ଛାତ୍ରଛାତ୍ରୀ, ଅଭିଭାବକ, ଏହି ଅଞ୍ଚଳ ରେ ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ବଡ଼ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ରାଉତ, ଶିକ୍ଷକ ସୁଧୀର ବିଶ୍ୱାଳ ଓ ବିଦ୍ୟାଳୟ ସମସ୍ତ ଶିକ୍ଷକ, ବ୍ଲକର ସମସ୍ତ ସିଆରସିସିମାନେ ପରିଚାଳନା କରିଥିଲେ।

## ପାରାଦୀପ ପୌରାଧ୍ୟକ୍ଷଙ୍କ ଘରକୁ ବୋମାମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବି

ପାରାଦୀପ, ୭।୬ (ସମିସ)



ଗତ ମେ' ୩୦ ତାରିଖରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘରକୁ ବୋମାମାଡ଼ ଘଟଣା ପରେ ସହରରେ ଶାନ୍ତି ବଜାୟ ରଖିବାକୁ ଏଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ୪ ରାଜନୈତିକ ଦଳ। ଆଜି ବିଜେପି, ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ ପାର୍ଟି ସହ ସିଟିଜେନ୍ ଫୋରମ୍ ଭିନ୍ନ ଭିନ୍ନ ଭାବରେ ଏ ସଂକ୍ରାନ୍ତରେ ପାରାଦୀପ

**ଭିନ୍ନଭିନ୍ନ ଦାବିପତ୍ର ଦେଲେ ବିଜେଡି, ବିଜେପି, କଂଗ୍ରେସ, ସିପିଏମ୍**

ଏଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଦଳୀୟ ନେତା ଓ ମହିଳା ମୋର୍ଚ୍ଚାର ସଦସ୍ୟାମାନେ ପୁଲିସକୁ ଭିନ୍ନଭିନ୍ନ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ବିଜେଡି ନଗର ସଭାପତି କୁମରବର ନାୟକ, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ଶଙ୍କର ପ୍ରସାଦ ରାଉତ, ଚିନ୍ମୟ ରଂଜନ ପରିଡା, ମହିଳା ବିଜେଡି ନେତ୍ରୀ ସବିତା ମହାପାତ୍ର, ଚପଳା ସ୍ୱାଇଁ ପ୍ରମୁଖ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ମଧ୍ୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ସିପିଆଇ ନେତା ସୁବାସ ମହାପାତ୍ର, ବିଷ୍ଣୁଚରଣ ମୁଦୁଲି ପ୍ରମୁଖ ପାରାଦୀପରେ ଶାନ୍ତି ବଜାୟ ରଖିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଥିବା ବେଳେ ପାରାଦୀପ ସିଟିଜେନ୍ ଫୋରମ୍ ପକ୍ଷରୁ ଅପରାଧ ପ୍ରବଣ ତତ୍ତ୍ୱମାନଙ୍କୁ ଆର୍ଥକ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ଏହାର ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟ ଦାବି କରିଛନ୍ତି। ପୂର୍ବରୁ ଏହି ଘଟଣାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ସାମ୍ବାଦିକ ସମ୍ମିଳନୀ କରି ଏଭଳି ପାରାଦୀପକୁ ଅଶାନ୍ତ କରୁଥିବା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ କାଣ୍ଡ ଭିଆଇ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଦାବି କରିଥିଲେ। ପରେ ପୁଲିସ ତଦନ୍ତ କରି ଏହା ପଛରେ ଟେଣ୍ଡର ବିବାଦ ଥିବା ସୂଚନା ପାଇଥିଲା। ସେହିପରି ଏସ୍‌ପି ଅଙ୍କିତ୍ ବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଥିବା ଓ ଘଟଣା ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜ୍ୟୋତିକାନ୍ତ ପରିଡ଼ାକୁ ଗିରଫ ପ୍ରକ୍ରିୟା ଜାରି ରହିଥିବା କହିଥିଲେ। ଇତିମଧ୍ୟରେ ଘଟଣା ଘଟିବାର ୯ ଦିନ ବିତିଥିବା ବେଳେ ୪ ଭିନ୍ନଭିନ୍ନ ରାଜନୈତିକ ଦଳ ସମାନ ପ୍ରସଙ୍ଗରେ ପୁଲିସକୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଟ୍ୟୁସନ୍ ଯାଇ ଆଉ ଫେରିଲେନି ଆୟୁଷ



ପାରାଦୀପ,୭।୬(ସମିସ): ପାରାଦୀପ ବନ୍ଦରାଞ୍ଚଳରେ ଥିବା ଇଣ୍ଡିଆନ ବ୍ୟାଙ୍କ କଲୋନୀରୁ ଜଣେ ଛାତ୍ର ନିଖୋଜ ହୋଇ ଯାଇଥିବା ନେଇ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ପୁଲିସ ଛାତ୍ର ଜଣକୁ ଖୋଜା ଖୋଜି କରିବା ଆରମ୍ଭ କରିଥିବା ଜଣାପଡ଼ିଛି। ନିଖୋଜ ଛାତ୍ରର ନାମ ଆୟୁଷ ଅଂଶୁମାନ ଗୋଚ୍ଛାୟତ (୧୩) ଏବଂ ତାର ବାପାଙ୍କ ନାମ ଗୋଲେଖ ଗୋଚ୍ଛାୟତ ଓ ମାଙ୍କ ନାମ ନୟନା ଗୋଚ୍ଛାୟତ। ସେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପଢୁଥିଲା। ଗତକାଲି ଅପରାହ୍ନ ପାଞ୍ଚଟା ସମୟରୁ ଟ୍ୟୁସନକୁ ଯାଇ ଘରକୁ ଆଉ ଫେରିନାହିଁ। ତେବେ ଗତକାଲି ଠାରୁ ବାପା, ମା', ବନ୍ଧୁବାନ୍ଧବ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ପିଲାଟିକୁ ପାଉନାହାନ୍ତି। ପିଲାଟି ଯିବା ସମୟରେ ବ୍ଲୁ ରଙ୍ଗର ଗଞ୍ଜି ପିନ୍ଧିଥିବା ପରିବାର ସୂତ୍ରରୁ ଖବର ମିଳିଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

**ରାଜନଗର,୭।୬(ସମିସ):** ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ୟୁଜିୟୁପିଏସ ପରିସରରେ ଗୋଦାବରୀଶ ମିଶ୍ର



ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଭାସି ମାଧ୍ୟମରେ କରିଛନ୍ତି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ସାଂସଦଙ୍କ ପ୍ରତିନିଧି ନିମାଇଁ ରାଉତ, ବିଧାୟକଙ୍କ ପ୍ରତିନିଧି ଅରୁଣ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି କୈଳାସ ପରିଡା, ସରପଞ୍ଚ ରାଣୀମଞ୍ଜରୀ ସେଠୀ, ସମିତି ସଭ୍ୟ ଜନ୍ମେଜୟ ସେଠୀ, ସିଆରସିସି ରଶ୍ମିରଞ୍ଜନ ସେଠୀ, ବିଆରସିସି ଚିତ୍ତରଞ୍ଜନ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ସୌମ୍ୟରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ପ୍ରଧାନଶିକ୍ଷକ ପବିତ୍ର ମୋହନ ରଥ ସହଯୋଗ କରିଥିଲେ।

## ଲୋକନାଥପୁର ସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର

**ପଟ୍ଟାମୁଣ୍ଡାଇ,୭।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଲୋକନାଥପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୨୦୧୭ରୁ



କ୍ରମାଗତ ଭାବେ ବୃକ୍ଷରୋପଣ, କିଲୋମିଟର ବ୍ୟାପୀ ତାଳମଞ୍ଜି ରୋପଣ, ବିଦ୍ୟାଳୟରେ ଇକୋ କ୍ଲବ ଗଠନ, ପରିବେଶ ସମ୍ପର୍କିତ ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରଦର୍ଶନ କରି ସଚେତନତା, ବିଦ୍ୟାଳୟ ଓ ବ୍ଲକସ୍ତରୀୟ ବନ ମହୋତ୍ସବ ଏହି ବିଦ୍ୟାଳୟରେ ସଂଗଠିତ କରିବା, ପ୍ଲାଷ୍ଟିକ ପରି ବସ୍ତୁର ପୁନଃ ପରିଚାଳନା, ନିୟମିତ ପରିବେଶ ସୁରକ୍ଷା ସମ୍ପର୍କରେ ସଭା, ଶୋଭାଯାତ୍ରା ଆୟୋଜନ କରିଆସିଛି। ଆଜି ବିଶ୍ୱ ପରିବେଶ ଦିବସରେ ଲୋକନାଥପୁର ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ରାଜନଗରର ପେଣ୍ଠ ଦୋବନ୍ଧଠାରେ ଜିଲ୍ଲାସ୍ତରୀୟ ଉତ୍ସବରେ ଡିଏଫଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକୃତି ମିତ୍ର ପୁରସ୍କାର ଲୋକନାଥପୁର ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁଭାଂଶୁ କୁମାର ଦାସଙ୍କୁ ପ୍ରଦାନ କରିଛନ୍ତି। ପୁରସ୍କାର ଗ୍ରହଣ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସ୍ୱରୂପ ଜେନା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ସଞ୍ଜୟ ନାଏକ, ବରିଷ୍ଠ ସଭ୍ୟ ଶତ୍ରୁଘ୍ନ ମଲିକ, ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ ଘଣ୍ଟା ପରେ ବି ପଡ଼ିରହିଛି ଭଙ୍ଗା ଖୁଣ୍ଟ

**ରାଜକନିକା,୭।୬(ସମିସ):** ଅସହ୍ୟ ଗରମ ଓ ଗୁଳୁଗୁଳି ସମୟରେ ବିଜୁଳି ସେବାକୁ ବ୍ୟବସ୍ଥିତ କରି ନିୟମିତ ବିଜୁଳି ଯୋଗାଣକୁ ଗୁରୁତ୍ୱ ଦେବାକୁ ସରକାରୀ ଘୋଷଣାକୁ ଟାଟା ପାୱାରର ରାଜକନିକା ସେକ୍ସନ ଫୁ କରିଦେଇଛି। ନା ଏଠି ଫୋନ କଲେ ଉତ୍ତର ଆସୁଛି, ନା ଅଫିସ ଗଲେ ଯନ୍ତ୍ରୀଙ୍କ ଦେଖା ମିଳୁଛି। ଏମିତି ଅବ୍ୟବସ୍ଥାର ବଳୟ ଭିତରେ ଲୋକେ ବିଜୁଳି ସେବରୁ ବଞ୍ଚିତ ହେବାରେ ଲାଗିଛନ୍ତି। ଦିନ ଦିନ ଧରି ବିଜୁଳି ଖୁଣ୍ଟ ଭାଙ୍ଗି ବିଜୁଳି ସେବା ବନ୍ଦ ଥିଲେ ବି ଟିପିସିଓଏଲ ଏଥିପ୍ରତି ସାମାନ୍ୟ ସମ୍ବେଦନ ନ ହେବା



କୁହୁଡି ବଗିଚାର ୨୪ ଜଣ ଉପଭୋକ୍ତା ଗରମ ଗୁଳୁଗୁଳି ଓ ଅନ୍ଧାରରେ କାଳ କାଟୁଛନ୍ତି। ଏ ସମ୍ପର୍କରେ ରାଜକନିକା ସେକ୍ସନ ଜୁନିଅର ମ୍ୟାନେଜରଙ୍କୁ ପଚାରିବାରୁ ଷ୍ଟାଫ କମ୍ ଅଛନ୍ତି, ବିଜୁଳି ବିଭ୍ରାଟ ସମ୍ଭାଳିବାକୁ ଆମେ ଚେଷ୍ଟା କରୁଛୁ ବୋଲି ଉତ୍ତର ଦେଇଛନ୍ତି। ବିଜୁଳି ଅଭ୍ୟସ୍ତ ବର୍ତ୍ତମାନର ସ୍ଥିତିରେ ବିନା ବିଜୁଳିରେ ଲୋକେ ବଞ୍ଚିବା କଷ୍ଟକର ହେଉଥିବାବେଳେ ଗୋଟିଏ ଖୁଣ୍ଟ ପକାଇବାକୁ ଟାଟା ପାୱାର କେତେ ସମୟ ନେଉଛି, ତାହା ଗ୍ରାହକଙ୍କୁ ବିଦ୍ରୋହୀ କରାଇଛି।

## ଅଳଙ୍କାର ଦୋକାନ ଓ ବିୟୁଟି ପାର୍ଲରରୁ ଚୋରି

**ଆଳି,୭।୬(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ରାଜ୍ୟ ରାଜପଥକୁ ଲାଗି ଆଳି ମହାବୀର ବଜାରରେ ରବୀନ୍ଦ୍ର ସାହୁଙ୍କ ଶିବଶଙ୍କର ଅଳଙ୍କାର ଦୋକାନରେ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆଜବେଷ୍ଟ ତାଡି ଦୋକାନରେ ପଶି ୫୫୦ ଗ୍ରାମରୁ ଊର୍ଦ୍ଧ୍ୱ ତଥା ପାଖାପାଖି ୧ ଲକ୍ଷ ୨୦ ହଜାରରୁ ଅଧିକ ରୁପା ଅଳଙ୍କାର ଲୁଟିନେଇଥିବା ନେଇ ସେ ଆଳି ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଦୁର୍ବୃତ୍ତମାନେ ଆଜବେଷ୍ଟ ତାଡି ଅଳଙ୍କାର ଲୁଟ କରିବା ସମୟରେ କ୍ଷତାକ୍ତ ହୋଇ ଦୋକାନ ଭିତରେ ରକ୍ତର ଛିଟା ଓ ପାଦଚିହ୍ନ ପଡିଥିବା ଦେଖିବାକୁ ମିଳିଛି। ସେହିଭଳି ଅଳଙ୍କାର ଦୋକାନ ପାଖକୁ ଲାଗିଥିବା ଦେମାଳ ଗ୍ରାମର ଲୋରା ସେଠୀଙ୍କ ବିୟୁଟି ପାର୍ଲରରୁ ୧୨ ହଜାର ଟଙ୍କା ସହିତ ପାର୍ଲରରେ ବ୍ୟବହୃତ ହେଉଥିବା ମେସିନାରୀ ଜିନିଷ ଲୁଟ ନେଇଥିବା ନେଇ ସେ ଆଜି ଆଳି ଥାନାରେ ଅଭିଯୋଗ କରିଛନ୍ତି। ଏତଲା ପାଇବା ପରେ ଆଳି ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଟ୍ରାପିଙ୍ଗ କ୍ୟାମେରା ଲଗାଇବାକୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ରାଜନଗର, ୭।୬(ସମିସ):** ଭିତରକନିକା ଜାତୀୟ ଉଦ୍ୟାନରେ ଲାଗିବ ଟ୍ରାପିଙ୍ଗ କ୍ୟାମେରା। ଏନେଇ ଲୁଣା ଜଙ୍ଗଲ ବନ୍ୟଜୀବ ବନଖଣ୍ଡ ରାଜନଗର ଅଧୀନସ୍ଥ କନିକା ବନାଞ୍ଚଳରେ ଏଆଇଟିଇ (ଏଆଇଟିଇ) ସର୍ଭେ ସମ୍ବନ୍ଧୀୟ କ୍ୟାମେରା ଟ୍ରାପିଂ ସେଟିଂ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ ଦାସ, ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ପ୍ରଶିକ୍ଷକ, ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିଲେ। ଶିମିଳିପାଳ ଜଙ୍ଗଲ ମଧ୍ୟରେ କିପରି କ୍ୟାମେରା ଲାଗିଛି ଓ ଜୀବଜନ୍ତୁଙ୍କ ସହ ଶିକାରୀଙ୍କ ଗତିବିଧି ଉପରେ କିପରି ଏହି କ୍ୟାମେରା ମାଧ୍ୟମରେ ନଜର ରଖିହେବ, ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଜୟ ପାତ୍ର, ରଞ୍ଜନ ପାଣି, ବିଭୁତି ତରାଇ, ମହନ୍ତ ମଲ୍ଲିକ, ପ୍ରଶାନ୍ତ ସିଂ, ଫରେଷ୍ଟଗାର୍ଡ ଓ ବନ କର୍ମଚାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ।

### ବେଣୀପୁର ବିରୂପା ଘେରିବନ୍ଧ ମରାମତି କାମ ନିମ୍ନମାନର ଅଭିଯୋଗ

# ବନ୍ଧର ବିଭିନ୍ନ ସ୍ଥାନରେ ଘାଇ ହେବା ଆଶଙ୍କା

**ପଞ୍ଚୁପାଣ୍ଡବ,୭।୬(ସମିସ)**

ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ବିରୂପା ନଦୀ ଘେରିବନ୍ଧର ବିଭିନ୍ନ ଜାଗାରେ ମାଟି ଧସିଛି। ଫଳରେ ଏହି ସ୍ଥାନରେ ଘାଇ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହି ଘେରି ବନ୍ଧରେ ପ୍ରତିବର୍ଷ ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଠିକାଦାର ଓ ପ୍ରଶାସନିକ ଅଧିକାରୀ ମିଶି ନିମ୍ନମାନର କାମ କରି ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହେଉଛି। ଏହି ଘେରିବନ୍ଧର ଦୁଇ ପାଶ୍ୱର୍ରେ ଖାଲ ଥିବାରୁ ମାଟି ବାରମ୍ବାର ଖସୁଥିବାବେଳେ କାମ ବି ନିମ୍ନମାନର ହେଉଛି।



ଗତ ୨୦୨୦ ଅଗଷ୍ଟ ମାସରେ ବେଣୀପୁରଠାରେ ବିରୂପା ନଦୀର ଘେରିବନ୍ଧ ଭାଙ୍ଗି ପଞ୍ଚାୟତର ୫ଟି ୱାର୍ଡର ପ୍ରାୟ ୨୦୦ ପରିବାର ଓ ଯାଜପୁର ଜିଲ୍ଲା ଦେଏକୁଡ଼ି ଗ୍ରାମର ୩ଟି ୱାର୍ଡର ପ୍ରାୟ ୫୦ ପରିବାରର ଲୋକ ଜଳବନ୍ଦୀ ହୋଇଥିଲେ। ସେହି ଜଳବନ୍ଦୀରେ କେତେକ କୋଠା ଘରର ଛାତ ଉପରକୁ ପାଣି ଚଢ଼ି ଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିଲା। ବନ୍ୟା ପାଣି ଘେରରେ ପ୍ରାୟ ମାସାଧିକ କାଳ ଜଳବନ୍ଦୀ ହୋଇ ରହିଥିଲେ ହଜାର ହଜାର ଲୋକ। ବନ୍ୟା ସମୟରେ ପ୍ରଶାସନିକ ଅଧିକାରୀ ଆସି ପରିଦର୍ଶନ କରନ୍ତି, ତେବେ ପରେ କାହାର ଦେଖା ମିଳେନାହିଁ। ବେଣୀପୁରଠାରେ ଥିବା କେତେକ ଦୁର୍ବଳ ନଦୀ ବନ୍ଧକୁ ମରାମତି କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକେ ବନ୍ୟା ଆସିଲେ ଆତଙ୍କିତ ହୁଅନ୍ତି। ଏହି ବନ୍ଧ ଭାଙ୍ଗିବା ପରେ ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବନ୍ଧ ନିର୍ମାଣ କରାଯାଇଛି ଓ କେତେକ ଜାଗାରେ ପଥର ପ୍ୟାକିଂ କରାଯାଇଥିବା ଦେଖିବାକୁ ମିଳୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବନ୍ୟା ଆସିବା ପୂର୍ବରୁ ଦୁର୍ବଳ ନଦୀବନ୍ଧକୁ ମରାମତି କରିବା ଓ ବନ୍ଧର ଦୁଇ ପାଶ୍ୱର୍ରେ ପଥର ପ୍ୟାକିଂ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଗୌରାଙ୍ଗ ହତ୍ୟାକାଣ୍ଡ ଘଟଣା

## ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ନେଇ ସିନ୍‌ରିକ୍ରିଏସନ କଲା ପୁଲିସ

**କେନ୍ଦ୍ରାପଡ଼ା,୭।୬(ସମିସ):** ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀ ହତ୍ୟାକାଣ୍ଡ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଘଟଣାର ତଦନ୍ତକୁ ଜୋରଦାର କରିଛି ପୁଲିସ। ମୁଖ୍ୟ ଅଭିଯୁକ୍ତ ମନୋଜ ସାହୁ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ନେଇ ଘଟଣାସ୍ଥଳରେ



ସିନ୍ ରିକ୍ରିଏସନ କରାଯାଇଥିବାବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଲୁହା ରଡ଼କୁ ମଧ୍ୟ ଜବତ କରାଯାଇଛି। ଗାଡ଼ି କାଚ ଭଙ୍ଗାକୁ କେନ୍ଦ୍ର କରି ଗତ ମେ ୨୮ ତାରିଖରେ ଗୌରାଙ୍ଗ ସେଠୀଙ୍କୁ ଅପହରଣ କରାଯାଇଥିଲା। ପରେ ବିଭିନ୍ନ ସ୍ଥାନକୁ ନେଇ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣା ପରେ ପରିବାର ପକ୍ଷରୁ ଆଳି ଥାନାରେ ନିଖୋଜ ଅଭିଯୋଗ ହୋଇଥିବାବେଳେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ୯ ଦିନ ପରେ ଗୌରାଙ୍ଗଙ୍କ ମୃତଦେହର କିଛି ଅବଶିଷ୍ଟାଂଶ ଉଦ୍ଧାର ହୋଇଥିଲା। ତଦନ୍ତ ସମୟରେ ମାଡ଼ ମରାଯାଉଥିବା ଏକ ଭିଡିଓ ସାମ୍ନାକୁ ଆସିବା ପରେ ପୁଲିସ ପ୍ରଥମେ ମୁଖ୍ୟ ଅଭିଯୁକ୍ତ ମନୋଜ ସାହୁଙ୍କୁ ଗିରଫ କରିଥିଲା। ଜେରା ଆଧାରରେ ଅନ୍ୟ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା ପୁଲିସ। ଏହି ହତ୍ୟାକାଣ୍ଡରେ ପ୍ରାୟ ୯ ଜଣ ସାମିଲ ଥିବା ନେଇ ସୂଚନା ମିଳିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିବା ଜଣାପଡ଼ିଛି। ଅତିରିକ୍ତ ଏସ୍‌ପି ସୁଧାକର ସାହୁ କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ନେଇ ଘଟଣାର ସିନ୍‌ରିକ୍ରିଏସନ କରାଯାଇଛି ଓ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ହାସଲ ହୋଇଛି। ଖୁବ୍‌ଶୀଘ୍ର ପ୍ରେସମିଟ୍ ଜରିଆରେ ଘଟଣାର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ● ଏକତରଫା ପ୍ରେମରୁ ଯୁବତୀଙ୍କୁ ହତ୍ୟା ଉଦ୍ୟମ ମାମଲା

## ପୀଡ଼ିତାଙ୍କୁ ଭେଟିଲେ କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ କମିଟି

**ଡେରାବିଶ, ୭।୬(ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ବଜାରରେ ଗତକାଲି ଏକତରଫା ପ୍ରେମ ଘଟଣାରେ ଜଣେ ଯୁବତୀଙ୍କୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ ଘଟଣା ସମଗ୍ର ବ୍ଲକ୍ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତା ଯୁବତୀଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ଯୁବକ ଜଣକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବାବେଳେ ଆଜି



ଅପରାହ୍ନରେ ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ପୀଡ଼ିତା ଯୁବତୀଙ୍କ ଘରକୁ ଯାଇ ଯୁବତୀ ଓ ତାଙ୍କ ପରିବାରକୁ ଭେଟିଥିଲେ। ଏଭଳି ସ୍ପର୍ଶକାତର ଘଟଣାର ସବିଶେଷ ତଥ୍ୟ ଏହି କମିଟିରେ ଯାଇଥିବା କଂଗ୍ରେସର ନେତୃମଣ୍ଡଳୀ ପଚାରି ବୁଝିଥିଲେ। ପରେ ଡେରାବିଶ ଥାନାକୁ ଯାଇ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସଙ୍କୁ ଭେଟି ଏହି ଘଟଣା ଉପରେ ଥାନା ପକ୍ଷରୁ କି ପଦକ୍ଷେପ ନିଆଯାଇଛି ବୋଲି କମିଟିର ସଦସ୍ୟ ଆଲୋଚନା କରିଥିଲେ। ଉକ୍ତ କମିଟି ଆକ୍ରମଣ କରିଥିବା ଯୁବକ ଜଣକ କୋର୍ଟରୁ ଜାମିନ ପାଇ ବାହାରିଲା ପରେ ପୀଡ଼ିତା ଯୁବତୀ ଓ ତାଙ୍କ ପରିବାରକୁ କିପରି ସୁରକ୍ଷା ଦିଆଯିବ, ସେ ନେଇ ଥାନା ଅଧିକାରୀଙ୍କ ପାଖରେ ଦାବି ରଖିଥିଲେ। ଏହି କମିଟିର ଜିଲ୍ଲା କଂଗ୍ରେସ ଉପସଭାପତି ସତ୍ୟପ୍ରିୟ ସାମଲ, ଉମେଶ ଚନ୍ଦ୍ର ତ୍ରିପାଠୀ, ବିଧୁଭୂଷଣ ମହାପାତ୍ର କୃଷ୍ଣପ୍ରିୟା ବାରିକ, ଡେରାବିଶ ବ୍ଲକ ସଭାପତି ରାଜୀବଲୋଚନ ମିଶ୍ର, ଜୟଦେବ ପରିଡ଼ା, ଅଶୋକ ମୋହନ ଜେନା ପ୍ରମୁଖ ସାମିଲ ଥିଲେ।

## ଭିତରକନିକାରେ ୫୦ ଫରେଷ୍ଟରଙ୍କୁ ତାଲିମ

**ରାଜନଗର, ୭।୬(ସମିସ):** ଆଜି କନ୍ଧମାଳସ୍ଥ ଜି. ଉଦୟଗିରି ଫରେଷ୍ଟ ଟ୍ରେନିଂ ସ୍କୁଲରୁ ୫୦ ଜଣ ଫରେଷ୍ଟର ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନକୁ ପରିଦର୍ଶନରେ ଆସି ଲୁଣା ଜଙ୍ଗଲ ଓ ଏହାର ପରିପୃଷ୍ଟତା ବିଷୟରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ସହକାରୀ ବନସଂରକ୍ଷକ ମାନସ ଦାସ, ଆସିଷ୍ଟାଣ୍ଟ ରିସର୍ଚ୍ଚ ପ୍ରଫେସର ପ୍ରସନ୍ନ ନାୟକ, ବନପାଳ ପ୍ରଶାନ୍ତ ସିଂଙ୍କଠାରୁ ବିଷଦ ଜ୍ଞାନ ଆହରଣ କରିଛନ୍ତି। ଫରେଷ୍ଟର ଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମି, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା



ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଘଞ୍ଚ ଜଙ୍ଗଲ ଭିତରେ ଦୁଃସାହସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାର୍ହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଓ ଅଲିଭରିଡ୍‌ଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା ଦ୍ୱୀପ, କାଳୀଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

**ମହାକାଳପଡ଼ା, ୭।୬(ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତର ଆଶ୍ରମ-ବାଲିକୁଦାସ୍ଥ ନାରାୟଣ ନୋଡାଲ ବିଦ୍ୟାପୀଠ ଆଶ୍ରମ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟର, ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ ଓ ବ୍ଲକ ଶିକ୍ଷାଧିକାରୀ କୈଳାସ ଦଳାଇ ପ୍ରମୁଖ ଉପସ୍ଥିତ ରହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଦ୍ୟାଳୟ ନିର୍ମାଣ ଶେଷ ହେଲେ ବାଲିକୁଦା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଶହ ଶହ ଛାତ୍ରଛାତ୍ରୀ ଗୁଣାତ୍ମକ ପ୍ରାଥମିକ ଶିକ୍ଷାର ସୁବିଧା ପାଇପାରିବେ। ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ ବ୍ୟକ୍ତିତ୍ୱ ସ୍ୱର୍ଗତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଏହି ବିଦ୍ୟାଳୟ ଆଦର୍ଶ ଶିକ୍ଷାଦାନର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିଉଠିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ।

## ବିଶ୍ୱ ସାଇକଲ ଦିବସ

**ପଟ୍ଟାମୁଣ୍ଡାଇ, ୭।୬(ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପକ୍ଷରୁ ବିଶ୍ୱ ସାଇକଲ ଦିବସ ପାଳନ କରାଯାଇଛି। ସାମ୍ପ୍ରତିକ ତୈଳ ସଙ୍କଟ ଓ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ବିଶ୍ୱ ସାଇକଲ



ଦିବସ ଅବସରରେ ସାଇକଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ଥାନା କର୍ମଚାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ସାଇକଲ ଶୋଭାଯାତ୍ରାରେ ଭାଗ ନେଇ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ।

**ମହାକାଳପଡ଼ା:** ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀ ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ମହାକାଳପଡ଼ା ଥାନା ପକ୍ଷରୁ ବିଶ୍ୱ ସାଇକଲ ଦିବସ




ଉତ୍ସାହର ସହ ପାଳନ କରାଯାଇଛି। ଥାନା ଅଧିକାରୀ ମାନସ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଇକଲ ରାଲି ମହାକାଳପଡ଼ା ପଡ଼ାରୁ ଆରମ୍ଭ ହୋଇ କଲେଜ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସବଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳ, ଏଏସଆଇ ଦଶରଥ ମହାରଣା, ବିଦ୍ୟାଧର ସ୍ୱାଇଁ, ପ୍ରଭାତ ରାଉତ, ଜ୍ଞାନରଞ୍ଜନ ସାମଲଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ସାଇକଲ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟର ଉନ୍ନତି ସହ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ ବୋଲି ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

**ରାଜକନିକା:** ରାଜକନିକା ଥାନା ପକ୍ଷରୁ ଆଜି ସାଇକଲ ଦିବସ ପାଳନ କରିବା ଉଦ୍ଦେଶ୍ୟରେ ରାଜକନିକା ସଦରରେ ସାଇକଲ ଶୋଭାଯାତ୍ରା କରାଯାଇଛି। ରାଜକନିକା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏହି ସାଇକଲ ଶୋଭାଯାତ୍ରାରେ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ସାଇକଲ ଚଳାଇ ସଚେତନତା ସୃଷ୍ଟି କରିଥିଲେ। ପ୍ରଦୂଷଣମୁକ୍ତ



ପରିବେଶ ସୃଷ୍ଟି କରିବା ସହ ଶାରୀରିକ ବ୍ୟାୟାମ ଆଣୁଥିବା ସାଇକଲ ଚାଳନାର ପ୍ରଭାବକୁ ଆପଣେଇବା ଲକ୍ଷ୍ୟରେ ଅନୁଷ୍ଠିତ ଆଜିର ଶୋଭାଯାତ୍ରା ଥାନାରୁ ବାହାରି କଣ୍ଟପଡା ବଜାର, ବଡ଼ାଗର, ଆରସା, ସେବାସାହି ଅଶୋକବଜାର ଆଦି ପରିକ୍ରମା କରିଥିଲା।

**ଗରଦପୁର:** ବିଶ୍ୱ ସାଇକଲ ଦିବସ ଅବସରରେ ପାଟକୁରା ଥାନା ପକ୍ଷରୁ ଏକ ନିଆରା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥାନା ଅଧିକାରୀଙ୍କ ସମେତ ସମସ୍ତ




କର୍ମଚାରୀ ସାଇକଲ ଯୋଗେ ନିଜ ଥାନା ଅଞ୍ଚଳ ପରିକ୍ରମା କରି ସାଧାରଣ ଲୋକଙ୍କୁ ସୁସ୍ଥ ଜୀବନଶୈଳୀ ଅବଲମ୍ବନ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ବର୍ତ୍ତମାନର ବ୍ୟସ୍ତ ଜୀବନରେ ଅଳ୍ପ ଦୂରତା ପାଇଁ ମଧ୍ୟ ଲୋକମାନେ ଗାଡ଼ି ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଥିବାବେଳେ ସାଇକଲର ବ୍ୟବହାର ଦ୍ୱାରା ଇନ୍ଧନ ସଞ୍ଚୟ ସହ ଶାରୀରିକ ସୁସ୍ଥତା ବଜାୟ ରଖାଯାଇପାରିବ ବୋଲି ପୁଲିସ ପକ୍ଷରୁ ବାର୍ତ୍ତା ଦିଆଯାଇଥିଲା। ମାର୍କେଟ, ଅଫିସ କିମ୍ବା ପାଖରେ ଥିବା ଯେକୌଣସି କାମ ପାଇଁ ସାଇକଲର ବ୍ୟବହାର କରିବାକୁ ଲୋକଙ୍କୁ ପ୍ରୋତ୍ସାହିତ କରାଯାଇଥିଲା।

## ଧୋୟାଞ୍ଚଳରେ ଘନ ଘନ ବିଜୁଳି କାଟ; ଜନଜୀବନ ଅସ୍ତବ୍ୟସ୍ତ

**ପଟ୍ଟାମୁଣ୍ଡାଇ,୭।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳରେ ଥିବା ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, ବଲୁରିଆ, ସିଂଘଗାଁ ଆଦି ୭ଟି ପଞ୍ଚାୟତ ଓ ଆଳି ବ୍ଲକର ନୂଆପଡା, ପାଳିମି, ଏରଡ଼ଙ୍ଗ ଓ ପେତପଡ଼ା ଆଦି ୪ଟି ପଞ୍ଚାୟତର ହାରାହାରି ୩୦ଟି ଗ୍ରାମକୁ ଉତ୍ତମ ବିଦ୍ୟୁତ ସରବରାହ ନିମନ୍ତେ ଦାଣ୍ଡିସାହିଠାରେ ଗ୍ରୀଡ୍ ନିର୍ମାଣ କରାଯାଇଛି। ବିଜୁଳି ବିଭାଗ ପକ୍ଷରୁ ଜଣେ କନିଷ୍ଠ ଯନ୍ତ୍ରୀ ଓ ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ଅଛନ୍ତି। ବିଡମ୍ବନାର ବିଷୟ ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟାରେ ଅଞ୍ଚଳବାସୀ ବର୍ତ୍ତମାନ ଅତିଷ୍ଠ। ଦିନ ତମାମ ବାରମ୍ବାର ବିଜୁଳି କାଟ ଯୋଗୁଁ ପ୍ରବଳ ଗୁଳୁଗୁଳିରେ ଲୋକମାନେ ଆଉଟ ପାଉଟ ହୋଇଥିଲେ। ଦାଣ୍ଡିସାହି କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀଙ୍କ ଦେଖାମିଳୁନି। ସ୍ଥାୟୀ କର୍ମଚାରୀ ଘରେ ବସିଥିବାବେଳେ କେତେଜଣ ଅସ୍ଥାୟୀ କର୍ମଚାରୀ ଗ୍ରୀଡ୍ ଚଳାଉଛନ୍ତି। ସାମାନ୍ୟ ପବନ ଆସିଲା କ୍ଷଣି ବିଜୁଳି କାଟ ହେଉଛି। ଘଣ୍ଟା ଘଣ୍ଟା ଧରି ଲୋକେ କଷ୍ଟ ପାଉଛନ୍ତି। ଅନ୍ୟପକ୍ଷରେ ଲୋଭୋଲଟେଜ ସମସ୍ୟା ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ବନ୍ୟାଞ୍ଚଳବାସୀଙ୍କ ସମସ୍ୟା ପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି।

## ଅସରାଏ ବର୍ଷାରେ ନଦୀବନ୍ଧ ରାସ୍ତା ବେହାଲ

**ମହାକାଳପଡ଼ା, ୭।୬(ସମିସ)**

ବର୍ଷା ହେଲେ ବିଗୁଡୁଛି ନଦୀବନ୍ଧ ରାସ୍ତା ଅବସ୍ଥା। ଲୋକେ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ବିଭାଗୀୟ ତତ୍ପରତା ଦେଖିବାକୁ ମିଳୁନି। ଏ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ସହ ଅଭିଯୋଗ ମଧ୍ୟ ହୋଇଛି। ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସଚିବ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।



ତେବେ ନିର୍ଦ୍ଦେଶ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନି।

**କେବେ ପ୍ରଶାସନର ନିଦ ଭାଙ୍ଗିବ**

ପିଚୁ ନ ହୋଇ କାଦୁଅ ରାସ୍ତାରେ ଡଷ୍ଟ ଛିଞ୍ଚି ଦେଇ ବସିପଡୁଛି ବିଭାଗ। ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତର ତେରଗାଁ ଘାଟ ଗୋଡାଠାରୁ ଘୋଡ଼ାବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଞ୍ଚାୟତର ୫ଟି ଗ୍ରାମର ପାଖାପାଖି ୨୫୦୦ ଲୋକ ଏହି ରାସ୍ତା ପାଇଁ ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି। ଆଜି ବର୍ଷାରେ ରାସ୍ତା ଉପରେ ପାଣି ଲହଡ଼ି ମାରୁଛି। ଫଳରେ ଲୋକେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ପ୍ରଶାସନର କେବେ ନିଦ ଭାଙ୍ଗିବ, ତାହା ଦେଖିବାକୁ ବାକି ରହିଲା।

## ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ପାଟକୁରା ବିଜେଡିର ପ୍ରଶିକ୍ଷଣ

**ଗରଦପୁର,୭।୬(ସମିସ):** ପାଟକୁରା ବିଜେଡି ପକ୍ଷରୁ ଗରଦପୁର ବ୍ଲକ୍ କଳାବୁଦାସ୍ଥ ମହାଲକ୍ଷ୍ମୀ ମଣ୍ଡପରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କିତ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ତଥା ପାଟକୁରା ବିଜେଡି ନେତା ରାଜେଶ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଦଳର ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଜିଲ୍ଲା ସଭାପତି ଶିବପ୍ରସାଦ ଭୋଳ ପ୍ରମୁଖ ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବୁଥ୍‌ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବକ୍ତାମାନେ ଗଣତନ୍ତ୍ରରେ ଭୋଟରଙ୍କ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଭୋଟର ତାଲିକାର ପୁନଃ ଯାଞ୍ଚ, ନୂତନ ଭୋଟରଙ୍କ ନାମ ସଂଯୋଜନ ଓ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପ୍ରକ୍ରିୟା ଉପରେ ବୁଥ୍ ଏଜେଣ୍ଟଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଏହି କର୍ମଶାଳାରେ ଗରଦପୁର ବ୍ଲକର ୧୨୩ଟି ଓ ମାର୍ଶାଘାଇ ବ୍ଲକର ୩୯ଟି ବୁଥ୍‌ର ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ପ୍ରହ୍ଲାଦ ସାହୁ ଧନ୍ୟବାଦ ଦେଇଥିଲେ।



## ବିଜେଡିର ନାରୀ ଅଧିକାର ଅଭିଯାନ

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା ବିରୋଧରେ ଗର୍ଜିଲେ ମହିଳା

ଜଳେଶ୍ୱର,୭।୬(ସମିସ)




ବିଜେଡିର ନାରୀ ଅଧିକାର ଅଭିଯାନ ସଭା ଜଳେଶ୍ୱର ବିଜୁ ମହିଳା ସଂଗଠନ ପକ୍ଷରୁ ଜଳେଶ୍ୱର ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ୩୩%ଧ ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାକୁ ବିଜେପି ସରକାର ଅସମର୍ଥ ବୋଲି ଆଜିର ପ୍ରତିବାଦ ସଭାରେ ବିଜେଡିର ରାଜ୍ୟସ୍ତରୀୟ ନେତୃ ମଣ୍ଡଳୀ ବିଜେପି ସରକାର ବିରୁଦ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦିକା ତଥା ପ୍ରବକ୍ତା ଡ. ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ମହିଳାଙ୍କ ସୁରକ୍ଷାକୁ ନେଇ ବିଜେପି ସରକାରଙ୍କ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜଳେଶ୍ୱର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ପ୍ରଧାନ, ମ୍ୟୁନିସିପାଲିଟୀ ଉପାଧ୍ୟକ୍ଷା ପୁଷ୍ପପ୍ରିୟା କମିଲା, ଜଳେଶ୍ୱର ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ, ସସ୍ମିତା ପରିଡା ପ୍ରମୁଖଙ୍କ ସହିତ ବହୁ ମହିଳା ସରପଞ୍ଚ ଓ ପୌର କାଉନସିଲର ଯୋଗ ଦେଇ ମହିଳାମାନେ ସୁରକ୍ଷିତ ନଥିବା ବେଳେ ଦିନ ଦ୍ୱିପହରରେ ମହିଳାମାନେ ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁ ନଥିବାବେଳେ ବିଜେପି ସରକାର ମହିଳାମାନଙ୍କୁ ସୁରକ୍ଷା ଦେଉ ଥିବା ଡିମଡିମ ପିଟୁଛି। ତେବେ କେବଳ ଭୋଟ ଲାଗି ବିଜେପି ସରକାର ଲୋକମାନଙ୍କୁ ଭ୍ରମିତ କରୁଥିବା କହିଥିଲେ ବକ୍ତବ୍ୟ ପ୍ରଦାନ କରିଥଲେ। ସଭା ପ୍ରାରମ୍ଭରେ ଯୁବ ନେତା ଲେଲିନ କୁମାର ପ୍ରଧାନ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ପରିଚୟ ପ୍ରଦାନ କରିଥଲେ।

## ନୀଳଗିରି ବିଜେଡି ପକ୍ଷରୁ ମିଶ୍ରଣ ପର୍ବ



ନୀଳଗିରି,୭।୬(ସମିସ): ରବିବାର ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରି ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ କିଛି ବିଜେଡି କର୍ମୀ ବିଜେପି ଦଳରେ ମିଶିଥିଲେ ମଧ୍ୟ ଆଜି ଘରବାହୁଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ ର ବିଜେଡି ନେତା ଶ୍ରୀନିବାସ ବାଗ ଓ ସରପଞ୍ଚ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଙ୍କ ତତ୍ୱାବଧାନରେ ପ୍ରତାପ ବେହେରା, କରୁଣାକର ଦେହୁରୀ, ପ୍ରଦୀପ ପାତ୍ର, ହେମନ୍ତ ପାତ୍ର, କାର୍ତ୍ତିକ ପାତ୍ର, ମନୋଜ ଦେହୁରୀ, ଉମାକାନ୍ତ ଦେହୁରୀ ଗୌର ମୋହନ ସିଂ, ନାଥ ସୋରେନ ଓ ଗଦାଧର ମାଝୀ ବିଜେଡ଼ି ଦଳରେ ସାମିଲ ହୋଇ ଥିଲେ। ଉକ୍ତ ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର ଓ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। ଉକ୍ତ ମିଶ୍ରଣ ଫଳରେ କେସିପୁର ପଞ୍ଚାୟତ ଓ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡି ଦଳ ଅଧିକ ସଶକ୍ତ ହେବ ବୋଲି ପୂର୍ବତନ ବିଧାୟକ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

## 'ପ୍ରକୃତି ବନ୍ଧୁ' ପୁରସ୍କାର ପାଇଲେ ପ୍ରାକୃତିକ ଚିକିତ୍ସକ ଚିତ୍ତରଞ୍ଜନ

ବାଲେଶ୍ୱର,୭।୬(ସମିସ): ବିଶିଷ୍ଟ ପ୍ରାକୃତିକ ଚିକିତ୍ସକ ତଥା ହେଲଦି ଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ନେଚର୍ କିଓର ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ସାହୁଙ୍କୁ ୨୦୨୫-୨୬ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ବାଲେଶ୍ୱର ଜିଲ୍ଲାପାଳଙ୍କ ଗ୍ରିଭାନ୍ସ ପ୍ରକୋଷ୍ଠରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏଡିଏମ୍ ତପନ କୁମାର ଖୁଣ୍ଟିଆ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଡାକ୍ତର ସାହୁ ତିନି ବର୍ଷ ଧରି ଜାତୀୟ ସେବା ଯୋଜନା ମାଧ୍ୟମରେ ରେମୁଣା ବେଗମପୁର ଗ୍ରାମରେ ୬ ଏକର ଜମିରେ ୫ ହଜାରରୁ ଅଧିକ ଗଛ ଲଗାଇ ଯତ୍ନ ରଖିଛନ୍ତି। ଏଥିସହିତ ପରିବେଶ ପାଇଁ ଜଙ୍ଗଲ ସୁରକ୍ଷା, ସମୁଦ୍ର ସଫେଇ, ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛ ଭାରତ ପାଇଁ ବିଭିନ୍ନ କାର୍ଯ୍ୟ ତଥା ପ୍ରାକୃତିକ ଚିକିତ୍ସା, ମାଟି, ପାଣି, ଆକାଶ ଓ ବାୟୁ ଶୁଦ୍ଧ କରଣ ଓ ଚିକିତ୍ସା ପାଇଁ କାର୍ଯ୍ୟ କରିଆସୁଥିବାରୁ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଛି।



## ବ୍ଲକ୍ ପ୍ରଶାସନ ଓ ଜେଇଙ୍କ ବିରୋଧ ଧାରଣା ଦେବେ ସମିତି ସଭ୍ୟ

ଜଳେଶ୍ୱର ବ୍ଲକ୍,୭।୬(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନା ବ୍ଲକ୍‌ର କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଶୁକ୍ରବାର ବିଡିଓଙ୍କ ନିକଟରେ ଫେରାଦ ହେବା ସହ ସୋମବାରଠାରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ କେତେକ ପ୍ରକଳ୍ପ ଗ୍ରାମସଭାରେ ଅନୁମୋଦିତ ହୋଇଥିଲା। ଏହି ସମସ୍ତ ପ୍ରକଳ୍ପର ଦାୟିତ୍ୱ ବ୍ଲକ୍ ଜେଇଙ୍କ ଅଧୀନରେ ରହିଥିଲା। ମାତ୍ର ସେ ପଞ୍ଚାୟତ ସଦସ୍ୟଙ୍କୁ କୌଣସି ସୂଚନା ନ ଦେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଛନ୍ତି। ଏପରିକି କି ଠିକାଦାରଙ୍କ ସହ ମଧୁଚନ୍ଦ୍ରିକା କରି କାର୍ଯ୍ୟ ବାବଦକୁ ଆସିଥିବା ମୋଟା ଅଙ୍କର ସରକାରୀ ଅର୍ଥ ଆତ୍ମସାତ କରିଥିବା ନେଇ ସଦସ୍ୟ ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ସମସ୍ତ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆସନ୍ତା ୮ ତାରିଖଠାରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସେ ଅନଶନରେ ବସିବେ ବୋଲି ବିଡିଓଙ୍କୁ ଜଣାଇଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ସୋର,୭।୬(ସମିସ): ଔପଦା ବନଖଣ୍ଡ ଅଧିକୃତ ପାଣ୍ଡବଘେରା ପାହାଡ଼ ନିକଟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଆଘିରାପଦା ପଞ୍ଚାୟତ ଛିଞ୍ଚିଡ଼ା ଗ୍ରାମର ରମେଶ ଚନ୍ଦ୍ର ଜେନା ପ୍ରତିଦିନ ଭଳି ଆଜି ସକାଳେ ପୂଜକଙ୍କ ସହ ପାଣ୍ଡବଘେରା ମନ୍ଦିରକୁ ଯାଉଥିଲେ। ଏହି ସମୟରେ ପାହାଡ଼ ଉପରେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ରମେଶ ଗୁରୁତର ଆହତ ହୋଇଥିଲେ। ଖବର ପାଇ ବନ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ସୂଚନା ଯୋଗ୍ୟ ରମେଶ ବନବିଭାଗରେ ସବୁଜସାଥୀ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଅବସର ପରେ ପ୍ରତିଦିନ ପୂଜକଙ୍କ ସହିତ ମନ୍ଦିରକୁ ଯାଉଥିବା ସୂଚନା ମିଳିଛି।

## ତିନୋଟି ମନ୍ଦିରରୁ ଲୁଟିଲେ ଦୁର୍ବୃତ୍ତ

ସୋର,୭।୬(ସମିସ): ସୋର ଥାନା ସବିରା ପଞ୍ଚାୟତର ତିନୋଟି ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ସବିରା ଗ୍ରାମରେ ଥିବା ପତରଶୁଣି ମନ୍ଦିର ସମେତ ଶିବ ମନ୍ଦିର, ରାଧାକୃଷ୍ଣ ମନ୍ଦିରରୁ ଠାକୁରଙ୍କ ୫ଟି ରୁପା ମୁକୁଟ, ସୁନା ଚିତା, ସୁନା ଓ ରୁପା ହାର ସମେତ ଦାନବାକ୍ସ ଭାଙ୍ଗି ଚୋରମାନେ ଚୋରି କରି ନେଇଛନ୍ତି। ଆଜି ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିବା ପରେ ଏ ବାବଦରେ ଜାଣିବାକୁ ପାଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିଲେ। ଏ ବାବଦରେ ଗ୍ରାମବାସୀ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଚୋରି ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଗ୍ରାମବାସୀ କହିଛନ୍ତି।




## ଫିଟ୍ ରହିବାର ସିକ୍ରେଟ୍ ବତାଇଲେ ଆଇଆଇସି

ଖଇରା,୭।୬(ସମିସ): ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ରବିବାର ସାଇକଲ ଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଥିବାବେଳେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ ମଧ୍ୟ ନିଜ କର୍ମଚାରୀଙ୍କ ସହ ୬କିମି ର ସାଇକଲ ଯାତ୍ରା କରି ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାର ବାର୍ତ୍ତା ଦେଇଛନ୍ତି। ଏହା ମାଧ୍ୟମରେ ନିଜକୁ ଫିଟ୍ ରଖାଯାଇପାରିବ ବୋଲି ମଧ୍ୟ କହିଛନ୍ତି। ତାଙ୍କ ନେତୃତ୍ୱରେ ଏହି ସାଇକଲ ଶୋଭାଯାତ୍ରା ଖଇରା ଥାନାରୁ ବାହାରି ମହତୀପୁର ଛକ ପର୍ଯ୍ୟନ୍ତ ଯାଇ ପୁନଶ୍ଚ ଥାନାକୁ ଫେରିଥିଲା। ତାଙ୍କ ସହ ଏଏସ୍ଆଇ ଗୌରହରି ବୁଗୁଡାଇ, ସଞ୍ଜୀବ ଖୁଣ୍ଟିଆ, ମନସ୍ମିତା ମହାନ୍ତି ପ୍ରମୁଖ ସାମିଲ ଥିଲେ।



## ୧୩ରୁ ୪ଦିନିଆ ସୁନ୍ଦରପୁର ରଜ ମହୋତ୍ସବ

# ଦର୍ଶକଙ୍କ ମନ ମୋହିବେ ଓଲିଉଡ୍ ଗାୟିକା, ଅଭିନେତା



ଖଇରା,୭।୬(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ନୟାଖଣ୍ଡି ଗ୍ରାମ ପଞ୍ଚାୟତ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡ଼ିଆରେ ଚଳିତ ମାସ ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରଜ ମହୋତ୍ସବ ଆୟୋଜିତ ହେବାକୁ ଯାଉଛି। ୪ ଦିନ ଧରି ସଭା ସମ୍ବର୍ଦ୍ଧନା ସାଙ୍ଗକୁ ସ୍ଥାନୀୟ ପ୍ରତିଭାଧାରୀଙ୍କ ଦ୍ୱାରା ନୃତ୍ୟଗୀତ ସାଙ୍ଗକୁ ଓଡ଼ିଶାର ପ୍ରସିଦ୍ଧ କଳାକାରମାନେ ନୃତ୍ୟଗୀତ ଓ ସଂଳାପ ପରିବେଷଣ କରିବେ। ଅପରାହ୍ଣରେ ରଜରାଣୀ ପ୍ରତିଯୋଗିତା ସାଙ୍ଗକୁ ଅନ୍ତିମ ଦିବସରେ ଜୁନିୟର, ସବ୍‌ଜୁନିୟର ଓ ସିନିୟର ସ୍ତରରେ ରଜରାଣୀଙ୍କୁ ରୁପା ମୁକୁଟ ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରଥମକରି ଯୁବ ଦର୍ଶକଙ୍କୁ ଆକର୍ଷିତ କରିବା ଲାଗି ଆଇପିଏଲ ଭଳି ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଇଛି। ଏହାବ୍ୟତୀତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପୁଚି, ମେହେନ୍ଦି, ଶଙ୍ଖଫୁଙ୍କା ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହାଛଡା ଦର୍ଶକମାନେ ମୀନାବଜାର,ଦୋଳି ତଥା ରଜପିଠାର ସ୍ୱାଦ ନେବାର ବ୍ୟବସ୍ଥା କରାଯାଇଛି। ୧୨ତାରିଖରେ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ବୋଲି ରବିବାର ସୁନ୍ଦରପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରଜ ମହୋତ୍ସବ କମିଟିର କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ଦେବା ଅବସରରେ ପ୍ରକାଶ କରିଛନ୍ତି। ମହୋତ୍ସବ କମିଟିର ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତ, ବରିଷ୍ଠ ସଭ୍ୟ ନରହରି ନାୟକ, ବୁଦ୍ଧିରାମ ପାଣିଗ୍ରାହୀ, ଡା ହରେକୃଷ୍ଣ ରାଉତ, ବରେନ୍ଦ୍ର କୁମାର ନାୟକଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ମଦ ଦୋକାନ ସ୍ଥାନାନ୍ତର ଦାବି; ଆନ୍ଦୋଳନ ଚେତାବନୀ

ଜଳେଶ୍ୱର,୭।୬(ସମିସ): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା, ଆଦିବାସୀ ବହୁଳ ଅଞ୍ଚଳରେ ଦେଶୀ ବିଦେଶୀ, ଅପମିଶ୍ରିତ ମଦ ବ୍ୟାପକ ଭାବେ ଉପଲବ୍ଧ ହେଉଛି। ଫଳରେ ନିରୀହ ଅପାଠୁଆ ଆଦିବାସୀ ମଜୁରି ଲାଗି ଆଣୁଥିବା ଟଙ୍କାକୁ ମଦରେ ଖର୍ଚ୍ଚ କରି ପରିବାରକୁ ଘୋର ଅବହେଳା କରୁଛନ୍ତି। ଏହା ସହିତ ମଦ ମୃତ୍ୟୁ ସଂଖ୍ୟା ବଢ଼ିବା ସହ ଅନାଥ ଓ ବିଧବା ମହିଳାଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। କିନ୍ତୁ ସରକାରଙ୍କ ପକ୍ଷରୁ ମଦ ଦୋକାନ ଖୋଲିବା ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସୂଚନା ଅନୁସାରେ ଅବକାରୀ ବିଭାଗ ପକ୍ଷରୁ ରାଇବଣିଆଠାରେ ବିଦେଶୀ ମଦଦୋକାନ ଖୋଲିବା ପାଇଁ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବାବେଳେ ନିଳାମଧାରୀ କାଳିକଠାରେ ବେଆଇନ ଭାବେ ଏକ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏହି ମଦ ଦୋକାନକୁ ଆସନ୍ତା ୧୫ ଦିନ ମଧ୍ୟରେ ରାଇବଣିଆକୁ ସ୍ଥାନାନ୍ତର ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଗତ ୪ତାରିଖରେ ଅବଗତ କରାଇଛନ୍ତି। ଯଥାଶୀଘ୍ର ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କାଳିକ ଗ୍ରାମବାସୀଙ୍କୁ ନ୍ୟାୟ ଦେବା ଲାଗି ଦାବି ଜଣାଇଛନ୍ତି। ଚିତ୍ତରଞ୍ଜନ ବିଶ୍ୱାଳ, ଗୋପାଳ ଚନ୍ଦ୍ର ମହାନ୍ତି, ଚନ୍ଦନ ଦାସ, ଗଦାଧର ଦାସ, ରାସବିହାରୀ ଦାସ, ସଞ୍ଜୟ ଦାସ, ବିନୋଦ କୁମାର ଦାସ, ପ୍ରମୁଖ ଜିଲ୍ଲାପାଳଙ୍କୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ନେଇ ନିବେଦନ କରିଛନ୍ତି। ସୂଚନା ଯୋଗ୍ୟ ୨୦୨୬ ମସିହାରେ ଅବକାରୀ ବିଭାଗର ଏହି ଦୋକାନର ଅବଧି ଶେଷ ହୋଇଛି। ଏହି ବିଦେଶୀ ମଦ ଦୋକାନ ନିକଟରେ ଶିକ୍ଷାନୁଷ୍ଠାନ ଥିବାବେଳେ ସେଠାରେ ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସେଠାରେ ମଦୁଆ ମାନେ ମଦ ପିଇ ଉତ୍ପାତ କରୁଛନ୍ତି। ଫଳରେ ଲୋକମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ମଦ ସେବନ ପରେ ନିଶାଖୋର ମାନେ ଖାଲି ବୋତଲଗୁଡ଼ିକୁ ଭାଙ୍ଗି ଚାଷଜମି ଉପରକୁ ପକାଉଥିବାରୁ ଗତ ଖରିଫ ଋତୁରେ ୫ଏକର ଜମିରେ ଚାଷ କାର୍ଯ୍ୟ ହୋଇ ପାରିନଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ବିଦେଶୀ ମଦ ଦୋକାନକୁ କାଳିକ ଗ୍ରାମରୁ ରାଇବଣିଆକୁ ସ୍ଥାନାନ୍ତର ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## 'ସାଇକଲ ଚଲାନ୍ତୁ ଇନ୍ଧନ ବଞ୍ଚାନ୍ତୁ, ପରିବେଶ ସନ୍ତୁଳନ ରକ୍ଷା କରନ୍ତୁ'



ଲଙ୍ଗଳେଶ୍ୱର,୭।୬(ସମିସ): ସାଇକଲ ଚଲାନ୍ତୁ, ଇନ୍ଧନ ବଞ୍ଚାନ୍ତୁ, ପରିବେଶ ସନ୍ତୁଳନ ରକ୍ଷା କରନ୍ତୁ। ଏହି ବାର୍ତ୍ତା ନେଇ ଆଜି ବାଲେଶ୍ୱର ଜିଲ୍ଲାର ସମସ୍ତ ଥାନା ପକ୍ଷରୁ ସାଇକଲ କ୍ୟାମ୍ପେନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହି ଜିଲ୍ଲା ବସ୍ତା ବ୍ଲକ୍ ସିଂଲା ଥାନା ପକ୍ଷରୁ ଥାନା ଅଧିକାରୀ ସୁଚନ୍ଦ୍ର ମହାଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୪ ଜଣ ଥାନା କର୍ମଚାରୀଙ୍କ ସହିତ ଥାନା ଠାରୁ ସାଇକଲ ଚାଳନା କରି ସିଂଲା ଛକ ଏବଂ ଜାମଶୂଳି ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିଥିଲେ। ପାଖାପାଖି ୨୦ କିଲୋମିଟର ସାଇକଲ ଚଲାଇ ଜନସାଧାରଣଙ୍କୁ ସାଇକଲ ଚଲାନ୍ତୁ ଇନ୍ଧନ ବଞ୍ଚାନ୍ତୁ ବୋଲି ବାର୍ତ୍ତା ଦେଇଥିଲେ। ଏଥିରେ ଏସ୍ଆଇ ତପନ କୁମାର ଜେନା, ଏଏସ୍ଆଇ ଗୋପାଳ ହେମ୍ବ୍ରମ, ଚନ୍ଦ୍ର ସୋରେନ, ପବିତ୍ର ମୋହନ ରାଉତ, ରାଜେଶ ମୋହନ ମହାପାତ୍ର, କନେଷ୍ଟବଳ ଛବି ହାଂସଦା, ରେଙ୍ଗ ଚାଟାର, ସନ୍ତୋଷ ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ହୋମଗାର୍ଡ ସୁଧୀର ବାରିକ, ପ୍ରଦୀପ ପାତ୍ର, ମହେଶ୍ୱର ଜେନା, ବରେନ୍ଦ୍ର ଜେନା, ନୀଳାମ୍ବର ବେହେରା, ଶ୍ରୀଧର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଗଛ ପଡ଼ି ଶ୍ରମିକଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ଜଳେଶ୍ୱର,୭।୬(ସମିସ): ଗଛ କାଟିବା ସମୟରେ ଅସାବଧାନତା ଯୋଗୁଁ ଚାପି ହୋଇଯିବାରୁ ଜଳେଶ୍ୱର ବ୍ଲକ ଦକ୍ଷିଣପ୍ରହରାଜପୁର ପଞ୍ଚାୟତର ଜଣେ ୪୦ବର୍ଷୀୟ ଯୁବକ ଚିନ୍ତାମଣି ଜେନାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଚିନ୍ତାମଣି ସେହି ଗ୍ରାମର କାଠ କାରବାର କରୁଥିବା ସୁଶାନ୍ତ ମଣ୍ଡଳ ଓ ହରେନ୍ଦ୍ର ଜେନାଙ୍କ ଅଧୀନରେ ନିତିଦିନିଆ ଗଛକଟାଳି ଭାବେ କାମ କରୁଥିଲେ। ଶୁକ୍ରବାର ସକାଳ ପ୍ରାୟ ୮ଟା ବେଳେ କାଠ ବେପାରୀଙ୍କ ନିର୍ଦ୍ଦେଶକ୍ରମେ ସେ ଦକ୍ଷିଣପ୍ରହରାଜପୁର ପଞ୍ଚାୟତର ସମିତିସଭ୍ୟ ମୁକୁନ୍ଦରଞ୍ଜନ ଜେନାଙ୍କ ଘର ପରିସରରେ ଗଛ କାଟିବାକୁ ଯାଇଥିଲେ ଓ ମାତ୍ର ଗଛ କାଟିବା ସମୟରେ ଅସାବଧାନତାରୁ ବିରାଟ ଗଛଟି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ପରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ଜଳେଶ୍ୱରସ୍ଥିତ ଜିକେଭଟ୍ଟର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆର୍ଥିକ ଅନଗ୍ରସର ମୃତକଙ୍କ ଜଣେ ଝିଅ, ପୁଅ, ବିଧବା ପତ୍ନୀ ଥିବା ବେଳେ ଶଯ୍ୟାଶାୟୀ ବୃଦ୍ଧ ବାପା ମା, ଏକ ମାତ୍ର ପୁଅକୁ ହରାଇ ମ୍ରିୟମାଣ ହୋଇପଡ଼ିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିବାବେଳେ ପୁତୁରା ସାଗର ଜେନା ମୁଖାଗ୍ନି ଦେଇଥିଲେ।

## କାଳବୈଶାଖୀ: ବର୍ଷା ପବନରେ ଭାଙ୍ଗିଲା ଗଛ

ବାଲେଶ୍ୱର,୭।୬(ସମିସ): ବାଲେଶ୍ୱର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାଗରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆଜି ମଧ୍ୟାହ୍ନରେ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ, ଅପରାହ୍ଣରେ କାଳବୈଶାଖୀ ଯୋଗୁଁ ଆକାଶ ମେଘାଚ୍ଛନ୍ନ ହୋଇ ପ୍ରବଳ ବର୍ଷା ପବନ ହୋଇଥିଲା। ଏହି କାଳବୈଶାଖୀ ଝଡ଼ ପ୍ରଭାବରେ ଜୋର ପବନ ସାଙ୍ଗକୁ ଘଡ଼ଘଡ଼ି ଏବଂ ବିଜୁଳି ମାରିବା ସହ କେତେକ ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। କାଳବୈଶାଖୀ ଯୋଗୁଁ ଉତ୍ତପ୍ତ ଏବଂ ଗୁଳୁଗୁଳି ପାଗରେ କିଛିଟା ପରିବର୍ତ୍ତନ ହୋଇଥିଲା। ତାପମାତ୍ରା ହ୍ରାସ ପାଇ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲା।



## ବସ୍ତା ଥାନା ପକ୍ଷରୁ ସାଇକଲ ଶୋଭାଯାତ୍ରା

ବସ୍ତା ବ୍ଲକ,୭।୬(ସମିସ): ବିଶ୍ୱ ସାଇକେଲ ଦିବସ ଅବସରରେ ବସ୍ତା ପୁଲିସ ପକ୍ଷରୁ ଏକ ସଚେତନତା ମୂଳକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ନୂତନ ଏସ୍‌ଡିପିଓ ଭାବେ ଯୋଗ ଦାନ କରିଥିବା ସମର୍ଥ ବେହେରା ଙ୍କ ନେତୃତ୍ୱ ରେ ରବିବାର ସକାଳେ ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଏହି ରାଲି ଆୟୋଜିତ ହୋଇଥିଲା। ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ବାହାର୍ଦା ଓ ଗାନ୍ଧୀଛକ ବଜାର ଦେଇ ଥାନା କ୍ୟାମ୍ପସରେ ସମାପ୍ତ ହୋଇଥିଲା। ଏସ୍‌ଡିପିଓ ଶ୍ରୀ ବେହେରାଙ୍କ ସହିତ ଆଇଆଇସି ରଣଜିତ ସାହୁ, ଏସ୍ଆଇ ବିଜୟ ବାରିକ, ସନ୍ଦୀପ କୁଜୁର, ଏଏସ୍ଆଇ ଜଗନ୍ନାଥ ମାରାଣ୍ଡି, କଳ୍ପତରୁ ସାହୁ, ଲକ୍ଷ୍ମୀକାନ୍ତ ବିନ୍ଧାଣୀଙ୍କ ସହ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏସ୍‌ଡିପିଓ ଶ୍ରୀ ବେହେରା କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସନ୍ତୁଳନ, ସୁସ୍ଥ ଜୀବନଶୈଳୀ ଓ ପ୍ରାକୃତିକ ସମ୍ପଦର ଦାୟିତ୍ୱଶୀଳ ବ୍ୟବହାର ପ୍ରତି ନିଜର ଦାୟିତ୍ୱ ଓ ପ୍ରତିବଦ୍ଧତା ସହିତ ସାଇକଲ ଚଳାଇବା ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ନିଜ ଶରୀର ପାଇଁ ମୂଲ୍ୟବାନ ବୋଲି ଆହ୍ୱାନ ଦେଇଥିଲେ।



# ବିଶ୍ୱସ୍ତରୀୟ ବୈଜ୍ଞାନିକ ତାଲିକାରେ ଏଫ୍‌ଏମ୍‌ୟୁର ୪ ଅଧ୍ୟାପକ

ବାଲେଶ୍ୱର,୭।୬(ସମିସ)






ବିଶ୍ୱସ୍ତରୀୟ ବୈଜ୍ଞାନିକ ମୂଲ୍ୟାଙ୍କନ ତାଲିକାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଚାରିଜଣ ବିଶିଷ୍ଟ ଅଧ୍ୟାପକ ସ୍ଥାନ ପାଇ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିଛନ୍ତି। ୨୦୨୫ ସାଇନ୍ସ-ଯ୍ଞାଙ୍କ୍ ଗ୍ଲୋବାଲ୍ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ କମ୍ପ୍ୟୁଟର ବିଜ୍ଞାନ ଓ ଯନ୍ତ୍ରାଧାରିତ ଶିକ୍ଷଣ, ପ୍ରଫେସର ପଙ୍କଜ କୁମାର ପାରହୀ ଧାତୁ ନିଷ୍କାସନ ବିଜ୍ଞାନ ଓ ସମ୍ପଦ ପୁନରୁଦ୍ଧାର, ପ୍ରଫେସର ମନୋରଞ୍ଜନ ମିଶ୍ର ଭୂଗୋଳ ଓ ଜଳବାୟୁ ବିଜ୍ଞାନ, ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ ଆଣବିକ ଜୀବବିଜ୍ଞାନ ଓ ଜୈବ-ସୂଚନା ବିଜ୍ଞାନ ସ୍ଥାନ ଅଧିକାର ଓ ଏହି ସମ୍ମାନ ଲାଭ କରିଛନ୍ତି। ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଗତ ୨୫ ବର୍ଷ ଧରି ତଥ୍ୟ ବିଶ୍ଳେଷଣ, ଯନ୍ତ୍ରାଧାରିତ ଶିକ୍ଷଣ ଏବଂ ବହୁମାନଦଣ୍ଡୀୟ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅଗ୍ରଣୀ ଗବେଷଣା କରିଆସୁଛନ୍ତି। ପ୍ରଫେସର ପଙ୍କଜ କୁମାର ପାରହୀ, ବର୍ଜ୍ୟ ପଦାର୍ଥ ପୁନଃବ୍ୟବହାର, ସମ୍ପଦ ପୁନରୁଦ୍ଧାର ଓ ପରିବେଶ ଅନୁକୂଳ ଧାତୁ ନିଷ୍କାସନ ପ୍ରଯୁକ୍ତି କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ବିଶ୍ୱରେ ସୁପରିଚିତ। ପ୍ରଫେସର ମନୋରଞ୍ଜନ ମିଶ୍ର ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ଜନିତ ବିପଦ ହ୍ରାସ, ଭୌଗୋଳିକ ସୂଚନା ପ୍ରଣାଳୀ, ଦୂର-ସଂବେଦନ ତଥା ଅନୁଭବ ପ୍ରଯୁକ୍ତି ଏବଂ ପରିବେଶୀୟ ସ୍ଥାୟୀତ୍ୱ କ୍ଷେତ୍ରରେ ଜଣେ ଅଗ୍ରଣୀ ଗବେଷକ। ବଜ୍ରପାତ ପୂର୍ବାନୁମାନ ଏବଂ ପୂର୍ବ ସତର୍କତା ବ୍ୟବସ୍ଥା ଉପରେ ତାଙ୍କର ଗବେଷଣା ବିପର୍ଯ୍ୟୟ ମୁକାବିଲା ଓ ଜଳବାୟୁ ସହନଶୀଳତା ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ରଖିଛି। ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ - ଟୀକାର ବିକାଶ, ଜୀବ ବଂଶଗତ ଅଧ୍ୟୟନ ଓ ସଂକ୍ରାମକ ରୋଗ ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱସ୍ତରରେ ପରିଚିତ ଓ ସୁନାମଧନ୍ୟ। ତାଙ୍କ ଗବେଷଣା କାର୍ଯ୍ୟକୁ ୯ ହଜାରରୁ ଅଧିକ ଥର ଉଦ୍ଧୃତ କରାଯାଇଥିବା ବେଳେ ତାଙ୍କର ଗବେଷଣା ପ୍ରଭାବ ସୂଚକାଙ୍କ ୫୦ରୁ ଅଧିକ ରହିଛି। ସେ ବିଭିନ୍ନ ପ୍ରତିଷ୍ଠିତ ଆନ୍ତର୍ଜାତିକ ବୈଜ୍ଞାନିକ ପତ୍ରିକାର ସମ୍ପାଦକୀୟ ମଣ୍ଡଳୀରେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଚାରିଜଣ ବିଦ୍ୱାନ ଅଧ୍ୟାପକଙ୍କୁ କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସମସ୍ତ ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯାଇଥିବା ବେଳେ ସେମାନଙ୍କର ଏହି କୃତିତ୍ୱ ଓଡ଼ିଶା ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି।

ସକାଳ THE SAKALA
ସୋମବାର ୮ ଜୁନ୍, ୨୦୨୬


# ୩୦୦ ବର୍ଷର ମଡ଼ାଗଡ଼ିଆ ଲୁଣିଆ ମେଳଣ ଅବହେଳିତ





ସହିଦ ନଗର,୭।୬(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ଖପରାପଦା ପଞ୍ଚାୟତରେ ଅବସ୍ଥିତ ଐତିହାସିକ ମଡ଼ାଗଡ଼ିଆ ଲୁଣିଆ ମେଳଣ ଆଜି ଅବହେଳାର ଶିକାର ହୋଇ ପଡ଼ିଛି। ପ୍ରାୟ ୩୦୦ ବର୍ଷର ଏହି ଦାଣ୍ଡ ମେଳଣ ଅଞ୍ଚଳର ପୁରାତନ କଳା, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ରହିଛି। ଧାମନଗର ଅଞ୍ଚଳର ପ୍ରସିଦ୍ଧ ଲୁଣିଆ ମେଳଣ ଭାବେ ଏହାର ସ୍ୱତନ୍ତ୍ର ପରିଚୟ ରହିଥିବାବେଳେ, ବର୍ତ୍ତମାନ ଏହାର ଉନ୍ନତି ଓ ସଂରକ୍ଷଣ ନେଇ ଚିନ୍ତା ବଢ଼ିଛି। ମେଳଣର ଭିତ୍ତିଭୂମିର ସଠିକ୍ ବିକାଶ ହୋଇପାରୁନାହିଁ। ପ୍ରବେଶ ପଥରେ ନିର୍ମାଣ ହୋଇଥିବା ଗେଟ୍ ଦୀର୍ଘଦିନ ଧରି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏହା ସହ ମେଳଣ ପୋଖରୀର ଚାରିପାଖରେ ମାଟି ଧସିବାରୁ ପରିବେଶ ଓ ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ବସିଛି। ପୋଖରୀଟି କିଛି ବର୍ଷ ପୂର୍ବରୁ ପୁନଃଉଦ୍ଧାର ହୋଇଥିଲା କିନ୍ତୁ ନଷ୍ଟ ହୋଇଗଲାଣି। ଏହାର ପୁନଃଉଦ୍ଧାର ନିତାନ୍ତ ଆବଶ୍ୟକ। କାରଣ ଏହି ପୋଖରୀ ଆଡ଼ିର ଚତୁଃପାର୍ଶ୍ୱରେ ଦୋଳ ମେଳଣଗୁଡ଼ିକ ପଟୁଆରରେ

● ଉନ୍ନତୀକରଣ ପାଇଁ ଉଠିଲା ଦାବି
● ପ୍ରବେଶ ପଥରେ ନିର୍ମାଣ ଗେଟ୍ ଅଧପନ୍ତରିଆ

ଆସନ୍ତି ଏବଂ ପଡ଼ିଆରେ ବିଜେ କରନ୍ତି। ହଜାର ହଜାର ଲୋକଙ୍କ ସମାଗମ ହୁଏ। ଏଣୁ ପୋଖରୀ ଆଡ଼ି ଓ ବାଡ଼ା ନିତାନ୍ତ ଜରୁରୀ। ନ ହେଲେ ମେଳଣକୁ ଆସୁଥିବା ଭକ୍ତଙ୍କ ଜୀବନ ପ୍ରତି ବିପଦ ଅଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସରକାରଙ୍କ ପକ୍ଷରୁ ପୂର୍ବରୁ କିମ୍ବା ବର୍ତ୍ତମାନ ଯେଉଁ ଅନୁଦାନ ମିଳୁଛି, ତାହା ଏହି ଐତିହ୍ୟସମ୍ପନ୍ନ ସ୍ଥାନର ସାମଗ୍ରିକ ବିକାଶ ପାଇଁ ପର୍ଯ୍ୟାପ୍ତ ନୁହେଁ। ଧାମନଗର ବ୍ଲକ୍‌ର ଏକ ପ୍ରମୁଖ ମେଳଣ ହୋଇଥିବାବେଳେ ଏହି ମେଳଣ ଦୀର୍ଘ ବର୍ଷ ଧରି ଅଞ୍ଚଳର ସାଂସ୍କୃତିକ ପରିଚୟକୁ ବହନ କରିଆସୁଛି। ପାଖାପାଖି ୨୫ଟି ଦୋଳ ବିମାନ ଏଠାରେ ବିଜେ କରନ୍ତି। ତେଣୁ ମଡ଼ାଗଡ଼ିଆ ଲୁଣିଆ ମେଳଣର ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନସ୍ଥଳୀ ଅଞ୍ଚଳଭାବେ ବିକାଶ ପାଇଁ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସବୁ ମହଲରୁ ଦାବି ହେଉଛି। ବିଶେଷକରି ସ୍ଥାନୀୟ ବିଧାୟକ ଏବେ ରାଜ୍ୟର ସଂସ୍କୃତି ବିଭାଗ ମନ୍ତ୍ରୀ ଥିବାରୁ ଏହି ପୁରାତନ ଐତିହ୍ୟର ପୁନରୁଦ୍ଧାର ଦିଗରେ ଠୋସ୍ ପଦକ୍ଷେପ ନିଆଯିବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

## ସେମାନଙ୍କ ମତରେ...



ମଡ଼ାଗଡ଼ିଆ ଲୁଣିଆ ମେଳଣ ଅଞ୍ଚଳର ଗୌରବ ଓ ସାଂସ୍କୃତିକ ପରିଚୟ। ସଂସ୍କୃତି ମନ୍ତ୍ରୀଙ୍କ ଶୁଭଦୃଷ୍ଟି ଏହି ମେଳଣ ଉପରେ ପଡୁ ଏବଂ ସରକାର ଯେଉଁ ଅନୁଦାନ ଦେବେ, ତାହାର ସଠିକ୍ ବ୍ୟବହାର ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗ କରନ୍ତୁ।

**ବିଜୟ ଦଳାଇ**, ଖପରପଦା ପଞ୍ଚାୟତ ସମିତିସଭ୍ୟ



ପୂର୍ବ ସରକାରଙ୍କ ସମୟରେ ଯେଉଁ ଅନୁଦାନ ଆସିଥିଲା, ସେଥିରେ କିଛି ଉନ୍ନତି କାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ଯେଉଁ ଅନୁଦାନ ମଞ୍ଜୁର ହୋଇଛି, ତାହାର କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯାଉ। ସେହିପରି ସଂସ୍କୃତି ବିଭାଗ ଏହି ଐତିହାସିକ ମେଳଣର ବିକାଶ ଉପରେ ବିଶେଷ ଦୃଷ୍ଟି ଦେଲେ ଅଞ୍ଚଳର ସଂସ୍କୃତି ଓ ପରମ୍ପରା ଆଗାମୀ ପିଢ଼ି ପର୍ଯ୍ୟନ୍ତ ବଞ୍ଚି ରହିବ।

**ପ୍ରତାପ ମହାନ୍ତି, ଲୁଣିଆ ମେଳଣ କମିଟି ସମ୍ପାଦକ**



ମଡ଼ାଗଡ଼ିଆ ଲୁଣିଆ ମେଳଣ କେବଳ ଏକ ମେଳଣ ନୁହେଁ, ବରଂ ଏହା ଅଞ୍ଚଳର ଏକ ଐତିହାସିକ ଓ ସାଂସ୍କୃତିକ ପୀଠ। ଏହାର ଉନ୍ନତି ଓ ସଂରକ୍ଷଣ ପାଇଁ ସରକାରଙ୍କ ସହ ସମାଜର ସମସ୍ତ ବର୍ଗ ଆଗେଇ ଆସିବା ଆବଶ୍ୟକ।

**ସ୍ନେହାଶିଷ ପଣ୍ଡା**
**ବରିଷ୍ଠ ଆଇନଜୀବୀ ତଥା ଲୁଣିଆ ମେଳଣ କମିଟି ସଭ୍ୟ**

## ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସଭା



ଦୋଳସାହି,୭।୬(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତ ବିଷ୍ଣୁପୁର ଗାଁରେ ରବିବାର ସ୍ୱର୍ଗତ କୃପାସିନ୍ଧୁ ଉଦ୍‌ଗାତା ଓ ତାଙ୍କ ପୁତ୍ର ସ୍ୱର୍ଗତ ଗଣେଶ ପ୍ରସାଦ ଉଦ୍‌ଗାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସଭା କବି ତଥା ସମାଜସେବୀ ଦୀନବନ୍ଧୁ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଭାଷାର ପ୍ରଚାରପ୍ରସାର ନିମନ୍ତେ ଉଭୟଙ୍କ ଅବଦାନ ସମାଜ ପାଇଁ ଅତୁଳନୀୟ ହୋଇଥିବାବେଳେ ସ୍ୱର୍ଗତ କୃପାସିନ୍ଧୁ ଉଦ୍‌ଗାତା ସଂସ୍କୃତରେ ପାଞ୍ଚଟି ବିଷୟରେ ସ୍ନାତକୋତ୍ତର ହାସଲ କରିଥିଲେ। ଗୁଆମାଳର କାନ୍ତକବିଙ୍କ ମାଟିରେ ସଂସ୍କୃତ ଶିକ୍ଷାର ଉନ୍ନତିକଳ୍ପେ ସଂସ୍କୃତ ଟୋଲ୍ ସ୍ଥାପନ କରିଥିଲେ। ଏଥିରୁ କୃତିତ୍ୱ ହାସଲ କରି ବହୁ ବିଦ୍ୱାନ ପଣ୍ଡିତ ସୃଷ୍ଟି ହୋଇଛନ୍ତି ଏବଂ ବିଭିନ୍ନ ଅନୁଷ୍ଠାନରେ ଦକ୍ଷତାର ସହ କାର୍ଯ୍ୟ କରିଥିବା ନେଇ ଏହି ୨ ମହାନ ଆତ୍ମାର ସ୍ମୃତିକୁ ସଭାରେ ଉପସ୍ଥିତ ବକ୍ତାମାନେ ପ୍ରକାଶ କରିବା ସହ ସେମାନେ ଉଭୟ କର୍ମକାଣ୍ଡ ଓ ଧର୍ମଶାସ୍ତ୍ର ବିଶାରଦ ଥିବା କହିଥିଲେ। ତାଙ୍କର ଅବର୍ତ୍ତମାନରେ ଆଜି ସଂସ୍କୃତ ଶିକ୍ଷାର ଜନମାନସରେ ଆନ୍ତରିକତା କମିଯାଉଥିବା ନେଇ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଉଭୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଉଭୟ ପଣ୍ଡିତଙ୍କୁ କଳାର ସ୍ନାତକୋତ୍ତର ନ କହି ସମସ୍ତ ବିଷୟର ସ୍ନାତକୋତ୍ତର ବୋଲି କହିଥିଲେ। ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ମନୋଜ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସଂସ୍କୃତ ଅନୁଷ୍ଠାନର ଉନ୍ନତି ପାଇଁ ସମସ୍ତେ ଆନ୍ତରିକତା ପ୍ରଦର୍ଶନ କରିବା ପାଇଁ କହିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଡ. ସଦାନନ୍ଦ ଦୀକ୍ଷିତ ସଂସ୍କୃତ ଭାଷା ଓ ଅନୁଷ୍ଠାନର ଅବନତି ପାଇଁ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀ, ରାଷ୍ଟ୍ରପତି ପୁରସ୍କାର ତଥା ଅବସରପ୍ରାପ୍ତ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା, ପଣ୍ଡିତ ଚତୁର୍ଭୁଜ ତ୍ରିପାଠୀ, ଭଦ୍ରକ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ନାୟକ, ପଣ୍ଡିତ ଦଇତାରି ମହାପାତ୍ର, ପଣ୍ଡିତ ଦୟାନିଧି ଦାଶ, ସମାଜସେବୀ ସୁଧାଂଶୁ ପାଣିଗ୍ରାହୀ, ଗୁଆମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମିହିର ଆଚାର୍ଯ୍ୟ, ସାବିତ୍ରୀ ମହାପସାୟତ, ରବୀନ୍ଦ୍ର ଉଦ୍‌ଗାତା, ଦେବେନ୍ଦ୍ର ଉଦ୍‌ଗାତା, ସମରେନ୍ଦ୍ର ଉଦ୍‌ଗାତା, ମମତାରାଣୀ ଉଦ୍‌ଗାତା, ମାୟାଧର ସାହୁ, ପ୍ରଧାନଶିକ୍ଷକ ମନ୍ମଥ ଦାସ, ପର୍ଶୁରାମ ପାଣିଗ୍ରାହୀ, ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଆରମ୍ଭରେ ସ୍ମରଣିକା 'କୃପା ପ୍ରସାଦ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ଉପରଦୁମୁକାରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଭଦ୍ରକ/ଆରଡ଼ି,୭।୬(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଉପରଦୁମୁକାରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିହିଡ଼ି ବ୍ଲକ୍ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଅନ୍ୟମାନଙ୍କ ମଧ୍ୟରେ ସିନିୟର୍ ଟିସି, ଭଦ୍ରକ ଅମିତ୍‌ମୋହନ ସିଂ, ଜିଲ୍ଲା ପରିଷଦ ସଭ୍ୟା ବିଦ୍ୟୁତ୍‌ଲତା ନାୟକ, ଶ୍ୟାମସୁନ୍ଦରପୁର ସରପଞ୍ଚ ଦୀପାଳି ଦାସ, ପଞ୍ଚାୟତ ସମିତିସଭ୍ୟା, ମାମିନା ମଲ୍ଲିକ, ଜୟ ଦୁର୍ଗା ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ରବୀନ୍ଦ୍ର ମଲ୍ଲିକ, ପ୍ରଧାନଶିକ୍ଷକ ରାଜେଶ କାଣ୍ଡିୟାନ, ନୃସିଂହ ଚରଣ ବାରିକ, ଆଲୁମ୍‌ନି କମିଟି ସଭାପତି ପ୍ରଦୀପ ପରିଡ଼ା, ଭୀମସେନ ବାରିକଙ୍କ ସହ ସ୍ଥାନୀୟ ଗ୍ରାମବାସୀ, କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କାଳବୈଶାଖୀରେ ଭାଙ୍ଗିଲା ମନ୍ଦିର ମୁଖଶାଳା



ବାରିକପୁର,୭।୬(ସମିସ): ଗ୍ରୀଷ୍ମ ପ୍ରବାହ ସାରା ରାଜ୍ୟରେ ଏବେ ଉଗ୍ରରୂପ ନେଇଛି। ଏଥିପାଇଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବାବେଳେ ଉଷ୍ମ ପ୍ରବାହ ବୃଦ୍ଧି ପାଉଛି। ଏହାରି ଭିତରେ କାଳବୈଶାଖୀ ଟିକିଏ ହେଲେ ଲୋକମାନେ ସାମାନ୍ୟ ଆଶ୍ୱସ୍ତ ଅନୁଭବ କରୁଥିଲେ ବି ଏଥିଯୋଗୁଁ କ୍ଷୟକ୍ଷତି ବି ହେଉଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ରବିବାର କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ବ୍ଲକ୍‌ର ସରସଦାଠାରୁ ବାଲିପୋଖରୀ ଓ ଆଖୁଆପଦା ଯାଏଁ ପ୍ରାୟ ଘଣ୍ଟାଏ ଧରି ଝଡ଼ିବର୍ଷା ସୃଷ୍ଟି ହୋଇଥିଲା। ଗାଁ ରାସ୍ତାରେ ଗଛଡାଳ ଭାଙ୍ଗି ପଡ଼ିଥିବାବେଳେ କିଛି ଦୋକାନ ଗୃହ ମଧ୍ୟ ପ୍ରଭାବିତ ହୋଇଛି। କଇଁସିରା କୃଷ୍ଣ ମନ୍ଦିର ମୁଖଶାଳା ଉପରେ ଗଛ ପଡ଼ି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଏହାଛଡ଼ା ମାଳଦା, ରହଣିଆ, ରାଢୋ, ନପଙ୍ଗ ପ୍ରମୁଖ ସ୍ଥାନରେ କାଳବୈଶାଖୀ ବର୍ଷା ପବନ ହୋଇଥିବା ଜଣାପଡ଼ିଛି। ଅଞ୍ଚଳରେ ବିଦ୍ୟୁତ୍ ସରବରାହ ମଧ୍ୟ ବନ୍ଦ ରହିଛି। ବ୍ଲକ୍‌ର ଅନ୍ୟାନ୍ୟ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ପବନ ହୋଇଥିବାବେଳେ ବର୍ଷା ହୋଇ ନ ଥିବା ସୂଚନା ମିଳିଛି।

## ଅଂଶୁଘାତରେ ଗଲା ଜୀବନ

ଭଦ୍ରକ,୭।୬(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଚଳିତ ଗ୍ରୀଷ୍ମ ଋତୁର ପ୍ରଥମ ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ହେଲେ ଭୂଇଁବତି ପଞ୍ଚାୟତ ଅନ୍ତର୍ଗତ ନୂଆଗାଁର ୫୫ ବର୍ଷୀୟ ବୈଲୋଚନ ଦାସ। ସୂଚନା ଅନୁଯାୟୀ, ରବିବାର ଚାନ୍ଦବାଲି ହାଟପଟି ପରିବା ମାର୍କେଟ ନିକଟରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ଗରମ ଓ ତାପମାତ୍ରାର ପ୍ରଭାବରେ ସେ ଅଂଶୁଘାତ (ହିଟ୍ ଷ୍ଟ୍ରୋକ୍)ର ଶିକାର ହୋଇଥିବା ଜଣାଯାଇଛି। ଡାକ୍ତରମାନେ ଏହାକୁ ଅଂଶୁଘାତଜନିତ ମୃତ୍ୟୁ ବୋଲି ସ୍ପଷ୍ଟ କରିଛନ୍ତି। ଏହି ଘଟଣା ପରେ ଚାନ୍ଦବାଲି ଅଞ୍ଚଳରେ ଚିନ୍ତାର ପରିବେଶ ସୃଷ୍ଟି ହୋଇଛି। ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଲୋକମାନଙ୍କୁ ଦିନ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ କାମ ନ ଥିଲେ ବାହାରକୁ ନ ଯିବା, ପ୍ରଚୁର ପାଣି ପିଇବା ଏବଂ ଖରାରୁ ସୁରକ୍ଷିତ ରହିବା ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବଢୁଛି ବେଆଇନ ସୁଧ କାରବାର

ଭଦ୍ରକ,୭।୬(ସମିସ): ଭଦ୍ରକ ସହର ୨୯ ନମ୍ବର ୱାର୍ଡ ଓ ଆଖପାଖ ଅଞ୍ଚଳରେ ବେଆଇନ ସୁଧ କାରବାର ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବେଆଇନ ସୁଧ କାରବାରରେ କେତେକ ସରକାରୀ କର୍ମଚାରୀ, ପ୍ରଧାନଶିକ୍ଷକ ଓ ବ୍ୟକ୍ତିବିଶେଷ ମାତିଛନ୍ତି। ଗରିବଗୁରୁବାଙ୍କ ଅଭାବ ଓ ଅସୁବିଧା ବେଳେ ଏମାନେ ସୁନାଗହଣା ବନ୍ଧକ ରଖି ସେମାନଙ୍କଠାରୁ ୧୦ ପ୍ରତିଶତ ଭଳି ସୁଧ ମାସିକ ଆଦାୟ କରୁଛନ୍ତି। ଦୁଃଖର କଥା କେତେକ ଗରିବ ପରିବାର ସରକାରଙ୍କଠାରୁ ପାଉଥିବା ମାସିକିଆ ଚାଉଳ ବିକି ସୁଧ ଟଙ୍କା ପୈଠ କରୁଛନ୍ତି। ନିୟମିତ ଭାବେ ସୁଧ ଟଙ୍କା ନ ଦେଲେ ବନ୍ଧକ ରଖିଥିବା ସୁନା ଅଳଙ୍କାରକୁ ବିକି ଦେବାକୁ ଧମକ ଦେଉଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଏକାଧିକ ପରିବାର ଏହି ସୁଧ ଯନ୍ତ୍ରଣାରେ ଛଟପଟ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ଉଦ୍ୟମ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲ ନିବେଦନ କରିଛନ୍ତି।

## 'ସ୍ୱଚ୍ଛ ଗାଁ ସୁରକ୍ଷିତ ଜଳବାୟୁ' ଅଭିଯାନ

ବାରିକପୁର,୭।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ 'ସ୍ୱଚ୍ଛ ଗାଁ ଓ ସୁରକ୍ଷିତ ଜଳବାୟୁ' ସମ୍ପର୍କିତ ଅଭିଯାନ ଆରମ୍ଭ ହୋଇଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାଯାଇଛି। ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ୍ ଏକତ୍ରୀକରଣ ଓ ସଫେଇ ସହିତ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗଗୁଡ଼ିକୁ ଚିହ୍ନଟ କରି ସେଠାରେ ସ୍ୱଚ୍ଛତା ପାଇଁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ହୋଟେଲ ଓ ଢାବା ନିକଟବର୍ତ୍ତୀ ସ୍ଥାନରେ ମଧ୍ୟ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଛି। ସ୍ୱଚ୍ଛ ଭାରତ ବ୍ଲକ୍ ସଂଯୋଜକ ଉଦୟନାଥ ବେଜଙ୍କ ଅଧ୍ୟକ୍ଷତାରେ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି।

## ଧାମନଗରରେ ସ୍ୱାବଲମ୍ବୀ ଯୁବ ଅଭିଯାନ | ଯୁବପିଢ଼ିଙ୍କୁ ମିଳିବ ନିଯୁକ୍ତିର ନୂଆ ଦିଗ୍‌ଦର୍ଶନ



ଦୋବଲ,୭।୬(ସମିସ): ସ୍ଥାନୀୟ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାବଲମ୍ବୀ ଯୁବ ଅଭିଯାନ କାର୍ଯ୍ୟକ୍ରମ ହେବାକୁ ଯାଉଛି। ରବିବାର ସକାଳ ୮ଟାରୁ ସୋହଡ଼ା ପଞ୍ଚାୟତର ପିତେଇପୁର ସରକାରୀ ଏମ୍.ଇ. ସ୍କୁଲ ପରିସରରେ ସ୍ୱାବଲମ୍ବୀ ଯୁବ ଅଭିଯାନ କାର୍ଯ୍ୟକ୍ରମ କରାଯାଉଛି। ଭଦ୍ରକ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ବିଶେଷ ଅଭିଯାନ ସ୍ଥାନୀୟ ଅଞ୍ଚଳର ବେକାର ଯୁବକଯୁବତୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ଅଭିଯାନର ବ୍ୟାପକତାକୁ ଦୃଷ୍ଟିରେ ରଖି ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗ ଲୋଡ଼ିଛନ୍ତି। ଅନ୍ୟପଟେ କାର୍ଯ୍ୟକ୍ରମସ୍ଥଳରେ ବହୁ ସଂଖ୍ୟାରେ ଯୁବପିଢ଼ିଙ୍କ ସମାଗମକୁ ଆଖିରେ ରଖି ଆଇନଶୃଙ୍ଖଳା ଓ ଶାନ୍ତିପୂର୍ଣ୍ଣ ପରିଚାଳନା କିପରି କରାଯିବ ସେନେଇ ରବିବାର ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପିତେଇପୁର ସ୍କୁଲରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏହି ସ୍ୱାବଲମ୍ବୀ ଯୁବ ଅଭିଯାନ କେବଳ ଏକ ସାଧାରଣ ସଚେତନତା ଶିବିର ନୁହେଁ, ବରଂ ଏହା ଯୁବପିଢ଼ିଙ୍କ ବ୍ୟାବସାୟିକ ଦକ୍ଷତା ବୃଦ୍ଧି ଓ ସେମାନଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତିର ମାର୍ଗ ସହ ଯୋଡ଼ିବାର ଏକ ସେତୁ। ଆଜିକାଲିର ପ୍ରତିଯୋଗିତାମୂଳକ ବଜାରରେ କେବଳ ପାଠ୍ୟପୁସ୍ତକଗତ ଶିକ୍ଷା ଯଥେଷ୍ଟ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଯୁବପିଢ଼ିଙ୍କୁ ବଜାରର ଚାହିଦା ମୁତାବକ ବିଭିନ୍ନ ବୈଷୟିକ ଓ ବ୍ୟାବହାରିକ ଦକ୍ଷତା ବିକାଶ ଏବଂ ଜବ୍-ରେଡିନେସ୍ ପ୍ରୋଗ୍ରାମ ସମ୍ପର୍କରେ ସଚେତନ କରାଯିବ। ଶିକ୍ଷା ସମାପ୍ତ ପରେ କେଉଁ ଦିଗରେ ଗଲେ ସଫଳତା ମିଳିବ, ସେ ନେଇ ଅନେକ ସମୟରେ ଯୁବପିଢ଼ି ଦ୍ୱନ୍ଦ୍ୱରେ ରୁହନ୍ତି। ଏହି ଅଭିଯାନ ମାଧ୍ୟମରେ ଇଚ୍ଛୁକ ଚାକିରି ଆଶାୟୀଙ୍କୁ ଚିହ୍ନଟ କରାଯାଇ ବିଶେଷଜ୍ଞଙ୍କ ଦ୍ୱାରା ମାଗଣା କ୍ୟାରିୟର କାଉନ୍‌ସେଲିଂ ଓ ଉପଯୁକ୍ତ ପଥ ପ୍ରଦର୍ଶନ କରାଯିବ। କାର୍ଯ୍ୟକ୍ରମ ସ୍ଥଳରେ ଏକ ଶୃଙ୍ଖଳିତ ପଞ୍ଜୀକରଣ ପ୍ରକ୍ରିୟା ଜରିଆରେ ଯୁବକଯୁବତୀଙ୍କ ତଥ୍ୟ ସଂଗ୍ରହ କରାଯିବ ଏବଂ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ପ୍ରାସଙ୍ଗିକ ଦକ୍ଷତା ତାଲିମ ତଥା ପ୍ରତିଷ୍ଠିତ ସଂସ୍ଥାରେ ନିଯୁକ୍ତି ସୁଯୋଗ ସହିତ ସିଧାସଳଖ ଯୋଡ଼ାଯିବ। ଧାମନଗର ଓ ଏହାର ଆଖପାଖ ଅଞ୍ଚଳର ସମସ୍ତ ଯୋଗ୍ୟ ତଥା ଚାକିରି ଆଶାୟୀ ଯୁବକଯୁବତୀ ଏହି ସୁଯୋଗର ସଦୁପଯୋଗ କରିବାକୁ ବିଭାଗ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ସ୍ମୃତିସଭା



ଭଦ୍ରକ,୭।୬(ସମିସ): ମହାମାନବ ମହାତ୍ମା ଗାନ୍ଧୀ ଭାରତ ବର୍ଷ ଓ ଓଡ଼ିଶାରେ ୧୯୩୪ ମସିହାରେ ଜାତିପ୍ରଥାକୁ ଦୂରୀଭୂତ କରିବା ପାଇଁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ। ମହାତ୍ମା ଗାନ୍ଧୀ ବିଚାରମଞ୍ଚ ଭଦ୍ରକ ତରଫରୁ ଏକ ସ୍ମୃତିସଭା ଭଦ୍ରକ ସଂସ୍କୃତି ଭବନଠାରେ ଉକ୍ତ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମସ୍ତ ଅତିଥିବୃନ୍ଦ ଜୁନ୍ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଗାନ୍ଧୀ ବାଳାଶ୍ରମରେ ଅବସ୍ଥାନ କରି କିପରି ହୀନ ଜାତିପ୍ରଥାକୁ ଉଠାଇଦେବା, ଗାନ୍ଧୀଜୀଙ୍କ ତ୍ୟାଗ, ସହନଶୀଳତା, ସତ୍ୟତା ଓ ଅହିଂସା ଗୁଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂଗଠନ ସମ୍ପାଦକ ବାବୁଲାଲ ଦାସ ସମ୍ମାନିତ ଅତିଥିମାନଙ୍କୁ ମଞ୍ଚାସୀନ ହେବା ପାଇଁ ଅନୁରୋଧ କଲା ପରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଗାନ୍ଧୀଙ୍କର ପ୍ରିୟ ଭଜନ ବୈଷ୍ଣବ ଜନ ତୋ ଗାୟନ କରାଯାଇଥିଲା। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ ଦେଇଥିବାବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଅନୁଷ୍ଠାନର ସମ୍ପାଦକ ସୁଧାକର ରାଉତ। ଏହି ସ୍ମୃତିସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥିଭାବେ ସେବାନିବୃତ ଅଧ୍ୟାପକ ଡ. ଭାଗବତ ତ୍ରିପାଠୀ ଓ ଆଉ ଜଣେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ଜେନା ଯୋଗଦେଇ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଶେଷରେ ସଭାପତିଙ୍କ ଭାଷଣ ପରେ ଧନ୍ୟବାଦ ଦେଇଥିଲେ ଯୁଗ୍ମ ସମ୍ପାଦକ ମଦନମୋହନ ନାୟକ। ସକାଳ ୭ଟା ବେଳେ ଗାନ୍ଧୀ ପଡ଼ିଆଠାରେ ସଫେଇ କାର୍ଯ୍ୟ ହୋଇଥିଲା ଏବଂ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସମାଜସେବୀ ଅଜୟ ନାୟକ, ଭାସ୍କର ଚନ୍ଦ୍ର ନାୟକ, ହରମୋହନ କୁଅଁର, ଆଦିତ୍ୟ ଗୋସ୍ୱାମୀ, ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ ନାୟକ, ଗୌରାଙ୍ଗ ବାରିକ୍, ଡ. ମନୀନ୍ଦ୍ର ମହାନ୍ତି, ଡ. ଗୋଲକ ବିହାରୀ ସାହୁ, ଅଶୋକ ଦାସ, ରାମଚନ୍ଦ୍ର ପଣ୍ଡା, ଶାନ୍ତିଲତା ବାରିକ୍, ସଂଯୁକ୍ତା ଯାଦବ, ମମତା ସାହୁ, ଲଲାଟେନ୍ଦୁ ମହାନ୍ତି, ଡ. କୃପାସିନ୍ଧୁ ମିଶ୍ର, ଶ୍ରୀହର୍ଷ ସ୍ୱାଇଁ, ବସୁମିତ୍ରା ସାହୁ, କୈଳାସ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, କରୁଣାକର ଉପାଧ୍ୟାୟ, ଇନ୍ଦ୍ରମଣି ପଣ୍ଡା, ଅଜିତ୍ ନାୟକ, ନାରାୟଣ ଚନ୍ଦ୍ର ପାଢ଼ୀ ଏବଂ ବୈଲୋଚନ ବେହୁରିଆ।

## ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିବା ଅବସ୍ଥାରେ ନବନିର୍ମିତ କଲ୍‌ଭର୍ଟ

# ମାସେ ନ ପୂରୁଣୁ ଫାଟି ଆଁ



ଅସୁରାଳି,୭।୬(ସମିସ)

ନିର୍ମାଣ କାର୍ଯ୍ୟ ଶେଷ ହୋଇ ମାସେ ମଧ୍ୟ ପୂରିନାହିଁ। ହେଲେ ଏବେଠାରୁ ବିରାଟକାୟ ଫାଟ ସୃଷ୍ଟି ହୋଇ ଭୁଶୁଡ଼ିବା ଅବସ୍ଥାକୁ ଚାଲିଆସିଲାଣି ନବନିର୍ମିତ କଲ୍‌ଭର୍ଟ। ପଙ୍ଗଟାରୁ ଧୂଷୁରୀ ରାସ୍ତାର

● ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି

'ବାଲିଘାଇ ଚତର'ଠାରେ ପ୍ରାୟ ୧ କୋଟି ୧୬ ଲକ୍ଷ ଟଙ୍କାର ବ୍ୟୟବରାଦରେ ନିର୍ମିତ ହୋଇଥିବା ଏହି କଲ୍‌ଭର୍ଟର ସ୍ଥିତି ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଉଦ୍‌ଘାଟନ ପୂର୍ବରୁ କଲ୍‌ଭର୍ଟର ଏଭଳି ଦେଖାଯାଇଥିବା ସାଙ୍ଘାତିକ ରୂପ ନିର୍ମାଣର ନିମ୍ନମାନକୁ ପଦାରେ ପକାଇ ଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବାଲିଘାଇ ଚତର ନିକଟରେ ଲୋକଙ୍କ ଯାତାୟାତ ସୁବିଧା ପାଇଁ ଏହି କଲ୍‌ଭର୍ଟଟି ନିର୍ମାଣ କରାଯାଇଥିଲା। କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଏଥିରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ଅଭିଯୋଗ ହେଉଛି। ଫଳସ୍ୱରୂପ, ନିର୍ମାଣର ମାସେ ନ ହେଉଣୁ କଲ୍‌ଭର୍ଟଟି ବିଭିନ୍ନ ସ୍ଥାନରୁ ଫାଟି ଆଁ କରିଥିବାବେଳେ ଏହା ଯେକୌଣସି ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବାର ଆଶଙ୍କା ଦେଖାଦେଇଛି। ଏହି ଅପରିପକ୍ୱ ନିର୍ମାଣ ଯୋଗୁଁ ସାଧାରଣ ଲୋକଙ୍କ ଧନଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଭାଗୀୟ ଯନ୍ତ୍ରୀ ରୂପ କୁମାର ମୁଣ୍ଡାଙ୍କୁ ଯୋଗାଯୋଗ କରାଯାଇ ପଚାରିବାରୁ ସେ ମଧ୍ୟ ଘଟଣାର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି। ଯନ୍ତ୍ରୀ ଶ୍ରୀ ମୁଣ୍ଡା କହିଛନ୍ତି ଯେ, ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାରର ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ। ଏହି ନିମ୍ନମାନର କାର୍ଯ୍ୟ ପାଇଁ ସମ୍ପୃକ୍ତ ଠିକାଦାର ସମ୍ପୂର୍ଣ୍ଣ ଦାୟୀ ଏବଂ ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ବିଭାଗ ତରଫରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କଲ୍‌ଭର୍ଟର ସୁରକ୍ଷା ତଥା ଏହାର ପୁନଃନିର୍ମାଣ କରାଯାଇ ଦୋଷୀ ଠିକାଦାରଙ୍କୁ ବ୍ଲାକ୍‌ଲିଷ୍ଟ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ମହିଳା ଅସ୍ମିତା ସାଇକଲ ଲିଗ୍




ଭଦ୍ରକ,୭।୬(ସମିସ): ଭଦ୍ରକ ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ମହିଳା ଅସ୍ମିତା ସାଇକଲ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାଟି ଉପର ବାଗୁରାଇସ୍ଥିତ ଡଗମୁଣ୍ଡ ରୋଡ୍‌ରେ ୫୬ ଜଣ ମହିଳା ଆଥ୍‌ଲେଟ୍‌ଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଡେପୁଟି କଲେକ୍ଟର ତଥା କ୍ରୀଡ଼ା ଅଧିକାରୀ ଦେବଦତ୍ତ ମହାପାତ୍ର ଯୋଗଦେଇ ଖେଳାଳି ସହିତ ନିଜେ ସାଇକଲ ଚଲାଇ, ଖେଳାଳିମାନଙ୍କର ଉତ୍ସାହ ବଢ଼ାଇବା ସହିତ ମନକୁ ଦୃଢ଼ କରିଥିଲେ। ଶେଷରେ ବିଭିନ୍ନ ବର୍ଗରେ ବିଜୟୀ ହୋଇଥିବା ଆଥ୍‌ଲେଟ୍‌ମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ଏଥିନିମନ୍ତ ଭଦ୍ରକ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଧିରେନ୍ ପଲାଇ, ସହ ସମ୍ପାଦକ ଅତିଶ ବେହେରା ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଥିଲେ। ଏହି ପ୍ରତିଯୋଗିତାଟି ସଂଗ୍ରାମୀ ଦେବୀଦତ୍ତ ନାୟକ, ରବି ନାରାୟଣ ଓଝା, ରାଜେଶ ନାୟକ, ମନୋଜ ସାହୁ, ଅସିତ୍ ଦାସ, ସୂର୍ଯ୍ୟକାନ୍ତ ରାଉଳ, ଅଶ୍ୱିନୀ ନାୟକ, ଦିପେଶ ନାୟକଙ୍କ ତତ୍ତ୍ୱାବଧାନରେ ସମାପ୍ତ ହୋଇଥିଲା।



# ଜୟଦେବ ୱାକର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୭।୬(ସମିସ): ଜୟଦେବ ୱାକର୍ସ କ୍ଲବ୍‌ର ୧୭ତମ ବାର୍ଷିକ ଉତ୍ସବ ଖଣ୍ଡଗିରିସ୍ଥିତ ଶ୍ରୀସାଇ ଗାର୍ଡେନରେ ପାଳିତ ହୋଇଛି। କ୍ଲବ୍‌ର ସଭାପତି ଶରତ ୱାକର କୁମାର ମିଶ୍ରଙ୍କ ସଭାପତିତ୍ୱରେ କ୍ଲବ୍‌ର ସମ୍ପାଦକ ୱାକର ହରିହର ପଣ୍ଡା ବୀବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ୱାକର ଦୁର୍ଗା ଚରଣ ଦାଶ କ୍ଲବର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ୱାକର ଇଣ୍ଟରନ୍ୟାସନାଲ ଏରିଆ ୦୧ର ଭାଇସପ୍ରେସିଡେଣ୍ଟ ୱାକର ପି ଗୋବିନ୍ଦ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ବାର୍ଷିକ ସ୍ମରଣିକା 'ପଥଚାରୀ'କୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଇନ୍ଦ୍ରମଣି ଜେନା, ଜିଲ୍ଲା ୧୦୪ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ୱାକର ରାଜକିଶୋର ସ୍ୱାଇଁ, ଗଭର୍ଣ୍ଣର ଇଲେକ୍ଟ ୱାକର ପ୍ରତାପଚନ୍ଦ୍ର ବାଉରି, କ୍ଲବ୍‌ର ଉପଦେଷ୍ଟା ୱାକର ସୁନ୍ଦର ନାରାୟଣ ପାତ୍ର, ୱାକର ମୁକ୍ତିକାନ୍ତ ଅଗସ୍ତି ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ୱାକର ସୁନୀଲ କୁମାର ରଥଙ୍କୁ 'ସବୁରି ବନ୍ଧୁ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଏହାସହ କ୍ଲବ୍‌ର ୧୮ ଜଣ ସଭ୍ୟ ସଭ୍ୟାଙ୍କୁ ସମ୍ମାନିତ କରାଯିବା ସହ କ୍ଲବ ପାଇଁ ବିଭିନ୍ନ ସମୟରେ ସହାୟତା ଯୋଗାଇ ଥିବା ସଦସ୍ୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିରଦ ବରଣ ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କାଠମାଣ୍ଡୁ-କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

# ନେପାଳ ସହ ଓଡ଼ିଶାର ସାଂସ୍କୃତିକ ସମ୍ପର୍କ ସୁଦୃଢ଼



ଭୁବନେଶ୍ୱର, ୭।୬(ସମିସ):

କାଠମାଣ୍ଡୁ- କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ଚତୁର୍ଥ ସଂସ୍କରଣ ନେପାଳର ଲଳିତପୁର ସ୍ଥିତ ହୋଟେଲ ହିମାଳୟରେ ଆରମ୍ଭ ହୋଇଯାଇଛି। ଯାହା ଓଡ଼ିଶା ଓ ନେପାଳ ମଧ୍ୟରେ ଥିବା ସାଂସ୍କୃତିକ, ଆଧାତ୍ମିକ ଏବଂ ସଭ୍ୟତାଗତ ସମ୍ପର୍କକୁ ପୁନର୍ବାର ସଦୃଢ଼ କରୁଛି। ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କୀଙ୍କ ଦ୍ୱାରା ଏହି ଦୁଇ ଦିନିଆ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ଏଥିରେ ପ୍ରତିଭା ରାୟ, ପାରମିତା ଶତପଥୀ ଏବଂ ଉପେନ୍ଦ୍ରନାଥ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ମହୋତ୍ସବ ନିର୍ଦ୍ଦେଶିକା ରଞ୍ଜନା ନିରୌଲା କହିଥିଲେ ଯେ ସାହିତ୍ୟ କେବଳ ଶବ୍ଦ ଏବଂ ବହି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଚିନ୍ତାଧାରା, ସଂସ୍କୃତି, ସ୍ମୃତି, ସହାନୁଭୂତି ଏବଂ ମାନବୀୟ ସମ୍ଭାବନାର ଏକ ମହୋତ୍ସବ ଭାବରେ କାର୍ଯ୍ୟକରେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଶୀଳା କାର୍କୀ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଓ ବୃହତ ଦକ୍ଷିଣ ଏସୀୟ ଅଞ୍ଚଳ ପାଇଁ ଏହି ମହୋତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରି କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା କ୍ୟୁରେଟର ରଶ୍ମୀ ରଞ୍ଜନ ପରିଡ଼ା କହିଥିଲେ ଯେ ଚତୁର୍ଥ କାଠମାଣ୍ଡୁ ସଂସ୍କରଣରେ ପ୍ୟାନେଲ ଆଲୋଚନା, ମୁଖ୍ୟ ଭାଷଣ, କବିତା ଆବୃତ୍ତି, ସଙ୍ଗୀତ ପରିବେଷଣ, ଲେଖକମାନଙ୍କ ସହ ଗ୍ରୁପ୍ ଆଲୋଚନା, ପୁସ୍ତକ ଉନ୍ମୋଚନ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୀମାବର୍ତ୍ତୀ ସାହିତ୍ୟକ ସହଯୋଗ ସ୍ଥାନ ପାଇଛି। ଏହି ମହୋତ୍ସବରେ ପ୍ରସିଦ୍ଧ ଗାୟିକା ଇଲା ଅରୁଣ, ପ୍ରଶଂସିତ ଅଭିନେତା, ଗୀତିକାର ତଥା ଲେଖକ ପିୟୁଷ ମିଶ୍ର, ଲେଖକ ତଥା ଚଳଚ୍ଚିତ୍ର ନିର୍ମାତା ରାଜ ଶେଖର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷକଙ୍କ ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବ ହିନ୍ଦୁ ମହାସଭା ଓଡ଼ିଶା ପ୍ରଦେଶ




ଭୁବନେଶ୍ୱର,୭।୬(ସମିସ): କୃଷକ, ଶ୍ରମିକ ଓ ସୈନିକଙ୍କ ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବ ଅଖିଳ ଭାରତ ହିନ୍ଦୁ ମହାସଭା ଓଡ଼ିଶା ପ୍ରଦେଶ। ହିନ୍ଦୁ ମହାସଭା ଓଡ଼ିଶା ପ୍ରଦେଶର ସଭାପତି ଗୀତା ଚଇନିଙ୍କ ସଭାପତିତ୍ୱରେ ମାଷ୍ଟର କ୍ୟାଣ୍ଟିନଛକ ସ୍ଥିତ ବୁଲନ୍‌ଭାଇ ସଭାଗୃହରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ଓ କୃଷକ ସମାବେଶରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ମୁଖପାତ୍ର ସୂର୍ଯ୍ୟନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରି କୃଷକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ସମାବେଶରେ ଜଗତସିଂହପୁର ଜିଲ୍ଲା ସଭାପତି ଅରୁଣ କୁମାର ପାଣି, ସୁକାନ୍ତ ଘଡ଼ାଇ, ପୁରୀର ସଞ୍ଜୟ କୁମାର ବିଶୋୟୀ, ରାଜ୍ୟ ମହାସଚିବ ପ୍ରମୋଦ କୁମାର ଜେନା, କୃଷକ ସଭା ମହାସଚିବ ଜ୍ୟୋତିରଞ୍ଜନ ମିଶ୍ର, ସଂଗଠନ ମନ୍ତ୍ରୀ କନକ ସୂତାର, ଉପସଭାପତି ଟିକନ ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ଓ କୃଷକମାନେ ଯୋଗଦାନ କରିଥିଲେ। ଅଧ୍ୟକ୍ଷା ମାଧୁରୀ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଉତ୍କଳର ନୌବାଣିଜ୍ୟ ପରମ୍ପରା ଓ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର,୭।୬(ସମିସ): ପ୍ରାଚୀନ କାଳରେ କଳିଙ୍ଗ ନାମରେ ଜଣାଶୁଣା ଓଡ଼ିଶାର ସାମୁଦ୍ରିକ ଇତିହାସ, ପ୍ରାରମ୍ଭିକ ସୂତ୍ର ଅନୁସାରେ ଖ୍ରୀଷ୍ଟପୂର୍ବ ୮୦୦ ପୂର୍ବରୁ ଆରମ୍ଭ ହୋଇଥିଲା। ବଙ୍ଗୋପସାଗର ଉପକୂଳ ସହିତ ପୂର୍ବ ଭାରତର ଏହି ଅଞ୍ଚଳର ଲୋକମାନେ ଭାରତୀୟ ଉପକୂଳ ଦେଇ ଜଳଯାତ୍ରା କରୁଥିଲେ। ସେମାନେ ଭାରତ ଚୀନ୍ ଏବଂ ସମଗ୍ର ସାମୁଦ୍ରିକ ଦକ୍ଷିଣ-ପୂର୍ବ ଏସିଆ ଯାତ୍ରା କରିଥିଲେ। ଯେଉଁମାନଙ୍କ ସହିତ ଏମାନେ ବାଣିଜ୍ୟ କରୁଥିଲେ ଏହାର ସଂସ୍କୃତିର ଉପାଦାନକୁ ବହୁଭାବେ ପ୍ରଭାବିତ କରିପାରିଥିଲା ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖକ ସାମ୍ମୁଖ୍ୟ, ଓଡ଼ିଶାଙ୍କ ମିଳିତ ସହଯୋଗରେ ସଂସ୍କୃତି ଭବନରେ ଆୟୋଜିତ 'ଉତ୍କଳର ନୌବାଣିଜ୍ୟ ପରମ୍ପରା ଓ ଓଡ଼ିଆ ସାହିତ୍ୟ' ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲେଖକ ସାମ୍ମୁଖ୍ୟର ସଭାପତି ଡ. ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ଐତିହାସିକ ଡ. କୈଳାସ ଚନ୍ଦ୍ର ଦାଶ, ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ ମନ୍ତ୍ରୀ ଡ. ଦେବେନ୍ଦ୍ରନାଥ ମାନସିଂହ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ଓଡ଼ିଆ ସାହିତ୍ୟର ବିଭିନ୍ନ ତୁଳନାତ୍ମକ ତଥ୍ୟଭିତ୍ତିକ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଲେଖକ ସାମ୍ମୁଖ୍ୟର ସମ୍ପାଦିକା ବିମଳା ସିଂହ ସଂଯୋଜନା କରିଥିଲେ। ଯୁଗ୍ମସମ୍ପାଦକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀମାନେ ଯୋଗଦେଇ ନୌବାଣିଜ୍ୟକୁ ନେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

# ଗେହ୍ଲାମଣି ପ୍ରହଲ୍ଲାଦ ସ୍ମୃତି ସାରସ୍ୱତ ମଞ୍ଚର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୭।୬(ସମିସ): କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଗେହ୍ଲାମଣି ପ୍ରହଲ୍ଲାଦ ସ୍ମୃତି ସାରସ୍ୱତ ମଞ୍ଚର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଶିକ୍ଷାବିତ୍ ଡ. ଦିଗରାଜ ବ୍ରହ୍ମା, ଅତିଥି ଗବେଷକ ଭାଗୀରଥି ମହାସୁଆର, ଶିଶୁସାହିତ୍ୟିକ ଡ. ରାମଚନ୍ଦ୍ର ଦେଓ ଏବଂ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇ



ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁସାହିତ୍ୟିକ କୁଞ୍ଜବିହାରୀ ସାହୁଙ୍କର ପୁସ୍ତକ 'ଜୀବନର ନକ୍ସା' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଶିଶୁସାହିତ୍ୟିକ ରଘୁନନ୍ଦନ ମହାପାତ୍ର, ଶାମୁକାର ସଂପାଦକ ଲୋକନାଥ ମାହାରୀ ଓ କୁନି ଚିତ୍ରଶିଳ୍ପି ଅଂଶୁକ୍ ପଣ୍ଡାଙ୍କୁ ୨୦୨୬ ପାଇଁ ଗେହ୍ଲାମଣି ପ୍ରହଲ୍ଲାଦ ସ୍ମୃତି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଷଷ୍ଠୀ ପ୍ରସାଦ ମହାରଣା ଓ ସଂଗଠନ ସମ୍ପାଦକ ସୁଦର୍ଶନ ଜେନା ପରିଚାଳନା କରିଥିଲେ।

# ଔଷଧୀୟ ଚାରାରୋପଣ ଅଭିଯାନ ଓ ବିଶ୍ୱ ପରିବେଶ ଦିବସ




ଭୁବନେଶ୍ୱର,୭।୬(ସମିସ): ଜଗବନ୍ଧୁ ଜରାଶ୍ରମ ଦ୍ୱାରା ଆୟୋଜିତ ୧୫୦ ସଂଖ୍ୟକ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ମଞ୍ଚେଶ୍ୱର, ଧିରକୁଟ ବସ୍ତି, ମହିମା ନଗର ବସ୍ତି ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିସର ଅଞ୍ଚଳରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଜଗବନ୍ଧୁ ଜରାଶ୍ରମ ଏହି ଦିବସରେ ପୃଥିବୀ ଏବଂ ଜଙ୍ଗଲକୁ ରକ୍ଷା କରିବା ପାଇଁ ଚାରା ରୋପଣ କରିଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଜଗବନ୍ଧୁ ଜରାଶ୍ରମର ସଚିବ ଆଶୁତୋଷ ମିଶ୍ର ଏବଂ ଅରକ୍ଷିତ ପାତ୍ର। ଏହି ଅବସରରେ ମନ୍ଦିର ପରିସର ଏବଂ ଆଖପାଖ ସମ୍ପ୍ରଦାୟ ଅଞ୍ଚଳରେ ନିମ୍ବ, ଆମଳା, ବଏଲ, ଅଶୋକ, ତୁଳସୀ, ଅର୍ଜୁନ ଏବଂ ଅନ୍ୟାନ୍ୟ ଔଷଧୀୟ ଚାରାରୋପଣ କରାଯାଇଥିଲା। ପାରମ୍ପରିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସମର୍ଥନ କରିବାରେ ଔଷଧୀୟ ଉଦ୍ଭିଦର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ଥିଲା।

# ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର, ୭।୬ (ସମିସ): ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ କବି ରମାକାନ୍ତ ରଥଙ୍କର ତିନୋଟି ପୁସ୍ତକର ଉନ୍ମୋଚନ ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଦାସ ବେନେହୁ ଯୋଗଦେଇଥିଲେ। ଅତିଥି ଭାବେ କବି ଅପର୍ଣ୍ଣା ମହାନ୍ତି ମଧ୍ୟ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଜ୍ଞାନୀ ଦେବାଶିଷ ମିଶ୍ରଙ୍କ ସମ୍ପାଦିତ କବିତାର ପୃଷ୍ଠବନ୍ଧର ଲେଖକୀୟ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଡ. ମିହିର କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଗାଳ୍ପିକା ବିୟତପ୍ରଜ୍ଞା ତ୍ରିପାଠୀ, ସଂଗୀତ ନିର୍ଦ୍ଦେଶକ ଶରତ ନାୟକ ଓ କବି ଅଶୋକ ପୁହାଣଙ୍କୁ ପକ୍ଷୀଘର ତରଫରୁ 'ରମାକାନ୍ତ ରଥ କାବ୍ୟସ୍ୱର ସମ୍ମାନ' ପ୍ରଦାନ କରାଯାଇଥିଲା। ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।ପ୍ରକାଶିକା ବବିତା ଦାଶ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଲେଖିକା ସଂସଦର ମାସିକ ଆସର

ଭୁବନେଶ୍ୱର,୭।୬(ସମିସ): ରାଜଧାନୀ କଳାସଂସଦ ସଭାକକ୍ଷରେ ଓଡ଼ିଶା ଲେଖିକା ସଂସଦର ମାସିକ ବୈଠକ ଅନୁଷ୍ଠିତ ହୋଇଛି। ଏହି ସଭାରେ ଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ। ଲେଖିକା ଡ. ଆଭାଂଜଳି ଶତପଥୀଙ୍କ ହିନ୍ଦୀ ପୁସ୍ତକ 'ଆଲିଙ୍ଗନ' ଉନ୍ମୋଚିତ ହୋଇଥିଲା। ଲେଖିକା ସଂସଦର ସମ୍ପାଦକ କମଳ କୁମାରୀ ଦାଶ ଲେଖିକାଙ୍କ ପରିଚୟ ପ୍ରଦାନ କରିବା ସହିତ ସାହିତ୍ୟରେ ଗଳ୍ପର ବିଶେଷ ସ୍ଥାନ ବିଷୟରେ ଆଲୋକପାତ କରିଥିଲେ। ସଭାପତି ଡ. ବଳିୟାରସିଂ ସମାଜକୁ ସୁଧାରିବାରେ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଡ.ଶତପଥୀ ଲେଖକୀୟ ଅଭିଭାଷଣ ଦେଇଥିଲେ। ଅନୁବାଦିକା ରେବା ପଟ୍ଟନାୟକ ଓ ହିନ୍ଦୀ ଅଧ୍ୟାପିକା ପ୍ରତିମା ପତି ପୁସ୍ତକର ସମୀକ୍ଷା କରିଥିଲେ। ଲେଖିକା ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲେଖିବାର ଦକ୍ଷତା ରଖିବା ଅତି ଗୌରବର କଥା ବୋଲି ମତ ପ୍ରକାଶ ପାଇଥିଲା। ସଂସଦର ଯୁଗ୍ମ ସମ୍ପାଦକ କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



# ବକୁଳ ପକ୍ଷରୁ 'ଶିଶୁ କଥାକାର' ଉତ୍ସବ

### କୁନି କଥାକାରମାନଙ୍କ ଦକ୍ଷତାରେ ମୁଗ୍ଧ ହେଲେ ଦର୍ଶକ

ଭୁବନେଶ୍ୱର, ୭।୬ (ସମିସ): ବକୁଳ ଫାଉଣ୍ଡେସନ୍ ପକ୍ଷରୁ ବକୁଳ ଲାଇବ୍ରେରୀରେ ତୃତୀୟ ବକୁଳ ଶିଶୁ କଥାକାର ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ୧୦ରୁ ୧୬ ବର୍ଷ ବୟସର ୧୫ ଶିଶୁ କଥାକାର ବିଭିନ୍ନ ବିଦ୍ୟାଳୟରୁ ଚୟନ ହୋଇ ନିଜନିଜ କଥା ପରିବେଷଣ କରିଥିଲେ। ଏହି ଅବସରରେ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଥିଲେ, କେବଳ ଶିଶୁ କଥାକାରଙ୍କୁ ନେଇ ଏକ କଥାକାର ଉତ୍ସବ ଆୟୋଜନ କରିପାରିଥିବାରୁ ଆମେ ଗର୍ବିତ। ଏହି କାର୍ଯ୍ୟକ୍ରମ ଆତ୍ମବିଶ୍ୱାସ ବଢ଼ାଏ, ଚିନ୍ତାଶକ୍ତିକୁ ବିକଶିତ କରେ ଏବଂ ଆମକୁ ବହୁତ ଆନନ୍ଦ ଦିଏ ବୋଲି କୁନି କଥାକାରମାନେ କହିଛନ୍ତି। ସୂଚନା ଅନୁସାରେ, ବକୁଳ ଫାଉଣ୍ଡେସନ୍‌କୁ ମୌଖିକ କଥାକହ ପରମ୍ପରାର ପୁନରୁଜ୍ଜୀବନ ପାଇଁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସହଭାଗିତାରେ ବକୁଳ ୨୦୨୩ ଓ ୨୦୨୪ରେ ଭୁଫେଷ୍ଟୋ, କୋଭିଡ ସମୟରେ ଷ୍ଟୋରୀ ଟାଇମ୍ ଆଟ୍ ୯, 'ରବିବାର ଗପବାର' ପରି ଲୋକପ୍ରିୟ ଅନଲାଇନ୍ କଥାକହ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯାହା ଅନେକ ଶିଶୁ ଓ ପରିବାରଙ୍କୁ କଥାର ଜଗତ ସହ ଯୋଡ଼ି ରଖିଥିଲା।



## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୭।୬ (ସମିସ): କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର। ଆଜି ଭଳି କୋଳାହଳ ନା ଭରପୁର ଜଙ୍ଗଲ ନା ଅଲଗା କିଛି। ସେଦିନର କଥା କୁ ଯିଏ ଦେଖିଛି ସିଏ କହିବ। ଆଉ ଯିଏ ଦେଖି ନାହିଁ ସେ କେମିତି ଫେରିପାରିବ ସେ ପୁରୁଣା ଦିନ ପାଖକୁ। ସାଇତା ସ୍ମୃତି, ସ୍ୱର୍ଦ୍ଧିତ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ସେହିପରି ଏକ ପୁରୁଣା ଫଟୋ ଯିଏକୁ ଅନେକ ବର୍ଷ ପୂର୍ବେ କିପରି ଥିଲା ଆମ ବେଶପୋଷାକ, ଆଖପାଖ ପରିବେଶ ଏବଂ ଯାତାୟାତ ପାଇଁ ବ୍ୟବହୃତ ମାଧ୍ୟମ।

ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହୋଇଥିବା ଏହି ଫଟୋଟିକୁ ଦେଖିଲେ ଅନୁମାନ କରିହେଉଛି, ଏହା ନିଶ୍ଚିତ ପୁରୁଣା ଭୁବନେଶ୍ୱରର କେଉଁ ଏକ ଅଞ୍ଚଳର ବୋଲି। ଯେଉଁଠି ଜଣେ ମହିଳା ମୁଣ୍ଡରେ ଏକ ଟୋକେଇ ସାହାଯ୍ୟରେ ଜାଳ ବୋହି ନେଉଛନ୍ତି ଏବଂ ତାଙ୍କ ସହିତ ଏକ ପିଲାଟି ମଧ୍ୟ ଦୃଶ୍ୟମାନ ହେଉଛି। ଦୁହେଁଙ୍କ ପୋଷାକ ବର୍ତ୍ତମାନ ସମୟ ଅପେକ୍ଷା ସରଳ। ଏହାସହିତ ସେ ସମୟରେ ରିକ୍ସାର ବହୁଳ ବ୍ୟବହାର ହେଉଥିବା ମଧ୍ୟ ଏହି ଫଟୋରୁ ଜାଣିହେଉଛି। ଏହି ଫଟୋଟି ୧୯୮୦ ମସିହାର ବୋଲି ଜଣାପଡିଛି।

## ଓଡ଼ିଶା ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ପକ୍ଷରୁ ଆଲୋଚନାଚକ୍ର

# ଯଜ୍ଞ ଦ୍ୱାରା ଶାନ୍ତି ଓ ଆନନ୍ଦ ଉପଲବ୍ଧ କରେ ମାନବ



ଭୁବନେଶ୍ୱର,୭।୬(ସମିସ): ଯଜ୍ଞ କରିବା ଦ୍ୱାରା ମାନବ ଶାନ୍ତି ଆନନ୍ଦ ଉପଲବ୍ଧ କରିବା ସହ ବିଶ୍ୱର ଶାନ୍ତି ହୁଏ ବୋଲି ଓଡ଼ିଶା ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ବେଦ ବେଦାନ୍ତ ଉପନିଷଦ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମାନବ ସମାଜର କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ସମସ୍ତେ ଯଜ୍ଞ ପ୍ରତି ଆଗ୍ରହ ପ୍ରକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ପୁରୁଷୋତ୍ତମ ମାସ ଅବସରରେ ବିଶ୍ୱ କଲ୍ୟାଣ ଶାନ୍ତି ପାଇଁ ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ପକ୍ଷରୁ ଲିଙ୍ଗରାଜ ମନ୍ଦିର ନିକଟସ୍ଥ ଡାକରା ବିଭୀଷଣ ମନ୍ଦିର ପରିସରରେ ଆସନ୍ତା ୧୩ ତାରିଖ ଶନିବାର ଏକ ଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ କରାଯିବାକୁ ସ୍ଥିର କରାଗଲା। ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବକ୍ତା ଓ ଆଲୋଚକ ଭାବେ ପଣ୍ଡିତ ସୁନୀଲ କୁମାର ନନ୍ଦ, ପ୍ରତାପ କୁମାର ମିଶ୍ର, ଶରତ ଚନ୍ଦ୍ର କର,କୈଳାସ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଯଜ୍ଞର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଭାତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦୟ ଓଡ଼ିଶା ଫାଉଣ୍ଡେସନ୍‌ର ରଜ ମହୋତ୍ସବ ଆଜି

### ସକାଳ ୯ଟାରେ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

### ପାରମ୍ପରିକ ନୃତ୍ୟ ଓ ରଜ ଗୀତରେ ଝୁମିବେ ଦର୍ଶକ

ଭୁବନେଶ୍ୱର, ୭।୬ (ସମିସ): ଉଦୟ ଓଡ଼ିଶା ଫାଉଣ୍ଡେସନ୍ ପକ୍ଷରୁ ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ 'ରଜ ମହୋତ୍ସବ ୨୦୨୬' ସୋମବାର ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା 'କାନଭାସ୍‌ରେ ରଜ' ଆୟୋଜନ କରାଯାଇଛି। ଏଥିରେ ପ୍ରଥମେ ପ୍ରଥମରୁ ପଞ୍ଚମ କନିଷ୍ଠବର୍ଗ ଏବଂ ଷଷ୍ଠରୁ ଯୁକ୍ତ-୨ ପର୍ଯ୍ୟନ୍ତ ବରିଷ୍ଠ ବର୍ଗରେ ଛାତ୍ରଛାତ୍ରୀମାନେ ଭାଗ ନେଇ ପାରିବେ। ସକାଳ ୯ଟାରୁ ୧୦ଟା ପଞ୍ଜୀକରଣ ଓ ସକାଳ ୧୦ଟାରୁ ୧୧ଟା ଚିତ୍ରାଙ୍କନ ପ୍ରତିଯୋଗିତା ରଖାଯାଇଛି। ସେହିପରି ମହିଳା ସ୍ୱୟଂସହାୟିକା ମହିଳାମାନଙ୍କୁ ନେଇ 'ରଜ ପୋଡ଼ ପିଠା ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଛି।

ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିବେ ଦର୍ଶକ। ଓଡ଼ିଶାର ପାରମ୍ପରିକ ନୃତ୍ୟ ସମେତ ରଜ ଗୀତ ପରିବେଷଣ କରାଯିବ। ଏଥିସହ ବିଶିଷ୍ଟ ଲେଖିକା ଓ ଆକାଶବାଣୀ କଟକର ବରିଷ୍ଠ ସ୍ୱରଶିଳ୍ପୀ ପ୍ରଫେସର୍ ଚିନ୍ମୟୀ ମହାନ୍ତିଙ୍କ ଗଳ୍ପ ସଙ୍କଳନ 'ଗଳ୍ପ ପରି ଲାଗେ'ର ଇଂରାଜୀ ଅନୁବାଦ 'ଇକୋଜ୍ ଅଫ୍ ଲାଇଫ୍'ର ଉନ୍ମୋଚନ ପର୍ବ ଅନୁଷ୍ଠିତ ହେବ। ଅତିଥି ଭାବେ ବିଧାୟକ ବାବୁ ସିଂ, ମେୟର୍ ସୁଲୋଚନା ଦାସ, ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ପ୍ରଖ୍ୟାତ ଚିତ୍ରଶିଳ୍ପୀ ଓ ଅଭିନେତା ଡ. ଚିନ୍ତାମଣି ବିଶ୍ୱାଳ, ଅଭିନେତ୍ରୀ ଡ. ମେଘନା ମିଶ୍ର, ବିଶିଷ୍ଟ ଚିତ୍ରଶିଳ୍ପୀ ସୁଶାନ୍ତ ସିଂ ସାମନ୍ତ, ପ୍ରସିଦ୍ଧ ରନ୍ଧନଶିଳ୍ପୀ ସ୍ମୃତିଶ୍ରୀ ସିଂ ଓ ଲିସା ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ଯୋଗଦେଇ ସଫଳ କରିବା ପାଇଁ ଉଦୟ ଓଡ଼ିଶାର ଅଧ୍ୟକ୍ଷ କମଳାକାନ୍ତ ନାୟକ ନିବେଦନ କରିଛନ୍ତି।





# ଦେଢ଼ ଘଣ୍ଟାର ତାଣ୍ଡବ; ସହର ଛିନ୍‌ଛତ୍ର














**କଟକ, ୭।୬(ସମିସ)**

ଦିନରେ ଅସହ୍ୟ ଗୁଳୁଗୁଳିକୁ ଗ୍ରୀଷ୍ମପ୍ରବାହରେ ସାଧାରଣ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲା। ସହରର ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରହିଥିଲା। ହେଲେ ଅପରାହ୍ନରେ କଟକ ସହରରେ ଅଚାନକ କାଳବୈଶାଖୀ ଝଡ଼ ସହ ପ୍ରବଳ ବର୍ଷା ସାରା ସହରକୁ ବେହାଲ୍ କରିଦେଇଥିଲା। ଦେଢ଼ ଘଣ୍ଟା କାଳ ପ୍ରବଳ ବର୍ଷା ସାଙ୍ଗକୁ ପବନ ଓ ଘଡ଼ଘଡ଼ି ଅନେକ ସ୍ଥାନରେ କ୍ଷତି ପହଞ୍ଚାଇଛି। ସହରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ସହ କେତେକ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ସହରର ଏକାଧିକ ସ୍ଥାନରେ ହୋର୍ଡିଂଗୁଡ଼ିକ ଭାଙ୍ଗିପଡ଼ିଛି। ପ୍ରାଥମିକ ଆକଳନ ଅନୁଯାୟୀ, ସହରର ୫୦ରୁ ଅଧିକ ଅଞ୍ଚଳରେ ଗଛ ପଡ଼ିବା ସହିତ ଯାତାୟତ ପ୍ରଭାବିତ ହୋଇଥିଲା। ବୋଟ୍ କ୍ଲବ୍, ସିଡିଏ ସେକ୍ଟର-୬, ୭, ୯ ଓ ୧୦, ବିଡ଼ାନାସୀ, ଚହଟା, ଶିଶୁ ଭବନ ନିକଟସ୍ଥ ଅଞ୍ଚଳ, ହାଇକୋର୍ଟ ଅଞ୍ଚଳ, ବିଦ୍ୟାଧରପୁର, କଲେଜଛକ, ଟିଂବନ୍ଧ, କନିକାଛକ, ରେଭେନ୍ସା ବିଶ୍ୱବିଦ୍ୟାଳୟ ନିକଟସ୍ଥ ଅଞ୍ଚଳ, ରେଲୱେ ଷ୍ଟେସନ୍, ଛତ୍ରବଜାର, ଧବଳେଶ୍ୱର ଗଡ଼ା, ମହାନଦୀ ବିହାର, ନୂଆବଜାର ଭଳି ସହରର ବହୁ ଅଞ୍ଚଳ ଏହି କାଳବୈଶାଖୀର ପବନରେ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଗଛ ଗୁଡ଼ିକ ଉପୁଡ଼ିବା ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପ୍ରଶାସନ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛ ଉପୁଡ଼ିଥିବା ସ୍ଥାନରେ ତୁରନ୍ତ ପହଞ୍ଚି ଗଛ କାଟିବା ସହିତ ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି କାର୍ଯ୍ୟରେ୧୦ଟି ଅଗ୍ନିଶମ ବାହିନୀ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିଥିଲେ। ସ୍ଥିତିର ଗମ୍ଭୀରତାକୁ ଦେଖି ଭୁବନେଶ୍ୱରରୁ ଆଉ ୪ଟି ଅତିରିକ୍ତ ଅଗ୍ନିଶମ ଦଳକୁ କଟକରେ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ଝଡ଼ ଯୋଗୁଁ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବିଦ୍ୟୁତ ସେବାର ସୁଧାର ପାଇଁ ଟାଟା ପାୱାରର ୪୫ଟି ସ୍ୱତନ୍ତ୍ର ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ନିରନ୍ତର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହା ସହିତ ସହରରୁ ତୁରନ୍ତ ଜଳ ନିଷ୍କାସନ ପାଇଁ କଟକ ମହାନଗର ନିଗମ ପକ୍ଷରୁ ୫ଟି ଶକ୍ତିଶାଳୀ ଡି-ୱାଟରିଂ (ଜଳ ନିଷ୍କାସନ) ଟିମ୍‌କୁ ନିୟୋଜିତ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, କାଳବୈଶାଖୀ ଯୋଗୁଁ ଅବରୋଧ ହୋଇପଡ଼ିଥିବା ଓଏମ୍‌ପିରୁ କନ୍ଦରପୁର ରାସ୍ତା, ସହରର ରିଂରୋଡ୍, ତ୍ରିଶୁଳିଆ-ନନ୍ଦନକାନନ ରାସ୍ତା ଏବଂ ଜାତୀୟ ରାଜପଥ-୧୬ରୁ ଗଛ କଟାଯାଇଛି, ଯାହାଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଛି। ଏହାଛଡ଼ା ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଭାଙ୍ଗି ପଡ଼ିଥିବା ଗଛଗୁଡ଼ିକୁ ମଧ୍ୟ ଜରୁରିକାଳୀନ ଭିତ୍ତିରେ ହଟାଇ ଦିଆଯାଇଛି। ସହରରେ ଆଜି ଅଚାନକ ଦେଖାଦେଇଥିବା ପ୍ରବଳ ବଜ୍ରପାତ ଓ କାଳବୈଶାଖୀ କାରଣରୁ ପରୀକ୍ଷା ଦେଇ ଫେରୁଥିବା ବହୁ ଓପିଏସ୍‌ସି ପରୀକ୍ଷାର୍ଥୀ ଓ ରାସ୍ତାରେ ଯାତାୟାତ କରୁଥିବା ଲୋକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ବିପର୍ଯ୍ୟୟ କାରଣରୁ ଯେଉଁ ଓପିଏସ୍‌ସି ପରୀକ୍ଷାର୍ଥୀମାନେ ନିଜ ନିଜ ଘରକୁ ଫେରିପାରି ନଥିଲେ, ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପରୀକ୍ଷାର୍ଥୀମାନଙ୍କ ପାଇଁ କଟକ ନେତାଜୀ ବସ୍ ଟର୍ମିନାଲ ପରିସରରେ ସ୍ୱତନ୍ତ୍ର ଆଶ୍ରୟ ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀଙ୍କ ସୁରକ୍ଷା, ସୁବିଧା ଏବଂ ଜରୁରୀ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରଶାସନ ଏହି ତୁରନ୍ତ ବ୍ୟବସ୍ଥା କରିଥିବା ବେଳେ ସେଠାରେ ସହାୟତା ଯୋଗାଇଦେବା ଏବଂ ସମନ୍ୱୟ ରକ୍ଷା କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏକ ସ୍ୱତନ୍ତ୍ର ପ୍ରଶାସନିକ ଟିମ୍‌କୁ ନିୟୋଜିତ କରାଯାଇଥିଲା।



**କଟକରେ କାଳବୈଶାଖୀ**

- ବର୍ଷା ଓ ପବନରେ ଅସ୍ତବ୍ୟସ୍ତ ସହରୀ ଜନଜୀବନ
- ଉପୁଡ଼ିଲା ଗଛ, ଭାଙ୍ଗିଲା ଘର, ଉଡ଼ିଲା ହୋର୍ଡିଂ, ଛିଡ଼ିଲା ତାର
- ଉଦ୍ଧାର କାର୍ଯ୍ୟ ଜୋରଦାର୍: ୧୧ଟି ଅଗ୍ନିଶମ ଟିମ୍ ନିୟୋଜିତ
- ବିଦ୍ୟୁତ୍ ସେବା ସଜାଡ଼ିବାକୁ ୪୫ଟି ଟିମ୍ କାର୍ଯ୍ୟରତ

## ପାଚେରି ଭାଙ୍ଗି ୨ ଆହତ

**କଟକ, ୭।୬(ସମିସ):** କାଳବୈଶାଖିରେ ୨ ଜଣ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଅପରାହ୍ଣ ସାଢ଼େ ୪ଟା ସମୟରେ ସୂତାହାଟ ତନ୍ତିସାହିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ତାଙ୍କ ଜଣେ ସମ୍ପର୍କୀୟ ଆସିଥିଲେ। ଅଧଘଣ୍ଟା ପରେ ସମ୍ପର୍କୀୟଜଣକ ଘରକୁ ଯିବାପାଇଁ ବାହାରିଥିଲେ, ହେଲେ ଏତିକି ବେଳେ ହଠାତ୍ ଜୋର୍‌ରେ ବର୍ଷାପବନ ଆରମ୍ଭ ହୋଇଯାଇଥିଲା। ଫଳରେ ସମ୍ପର୍କୀୟ ଜଣକ ଯାଇପାରି ନଥିଲେ। ଏହାପରେ ଉଭୟ ବସି କଥା ହେଉଥିବାବେଳେ ଏହି ଘରକୁ ଲାଗି ରହିଥିବା ଦୁଇମହଲା କୋଠାରୁ ପାଚେରି ଭାଙ୍ଗିଯାଇଥିଲା। ଫଳରେ ପାଚେରିଟି ସିଧା ଆସି ଆଜବେଷ୍ଟସ ଉପରେ ପଡ଼ିବାରୁ ଏହା ଭାଙ୍ଗି ତଳେ ପଡ଼ିଥିଲା। ଫଳରେ ୨ ଜଣ ଆହତ ହୋଇଥିଲେ। ଏହାପରେ ପରିବାରବର୍ଗ ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବିରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରୁ ଜଣକର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ଖବର ପାଇ କ୍ୟାଣ୍ଟନମେଣ୍ଟ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ତଦନ୍ତ ଜାରି ରଖିଛି।

## ସନ୍ତୋଷ ମହାପାତ୍ରଙ୍କୁ ‘ଅବନୀ ବରାଳ ସ୍ମୃତି ସମ୍ମାନ’



**କଟକ, ୭।୬(ସମିସ):** ବିଶିଷ୍ଟ ଅର୍ଥନୀତିଜ୍ଞ, ସ୍ତମ୍ଭକାର ତଥା କଟକ ଡିଭିଜନ ବୀମା କର୍ମଚାରୀ ସଂଘର ସଭାପତି ଡ. ସନ୍ତୋଷ କୁମାର ମହାପାତ୍ରଙ୍କୁ ‘ଅବନୀ ବରାଳ ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଛି। ଗତ ଜୁନ୍ ୩ରେ ଭୁବନେଶ୍ୱର ଜୟଦେବ ଭବନରେ ସମାଜ ପ୍ରତି ତାଙ୍କର ବଳିଷ୍ଠ ଅବଦାନ, ସ୍ତମ୍ଭଲିଖନ ଏବଂ ଫେସବୁକରେ ସଚେତନତାମୂଳକ ପୋଷ୍ଟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ସଫଳତା ପାଇଁ ସଂଘର ସାଧାରଣ ସମ୍ପାଦକ ଅଭୟ କୁମାର ଦାସଙ୍କ ନେତୃତ୍ୱରେ କାର୍ଯ୍ୟକାରୀ କମିଟି ପକ୍ଷରୁ ଡ. ମହାପାତ୍ରଙ୍କୁ କଟକଠାରେ ସମ୍ବର୍ଦ୍ଧିତ କରାଯାଇଛି।

**ବୀମା କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା**

## ଜନଗଣନା କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ

**କଟକ, ୭।୬(ସମିସ):** ଦେଶର ଅର୍ଥନୈତିକ, ସାମାଜିକ ବ୍ୟବସ୍ଥା ତଥା ବିଭିନ୍ନ ଯୋଜନାର ସଫଳ ରୂପାୟନରେ ଗୃହ ଓ ଜନ ଗଣନା ଅପରିହାର୍ଯ୍ୟ। ଏହି ରାଷ୍ଟ୍ରୀୟ କାର୍ଯ୍ୟର ସଫଳତା ପାଇଁ ଦେଶବାସୀ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ଅଭୟ ନାରାୟଣ ନାୟକ ନିବେଦନ କରିଛନ୍ତି। ହୋପ ଏଜ ଟ୍ରଷ୍ଟ ପକ୍ଷରୁ ଆଜି ସନ୍ଧ୍ୟାରେ ସିଡିଏ ସେକ୍ଟର-୭ସ୍ଥିତ ଆଶ୍ରୟ ଦି ସେଲଟରରେ ଆଲୋଚନାଚକ୍ରରେ ଯୋଗ ଦେଇ ଜନଗଣନାର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଭାରତର ଗୃହ ଓ ଜନ ଗଣନା ସର୍ବେକ୍ଷଣ ବିଶ୍ୱର ସବୁଠାରୁ ବଡ଼ ପରିସଂଖ୍ୟାନ ବିବରଣୀ। ସମସ୍ତ ବ୍ୟକ୍ତିଗତ ତଥ୍ୟ ସମ୍ପୂର୍ଣ୍ଣ ଗୋପନ ରଖା ଯାଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରର ସମୂହ ସ୍ୱାର୍ଥ ଦୃଷ୍ଟିରୁ କୌଣସି



ଭୁଲ ତଥ୍ୟ ନଦେବାକୁ ଡ଼ଃ ନାୟକ ଅନୁରୋଧ କରିଥିଲେ। ଟ୍ରଷ୍ଟର ଉପସଭାପତି ପ୍ରମିଳା ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରଞ୍ଜିତ ସାହୁ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ ପଟ୍ଟନାୟକ, ଗୋବିନ୍ଦ ଜେନା, ଇଂ କେ କେ ଦାସବର୍ମା, ହିମାଂଶୁବାଳା ପଟ୍ଟନାୟକ, କେଦାରନାଥ ଜାଲି ଓ ପି କେ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କାର୍ ଧକ୍କାରେ ୨ ଗୁରୁତର

**କଟକ, ୭।୬(ସମିସ):** ସଦର ଥାନା ଅନ୍ତର୍ଗତ ବମ୍ପକୁଦ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ କଟକ ଯାଉଥିବା ଏକ ଦ୍ରୁତଗାମୀ କାର୍ ଜଣେ ପୁରୁଷ ଓ ମହିଳାଙ୍କୁ ଧକ୍କା ଦେବାରୁ ସେମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ପ୍ରଥମେ ପିସିଆରକୁ ଖବର ଦେବା ପରେ ଘଟଣାସ୍ଥଳରୁ ପୁଲିସ ଉଭୟଙ୍କୁ ଉଦ୍ଧାର କରି ଏସସିବି ପଠାଇଛି। କାର୍ ଚାଳକ ପ୍ରଚୁର ମଦ୍ୟପାନ କରି ଏହି ଦୁର୍ଘଟଣା ଘଟାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଦୁର୍ଘଟଣା ଘଟାଇଥିବା କାର୍ ଜବତ କରି ପୁଲିସ ତଦନ୍ତ ଚଳାଇଛି।

## ଉତ୍କଳ-ତେଲୁଗୁ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**କଟକ, ୭।୬(ସମିସ):** ତେଲୁଗୁ-ବେଲୁଗୁ(ଆସନ୍ତୁ ସମସ୍ତେ ମିଶି ତେଲୁଗୁ ଶିଖିବା) କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଐକ୍ୟତାର ସଚିବ ଡା. ଇଭାଟୁରୀ ସୁବ୍ରହ୍ମଣ୍ୟମ କହିଥିଲେ ଯେ ତେଲୁଗୁ ଭାଷାର ସୁରକ୍ଷା ଓ ବିକାଶ ପାଇଁ ଆମେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ସେ ଏହି ଉଦ୍ଦେଶ୍ୟ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଐକ୍ୟତା କଟକ ତେଲୁଗୁ ସଂଘର ସ୍ଥାପନା ଦିବସ ଅବସରରେ ନନ୍ଦମୁରୀ ତେଲୁଗୁ ସଂଘ ଭବନରେ ଏହି ସଭା ଆୟୋଜିତ ହୋଇଥିଲା। ତେଲୁଗୁ ଭାଷା ଲେଖିବା ଓ ପଢ଼ିବା ଶିଖାଇବାର ମହତ୍ ଉଦ୍ଦେଶ୍ୟରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କନଭିନର ଗୋରୁ କୈଳାସ କହିଥିଲେ ଯେ ଓଡ଼ିଶାରେ ଓଡ଼ିଆ ଭାଷା ଅଞ୍ଚଳୀୟ ଭାଷା ହେଲେ ମଧ୍ୟ ଆମ ମାତୃଭାଷା ତେଲୁଗୁକୁ ଲେଖିବା ଓ ପଢ଼ିବା ଶିଖିବା ଆମର କର୍ତ୍ତବ୍ୟ। ସ୍ଥାନୀୟ ତେଲୁଗୁ ସମ୍ପ୍ରଦାୟର ମହିଳା, ଯୁବକ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବର ଆସନ୍ତା ବର୍ଷ (୨୦୨୬-୨୭) ଅଧ୍ୟକ୍ଷ ତଥା ଆଇନଜୀବୀ ପି. ଭି. ବାଳକୃଷ୍ଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ସାର୍ବିକ ବିକାଶ ପାଇଁ ରୋଟାରୀ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି କହିଥିଲେ। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ଼. ଶାରଦା ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ତେଲୁଗୁ ଭାଷାର ପ୍ରାଚୀନତା ଓ ଗୌରବମୟ ପରମ୍ପରାକୁ ପ୍ରଶଂସା କରିଥିଲେ। କଟକ ମହାନଗର ନିଗମର କର୍ପୋରେଟର ଏ. ଶ୍ରୀଦେବୀ ଉଦ୍‌ଘାଟନୀ ଅଧିବେଶନରେ କହିଥିଲେ ଯେ, ଐକ୍ୟତା ଦ୍ୱାରା ପରିଚାଳିତ ସମସ୍ତ କାର୍ଯ୍ୟକ୍ରମ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ। ସେ ତେଲୁଗୁ ଜାଣିଥିବା ମହିଳାମାନଙ୍କୁ ଆଗକୁ ଆସି ଶିଶୁ ଓ ବୟସ୍କ ସମସ୍ତଙ୍କୁ ତେଲୁଗୁ ଶିକ୍ଷା ଦେବାକୁ ଆହ୍ୱାନ ଦେଇଥିଲେ। ଏଥିରେ କୋଲ୍ଲି ଶ୍ରୀନିବାସ ସୂଚନା ଦେଇଥିଲେ ଯେ ସପ୍ତାହରେ ଦୁଇ ଦିନ ଐକ୍ୟତା ସଭାଗୃହରେ ତେଲୁଗୁ ଶିକ୍ଷା କ୍ଲାସ୍ ଅନୁଷ୍ଠିତ ହେବ। ତିନିଜଣ ମହିଳା ସ୍ୱେଚ୍ଛାସେବୀ ଭାବେ ଆଗକୁ ଆସି ନିଶୁଳ୍କ ତେଲୁଗୁ ପାଠ ପଢ଼ାଇବାକୁ ସମ୍ମତି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ୱେଙ୍କଟେଶ୍ୱର ଟେମ୍ପଲ ଟ୍ରଷ୍ଟର ଅଧ୍ୟକ୍ଷ ଗୋରୁ ଠାକୁର, ଭକ୍ତି ବାହିନୀର ମାଟୁରୀ ଜୟ ଭାରତୀ, ମହିଳା ସଂଘ ନେତ୍ରୀ ଦୋରା ଭୁବନେଶ୍ୱରୀ, ଏନ୍. ସ୍ୱାତୀ, ଜ୍ୟୋତି, ପଲ୍ଲବୀ, ରୋଜା, ରାଧାରାଣୀ, ଐକ୍ୟତାର ଉପାଧ୍ୟକ୍ଷ ରାମଲିଙ୍ଗେଶ୍ୱର ରାଓ, ପରାମର୍ଶଦାତା କୋଟ୍ନି ଭାସ୍କର, କୋଞ୍ଚାଡା କୃଷ୍ଣ ପ୍ରସାଦ ଶୁଦ୍ଧି, ସୂର୍ଯ୍ୟ ରାଓ, କାର୍ଯ୍ୟକାରିଣୀ ସଦସ୍ୟ ୟେର୍ରା ଲକ୍ଷ୍ମଣ, ଏନ୍. ନରସିଂହୁଲୁ, ଡି. ଶଙ୍କର, ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ।

## ଓପିଏସ୍‌ସି ପରୀକ୍ଷାରେ ୬୩ ର୍ୟାଙ୍କ୍‌ରେ ସ୍ନିଗ୍ଧା



**କଟକ, ୭।୬(ସମିସ):** ଓଡ଼ିଶା ଲୋକସେବା ଆୟୋଗ (ଓପଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସ୍ନିଗ୍ଧା ସେନାପତି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ସମଗ୍ର ରାଜ୍ୟରେ ୬୩ ନମ୍ବର ରାଙ୍କ୍ ରଖି କୃତକାର୍ଯ୍ୟ ହୋଇ ସଫଳତାର ସହ ଓଡ଼ିଶା ପ୍ରଶାସନିକ ସେବା ପାଇଁ ମନୋନୀତ ହୋଇଛନ୍ତି। ସ୍ନିଗ୍ଧା ହେଉଛନ୍ତି ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟିର ସମ୍ପାଦକ ସୁଶାନ୍ତ କୁମାର ପାଣିଙ୍କ ଭାଣିଜୀ ତଥା ସିଏମସିର ପୂର୍ବତନ କର୍ପୋରେଟର ମମତା ପାଣିଙ୍କ ଝିଆରୀ ଏବଂ ଆସ୍କା ନଗର ବିଜେଡି ସଭାପତି ଏମ୍. ତାରିଣୀ ସେନାପତି ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଏମ୍. ରଶ୍ମିତା ସେନାପତିଙ୍କ ସୁକନ୍ୟା। ସ୍ନିଗ୍ଧାଙ୍କ ଏଭଳି ଗୌରବମୟ ସଫଳତା ଖବର ପ୍ରଚାରିତ ହେବା ପରେ କଟକ ଚାନ୍ଦିନୀଚୌକ ସ୍ଥିତ ପ୍ରଧାନସାହିରେ ଆନନ୍ଦର ଲହରୀ ଖେଳିଯାଇଛି। ପ୍ରଧାନସାହିର ପଡ଼ାବାସୀ ଏବଂ ‘ଟାର୍ଗେଟ ଗ୍ରୁପ୍’ର ସମସ୍ତ ସଭ୍ୟବୃନ୍ଦ ସ୍ନିଗ୍ଧାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ଉଚ୍ଚ ଆଦର୍ଶ, ସ୍ୱଚ୍ଛତା ଓ ମୂଲ୍ୟବୋଧକୁ ବଜାୟ ରଖି ଜଣେ ସଫଳ, ଜନପ୍ରିୟ ଓ ଆଦର୍ଶ ପ୍ରଶାସକ ଭାବେ ନିଜକୁ ପ୍ରତିଷ୍ଠିତ କରିବେ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ଓ ଗ୍ରୁପ୍‌ର ସଭ୍ୟମାନେ ଆଶା ପ୍ରକାଶ କରିଛନ୍ତି।

## ଯୁବ ସଂସ୍କାର ନିର୍ମାଣ ଶିବିର ଉଦ୍‌ଘାଟିତ



**କଟକ, ୭।୬(ସମିସ):** ଭାରତୀୟ ଯୋଗ ସଂସ୍ଥାନ ଆନୁକୂଲ୍ୟରେ ସିଡିଏ ସେକ୍ଟର-୬ସ୍ଥିତ ଜୟ ପ୍ରକାଶ ନାରାୟଣ ପାର୍କ ଯୋଗ ସାଧନା କେନ୍ଦ୍ରରେ ଏକ ପାଞ୍ଚଦିନିଆ ‘ଯୁବ ସଂସ୍କାର ନିର୍ମାଣ ଶିବିର’ ଆରମ୍ଭ ହୋଇଛି। କଟକ ଯୋଗ ଜିଲ୍ଲା ପ୍ରମୁଖ କେଦାରନାଥ ଜାଲି ଓ ଡଃ ଶୈଳଜା ନନ୍ଦିନୀ ଜେନା ଏହାକୁ ଉଦ୍‌ଘାଟନ କରି ଯୁବପିଢ଼ିଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ନିୟମିତ ଯୋଗ, ପ୍ରାଣାୟାମ ଓ ଧ୍ୟାନର ଉପକାରିତା ବିଷୟରେ ବୁଝାଇଥିଲେ। ବହୁ ବିଦ୍ୟାର୍ଥୀ ସାମିଲ ହୋଇଥିବା ଏହି ଶିବିରକୁ ଉପଦେଷ୍ଟା ରାଜକିଶୋର ଦାଶ, ଡଃ ସତ୍ୟ ରାୟ ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରୁଛନ୍ତି।

# ଜବରଦଖଲ ଉଚ୍ଛେଦ ସ୍ଥଗିତ ନେଇ ଜନଅସନ୍ତୋଷ



ନିଶ୍ଚିନ୍ତକୋଇଲି,୭।୬(ସମିସ):

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ତହସିଲ ଅଧୀନସ୍ଥ ବନ୍ଧକାଟିଆଠାରୁ ମସ୍ତରାମଠ ପର୍ଯ୍ୟନ୍ତ କରାଣ୍ଡିଆ କେନାଲ ବନ୍ଧ ରାସ୍ତା ପାଶ୍ୱର୍ରେ ଥିବା ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ହଠାତ୍ ବନ୍ଦ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି କରିଛି। କରାଣ୍ଡିଆ କେନାଲ ଡାହାଣ ପାଶ୍ୱର୍ ବନ୍ଧରେ ତିଳକଣା ଠାରୁ ତରତ ପର୍ଯ୍ୟନ୍ତ ଯାତାୟାତର ସୁବିଧା ପାଇଁ ଏକ ୧୮ ଫୁଟ ଓସାର ବିଶିଷ୍ଟ ଉନ୍ନତମାନର ପକ୍କା ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ଏହି ମୁଖ୍ୟ ରାସ୍ତାକୁ ଲାଗି ରହିଥିବା ସରକାରୀ ନୟନଜୋରୀ ଜମିକୁ କେତେକ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ସେଠାରେ ପକ୍କା ଦୋକାନ ଗୃହମାନ ନିର୍ମାଣ କରିଛନ୍ତି। ଏହି ବେଆଇନ ନିର୍ମାଣ ଯୋଗୁଁ ସେଠାରେ ଅନେକ ସମୟରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବାର ଦେଖାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗକ୍ରମେ ଦାନପୁର ଆରଆଇ ଗତ ୧୬.୭.୨୦୨୫ରେ ଘଟଣାର ସରଜମିନ ତଦନ୍ତ କରି ଏହାକୁ ତୁରନ୍ତ ଉଚ୍ଛେଦ କରିବା ଆବଶ୍ୟକ ବୋଲି ତହସିଲ କାର୍ଯ୍ୟାଳୟକୁ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଆଧାରରେ ପ୍ରଶାସନ ପକ୍ଷରୁ ଚଳିତ ଜୁନ୍ ୫ ତାରିଖରେ ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ କରାଯାଇ ଜବରଦଖଲକାରୀଙ୍କୁ ନୋଟିସ ମଧ୍ୟ ଜାରି କରାଯାଇଥିଲା। ମାତ୍ର ଅତି ରହସ୍ୟଜନକ ଭାବେ, ଜୁନ୍ ୫ ତାରିଖ ସକାଳୁ ହିଁ ତହସିଲ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଉଚ୍ଛେଦ ପ୍ରକ୍ରିୟାକୁ ହଠାତ୍ ସ୍ଥଗିତ ରଖି ଦିଆଯାଇଛି। ଏହା ପଛରେ କୌଣସି ବଡ଼ ଧରଣର ରାଜନୈତିକ ଚାପ କିମ୍ବା ପ୍ରଶାସନିକ ସ୍ୱାର୍ଥ ନିହିତ ଥିବା ନେଇ ସାଧାରଣରେ ଗଭୀର ସନ୍ଦେହ ପ୍ରକାଶ ପାଇଛି। ଜବରଦଖଲ ଉଚ୍ଛେଦ ବନ୍ଦ କରାଯିବା ପରେ ସ୍ଥାନୀୟ ଅଞ୍ଚଳର କେତେକ ଜନସାଧାରଣ ତହସିଲଦାରଙ୍କୁ ସାକ୍ଷାତ୍ କରି ଏଭଳି ଦୋମୁହାଁ ନୀତି ସଂକ୍ରାନ୍ତରେ ପ୍ରଶ୍ନ କରିଥିଲେ ମଧ୍ୟ, ସେ କୌଣସି ସ୍ପଷ୍ଟ ଉତ୍ତର ନ ଦେଇ ଚୁପ୍ ରହିବା ସନ୍ଦେହକୁ ଅଧିକ ଘନୀଭୂତ କରିଛି। ଗୋଟିଏ ପଟେ ସରକାରୀ ରିପୋର୍ଟ ଜବରଦଖଲକୁ ବେଆଇନ ଦର୍ଶାଉଥିବା ବେଳେ, ଅନ୍ୟପଟେ କାହା ସ୍ୱାର୍ଥରେ ପ୍ରଶାସନ ହାତ

- ଚୁପ୍‌ଚାପ୍ ବସିଛି ନିଶ୍ଚିନ୍ତକୋଇଲି ତହସିଲ୍
- ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବାନ୍ଧି ବସିରହିଛି, ତାହାକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ଏହି ସମ୍ବେଦନଶୀଳ ମାମଲାରେ କୌଣସି ଉଚ୍ଚସ୍ତରୀୟ ରାଜନୈତିକ ହସ୍ତକ୍ଷେପର ନିରପେକ୍ଷ ତଦନ୍ତ କରିବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ତଥା ଯାତାୟାତର ସୁବିଧା ପାଇଁ ତୁରନ୍ତ ଉଚ୍ଛେଦ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାକୁ ଜନସାଧାରଣ କଟକ ଜିଲ୍ଲାପାଳଙ୍କ ନିକଟରେ ଜୋରଦାର ଦାବି କରିଛନ୍ତି।

# ତେନ୍ତୁଳିରଗଡ଼ି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ



ତିଗିରିଆ,୭।୬(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତର ତେନ୍ତୁଳିରଗଡ଼ି ଗ୍ରାମରେ ରବିବାର ବିଦ୍ୟୁତ ସର୍ଟ ସର୍କିଟରୁ ଭୟାବହ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଗ୍ରାମର ସୁଧାକର, ଗଦାଧର, ମଞ୍ଜୁ ବେଓା, ମାନକେତନ ଓ ତପନ ପ୍ରଧାନଙ୍କ ଘର ସହ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଏହି ଦୁଃଖଦ ସମୟରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ଓ ଦଳୀୟ ନେତାମାନେ ବିପନ୍ନଙ୍କ ପାଖରେ ପହଞ୍ଚି ତ୍ରିପାଲ ସହ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆଗକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲା ବ୍ଲକ ବିଜେଡି**

# ପୁଣି ମାତିଲେ ଚନ୍ଦନ ଗଛ ଚୋର



ନରସିଂହପୁର,୭।୬(ସମିସ): ନରସିଂହପୁର ବ୍ଲକ କୋକୋଳବା ଗ୍ରାମର ଗୁପ୍ତେଶ୍ୱର ମନ୍ଦିର ପରିସରରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ ମୂଲ୍ୟବାନ ଚନ୍ଦନ ଗଛ କାଟି ଚୋରି କରି ନେଇଛନ୍ତି। ଚୋରି ହୋଇଥିବା ଗଛଟି ପ୍ରାୟ ୨୦ ଫୁଟ ଉଚ୍ଚତା ଏବଂ ଦେଢ଼ ଫୁଟ ଗୋଲେଇର ଥିଲା। ଏହା ପୂର୍ବରୁ ନରସିଂହପୁର କଲେଜ ଏବଂ ବଡ଼ମ୍ବା ଅଞ୍ଚଳରୁ ମଧ୍ୟ ଚନ୍ଦନ ଗଛ ଚୋରି ହୋଇଥିବା ନେଇ ସୂଚନା ରହିଛି। ଅଞ୍ଚଳରେ ଚନ୍ଦନ ଗଛ ଚୋରଙ୍କ ପ୍ରାଦୁର୍ଭାବ ବଢ଼ୁଥିବା ବେଳେ ନରସିଂହପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନରସିଂହପୁର ଟାଉନରେ ଦନ୍ତାହାତୀ ଆତଙ୍କ

ନରସିଂହପୁର,୭।୬(ସମିସ): ନରସିଂହପୁର ବନାଞ୍ଚଳରେ ଖାଦ୍ୟ ଓ ଜଳର ଅଭାବ ଯୋଗୁଁ ହାତୀପଲ ସହର ମୁହାଁ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ପାଇକପଡ଼ାପଟଣା ସ୍ଥିତ ରଘୁନାଥ ମଠ ପରିସରରେ ଏକ ପ୍ରାୟ ୨୦ ବର୍ଷର ଗୋଠଛଡ଼ା ଦନ୍ତାହାତୀ ପଶି ପ୍ରାୟ ଏକ ଘଣ୍ଟା ଧରି ବୁଲିଥିବା ସ୍ଥାନୀୟ ସିସିଟିଭିରେ କଏଦ ହୋଇଛି। ଏହା ପୂର୍ବରୁ ସିଆରିଆଠାରେ ହାତୀପଲ ୬ ଦିନ ଧରି ରାସ୍ତା ଉପରେ ବୁଲୁଥିଲେ। ହାତୀ ଟାଉନ୍ ଭିତରକୁ ପଶିବା କାରଣରୁ ଜନସାଧାରଣ ଭୟଭୀତ ଥିବା ବେଳେ ବନବିଭାଗର ନିଷ୍କ୍ରିୟତାକୁ ନେଇ ଅଞ୍ଚଳବାସୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ନରସିଂହପୁର ଅଦାଲତରେ ବିଶ୍ୱ ପରିବେଶ ଦିବସ



ନରସିଂହପୁର,୭।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ନରସିଂହପୁର ତାଲୁକା ଆଇନ ସେବା ସହାୟତା କମିଟି ଆନୁକୂଲ୍ୟରେ ଶୁକ୍ରବାର ଅଦାଲତ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଦୌରାଜଜ୍ ନିହାର ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପରିବେଶ ସୁରକ୍ଷା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଆଇନଜୀବୀ ଓ କୋର୍ଟ କର୍ମଚାରୀଙ୍କ ମିଳିତ ସହଯୋଗରେ ଅଦାଲତ ପରିସରରେ ଆମ୍ବ, ନିମ୍ବ, ଅଁଳା ଓ ପିଜୁଳି ଭଳି ବହୁ ଔଷଧୀୟ ତଥା ଫଳପ୍ରଦ ଚାରାରୋପଣ କରାଯାଇଥିଲା। ଏଥିରେ ଓକିଲ ସଂଘର ଉପସଭାପତି ନର ନାରାୟଣ ନାୟକ ଓ ସମ୍ପାଦକ ଗୋଲଖ ବିହାରୀ ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ତିଗିରିଆ,୭।୬(ସମିସ): "ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରେ ସାମିଲ ରାଜ୍ୟର ୨୦୪ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମାଧ୍ୟମରେ କରିଛନ୍ତି। ଏହିକ୍ରମରେ ତିଗିରିଆ ବ୍ଲକର ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟଠାରେ ଏକ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପଜିଲ୍ଲାପାଳ ପ୍ରହ୍ଲାଦ ଶର୍ମା, ବିଡ଼ିଓ, ତହସିଲଦାର ଏବଂ ବହୁ ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଶିକ୍ଷକ ମାଧବଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗଞ୍ଜେଇ ଜବତ; ବ୍ୟବସାୟୀ ଗିରଫ

ନିଶ୍ଚିନ୍ତକୋଇଲି,୭।୬(ସମିସ): ସାଲେପୁର ଅବକାରୀ ଥାନା ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକର ବିଲହାଟ ପେଟ୍ରୋଲ ପମ୍ପ ନିକଟରେ ଚଢ଼ଉ କରାଯାଇ ସଂଗ୍ରାମପୁର ଗ୍ରାମର ଧନେଶ୍ୱର ସାହୁଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ପ୍ରାୟ ଏକ କିଲୋଗ୍ରାମରୁ ଅଧିକ ଚୋରା ଗଞ୍ଜେଇ ଜବତ କରାଯାଇଛି। ଅବକାରୀ ଥାନାଧିକାରୀ ଜ୍ୟୋତିର୍ମୟୀ ଦାସଙ୍କ ନେତୃତ୍ୱରେ ଅଭିରାମ ସାହୁ, ସୁଧାଂଶୁ ବେହେରା ଓ ଜିତେନ୍ଦ୍ର ବଳବନ୍ତରାୟ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ। ଏନେଇ ଅବକାରୀ ଥାନାରେ କେସ୍ ନଂ ୩୦/୨୦୨୬ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟାଙ୍ଗୀ ଅଞ୍ଚଳରେ ବିଶ୍ୱ ପରିବେଶ ଦିବସ

ଟାଙ୍ଗୀ,୭।୬(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ଅନୁଷ୍ଠାନରେ ବିଶ୍ୱ ପରିବେଶ ଦିବସ ବ୍ୟାପକ ଭାବେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟାଙ୍ଗୀ ବିଦ୍ୟାପୀଠ ପୁରାତନ



ଛାତ୍ର ସଂଘ ପାଠାଗାର ପରିସରରେ ସ୍ୱର୍ଗତ ଇଂ ଦେବୀ ପ୍ରସାଦ ସାହୁଙ୍କ ସ୍ମୃତିରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ଶ୍ରୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ ଅଶୋକ କୁମାର ପୃଷ୍ଟି, ବିନୋଦ ସାହୁ ଓ ଶିବରାମ ଦାସ ପ୍ରମୁଖ ଯୋଗଦେଇ ଅଶୋକ ଗଛ ସହ ଅନ୍ୟାନ୍ୟ ଚାରାରୋପଣ କରିଥିଲେ। ଆଗାମୀ ଦିନରେ ସଂଘର କର୍ମକର୍ତ୍ତାଙ୍କ ବିୟୋଗରେ ସ୍ମୃତି ସ୍ୱରୂପ ଚାରାରୋପଣ କରାଯିବ ବୋଲି ସମ୍ପାଦକ ଶ୍ରୀ ପୃଷ୍ଟି ସୂଚନା ଦେଇଛନ୍ତି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ



ତିଗିରିଆ,୭।୬(ସମିସ): ମିଶନ ଶକ୍ତି ଓ ଜାତୀୟ ମହିଳା କମିଶନଙ୍କ ଆନୁକୂଲ୍ୟରେ ତିଗିରିଆ ବ୍ଲକର ୬୦ ଜଣ ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ଆୟୋଜିତ ୧୨ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ସିଡିପିଓ ବିଣାପାଣୀ ଦାସ ଓ ମିଶନ ଶକ୍ତି କୋ-ଅର୍ଡିନେଟର ତପନ ମହାନ୍ତି ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଶିକ୍ଷିକା ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ସ୍ନିଗ୍ଧାରାଣୀ ପଟ୍ଟନାୟକଙ୍କଠାରୁ ତାଲିମ ପାଇଥିବା ସମସ୍ତ ମହିଳାଙ୍କୁ ପ୍ରଶିକ୍ଷଣ କିଟ୍ ପ୍ରଦାନ କରାଯାଇଥିଲା।

# କଟକ ସଦର ରଜ ମହୋତ୍ସବ ପାଇଁ ପ୍ରସ୍ତୁତି

କନ୍ଦରପୁର,୭।୬(ସମିସ): ବୟାଳିଶି ମୌଜା କଳପଡ଼ା କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହେବାକୁ ଥିବା କଟକ ସଦର ରଜ ମହୋତ୍ସବ ପାଇଁ କଳପଡ଼ା ମାନ୍ୟବର ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। "ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ'ର ସଭାପତି ପ୍ରଫେସର ମନୋଜ ନାୟକଙ୍କ ପୌରହିତ୍ୟରେ ଏହି ଆଲୋଚନା ହୋଇଥିଲା। ୩ ଦିନ ଧରି



ଚାଲିବାକୁ ଥିବା ଏହି ମହୋତ୍ସବରେ ଝୋଟି, ରଜ ପିଠା, ଓଡ଼ିଶୀ ନୃତ୍ୟ, ଶଙ୍ଖ ଫୁଙ୍କା ଓ ରଜ ସୁନ୍ଦରୀ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହାସହ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହେବ। ବୈଠକରେ ବିଜୟ ନାୟକ, ସମରେନ୍ଦ୍ର ମହାପାତ୍ରଙ୍କ ସମେତ ସଂଗଠନର ଅନେକ ସଦସ୍ୟ ଯୋଗଦେଇ ମହୋତ୍ସବର ସଫଳତା ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ।

# ପୂର୍ବତନ ବିଧାୟକ ବିକ୍ରମ ବର୍ମାଙ୍କ ଶ୍ରାଦ୍ଧବାର୍ଷିକୀ


ନିଶ୍ଚିନ୍ତକୋଇଲି,୭।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମସ୍ଥିତ ବୁଢ଼ୀଜାଗୁଳାଇ ପୀଠରେ "ବିକ୍ରମ ସ୍ମୃତି କମିଟି' ଆନୁକୂଲ୍ୟରେ କ୍ରାନ୍ତୀକାରୀ ଶିକ୍ଷକ, ବିଶିଷ୍ଟ କୃଷକ ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ବିକ୍ରମ କେଶରୀ ବର୍ମାଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଅତ୍ୟନ୍ତ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। "ପଲ୍ଲୀଠାରୁ



ଦିଲ୍ଲୀ' ସାପ୍ତାହିକ ଖବରକାଗଜର ସମ୍ପାଦକ ତଥା ସ୍ମୃତି କମିଟିର ଆବାହକ ଉମାଶଙ୍କର ସାହୁଙ୍କ ସଂଯୋଜନା ଏବଂ ଡଃ ଭାବଗ୍ରାହୀ ରାଉତଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭାରେ ରାଜ୍ୟପାଳଙ୍କ ହିନ୍ଦୀ ଭାଷା ଅନୁବାଦକ ନାରାୟଣ ମୁଦୁଲି ମୁଖ୍ୟଅତିଥି, ଯୁବ ପ୍ରବଚକ ସୁଶାନ୍ତ କୁମାର ନାୟକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଲିନାନନ୍ଦିତା ପରିଡ଼ା, ପୂର୍ବତନ ସମିତିସଭ୍ୟ ବିଜୟ ବଳ, କଂଗ୍ରେସ ନେତା ଅକ୍ଷୟ ସାହୁ, ସୁକାନ୍ତ ମଢେଇ, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମହାପାତ୍ର, ରମେଶ ଜେନା, ବିଜୟ କୁଅଁର, ସୁଧାଂଶୁ ଶେଖର ଦାସ, କୈଳାସ ପାତ୍ର, କୁନାନନ୍ଦ ବେହେରା ଏବଂ ଛବି ପଲେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ରାଜେଶ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଉର୍ବଶୀ ସାହୁ ଧନ୍ୟବାଦ ଦେଇଥିଲେ।

# କେନ୍ଦୁପାଟଣା ବିଦ୍ୟାଳୟରେ ପରିବେଶ ଦିବସ

ନିଶ୍ଚିନ୍ତକୋଇଲି,୭।୬(ସମିସ): କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ "ମାଇଁ କଟକ' ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ପରିବାର'ର ମିଳିତ ଆନୁକୂଲ୍ୟରେ କେନ୍ଦୁପାଟଣା ସରକାରୀ ଉଚ୍ଚବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରମୋଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପୂର୍ବତନ ବନ ଅଧିକାରୀ ଶରତଚନ୍ଦ୍ର ରଥ ମୁଖ୍ୟଅତିଥି ଏବଂ ସାହିତ୍ୟିକ ଶ୍ରୀନିବାସ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବନିଯୁକ୍ତ ପ୍ରଧାନଶିକ୍ଷକ ରଞ୍ଜନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶବିତ୍ ପ୍ରତାପ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।




# ବିଜେଡିର ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ




ଟାଙ୍ଗୀ,୭।୬(ସମିସ): ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସାଲେପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଦଳୀୟ ସଂଗଠନକୁ ଅଧିକ ମଜବୁତ୍ ଓ ସକ୍ରିୟ କରିବା ପାଇଁ ପ୍ରୟାସ ଜୋରଦାର ହୋଇଛି। ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ ସଫଳତାର ସହ ଶେଷ ହେବା ପରେ ଏବେ ଜୋନ୍‌ସ୍ତରୀୟ ଅର୍ଥାତ୍ ଜିଲ୍ଲା ପରିଷଦସ୍ତରୀୟ ବୈଠକ ଉପରେ ଦଳ ଅଧିକ ଗୁରୁତ୍ୱ ଦେଉଛି। ଏହିକ୍ରମରେ ୧୩ନଂ ଜୋନ୍ ଜିଲ୍ଲା ପରିଷଦ ପକ୍ଷରୁ ନପଙ୍ଗ ପଞ୍ଚାୟତ ବିରୋଳ ଗ୍ରାମଠାରେ ଏକ ବୃହତ୍ ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ସଭାପତିତ୍ୱରେ ଏବଂ ସଂଗଠକ କୃଷ୍ଣଚନ୍ଦ୍ର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ୧୩ ନଂ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ୧୨ନଂ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ପ୍ରାକ୍ତନ ଆମ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଏବଂ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋବିନ୍ଦଚନ୍ଦ୍ର ମହାନ୍ତି,

## ସଂଗଠନ ମଜବୁତ୍ ପାଇଁ ବିଧାୟକଙ୍କ ଆହ୍ୱାନ

ଭଟିମୁଣ୍ଡା ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ସମିତିସଭ୍ୟ ଭକ୍ତବତ୍ସଳ ମହାରଣା, ନପଙ୍ଗ ସରପଞ୍ଚ ମମତା ମଲ୍ଲିକ, ସମିତିସଭ୍ୟ ଗୋପାଳ ମଲ୍ଲିକ, ସଫା ସରପଞ୍ଚ ନିବାସ ପାଣ୍ଡା, ମାଗୁରା-ଧାନମଣ୍ଡଳ ସରପଞ୍ଚ ରଶ୍ମୀରଞ୍ଜନ ରାଉତ, ହରିଅନ୍ତା ଭାରପ୍ରାପ୍ତ ସରପଞ୍ଚ ସୋଫିଆ ବିବି, ଆଠଗଡ଼ ନିର୍ବାଚନ ମଣ୍ଡଳୀ ନେତା ରତ୍ନାକର ରାଉତ, ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ଓ ଧନେଶ୍ୱର ଜେଠୀ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଉପସ୍ଥିତ ନେତୃବୃନ୍ଦ ଦେଶ ଓ ରାଜ୍ୟରେ ଅହେତୁକ ଦରଦାମ୍ ବୃଦ୍ଧି ଏବଂ ଉତ୍କଟ ବେକାରୀ ସମସ୍ୟା ସାଧାରଣ ଜନତାଙ୍କୁ ଅତିଷ୍ଠ କରିଛି ବୋଲି ମତ ପ୍ରକାଶ କରିଥିଲେ। ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲ ଭଳି ସମ୍ବେଦନଶୀଳ ଘଟଣା ଶିକ୍ଷିତ ଯୁବପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଛି ବୋଲି ଅତିଥିମାନେ କହିଥିଲେ। ଏହିସବୁ ସମସ୍ୟା ଓ ଜନବିରୋଧୀ ନୀତି ବିରୋଧରେ ତୃଣମୂଳ ସ୍ତରରୁ ଏକ ନିର୍ଣ୍ଣାୟକ ଲଢ଼ାଇ ପାଇଁ ସର୍ବଦା ପ୍ରସ୍ତୁତ ରହିବାକୁ ବିଧାୟକ ଶ୍ରୀ ବେହେରା ଦଳୀୟ କର୍ମୀ ଓ ସଂଗଠକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଆଗଧାଡ଼ିର ସକ୍ରିୟ କର୍ମକର୍ତ୍ତା ଯୋଗଦେଇଥିଲେ। ବିଜେଡି ସଂଗଠକ ରଞ୍ଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଟ୍ରକ୍‌କୁ ପିଟିଲା ପିକ୍‌ଅପ୍, ଚାଳକ ମୃତ

ଟାଙ୍ଗୀ,୭।୬(ସମିସ): ଟାଙ୍ଗୀ ଥାନା ସର୍ଦ୍ଧୋଳା ନିକଟ ୧୬ନଂ ଜାତୀୟ ରାଜପଥରେ ରବିବାର ମଧ୍ୟାହ୍ନରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ପିକ୍‌ଅପ୍ ଭ୍ୟାନ୍ ପିଟି ହେବା ଫଳରେ ଗାଡ଼ି ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ମୃତକ ଜଣକ ନୟାଗଡ଼ ଜିଲ୍ଲା ନରଣପୁର ଅଞ୍ଚଳର ଶିବାନନ୍ଦ (୪୦)। ରାଜପଥ ପହରା ପୁଲିସ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

# ଟେଟ୍ରାହେଡ୍ରନ୍ ପକ୍ଷରୁ ରକ୍ତଦାନ ଶିବିର

ଟାଙ୍ଗୀ,୭।୬(ସମିସ): ଗ୍ରୀଷ୍ମ ଦିନରେ ରକ୍ତର ଅଭାବ ରହିବା ହେତୁ ଅନେକ ବ୍ୟକ୍ତିଙ୍କ ଜୀବନ ଗଲାଣି। ଉକ୍ତ ସମସ୍ୟାକୁ ଅନୁଧ୍ୟାନ କରି ଟେଟ୍ରାହେଡ୍ରନ ପକ୍ଷରୁ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ସ୍ଥାନରେ ରକ୍ତଦାନ କରାଯାଉଛି। ଏହି କ୍ରମରେ ଶାଳଗାଁ ପଞ୍ଚାୟତ ନୂଆଗାଁ ନେତାଜୀ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଆୟୋଜକ ନେତାଜୀ କ୍ଲବର ସହଯୋଗରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ସହଧର୍ମିଣୀ ତଥା ଜିଲ୍ଲା ରେଡକ୍ରସ ସମ୍ପାଦିକା



ଡ଼ ସସ୍ମିତା ପଟ୍ଟନାୟକ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଚିକିତ୍ସକଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଅମନ ବେଉରା, ବିଶ୍ୱଜିତ ଆଞ୍ଚଲ, ହୃଷିକେଶ ସାମଲ, ପ୍ରବୀର ଦାଶ ସମେତ

**୪୧ ୟୁନିଟ୍ ରକ୍ତ ସଂଗ୍ରହ**

କ୍ଲବର ସଭାପତି ମନୋଜ ଦାସ, ସୁରଜ ପଣ୍ଡା, ବଳରାମ ନାୟକ, ଗୌତମ ପଣ୍ଡା, ଅଜୟ ବାରିକ, ଉମାକାନ୍ତ ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଦୁଇଟିଯାକ କିଡନୀ ନଷ୍ଟ, ଚିକିତ୍ସା ପାଇଁ ଅର୍ଥାଭାବ

ଟାଙ୍ଗୀ,୭।୬(ସମିସ):

ଜୀବନ ସହ ସଂଗ୍ରାମ କରୁଛନ୍ତି ଜଣେ ଗରିବ ପରିବାରର ଯୁବକ। କ୍ରୁର ନିୟତିର ଆହ୍ୱାନ ଆଗରେ ସର୍ବସ୍ୱ ହରାଇ ବସିଥିବା ଏକ ଅସହାୟ ପରିବାର ଏବେ ପୁଅକୁ ବଞ୍ଚାଇବା ପାଇଁ ସମାଜକୁ ଆକୁଳ ପ୍ରାର୍ଥନା କରିଛି। ଏଭଳି ଏକ ହୃଦୟବିଦାରକ ଚିତ୍ର ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ହଳଦୀବସନ୍ତ ଗ୍ରାମରେ। ଗ୍ରାମର ଗୋଲଖ ବାରିକଙ୍କ ବଡ଼ ପୁତ୍ର ଶରତ ଚନ୍ଦ୍ର ବାରିକ ବିଗତ ଚାରି ମାସ ହେବ ଗୁରୁତର କିଡନୀ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଦୁଇଟିଯାକ କିଡନୀ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶରତଙ୍କ ପରୀକ୍ଷା ନିରୀକ୍ଷା



ଓ ପ୍ରତି ସପ୍ତାହର ଔଷଧ ବାବଦରେ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ପରିବାର ଲୋକେ ନିଜ ପାଖରେ ଯାହା କିଛି ସଞ୍ଚିତ ସମ୍ବଳ ଥିଲା, ସବୁ ବିକ୍ରି କରି ଏ ପର୍ଯ୍ୟନ୍ତ ଚିକିତ୍ସା କରି ଆସିଛନ୍ତି। ବର୍ତ୍ତମାନ ଶରତଙ୍କୁ ବଞ୍ଚାଇବା ପାଇଁ "କିଡନୀ ପ୍ରତିରୋପଣ' ହିଁ ଏକମାତ୍ର ବିକଳ୍ପ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥି ପାଇଁ ପ୍ରାୟ ୧୦ରୁ ୧୨ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ମାତ୍ର ନିଜସ୍ୱ ଜମିବାଡ଼ି କିଛି ନ ଥିବା ବେଳେ, ଗୋଟିଏ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଏହି ଗରିବ ପରିବାର ପକ୍ଷେ ଏତେ ବଡ଼ ଅର୍ଥ ଯୋଗାଡ଼ କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ପୁଅର ଚିକିତ୍ସା ଖର୍ଚ୍ଚ ଚିନ୍ତାରେ ଏବେ ଘରେ ଚୁଲି ଜଳିବା ମଧ୍ୟ ମୁସ୍କିଲ ହୋଇଯାଇଛି। ଏଭଳି ସଙ୍କଟଜନକ ସ୍ଥିତିରେ ପିତା ଗୋଲଖ ବାରିକ ଓ ସାନଭାଇ ରମେଶ ବାରିକ କୋହଭରା କଣ୍ଠରେ ଆର୍ଥିକ ସାହାଯ୍ୟ ନିମନ୍ତେ ସମଗ୍ର ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ସମସ୍ତଙ୍କର ସାମାନ୍ୟ ସହଯୋଗ ମିଳିଲେ ଶରତଙ୍କ ଜୀବନ ବଞ୍ଚିଯାଇ ପାରିବ ବୋଲି ଆଶାବାଦୀ ବାପା ପ୍ରକାଶ କରିଛନ୍ତି। ଯେଉଁ ସହୃଦୟ ବ୍ୟକ୍ତିମାନେ ଏହି ଗରିବ ପରିବାରକୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି, ସେମାନେ ସାନଭାଇ ରମେଶ ଚନ୍ଦ୍ର ବାରିକଙ୍କ ମୋବାଇଲ୍ ନମ୍ବର ୬୩୭୧୯୦୩୯୭୮ କିମ୍ବା ତାଙ୍କର ଏସବିଆଇ ଆକାଉଣ୍ଟ ନମ୍ବର: ୩୨୩୪୩୫୨୦୯୭୬ ମାଧ୍ୟମରେ ସହାୟତା ରାଶି ପଠାଇବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

- ପୁଅକୁ ବଞ୍ଚାଇବାକୁ ବାପା-ଭାଇଙ୍କ ଆକୁଳ ନିବେଦନ
- କିଡନୀ ପ୍ରତିରୋପଣ ପାଇଁ ଲୋଡ଼ା ୧୦-୧୨ ଲକ୍ଷ ଟଙ୍କା



# ଦେଢ଼ ଘଣ୍ଟାର ତାଣ୍ଡବ; ସହର ଛିନ୍‌ଛତ୍ର














କଟକ, ୭।୬(ସମିସ)

ଦିନରେ ଅସହ୍ୟ ଗୁଳୁଗୁଳିକୁ ଗ୍ରୀଷ୍ମପ୍ରବାହରେ ସାଧାରଣ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲା। ସହରର ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରହିଥିଲା। ହେଲେ ଅପରାହ୍ନରେ କଟକ ସହରରେ ଅଚାନକ କାଳବୈଶାଖୀ ଝଡ଼ ସହ ପ୍ରବଳ ବର୍ଷା ସାରା ସହରକୁ ବେହାଲ୍ କରିଦେଇଥିଲା। ଦେଢ଼ ଘଣ୍ଟା କାଳ ପ୍ରବଳ ବର୍ଷା ସାଙ୍ଗକୁ ପବନ ଓ ଘଡ଼ଘଡ଼ି ଅନେକ ସ୍ଥାନରେ କ୍ଷତି ପହଞ୍ଚାଇଛି। ସହରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ସହ କେତେକ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ସହରର ଏକାଧିକ ସ୍ଥାନରେ ହୋର୍ଡିଂଗୁଡ଼ିକ ଭାଙ୍ଗିପଡ଼ିଛି। ପ୍ରାଥମିକ ଆକଳନ ଅନୁଯାୟୀ, ସହରର ୫୦ରୁ ଅଧିକ ଅଞ୍ଚଳରେ ଗଛ ପଡ଼ିବା ସହିତ ଯାତାୟତ ପ୍ରଭାବିତ ହୋଇଥିଲା। ବୋଟ୍ କ୍ଲବ୍, ସିଡିଏ ସେକ୍ଟର-୬, ୭, ୯ ଓ ୧୦, ବିଡ଼ାନାସୀ, ଚହଟା, ଶିଶୁ ଭବନ ନିକଟସ୍ଥ ଅଞ୍ଚଳ, ହାଇକୋର୍ଟ ଅଞ୍ଚଳ, ବିଦ୍ୟାଧରପୁର, କଲେଜଛକ, ରିଂବନ୍ଧ, କନିକାଛକ, ରେଭେନ୍ସା ବିଶ୍ୱବିଦ୍ୟାଳୟ ନିକଟସ୍ଥ ଅଞ୍ଚଳ, ରେଲୱେ ଷ୍ଟେସନ୍, ଛତ୍ରବଜାର, ଧବଳେଶ୍ୱର ଗଡ଼ା, ମହାନଦୀ ବିହାର, ନୂଆବଜାର ଭଳି ସହରର ବହୁ ଅଞ୍ଚଳ ଏହି କାଳବୈଶାଖିର ପବନରେ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଗଛ ଗୁଡ଼ିକ ଉପୁଡ଼ିବା ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପ୍ରଶାସନ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛ ଉପୁଡ଼ିଥିବା ସ୍ଥାନରେ ତୁରନ୍ତ ପହଞ୍ଚି ଗଛ କାଟିବା ସହିତ ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି କାର୍ଯ୍ୟରେ୧୦ଟି ଅଗ୍ନିଶମ ବାହିନୀ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିଥିଲେ। ସ୍ଥିତିର ଗମ୍ଭୀରତାକୁ ଦେଖି ଭୁବନେଶ୍ୱରରୁ ଆଉ ୪ଟି ଅତିରିକ୍ତ ଅଗ୍ନିଶମ ଦଳକୁ କଟକରେ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ଝଡ଼ ଯୋଗୁଁ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବିଦ୍ୟୁତ ସେବାର ସୁଧାର ପାଇଁ ଟାଟା ପାୱାରର ୪୫ଟି ସ୍ୱତନ୍ତ୍ର ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ନିରନ୍ତର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହା ସହିତ ସହରରୁ ତୁରନ୍ତ ଜଳ ନିଷ୍କାସନ ପାଇଁ କଟକ ମହାନଗର ନିଗମ ପକ୍ଷରୁ ୫ଟି ଶକ୍ତିଶାଳୀ ଡି-ୱାଟରିଂ (ଜଳ ନିଷ୍କାସନ) ଟିମ୍‌କୁ ନିୟୋଜିତ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, କାଳବୈଶାଖୀ ଯୋଗୁଁ ଅବରୋଧ ହୋଇପଡ଼ିଥିବା ଓଏମ୍‌ପିରୁ କନ୍ଦରପୁର ରାସ୍ତା, ସହରର ରିଂରୋଡ୍, ତ୍ରିଶୁଳିଆ-ନନ୍ଦନକାନନ ରାସ୍ତା ଏବଂ ଜାତୀୟ ରାଜପଥ-୧୬ରୁ ଗଛ କଟାଯାଇଛି, ଯାହାଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଛି। ଏହାଛଡ଼ା ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଭାଙ୍ଗି ପଡ଼ିଥିବା ଗଛଗୁଡ଼ିକୁ ମଧ୍ୟ ଜରୁରିକାଳୀନ ଭିତ୍ତିରେ ହଟାଇ ଦିଆଯାଇଛି। ସହରରେ ଆଜି ଅଚାନକ ଦେଖାଦେଇଥିବା ପ୍ରବଳ ବଜ୍ରପାତ ଓ କାଳବୈଶାଖୀ କାରଣରୁ ପରୀକ୍ଷା ଦେଇ ଫେରୁଥିବା ବହୁ ଓପିଏସ୍‌ସି ପରୀକ୍ଷାର୍ଥୀ ଓ ରାସ୍ତାରେ ଯାତାୟାତ କରୁଥିବା ଲୋକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ବିପର୍ଯ୍ୟୟ କାରଣରୁ ଯେଉଁ ଓପିଏସ୍‌ସି ପରୀକ୍ଷାର୍ଥୀମାନେ ନିଜ ନିଜ ଘରକୁ ଫେରିପାରି ନଥିଲେ, ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପରୀକ୍ଷାର୍ଥୀମାନଙ୍କ ପାଇଁ କଟକ ନେତାଜୀ ବସ୍ ଟର୍ମିନାଲ ପରିସରରେ ସ୍ୱତନ୍ତ୍ର ଆଶ୍ରୟ ବ୍ୟବସ୍ଥା କରାଯାଇଛି। ପରୀକ୍ଷାର୍ଥୀଙ୍କ ସୁରକ୍ଷା, ସୁବିଧା ଏବଂ ଜରୁରୀ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରଶାସନ ଏହି ତୁରନ୍ତ ବ୍ୟବସ୍ଥା କରିଥିବା ବେଳେ ସେଠାରେ ସହାୟତା ଯୋଗାଇଦେବା ଏବଂ ସମନ୍ୱୟ ରକ୍ଷା କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏକ ସ୍ୱତନ୍ତ୍ର ପ୍ରଶାସନିକ ଟିମ୍‌କୁ ନିୟୋଜିତ କରାଯାଇଥିଲା।

**କଟକରେ କାଳବୈଶାଖୀ**

- ବର୍ଷା ଓ ପବନରେ ଅସ୍ତବ୍ୟସ୍ତ ସହରୀ ଜନଜୀବନ
- ଉପୁଡ଼ିଲା ଗଛ, ଭାଙ୍ଗିଲା ଘର, ଉଡ଼ିଲା ହୋର୍ଡିଂ, ଛିଡ଼ିଲା ତାର
- ଉଦ୍ଧାର କାର୍ଯ୍ୟ ଜୋରଦାର୍: ୧୧ଟି ଅଗ୍ନିଶମ ଟିମ୍ ନିୟୋଜିତ
- ବିଦ୍ୟୁତ୍ ସେବା ସଜାଡ଼ିବାକୁ ୪୫ଟି ଟିମ୍ କାର୍ଯ୍ୟରତ

## ପାଚେରି ଭାଙ୍ଗି ୨ ଆହତ

କଟକ, ୭।୬(ସମିସ): କାଳବୈଶାଖିରେ ୨ ଜଣ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଅପରାହ୍ଣ ସାଢ଼େ ୪ଟା ସମୟରେ ସୂତାହାଟ ତନ୍ତିସାହିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ତାଙ୍କ ଜଣେ ସମ୍ପର୍କୀୟ ଆସିଥିଲେ। ଅଧଘଣ୍ଟା ପରେ ସମ୍ପର୍କୀୟଜଣକ ଘରକୁ ଯିବାପାଇଁ ବାହାରିଥିଲେ, ହେଲେ ଏତିକି ବେଳେ ହଠାତ୍ ଜୋର୍‌ରେ ବର୍ଷାପବନ ଆରମ୍ଭ ହୋଇଯାଇଥିଲା। ଫଳରେ ସମ୍ପର୍କୀୟ ଜଣକ ଯାଇପାରି ନଥିଲେ। ଏହାପରେ ଉଭୟ ବସି କଥା ହେଉଥିବାବେଳେ ଏହି ଘରକୁ ଲାଗି ରହିଥିବା ଦୁଇମହଲା କୋଠାରୁ ପାଚେରି ଭାଙ୍ଗିଯାଇଥିଲା। ଫଳରେ ପାଚେରିଟି ସିଧା ଆସି ଆଜବେଷ୍ଟସ ଉପରେ ପଡ଼ିବାରୁ ଏହା ଭାଙ୍ଗି ତଳେ ପଡ଼ିଥିଲା। ଫଳରେ ୨ ଜଣ ଆହତ ହୋଇଥିଲେ। ଏହାପରେ ପରିବାରବର୍ଗ ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବିରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରୁ ଜଣକର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ଖବର ପାଇ କ୍ୟାଣ୍ଟନମେଣ୍ଟ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ତଦନ୍ତ ଜାରି ରଖିଛି।



## ସନ୍ତୋଷ ମହାପାତ୍ରଙ୍କୁ 'ଅବନୀ ବରାଳ ସ୍ମୃତି ସମ୍ମାନ'



**ବୀମା କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା**

**କଟକ, ୭।୬(ସମିସ):** ବିଶିଷ୍ଟ ଅର୍ଥନୀତିଜ୍ଞ, ସ୍ତମ୍ଭକାର ତଥା କଟକ ଡିଭିଜନ ବୀମା କର୍ମଚାରୀ ସଂଘର ସଭାପତି ଡ. ସନ୍ତୋଷ କୁମାର ମହାପାତ୍ରଙ୍କୁ 'ଅବନୀ ବରାଳ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ଗତ ଜୁନ୍ ୩ରେ ଭୁବନେଶ୍ୱର ଜୟଦେବ ଭବନରେ ସମାଜ ପ୍ରତି ତାଙ୍କର ବଳିଷ୍ଠ ଅବଦାନ, ସ୍ତମ୍ଭଲିଖନ ଏବଂ ଫେସବୁକରେ ସଚେତନତାମୂଳକ ପୋଷ୍ଟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ସଫଳତା ପାଇଁ ସଂଘର ସାଧାରଣ ସମ୍ପାଦକ ଅଭୟ କୁମାର ଦାସଙ୍କ ନେତୃତ୍ୱରେ କାର୍ଯ୍ୟକାରୀ କମିଟି ପକ୍ଷରୁ ଡ. ମହାପାତ୍ରଙ୍କୁ କଟକଠାରେ ସମ୍ବର୍ଦ୍ଧିତ କରାଯାଇଛି।

## ଜନଗଣନା କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ

**କଟକ, ୭।୬(ସମିସ):** ଦେଶର ଅର୍ଥନୈତିକ, ସାମାଜିକ ବ୍ୟବସ୍ଥା ତଥା ବିଭିନ୍ନ ଯୋଜନାର ସଫଳ ରୂପାୟନରେ ଗୃହ ଓ ଜନ ଗଣନା ଅପରିହାର୍ଯ୍ୟ। ଏହି ରାଷ୍ଟ୍ରୀୟ କାର୍ଯ୍ୟର ସଫଳତା ପାଇଁ ଦେଶବାସୀ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ଅଭୟ ନାରାୟଣ ନାୟକ ନିବେଦନ କରିଛନ୍ତି। ହୋପ ଏଜ ଟ୍ରଷ୍ଟ ପକ୍ଷରୁ ଆଜି ସନ୍ଧ୍ୟାରେ ସିଡିଏ ସେକ୍ଟର-୭ ସ୍ଥିତ ଆଶ୍ରୟ ଦି ସେଲଟରରେ ଆଲୋଚନାଚକ୍ରରେ ଯୋଗ ଦେଇ ଜନଗଣନାର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଭାରତର ଗୃହ ଓ ଜନ ଗଣନା ସର୍ବେକ୍ଷଣ ବିଶ୍ୱର ସବୁଠାରୁ ବଡ଼ ପରିସଂଖ୍ୟାନ ବିବରଣୀ। ସମସ୍ତ ବ୍ୟକ୍ତିଗତ ତଥ୍ୟ ସମ୍ପୂର୍ଣ୍ଣ ଗୋପନ ରଖା ଯାଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରର ସମୂହ ସ୍ୱାର୍ଥ ଦୃଷ୍ଟିରୁ କୌଣସି ଭୁଲ ତଥ୍ୟ ନଦେବାକୁ ଡ଼ଃ ନାୟକ ଅନୁରୋଧ କରିଥିଲେ। ଟ୍ରଷ୍ଟର ଉପସଭାପତି ପ୍ରମିଳା ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରଞ୍ଜିତ ସାହୁ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ ପଟ୍ଟନାୟକ, ଗୋବିନ୍ଦ ଜେନା, ଇଂ କେ କେ ଦାସବର୍ମା, ହିମାଂଶୁବାଳା ପଟ୍ଟନାୟକ, କେଦାରନାଥ ଜାଲି ଓ ପି କେ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## କାର୍ ଧକ୍କାରେ ୨ ଗୁରୁତର

**କଟକ, ୭।୬(ସମିସ):** ସଦର ଥାନା ଅନ୍ତର୍ଗତ ବମ୍ପକୁଦ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ କଟକ ଯାଉଥିବା ଏକ ଦ୍ରୁତଗାମୀ କାର୍ ଜଣେ ପୁରୁଷ ଓ ମହିଳାଙ୍କୁ ଧକ୍କା ଦେବାରୁ ସେମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ପ୍ରଥମେ ପିସିଆରକୁ ଖବର ଦେବା ପରେ ଘଟଣାସ୍ଥଳରୁ ପୁଲିସ ଉଭୟଙ୍କୁ ଉଦ୍ଧାର କରି ଏସସିବି ପଠାଇଛି। କାର୍ ଚାଳକ ପ୍ରଚୁର ମଦ୍ୟପାନ କରି ଏହି ଦୁର୍ଘଟଣା ଘଟାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଦୁର୍ଘଟଣା ଘଟାଇଥିବା କାର୍ ଜବତ କରି ପୁଲିସ ତଦନ୍ତ ଚଳାଇଛି।

## ଉତ୍କଳ-ତେଲୁଗୁ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**କଟକ, ୭।୬(ସମିସ):** ତେଲୁଗୁ-ବେଲୁଗୁ(ଆସନ୍ତୁ ସମସ୍ତେ ମିଶି ତେଲୁଗୁ ଶିଖିବା) କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଐକ୍ୟତାର ସଚିବ ଡା. ଇଭାଟୁରୀ ସୁବ୍ରହ୍ମଣ୍ୟମ କହିଥିଲେ ଯେ ତେଲୁଗୁ ଭାଷାର ସୁରକ୍ଷା ଓ ବିକାଶ ପାଇଁ ଆମେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ସେ ଏହି ଉଦ୍ଦେଶ୍ୟ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଐକ୍ୟତା କଟକ ତେଲୁଗୁ ସଂଘର ସ୍ଥାପନା ଦିବସ ଅବସରରେ ନନ୍ଦମୁରୀ ତେଲୁଗୁ ସଂଘ ଭବନରେ ଏହି ସଭା ଆୟୋଜିତ ହୋଇଥିଲା। ତେଲୁଗୁ ଭାଷା ଲେଖିବା ଓ ପଢ଼ିବା ଶିଖାଇବାର ମହତ୍ ଉଦ୍ଦେଶ୍ୟରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କନଭିନର ଗୋରୁ କୈଳାସ କହିଥିଲେ ଯେ ଓଡ଼ିଶାରେ ଓଡ଼ିଆ ଭାଷା ଅଞ୍ଚଳୀୟ ଭାଷା ହେଲେ ମଧ୍ୟ ଆମ ମାତୃଭାଷା ତେଲୁଗୁକୁ ଲେଖିବା ଓ ପଢ଼ିବା ଶିଖିବା ଆମର କର୍ତ୍ତବ୍ୟ। ସ୍ଥାନୀୟ ତେଲୁଗୁ ସମ୍ପ୍ରଦାୟର ମହିଳା, ଯୁବକ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବର ଆସନ୍ତା ବର୍ଷ (୨୦୨୬-୨୭) ଅଧ୍ୟକ୍ଷ ତଥା ଆଇନଜୀବୀ ପି. ଭି. ବାଳକୃଷ୍ଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ସାର୍ବିକ ବିକାଶ ପାଇଁ ରୋଟାରୀ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି କହିଥିଲେ। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ଼. ଶାରଦା ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ତେଲୁଗୁ ଭାଷାର ପ୍ରାଚୀନତା ଓ ଗୌରବମୟ ପରମ୍ପରାକୁ ପ୍ରଶଂସା କରିଥିଲେ। କଟକ ମହାନଗର ନିଗମର କର୍ପୋରେଟର ଏ. ଶ୍ରୀଦେବୀ ଉଦ୍‌ଘାଟନୀ ଅଧିବେଶନରେ କହିଥିଲେ ଯେ, ଐକ୍ୟତା ଦ୍ୱାରା ପରିଚାଳିତ ସମସ୍ତ କାର୍ଯ୍ୟକ୍ରମ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ। ସେ ତେଲୁଗୁ ଜାଣିଥିବା ମହିଳାମାନଙ୍କୁ ଆଗକୁ ଆସି ଶିଶୁ ଓ ବୟସ୍କ ସମସ୍ତଙ୍କୁ ତେଲୁଗୁ ଶିକ୍ଷା ଦେବାକୁ ଆହ୍ୱାନ ଦେଇଥିଲେ। ଏଥିରେ କୋଲ୍ଲି ଶ୍ରୀନିବାସ ସୂଚନା ଦେଇଥିଲେ ଯେ ସପ୍ତାହରେ ଦୁଇ ଦିନ ଐକ୍ୟତା ସଭାଗୃହରେ ତେଲୁଗୁ ଶିକ୍ଷା କ୍ଲାସ୍ ଅନୁଷ୍ଠିତ ହେବ। ତିନିଜଣ ମହିଳା ସ୍ୱେଚ୍ଛାସେବୀ ଭାବେ ଆଗକୁ ଆସି ନିଶୁଳ୍କ ତେଲୁଗୁ ପାଠ ପଢ଼ାଇବାକୁ ସମ୍ମତି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ୱେଙ୍କଟେଶ୍ୱର ଟେମ୍ପଲ ଟ୍ରଷ୍ଟର ଅଧ୍ୟକ୍ଷ ଗୋରୁ ଠାକୁର, ଭକ୍ତି ବାହିନୀର ମାଟୁରୀ ଜୟ ଭାରତୀ, ମହିଳା ସଂଘ ନେତ୍ରୀ ଦୋରା ଭୁବନେଶ୍ୱରୀ, ଏନ୍. ସ୍ୱାତୀ, ଜ୍ୟୋତି, ପଲ୍ଲବୀ, ରୋଜା, ରାଧାରାଣୀ, ଐକ୍ୟତାର ଉପାଧ୍ୟକ୍ଷ ରାମଲିଙ୍ଗେଶ୍ୱର ରାଓ, ପରାମର୍ଶଦାତା କୋଟ୍ଟି ଭାସ୍କର, କୋଞ୍ଚାଡା କୃଷ୍ଣ ପ୍ରସାଦ ଶୁଦ୍ଧି, ସୂର୍ଯ୍ୟ ରାଓ, କାର୍ଯ୍ୟକାରିଣୀ ସଦସ୍ୟ ଯେର୍ରା ଲକ୍ଷ୍ମଣ, ଏନ୍. ନରସିଂହୁଲୁ, ଡି. ଶଙ୍କର, ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ।

## ଓପିଏସ୍‌ସି ପରୀକ୍ଷାରେ ୬୩ ର୍‌ୟାଙ୍କ୍‌ରେ ସ୍ନିଗ୍ଧା



**କଟକ, ୭।୬(ସମିସ):** ଓଡ଼ିଶା ଲୋକସେବା ଆୟୋଗ (ଓପଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସ୍ନିଗ୍ଧା ସେନାପତି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ସମଗ୍ର ରାଜ୍ୟରେ ୬୩ ନମ୍ବର ରାଙ୍କ୍ ରଖି କୃତକାର୍ଯ୍ୟ ହୋଇ ସଫଳତାର ସହ ଓଡ଼ିଶା ପ୍ରଶାସନିକ ସେବା ପାଇଁ ମନୋନୀତ ହୋଇଛନ୍ତି। ସ୍ନିଗ୍ଧା ହେଉଛନ୍ତି ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟିର ସମ୍ପାଦକ ସୁଶାନ୍ତ କୁମାର ପାଣିଙ୍କ ଭାଣିଜୀ ତଥା ସିଏମସିର ପୂର୍ବତନ କର୍ପୋରେଟର ମମତା ପାଣିଙ୍କ ଝିଆରୀ ଏବଂ ଆସ୍କା ନଗର ବିଜେଡି ସଭାପତି ଏମ୍. ତାରିଣୀ ସେନାପତି ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଏମ୍. ରଶ୍ମିତା ସେନାପତିଙ୍କ ସୁକନ୍ୟା। ସ୍ନିଗ୍ଧାଙ୍କ ଏଭଳି ଗୌରବମୟ ସଫଳତା ଖବର ପ୍ରଚାରିତ ହେବା ପରେ କଟକ ଚାନ୍ଦିନୀଚୌକ ସ୍ଥିତ ପ୍ରଧାନସାହିରେ ଆନନ୍ଦର ଲହରୀ ଖେଳିଯାଇଛି। ପ୍ରଧାନସାହିର ପଡ଼ାବାସୀ ଏବଂ 'ଟାର୍ଗେଟ ଗ୍ରୁପ୍'ର ସମସ୍ତ ସଭ୍ୟବୃନ୍ଦ ସ୍ନିଗ୍ଧାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ଉଚ୍ଚ ଆଦର୍ଶ, ସ୍ୱଚ୍ଛତା ଓ ମୂଲ୍ୟବୋଧକୁ ବଜାୟ ରଖି ଜଣେ ସଫଳ, ଜନପ୍ରିୟ ଓ ଆଦର୍ଶ ପ୍ରଶାସକ ଭାବେ ନିଜକୁ ପ୍ରତିଷ୍ଠିତ କରିବେ ବୋଲି ଉପସ୍ଥିତ ବୁଦ୍ଧିଜୀବୀ ଓ ଗ୍ରୁପ୍‌ର ସଭ୍ୟମାନେ ଆଶା ପ୍ରକାଶ କରିଛନ୍ତି।

## ଯୁବ ସଂସ୍କାର ନିର୍ମାଣ ଶିବିର ଉଦ୍‌ଘାଟିତ




**କଟକ, ୭।୬(ସମିସ):** ଭାରତୀୟ ଯୋଗ ସଂସ୍ଥାନ ଆନୁକୂଲ୍ୟରେ ସିଡିଏ ସେକ୍ଟର-୬ସ୍ଥିତ ଜୟ ପ୍ରକାଶ ନାରାୟଣ ପାର୍କ ଯୋଗ ସାଧନା କେନ୍ଦ୍ରରେ ଏକ ପାଞ୍ଚଦିନିଆ 'ଯୁବ ସଂସ୍କାର ନିର୍ମାଣ ଶିବିର' ଆରମ୍ଭ ହୋଇଛି। କଟକ ଯୋଗ ଜିଲ୍ଲା ପ୍ରମୁଖ କେଦାରନାଥ ଜାଲି ଓ ଡଃ ଶୈଳଜା ନନ୍ଦିନୀ ଜେନା ଏହାକୁ ଉଦ୍‌ଘାଟନ କରି ଯୁବପିଢ଼ିଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ନିୟମିତ ଯୋଗ, ପ୍ରାଣାୟାମ ଓ ଧ୍ୟାନର ଉପକାରିତା ବିଷୟରେ ବୁଝାଇଥିଲେ। ବହୁ ବିଦ୍ୟାର୍ଥୀ ସାମିଲ ହୋଇଥିବା ଏହି ଶିବିରକୁ ଉପଦେଷ୍ଟା ରାଜକିଶୋର ଦାଶ, ଡଃ ସତ୍ୟ ରାୟ ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରୁଛନ୍ତି।

## ବହୁ ଦାବି ପରେ ନିର୍ମାଣ ହେବ ସ୍କୁଲ ପାଚେରି



ଜି ଉଦୟଗିରି,୭।୬(ସମିସ): ଦୀର୍ଘ ବର୍ଷର ଦାବି ପରେ ବହୁ ପୁରାତନ ପଦାସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଚେରି ନିର୍ମାଣ ହେବାକୁ ଯାଉଛି। ଦୀର୍ଘ ବର୍ଷ ହେଲା ସ୍କୁଲରେ ପାଚେରି ନ ଥିବା ଫଳରେ ଛାତ୍ରଛାତ୍ରୀ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଆସୁଥିଲେ। ମୁଖ୍ୟରାସ୍ତା କଡ଼ରେ ଏହି ବିଦ୍ୟାଳୟ ଥିବା ଫଳରେ ପାଚେରି ନଥିବା କାରଣରୁ ନାନା ଆଶଙ୍କାରେ ପିଲାମାନଙ୍କୁ ସ୍କୁଲ ଛାଡୁଥିଲେ ଅଭିଭାବକ। ଏହି ସମସ୍ୟାକୁ ନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଏବେ ଏହି ପାଚେରି ନିର୍ମାଣ ପାଇଁ ନିର୍ମାଣ ସାମଗ୍ରୀ ପହଞ୍ଚି ଥିବାବେଳେ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ। ଯାହା ଦ୍ୱାରା ଶତାଧିକ ଛାତ୍ରଛାତ୍ରୀ ଉପକୃତ ହେବେ।

## ସାଇଭକ୍ତ ଯୁଗଳ ଚରଣ ଦାଶଙ୍କ ପରଲୋକ



ବୁଗୁଡ଼ା,୭।୬(ସମିସ): ସ୍ଥାନୀୟ ସତ୍ୟସାଇ ସେବା ସମିତିର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାକ୍ତନ ଆବାହକ ଯୁଗଳ ଚରଣ ଦାଶ(୭୬)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରବିବାର ସକାଳେ ସେ ତାଙ୍କର ସାମାଜିକ ମାର୍ଗସ୍ଥିତ ବାସଭବନରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାହିବାସିଆ ଏବଂ ସତ୍ୟସାଇ ସେବା ସମିତିର ସଦସ୍ୟଗଣ ତାଙ୍କ ବାସଭବନକୁ ଅନ୍ତିମ ଦର୍ଶନ ସହ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେ ଜଣେ ଉତ୍ତମ ଭଜନ ଗାୟକ ସାଙ୍ଗକୁ ସମାଜସେବୀ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ରାଇକିଆ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ରାଇକିଆ,୭।୬(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ପୂଜା କମିଟି ତରଫରୁ ଆସନ୍ତା ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ନନ ଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସତ୍ୟବାନ ପାତ୍ର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକ ରେ ଦୁଇ ଦିନ ବ୍ୟାପି ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ କମିଟି ସଦସ୍ୟଙ୍କ ମତାମତ ନିଆ ଯାଇଥିଲା। ୧୮ ତାରିଖରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କମିଟି ସଦସ୍ୟଙ୍କ ପ୍ରସ୍ତାବ କ୍ରମେ ବର ପିତା ଭାବେ ସନ୍ତୋଷ ଲେଙ୍କା ଏବଂ କନ୍ୟାପିତା ଭାବେ ବାବୁଲା ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିବେ। ବରଯାତ୍ରୀ ଶୋଭାଯାତ୍ରା ଆର ଏନ୍ ସି ଠାରୁ ବାହାରି ଶିବ ମନ୍ଦିର ନିକଟ ରେ ପହଞ୍ଚିବ। ୧୯ ତାରିଖ ସନ୍ଧ୍ୟା ରେ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି। ବୈଠକରେ ସାଧାରଣ ସମ୍ପାଦକ ସଂତୋଷ କୁମାର ଲେଙ୍କା, କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ସୁଶୀଳ ତ୍ରିପାଠୀ, ଅରବିନ୍ଦ ଲେଙ୍କା, ବିଷ୍ଣୁ ପାଣିଗ୍ରାହୀ, ପ୍ରକାଶ ପଣ୍ଡା ନାରାୟଣ ପାତ୍ର, ପ୍ରକାଶ କାଳୁ ଚରଣ ଶତପଥୀ ଏବଂ ଗଣେଶ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ମାନେ ଯୋଗ ଦେଇଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

ବାଲିଗୁଡ଼ା,୭।୬(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରର ସଭାଗୃହଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ପ୍ରଦୀପ ବାଘ ଏବଂ ସହକାରୀ ଜିଲ୍ଲାପାଳ ରୂପକ



ପୁଜାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଠିକ ଏବଂ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଏହାର ମୂଳ ଲକ୍ଷ୍ୟ ରହିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟତଃ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରଣୀତା ଦାସ ଘରକୁ ଘର ପରିଦର୍ଶନ କରୁଥିବା ବିଏଲଓମାନଙ୍କୁ ସହଯୋଗ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିବେଦନ କରିଥିଲେ। ସହକାରୀ ଜିଲ୍ଲାପାଳ ଏସ୍ଆଇଆର୍ କ'ଣ, ଏହାର ଉଦ୍ଦେଶ୍ୟ ଏବଂ ଏହା କିଭଳି କାର୍ଯ୍ୟକାରୀ ହେବ ସେ ନେଇ ଏକ ବିସ୍ତୃତ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ବନବାସୀ ସେବା ସମିତିର କୁନି କୁନି ଝିଅମାନେ ଏକ ରାମ୍ପ ଶୋ ମାଧ୍ୟମରେ ଏସ୍ଆଇଆର୍ କେଉଁ ସଚେତନ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଉପଖଣ୍ଡ ଲୋକ ସୂଚନା ଅଧିକାରୀ ଶିବଶଙ୍କର ସମର୍ଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା

# ଦଲାଲଙ୍କ କବ୍‌ଜାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ପାରଳାଖେମୁଣ୍ଡି,୭।୬(ସମିସ)




ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆନ୍ଧ୍ରର ସୁପର ସ୍ପେଶିଆଲିଷ୍ଟ ଡାକ୍ତର ସେବା ଏବେ ବୁମେରାଂ ସାଜିଛି। ଆନ୍ଧ୍ରରୁ ସ୍ପେଶିଆଲିଷ୍ଟ ଡାକ୍ତରଙ୍କ ସହ ଆସୁଥିବା ଦଲାଲଙ୍କ କବ୍‌ଜାରେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଡାକ୍ତର ଅଭାବ ଓ ଚିକିତ୍ସା ଅବହେଳାର ନେଉଛନ୍ତି ଫାଇଦା। ଅବାଧରେ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ମଧ୍ୟରେ ପ୍ରବେଶ କରି ରୋଗୀଙ୍କୁ ପ୍ରଲୋଭିତ ଓ ଭୟଭୀତ କରି ଆନ୍ଧ୍ରର କିଛି ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲ୍କୁ ପଠାଉଛନ୍ତି। ଏହି ଦଲାଲମାନଙ୍କ ମାଧ୍ୟମରେ ରୋଗୀ ପହଞ୍ଚୁଛନ୍ତି ଆନ୍ଧ୍ରର ଘରୋଇ ହସ୍ପିଟାଲ। ସେଠାରେ ଆୟୁଷ୍ମାନ କାର୍ଡ ଅନୁମୋଦନ ଆସିବା ପୂର୍ବରୁ ଘରୋଇ ଆମ୍ବୁଲାନ୍ସ ଖର୍ଚ୍ଚ ଠାରୁ ସମସ୍ତ ପ୍ରକାର ପରୀକ୍ଷା ଓ ମେଡିକାଲ ଖର୍ଚ୍ଚ ପୈଠ କରିବାକୁ ବାଧ୍ୟ କରାଯାଉଛି। ଆୟୁଷ୍ମାନ କାର୍ଡ ଥିବା ସତ୍ତ୍ୱେ ଧାରକରଜ କରି ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ବାଧ୍ୟ ହେଉଛନ୍ତି ରୋଗୀ। ?ବିଭାଗର ଅପାରଗତା ଓ ସ୍ୱାଭିମାନକୁ ଦ୍ୱାହି ଦେଇ ସ୍ପେଶିଆଲିଷ୍ଟ ଡାକ୍ତର ଅଭାବ ଦୂର କରିବାକୁ ଯାଇ ରୋଗୀ କଲ୍ୟାଣ ପାଣ୍ଠିରୁ ଆନ୍ଧ୍ର ଶ୍ରୀକାକୁଲମସ୍ଥିତ ଘରୋଇ ହସ୍ପିଟାଲର କିଛି ସୁପରସ୍ପେଶିଆଲିଷ୍ଟ ଡାକ୍ତରଙ୍କୁ ନିୟୋଜିତ କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିନ୍ନ ଭିନ୍ନ ଦିନର ନିର୍ଦ୍ଦିଷ୍ଟ ସମୟରେ ସେବା ଯୋଗାଇବାକୁ ଚୁକ୍ତି କରିଛି। ଭାଷାଗତ ସମସ୍ୟା ଓ ଡାକ୍ତରଙ୍କୁ ସହଯୋଗ କରିବା ପାଇଁ କିଛି ଦଲାଲ ନିୟମିତ ମେଡିକାଲ ମଧ୍ୟକୁ ଆସିଥାନ୍ତି। ଆନ୍ଧ୍ରର ଏହି ସ୍ପେଶିଆଲିଷ୍ଟ ଡାକ୍ତରମାନେ ଅଧିକ ଚିକିତ୍ସା ପାଇଁ ଆନ୍ଧ୍ରର ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲକୁ ରିଫର କରୁଥିବା ଅଭିଯୋଗ କରିଛନ୍ତି ରୋଗୀ ଏବଂ ସମ୍ପର୍କୀୟ। ଏଭଳିକି ଆନ୍ଧ୍ରରୁ ଆସୁଥିବା ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହେଉଥିବା ଟେଷ୍ଟ ରିପୋର୍ଟକୁ ମଧ୍ୟ ଗ୍ରହଣ କରୁନାହାନ୍ତି। ଆୟୁଷ୍ମାନ କାର୍ଡ ଧାରୀ ରୋଗୀଙ୍କୁ ବିନାମୂଲ୍ୟରେ ଚିକିତ୍ସା ଦେବାକୁ କହି ପ୍ରଲୋଭିତ କରି ଘରୋଇ ଆମ୍ବୁଲାନ୍ସ ଯୋଗେ ଆନ୍ଧ୍ର ପଠାଉଛନ୍ତି ଦଲାଲ। ଏହିଭଳି ଭାବରେ ଦଲାଲମାନଙ୍କ ମାଧ୍ୟମରେ ଆନ୍ଧ୍ରର ଘରୋଇ ହସ୍ପିଟାଲ୍ ଗୁଡ଼ିକ ନିଜ ନିଜ ନେଟୱାର୍କ ସଜାଡୁ ଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ରୋଗୀ ଆମ୍ବୁଲାନ୍ସ ଭଡା, ଟେଷ୍ଟ ଖର୍ଚ୍ଚ ଦେଇ ମାଗଣା ଚିକିତ୍ସା ବଦଳେ ପ୍ରାଣ ବିକଳରେ ଧାରକରଜ କରି ସର୍ବସ୍?ାନ୍ତ ହେଉଥିବା କହିଛନ୍ତି ରୋଗୀଙ୍କ ସମ୍ପର୍କୀୟ ଜଗନ ପାଣିଗ୍ରାହୀ, ତରୁଣ କୁମାର ପ୍ରଧାନ, ଗଣେଷ ପାତ୍ର ପ୍ରମୁଖ। ଏପଟେ ସରକାରୀ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ପାଣିଭଳି ଖର୍ଚ୍ଚ ହେଉଛି ସତ କିନ୍ତୁ ଏହି ମାଧ୍ୟମରେ ବାହାର ରାଜ୍ୟର ଘରୋଇ ହସ୍ପିଟାଲ ଲାଭବାନ ହେବା ସହ ରୋଗୀ ଶୋଷଣର ଶିକାର ହେଉଛନ୍ତି, ତାକୁ ସହଯୋଗ କରୁଛନ୍ତି କିଛି ଅସାଧୁ କର୍ମଚାରୀ ଉତ୍ତମ ସ୍ୱାସ୍ଥ୍ୟ ସେବା ନିମନ୍ତେ ସ୍ପେଶିଆଲିଷ୍ଟ ଡାକ୍ତର ମାନେ ନିଜ ସଂସ୍ଥାର ଫାଇଦା ପାଇଁ ରୋଗୀଙ୍କୁ ରେଫର କରୁଥିବା ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ସାନ୍ତୁନୁ ପାଢ଼ୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଏହି ଅଭିଯୋଗର କଛିଟା ସତ୍ୟତା ରହିଛି କାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନେକ ବିଭାଗରେ ଡାକ୍ତର ସଂଖ୍ୟା କମ ରହିଛି > ଏହା ସହିତ ଏଠାରେ ସୁପର ସ୍ପେଶିଆଲିଷ୍ଟ କେହି ନଥିବା ଯୋଗୁଁ ଲୋକଙ୍କୁ ସୁବିଧା ଦେବାପାଇଁ ବାଧ୍ୟ ହୋଇ ଆନ୍ଧ୍ର ପ୍ରଦେଶର କିଛି ଡାକ୍ତରଙ୍କୁ ଅଣାଯାଉଛି। ତେବେ ଯଦି ରୋଗୀଙ୍କୁ କୌଣସି ଡାକ୍ତର ଭୟଭିତ କରି ଅଧିକା ଚିକିତ୍ସା ପାଇଁ ଆନ୍ଧ୍ରପ୍ରଦେଶ ଆସିବା ପାଇଁ କୁହନ୍ତି ତେବେ ଆମ ସହ ଯୋଗାଯୋଗ କରନ୍ତୁ। ଏନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସ୍ପେଶିଆଲିଷ୍ଟ ଡାକ୍ତର ନିଯୁକ୍ତି ଆନ୍ଧ୍ର ଘୋରଇ ହସ୍ପିଟାଲ ଗୁଡିକ ମାଲାମାଲ ହେଉଛନ୍ତି କିନ୍ତୁ ଗରିବ ରୋଗୀ ଉପଶମ ପାଇବ କଣ ଧାରକରଜରେ ବୁଡୁଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ରଖି ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



ବ୍ରାହ୍ମଣୀଗାଁ,୭।୬(ସମିସ): ଦାରିଂବାଡ଼ି ବ୍ଲକ୍‌ସ୍ଥିତ ହାତୀମୁଣ୍ଡା ଗ୍ରାମ ପଞ୍ଚାୟତର କସବସା ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଢ଼େ ୧୦ ଘଟିକା ସମୟରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ବାଦ୍ୟବାଜଣା ସହିତ ମଞ୍ଚ ଉପରକୁ ସ୍ୱାଗତ କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଆସନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କହଁର ସଭାପତିତ୍ୱ କରିଥିବାସ୍ଥଳେ କ୍ରୀଡ଼ା ଶିକ୍ଷକ କୈଳାସ ଚନ୍ଦ୍ର ଖମାରୀ ସଭା ପରିଚାଳକ, ସାଂସଦ ପ୍ରତିନିଧି ରୁଦ୍ର ମାଧବ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଫଳକ ଉନ୍ମୋଚିତ ହୋଇଥିଲା। ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟା ଦୀପିକା ମୁଠାମାଝୀ, ସ୍ଥାନୀୟ ସରପଞ୍ଚ ନବନିତା କପାଟପାତ୍ର, ସମିତି ସଭ୍ୟା ଶିବାନୀ ବିନ୍ଧାଣୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀର ବଡ଼ସେଟ୍ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମଚାରୀ, ଛାତ୍ର ଛାତ୍ରୀ, ଗ୍ରାମବାସୀ, କମିଟି ସଭ୍ୟ, ଅଙ୍ଗନବାଡି କର୍ମୀ ଇତ୍ୟାଦି ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ନେଟୱାର୍କ ସମସ୍ୟା ହେତୁ ଆଭାସୀ ମାଧ୍ୟମରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବାଧା ହୋଇଥିଲା। ଶେଷରେ ପୁଷ୍ପାଞ୍ଜଳି କହଁର ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଦ୍ୱିତୀୟ ୧୪ବର୍ଷରୁ କମ୍ ଅନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର,୭।୬(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ସି.ଏମ. କପ ଚାମ୍ପିଆନସିପର ଉଭୟ ଫୁଟବଲ ଓ କବାଡିର ଜୋନ ସ୍ତରୀୟ ଖେଳ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ବ୍ରହ୍ମପୁର ଜୋନରେ ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ରାୟଗଡା, ଗଞ୍ଜାମ ଓ ଗଜପତି ଭଳି ୮ ଟି ଜିଲ୍ଲାରୁ ଉଭୟ ୧୪ବର୍ଷରୁ କମ୍ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ଫୁଟବଲରେ ନବରଙ୍ଗପୁର ବାଳକ ଦଳ ବିଜେତା ହୋଇଥିବା ବେଳେ କନ୍ଧମାଳ ଦଳ ଉପ ବିଜେତା ହୋଇଛି। ସେହିଭଳି ବାଳିକା ବିଭାଗରେ ନବରଙ୍ଗପୁର ଦଳ ବିଜୟୀ ଓ ଗଜପତି ଦଳ ଉପୟବିଜେତା ହୋଇଛନ୍ତି। ସେହିଭଳି କବାଡି ଚାମ୍ପିୟନସିପରେ ବ୍ରହ୍ମପୁର ଜୋନରୁ ଗଞ୍ଜାମ ବାଳକ ଦଳ ଓ ବାଳିକା ଦଳ ଜୋନାଲ ବିଜେତା ହୋଇଥିବା ବେଳେ କନ୍ଧମାଳ ବାଳକ ଦଳ ଓ କଳାହାଣ୍ଡି ବାଳିକା ଦଳ ଉପବିଜେତା ହୋଇଛନ୍ତି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଯୋଗଦେଇ ଖେଳାଳୀଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ସଦସ୍ୟ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି. ଆପ୍ପା ରାଓ, ଡ଼ି. ଡ଼ି. ଗନ୍ତାୟତ, ପ୍ରମୋଦ ମହାରଣା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ରାଜ ନାରାୟଣ ପାତ୍ର, ସୀତାରାମ ବେବର୍ତ୍ତା, ଜି. ଏମ ବାବୁ, ବିଜୟ କୁମାର ପଟ୍ଟନାୟକ, ଦୁର୍ଗା ପଟନାୟକଙ୍କ ସମେତ ଜିଲ୍ଲାର ବରିଷ୍ଠ ଖେଳାଳିମାନେ ଯୋଗ ଦେଇଥିଲେ। ସେପଟେ କବାଡିର ରାଜ୍ୟସ୍ତରୀୟ ତଥା ସେମିଫାଇନାଲ ଓ ଫାଇନାଲ ଯଥାକ୍ରମେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମର ଇଣ୍ଡୋର ହଲରେ ଯଥାକ୍ରମେ ଆସନ୍ତା ୮ ଓ ୧୦ତାରିଖରେ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୭।୬(ସମିସ) : ବିଶ୍ୱ ପରିବେଶ ଦିବସ ଅବସରରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ମାରିଙ୍ଗିରେ ଥିବା କୋଷ୍ଟାଲ ବାୟୋଟେକ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନି ଦିନ ଧରି ଚାଲୁ ରହିଥିଲା। ପବିବେଶ ସୁରକ୍ଷା ପ୍ରତି ବିଶେଷ ସଚେତନତା କରିବା ଉଦ୍ଦେଶ୍ୟରେ ବିଶ୍ୱ ପରିବେଶ ଦିବସ ଠାରୁ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଆଜି ଉଦ୍‌ଯାପନୀ ଉତ୍ସବରେ ମଧ ଚାରା ରୋପଣ ହୋଇଥିଲା। ତିନି ଦିନ ଧରି କୋଷ୍ଟାଲ ବାୟୋଟେକ୍ ପକ୍ଷରୁ ପ୍ଲାଣ୍ଟ୍ ପରିସରରେ ପର୍ଯ୍ୟାୟ କ୍ରମେ ପ୍ରଥମ ଦିବସରେ ୧୦୦, ଦ୍ୱିତୀୟ ଏବଂ ତୃତୀୟ ଦିବସରେ ୫୦ ଲେଖାଏଁ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ଲାଣ୍ଟର ପରିଚାଳନା ନିର୍ଦ୍ଦେଶକ, ସାଧାରଣ ପରିଚାଳକ ଅଧିକାରୀ, କର୍ମଚାରୀ ଏବଂ ଶ୍ରମିକ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଶପଥ ନେବା ସହ ରୋପଣ କରାଯାଇଥିବା ବୃକ୍ଷର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ପରିବେଶ ସଂରକ୍ଷଣ, ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ଜଳ ଓ ଶକ୍ତି ସଞ୍ଚୟ ସମ୍ପର୍କରେ ସଚେତନ୍ତା ସୃଷ୍ଟି କରାଯାଇଥିଲା। ପ୍ଲାଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା ଓ ଏହି ଅବସରରେ ପ୍ଲାଣ୍ଟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଓ ସାଧାରଣ ପରିଚାଳନା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପରିବେଶ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଏବଂ ସବୁଜ ପରିବେଶ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ।

## ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୭।୬ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ତିନି ଦିନ ଧରି ଚାଲିଥିବା ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏଇ କାର୍ଯ୍ୟଶାଳାରେ ଜିଲ୍ଲାର ରାୟଗଡ଼, ରାମଗିରି, ନାରାୟଣପୁର, ନୂଆଗଡ଼, ଆର୍. ଉଦୟଗିରି ଓ ପାରଳାଖେମୁଣ୍ଡି ସ୍ଥିତ ଶିଶୁ ମନ୍ଦିର ମାନଙ୍କରେ ସେବାରତ ୬୦ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗ ଦେଇଥିଲେ। ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ କାର୍ଯ୍ୟକ୍ରମର ଉଦ†ାଟନ କରିଥିବା ବେଳେ ଗୌରାଙ୍ଗ ପାଣିଗ୍ରାହୀ ସମାରୋପ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ବିଚାର ବ୍ୟକ୍ତ କରିଥିଲେ। ଏଇ ତିନିଦିନିଆ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ସୁବାଷ ଜମାଦାର, ଉପସଭାପତି ସଞ୍ଜୟ ଜେନା, ସଂପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ, ସଦସ୍ୟା ସରିତା ପାଣିଗ୍ରାହୀ ଓ ସବିତା ଗମାଙ୍ଗ ଯୋଗ ଦେଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ହରିନାଥ ପାତ୍ର, ମନୋଜ କୁମାର ପଣ୍ଡା, ଜନ୍ମେଜୟ ସାହୁ, ପୂଜ୍ୟ ରାମାନନ୍ଦ ଦାସଜୀ, ଅନାଦି ପାଣିଗ୍ରାହୀ



ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଦିଗ୍ ଦର୍ଶନ ଦେଇ ଥିଲେ। ଅନୁଷ୍ଠାନର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ କାର୍ଯ୍ୟଶାଳାର ସଫଳତାରେ ସହଯୋଗ କରିଥିଲେ। ପାରଳାଖେମୁଣ୍ଡି ସଂକୁଳର ପ୍ରମୁଖ ପ୍ରମୋଦ କୁମାର ରଥ ଓ ସଂଯୋଜକ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟଶାଳା ପରିଚାଳିତ ହୋଇଥିଲା। ଶିକ୍ଷା ବିକାଶ ସମିତିଙ୍କ ନିର୍ଦ୍ଦେଶନା ଓ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ପ୍ରାଣୀ ଚିକିତ୍ସାଳୟରୁ ଲୁହା ଚୋରି ବେଳେ ୨ ଗିରଫ

ବ୍ରହ୍ମପୁର,୭।୬(ସମିସ): ବ୍ରହ୍ମପୁର ବଙ୍ଗାଳୀ ସାହି ସ୍ଥିତ ପ୍ରାଣୀ ସମ୍ପଦ ଚିକିତ୍ସାଳୟ ନିର୍ମାଣ ପ୍ରକଳ୍ପ ସାଇଟ୍‌ରୁ ବାରମ୍ବାର ଲୁହା ସାମଗ୍ରୀ ଚୋରି କରୁଥିବା ୨ ଜଣିଆ ଚୋର ଗ୍ୟାଙ୍ଗକୁ ଟାଉନ ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ହେଲେ ଦିଗପହଣ୍ଡି ବଡ଼ପଲ୍ଲୀ ଅଞ୍ଚଳର ଅଜୟ ଦଳ ବେହେରା (୩୨) ଓ ପାତ୍ରପେଟାର ସଲମାନ ଖାନ(୩୦)। ଉଭୟଙ୍କ ନିକଟରୁ ଚୋରି ଲୁହା ସାମଗ୍ରୀ ଜବତ କରାଯାଇଛି। ସୂଚନାପ୍ରକାରେ, ପ୍ରାଣୀ ଚିକିତ୍ସାଳୟ ପରିସରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ନିର୍ମାଣଧୀନ କାର୍ଯ୍ୟ ଚାଲୁଥିବା ବେଳେ ସେଠାରୁ କିଛି ଦିନ ହେବ ଲୁହା ରଡ ଓ ସାମଗ୍ରୀ ଚୋରି ହେଉଥିଲା। ୬ ତାରିଖ ସନ୍ଧ୍ୟା ୭ଟା ୩୦ ବେଳେ ସେହି ପ୍ରକଳ୍ପ ସ୍ଥଳରୁ ଅଜୟ ଲୁହା ଓ ଷ୍ଟିଲ୍ ରଡ୍ ଚୋରି କରୁଥିବା ବେଳେ ଠିକାଦାର ଶିବ ଦଳାଇ ଓ ଅନ୍ୟ କର୍ମଚାରୀମାନେ ତାକୁ କାବୁ କରିଥିଲେ। ଏହାଦେଖି ସଲମନ ସେଠାରୁ ଚମ୍ପଟ ମାରିଥିଲା। ପ୍ରକଳ୍ପ କର୍ମଚାରୀମାନେ ଅଭିଯୁକ୍ତ ଅଜୟକୁ ଚୋରି ସାମଗ୍ରୀ ସହ ଟାଉନ ଥାନାରେ ଜିମା ଦେଇଥିଲେ। ଅଭିଯୁକ୍ତ ଅଜୟ ଓ ସଲମନ ମିଳିତ ଭାବେ ଦୀର୍ଘ ଦିନ ହେବ ସେଠାରୁ ବାରମ୍ବାର ଲୁହା ଚୋରି କରୁଥିଲେ ଏବଂ କିଛି ସାମଗ୍ରୀ ବିକ୍ରି ପାଇଁ ସଲମାନ ପାଖରେ ରଖାଯାଇଥିଲା ବୋଲି ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତ ଅଜୟ ଦଳ ବେହେରା ନାମରେ ପୂର୍ବରୁ ଗୋସାଇଁନୂଆଗାଁ ଥାନାରେ ମଧ୍ୟ ଏକ ଚୋରି ମାମଲା ରହିଛି।

## ୩ ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ


ଦାରିଙ୍ଗବାଡ଼ି,୭।୬(ସମିସ)



କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଟି ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି (ଭର୍ଚୁଆଲ) ମାଧ୍ୟମରେ ଏହି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିଛନ୍ତି। ବ୍ଲକର କିରିକୁଟି ସରକାରୀ ଉଚ୍ଚ ବିଦ୍ୟାଳୟ, କସବସା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଶିକାରମାହା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଆଦର୍ଶ ବିଦ୍ୟାଳୟଗୁଡ଼ିକ ନିର୍ମାଣ ହେବାକୁ ଯାଉଛି।

ଏହି ଅବସରରେ କିରିକୁଟି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଲଳିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଇରଙ୍ଗ) ମହେଶ୍ୱର ମାଝୀ, ସାଂସଦଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ରୁଦ୍ର ମାଧବ ସାହୁ, ବରିଷ୍ଠ ବିଜେପି ନେତା ବିଷ୍ଣୁ ଚରଣ ପ୍ରଧାନ, ସରପଞ୍ଚ ମଧୁସ୍ମିତା ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଶିକ ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃତିବାସ ପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି କନ୍ଧମାଳ ଜିଲ୍ଲା ଉପସଭାପତି ଅଜିତ କୁମାର ସାହୁ ଓ ଜିଲ୍ଲା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାଗତିକା ଡିଗାଲ ମଞ୍ଚ ସଂଚାଳନ କରିଥିବା ବେଳେ ସି.ଆର.ସି.ସି. ରାକେଶ ସାହୁଙ୍କ ସମେତ ଶିକ୍ଷକ ମହର୍ଷି ମଲିକ, ଶୈଳନ୍ତ ପାଟମାଝି, ରାକେଶ କୁମାର ସାହୁ, ଶ୍ରୁତି ସରିତା ଧଳ, କୌଶଲ୍ୟା ନାୟକ ଓ ପଦ୍ମନାଭ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କସବସା ଏବଂ ଶିକାରମାହା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ସମାନ ଶୈଳୀରେ ଆଭାସି ସଭା ଅନୁଷ୍ଠିତ ହୋଇ ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ ହୋଇଥିବା ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

## ଖଲ୍ଲିକୋଟ ମଣ୍ଡଳ ସାଉଁଟିଆ ସମାଜ ସଂଘର ନୂତନ ସଭା ଗୃହ ପ୍ରତିଷ୍ଠା ଓ ଉଦ୍‌ଘାଟନୀ ଉତ୍ସବ



ରମ୍ଭା,୭।୬(ସମିସ): ଖଲ୍ଲିକୋଟ ମଣ୍ଡଳ ସାଉଁଟିଆ ସମାଜ ସଂଘର ନୂତନ ସଭା ଗୃହ ପ୍ରତିଷ୍ଠା ଓ ଉଦ୍‌ଘାଟନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ସାଉଁଟିଆ ସମାଜ ସଂଘର ପୂର୍ବତନ ରାଜ୍ୟ ସଭାପତି କନ୍ଧ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉଦ†ାଟନୀ ଉତ୍ସବ ରେ ସଂଘର ପୂର୍ବତନ ରାଜ୍ୟ ସମ୍ପାଦକ ଜୟରାମ ପ୍ରଧାନ ମଞ୍ଚ ପରିଚାଳନା କରିଥଲେ। ଉଦଘାଟକ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପଦେଷ୍ଟା ଗିରିଧାରୀ ପ୍ରଧାନ, ରାଜ୍ୟ ଉପଦେଷ୍ଟା ଡାକ୍ତର ଦୁର୍ଯ୍ୟୋଧନ ପ୍ରଧାନ, ଜିଲ୍ଲା ସମ୍ପାଦକ ଗୁରୁନାଥ ପ୍ରଧାନ, ରାଜ୍ୟ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ମଣ୍ଡଳ ସଭାପତି ରଙ୍ଗନାଥ ପ୍ରଧାନ, ସମ୍ପାଦକ ଜଗନ୍ନାଥ ପ୍ରଧାନ, ଭଗବାନ ପ୍ରଧାନ, ଭାଗବତ ପ୍ରଧାନ ପ୍ରମୁଖ ଉତ୍ସବ ରେ ଯୋଗଦାନ କରି ଚଳିତ ବର୍ଷର ଦଶମ ଶ୍ରେଣୀର କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦେଇ ଜାତିର ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ମାନଦଣ୍ଡ ର ଅଭିବୃଦ୍ଧି ଆବଶ୍ୟକ ବୋଲି ନିଜ ନିଜର ଅଭିଭାଷଣ ରେ କହିଥିଲେ।ଶେଷରେ ଜଗବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ କୁ ଅଭ୍ୟର୍ଥନା କମିଟି ସଦସ୍ୟ ଶୁକ୍ର ପ୍ରଧାନ, ନଟବର ପ୍ରଧାନ, ରାଜକିଶୋର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ଓ କୁମର ପ୍ରଧାନ ପରିଚାଳନା କରିଥିଲେ।

# 'ରାହୁଲ'ଙ୍କ ସଫଳ 'ମାଉଣ୍ଟ ଅଲଟ୍ରା' ଆରୋହଣ

● ୧୨ଘଣ୍ଟା ୫୯ସେକେଣ୍ଡରେ ୫୦କିଲୋମିଟର ଅତିକ୍ରମ କରି ରେକର୍ଡ

ବ୍ରହ୍ମପୁର, ୭।୬(ସମିସ): କଷ୍ଟସାଧ୍ୟ 'ଦ ଗ୍ରେଟ ମାଓଲା ଘାଟି ଅଲଟ୍ରା'କୁ ସ୍ୱଳ୍ପ ସମୟ ମଧ୍ୟରେ ସଫଳ ଅତିକ୍ରମ କରି ରେକର୍ଡ ସୃଷ୍ଟି କରିଛନ୍ତି ବ୍ରହ୍ମପୁରର ପର୍ବତାରୋହୀ ରାହୁଲ। ସ୍ଥାନୀୟ ଗେଟ ବଜାର ଚନ୍ଦ୍ରମଣି ପେଟାର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ରାହୁଲ ବେହେରା ୫୦କିଲୋମିଟର ଏହି କଷ୍ଟସାଧ୍ୟ ଦୂରତ୍ୱକୁ ମାତ୍ର ୧୨ଘଣ୍ଟା ୫୯ସେକେଣ୍ଡରେ ଅତିକ୍ରମ କରିଛନ୍ତି। ଗତ ମେ ୨୦ତାରିଖରେ ଅନୁଷ୍ଠିତ ଅତି କଷ୍ଟସାଧ୍ୟ 'ଦ ଗ୍ରେଟ ମାଓଲା ଘାଟି ଅଲଟ୍ରା' ଆରୋହଣ କାର୍ଯ୍ୟକ୍ରମରେ ସେ ସାମିଲ ହୋଇ ଏହି ସଫଳତା ହାସଲ କରିଛନ୍ତି। ସାଧାରଣତଃ ଏହି ଚରମ ସାମାର ଅଲଟ୍ରା ମାରାଥନ ଶରୀରକୁ ସମ୍ପୂର୍ଣ୍ଣ ଶାନ୍ତ ଓ କ୍ଷତବିକ୍ଷତ କରିଦିଏ। କିନ୍ତୁ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଭ୍ରୂକ୍ଷେପ ନକରି ରାହୁଲ ନିର୍ଦ୍ଧାରିତ ସମୟ ଠାରୁ ବିନା କୌଣସି ସମସ୍ୟାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲେ। ଯାହା ଏଲିଟ ଟ୍ରେଲ ରନିଂ ଦୁନିଆରେ ଏକ ବିରଳ ରେକର୍ଡ ବା କୀର୍ତ୍ତିମାନ ସୃଷ୍ଟି ହୋଇଛି। ପୁଣେର ଭୋର ଅଞ୍ଚଳର ପଥର ଭରା ଓ ଦୁର୍ଗମ ପାହାଡିଆ ରାସ୍ତାରେ ଆୟୋଜିତ ଏହି ଅତି କଠିନ ଶତ ପ୍ରତିଶତ ଆତ୍ମ ନିର୍ଭରଶୀଳ ଦୌଡ ପ୍ରତିଯୋଗିତା ଯେଉଁଥିରେ ବିଶ୍ୱବିଖ୍ୟାତ ସ୍ୱୀକୃତିପ୍ରାପ୍ତ 'ୟୁଟିଏମବି ୱାର୍ଲ୍ଡ ସିରିଜ କ୍ୱାଲିଫାୟର'ମାନେ ଅଂଶଗ୍ରହଣ କରିଥାନ୍ତି। ଛତ୍ରପତି ଶିବାଜୀ ମହାରାଜଙ୍କ ନିର୍ଭିକ 'ମାଓଲା' ବୀର ଯୋଦ୍ଧାଙ୍କ ଦ୍ୱାରା ଅନୁପ୍ରାଣିତ ଏହି ପ୍ରତିଯୋଗିତାରେ ଦୌଡାଳି ବା ଅଂଶଗ୍ରହଣକାରୀଙ୍କୁ ପ୍ରଖର ଗ୍ରୀଷ୍ମ ପ୍ରବାହରେ ୩ହଜାର ୨୦ମିଟର ସିଧାସଳଖ ଉଚ୍ଚତାକୁ ଆରୋହଣ କରିବାକୁ ପଡ଼ିଥାଏ। ରାହୁଲଙ୍କ ଏହି ସଫଳତାକୁ ନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।



# ବୁଢ଼ା ଶ୍ରୀଅମରନାଥଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

● ଅଗଷ୍ଟ ୧୬ରୁ ୨୬ ପର୍ଯ୍ୟନ୍ତ ଦିର୍ଘ ୧୦ଦିନ ବ୍ୟାପୀ ରହିବ ଭବ୍ୟ ଯାତ୍ରା



ବ୍ରହ୍ମପୁର, ୭।୬(ସମିସ): ବିଶ୍ୱ ହିନ୍ଦୁ ପରିଷଦର ଯୁବ ଶାଖା ବଜରଙ୍ଗ ଦଳ ଗଞ୍ଜାମ ଜିଲ୍ଲା ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାହାସିକ ଅମରନାଥ ଯାତ୍ରାର ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଏହି ଭବ୍ୟ ଯାତ୍ରା ଆସନ୍ତା ଅଗଷ୍ଟ ୧୬ତାରିଖରୁ ଆରମ୍ଭ ହୋଇ ଦିର୍ଘ ୧୦ଦିନ ପରେ ଅର୍ଥାତ୍ ୨୬ତାରିଖରେ ସମାପନ ହେବ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟର ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱଳ୍ପଖର୍ଚ୍ଚରେ ଯିବାଆସିବା ସହିତ ରହିବା ଓ ଖାଇବା ଭଳି ସମସ୍ତ ସୁବିଧା ଉପଲବ୍ଧ ହେବ। ଓଡ଼ିଶାରୁ ଏହି ଯାତ୍ରା ଅଗଷ୍ଟ ୨୦ତାରିଖରୁ ସମ୍ବଲପୁରରୁ ଆରମ୍ଭ ହେବାକୁ ଥିବା ବେଳେ ୨୨ତାରିଖରେ ଜମ୍ମୁରେ ପହଞ୍ଚିବ। ୨୩ତାରିଖରେ ବାବା ଶ୍ରୀ ବୁଢ଼ା ଅମରନାଥ ଯାତ୍ରା ଅଭିମୁଖେ ତଥା ସେନାବାହିନୀର କଡା ସୁରକ୍ଷା ମଧ୍ୟରେ ରାସ୍ତାରେ ବିଭିନ୍ନ ମନ୍ଦିର, ଆଶ୍ରମ, ଶିବଖୋଡି, ମାତା ବୈଷ୍ଣୋଦେବୀଙ୍କ ଦର୍ଶନର ସୁଯୋଗ ମିଳିବ। 'ଏକ ଦେଶ ଏକ ଭାରତୀୟ' ଭାବନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବଜରଙ୍ଗ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମିଳନୀରେ ବଜରଙ୍ଗ ଦଳର ପ୍ରାନ୍ତ ଅଧିକାରୀ ତଥା ବୁଢା ଅମରନାଥ ଯାତ୍ରାର ଓଡ଼ିଶା (ପୂର୍ବ) ସଂଯୋଜକ ରାଜୀବ ନେତ୍ର ଖାଡାଙ୍ଗା, ଗଞ୍ଜାମ ଜିଲ୍ଲା ପ୍ରମୁଖ ସୂର୍ଯ୍ୟନାରାୟଣ ଚୌଧୁରୀ, ଓଡ଼ିଶା ପ୍ରାନ୍ତ ସହ ସମ୍ପାଦକ ଡଃ ଅରୁଣ ପ୍ରସାଦ ପାଢ଼ୀଙ୍କ ସମେତ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଉପ ସଭାପତି ଡାକ୍ତର ସମରେନ୍ଦ୍ର ସାହୁ, ଜିଲ୍ଲା ସମର ସରା ପ୍ରମୁଖ ଓ ରବିନାରାୟଣ ବେହେରା, ସମ୍ରାଟ କଲେଜର ସଭାପତି ଡଃ ସତ୍ୟ ନାରାୟଣ ମିଶ୍ର, ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ଦାସ ଓ ବନବାସୀ କଲ୍ୟାଣ ଆଶ୍ରମ ସଭାପତି ଲଳିତ ମୋହନ ମଙ୍ଗରାଜଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଗ୍ଲୁକୋଜ୍ ବଣ୍ଟନ

ବ୍ରହ୍ମପୁର, ୭।୬(ସମିସ): ପ୍ରଚଣ୍ଡ ଖରାତାପ ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଗ୍ଲୁକୋଜ ବଣ୍ଟନ କରାଯାଇଛି। ସ୍ଥାନୀୟ ଗାନ୍ଧୀ ପାର୍କ ସମ୍ମୁଖରେ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସିପିଏସ ମହନ୍ତ ଓ ଏନଟିଆର ସେବା ସମିତି ସହଯୋଗ କରିଥିଲେ।



ଦିର୍ଘ ଏକ ମାସ ଧରି ସଂଘ ପକ୍ଷରୁ ତଥା ଅନ୍ୟ ସଂଘର ମିଳିତ ସହଯୋଗରେ ପ୍ରତ୍ୟେକ ରବିବାର ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ରାଜ୍ୟ ଔଷଧ ବ୍ୟବସାୟୀ ସଂଘ ବା ଯୁଗ୍ମସଚିବ ସଭାପତି ତଥା ଜିଲ୍ଲା ସମ୍ପାଦକ ପି. ସତ୍ୟନାରାୟଣ, ଜିପିଡିଏ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ଜିପିଡିଏ ଉପଦେଷ୍ଟା ଭି. ଜଗନ୍ନାଥ ରାଓ, କୋଷାଧ୍ୟକ୍ଷ ବଲ୍ଲଭ ଚନ୍ଦ୍ର ପାଣିଗ୍ରାହୀ, ବାୟୋ ସାଇନ୍ସ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପ ସଭାପତି ଭି. ଚନ୍ଦ୍ରଶେଖର ମନୋଜ ପତି, ପିଆରଓ ନାଗେଶ୍ୱର ପୃଷ୍ଟି, କାର୍ଯ୍ୟାଳୟ ସମ୍ପାଦକ ସୁଜିତ କୁମାର ଭୂୟାଁ, ସାଙ୍ଗଠନିକ ସମ୍ପାଦକ ଗିରିଶ ପ୍ରଧାନ, ଏନଟିଆର ସେବା ସମିତି ସଭାପତି ଶ୍ରୀନିବାସ ରାଓ, ସମ୍ପାଦକ ଲକ୍ଷ୍ମଣ ରାଓ, ସମାଜସେବୀ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡବଲ ଇଞ୍ଜିନ ସରକାରକୁ ଦୁଇବର୍ଷ

# ଗଞ୍ଜାମର ଚ୍ୟାଲେଞ୍ଜ ଅପରିବର୍ତ୍ତିତ

ବ୍ରହ୍ମପୁର, ୭।୬(ସମିସ) (ରିପୋର୍ଟ-କ୍ଷୀରସିନ୍ଧୁ ମହାନ୍ତି)

ରାଜ୍ୟର ରାଜନୈତିକ, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ସର୍ବବୃହତ ଜିଲ୍ଲା ଭାବେ ପରିଚିତ ଗଞ୍ଜାମରୁ ବହୁ ରାଜନେତା ରାଜ୍ୟ ରାଜନୀତିକୁ ନେତୃତ୍ୱ ଦେଇ ଆସିଛନ୍ତି। ତଥାପି ଜିଲ୍ଲାର ବହୁ ମୌଳିକ ସମସ୍ୟା ଆଜି ସମାଧାନ ହୋଇପାରୁନି। ଡବଲ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରଣ ହୋଇଥିବା ବେଳେ ଏବେ ଗଞ୍ଜାମବାସୀଙ୍କ ନଜର ନିର୍ବାଚିତ ସାଂସଦ ଓ ବିଧାୟକଙ୍କ ଉପରେ ରହିଛି। କାରଣ ନିର୍ବାଚନ ପୂର୍ବରୁ ଦିଆଯାଇଥିବା ଅନେକ ପ୍ରତିଶ୍ରୁତିର ଫଳାଫଳ ଏପର୍ଯ୍ୟନ୍ତ ଲୋକଙ୍କ ସାମ୍ନାକୁ ଆସିନାହିଁ। ଗଞ୍ଜାମ ଜିଲ୍ଲାରେ ଦୁଇଟି ଲୋକସଭା ଆସନ ଏବଂ ୧୩ଟି ବିଧାନସଭା ଆସନ ରହିଛି। ହିଞ୍ଜିଳି ଓ ସାନଖେମୁଣ୍ଡିକୁ ଛାଡ଼ି ଅନ୍ୟ ସମସ୍ତ ଆସନରେ ଶାସକ ଦଳର ବିଧାୟକ ନିର୍ବାଚିତ ହୋଇଛନ୍ତି। ଏପରିକି ଦୁଇଟି ଯାକ ଲୋକସଭା ଆସନ ମଧ୍ୟ ବିଜେପି କବ୍‌ଜାରେ ରହିଛି। ଦୁଇଜଣ ଟାଣୁଆ ନେତା ଓ ନେତ୍ରୀ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ସାଂସଦମାନେ ମଧ୍ୟ କେନ୍ଦ୍ର ଓ ରାଜ୍ୟର ସହ ସିଧାସଳଖ ସଂଯୋଗରେ ଅଛନ୍ତି। ତେଣୁ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ସାଧାରଣ ଲୋକଙ୍କ ଆଶା ଥିଲା। କିନ୍ତୁ ଦୁଇବର୍ଷ ପରେ ମଧ୍ୟ ଜିଲ୍ଲାର ମୁଖ୍ୟ ସମସ୍ୟାଗୁଡ଼ିକ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହିଥିବା ରାଜନୈତିକ ସମୀକ୍ଷକଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି।

ଗଞ୍ଜାମର ସବୁଠାରୁ ବଡ଼ ସମସ୍ୟା ହେଉଛି ଦାଦନ। ଗଞ୍ଜାମର ହଜାର ହଜାର ଶ୍ରମିକ ଆଜି ମଧ୍ୟ ଜୀବିକା ଅନ୍ୱେଷଣରେ ଦେଶ ଓ ବିଦେଶକୁ ପଳାୟନ କରୁଛନ୍ତି। ପ୍ରତିବର୍ଷ ଦାଦନ ଶ୍ରମିକଙ୍କ ଦୁର୍ଘଟଣା, ମୃତ୍ୟୁ ଓ ଶୋଷଣ ଘଟଣା ସାମ୍ନାକୁ ଆସୁଛି। ସ୍ଥାନୀୟ ସ୍ତରରେ ଶିଳ୍ପ ପ୍ରତିଷ୍ଠା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ଏବଂ ରୋଜଗାର ସୃଷ୍ଟି କ୍ଷେତ୍ରରେ ବଡ଼ ଧରଣର କୌଣସି ପଦକ୍ଷେପ ଦୃଶ୍ୟମାନ ହୋଇନାହିଁ। ସରକାର ନିଯୁକ୍ତି ସୃଷ୍ଟିର ଦାବି କରୁଥିଲେ ମଧ୍ୟ ଗ୍ରାମାଞ୍ଚଳର ବାସ୍ତବ ଚିତ୍ର ଭିନ୍ନ କଥା କହୁଛି। କୃଷି କ୍ଷେତ୍ରର ଅବସ୍ଥା ମଧ୍ୟ ସେତେଟା ସନ୍ତୋଷଜନକ ନୁହେଁ। ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ଗଞ୍ଜାମରେ ଜଳସେଚନ ସୁବିଧା ଏବେ ମଧ୍ୟ ସୀମିତ ରହିଛି। ବର୍ଷା ଉପରେ ନିର୍ଭରଶୀଳ ଚାଷ ଯୋଗୁଁ ଚାଷୀମାନେ ପ୍ରତିବର୍ଷ ଅନିଶ୍ଚିତତା ମଧ୍ୟରେ ରହୁଛନ୍ତି। ଧାନ ଚାଷ ପରେ ଦୋଫସଲି ଚାଷ କରିବାକୁ ଚାଷୀଙ୍କ ପାଖରେ ଆଉ କିଛି ଉପାୟ ନାହିଁ। ତେଣୁ ଚାଷୀ ମଧ୍ୟ ସେମାନଙ୍କ କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି। କେବଳ ଧାନ ଚାଷ କାହିଁକି ଆସିକା ଚିନି ଶିଳ୍ପ ଉପରେ ଚାଷୀ ମୁହଁ ଫେରାଇ କୋଦଳା ଅଞ୍ଚଳର ଚାଷୀ ଆଖୁ ଚାଷ ମଧ୍ୟ ବନ୍ଦ କରିଥିବା ଖବର ଦେଖିବାକୁ ମିଳିଛି। କୃଷିକୁ ଲାଭଦାୟକ କରିବା ଏବଂ ଚାଷୀଙ୍କ ଆୟ ବୃଦ୍ଧି କରିବା ଏବେ ମଧ୍ୟ ବଡ଼ ଗଞ୍ଜାମର ନେତାଙ୍କ ପାଇଁ ଏକ ଆହ୍ୱାନ ହୋଇ ରହିଛି। କିନ୍ତୁ ଏ ଦିଗରେ କୌଣସି ବଡ଼ ଧରଣର ଆଖିଦୃଶିଆ କାମ ହୋଇନଥିବା ଚାଷୀମାନେ କହିଛନ୍ତି।

> ● ସମସ୍ୟା ସମାଧାନ ସାଂସଦ ଓ ବିଧାୟକଙ୍କ ପାଇଁ ବଡ଼ ପରୀକ୍ଷା
> ● ଦାଦନ, ବେକାରୀ ଓ ସ୍ୱାସ୍ଥ୍ୟ ସଙ୍କଟ: କେବେ ସମାଧାନ?

ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଗଞ୍ଜାମବାସୀଙ୍କ ଅସନ୍ତୋଷ କମିନାହିଁ। ଦକ୍ଷିଣ ଓଡ଼ିଶାର ପ୍ରମୁଖ ରେଫରାଲ ହସ୍ପିଟାଲ ଭାବେ ପରିଚିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ବାରମ୍ବାର ଅବ୍ୟବସ୍ଥା, ରୋଗୀ ସେବାର ଅଭାବ, ଯନ୍ତ୍ରପାତି ଅଚଳ ରହିବା ଏବଂ ଭିତ୍ତିଭୂମି ସମସ୍ୟା ଚର୍ଚ୍ଚାର ବିଷୟ ପାଲଟୁଛି। ଜିଲ୍ଲାର ବିଭିନ୍ନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀଙ୍କ ଅଭାବ ଏକ ନିତିଦିନିଆ ସମସ୍ୟା। ଫଳରେ ଗ୍ରାମାଞ୍ଚଳର ଲୋକେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଓ ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି।

ଏହା ବ୍ୟତୀତ ଶିକ୍ଷା, ପାନୀୟ ଜଳ, ସହରାଞ୍ଚଳର ଟ୍ରାଫିକ ସମସ୍ୟା, ଗ୍ରାମୀଣ ସଡ଼କର ଦୂରାବସ୍ଥା ଓ ଶିଳ୍ପାୟନ ଭଳି କ୍ଷେତ୍ରରେ ମଧ୍ୟ ଅନେକ କାମ ବାକି ରହିଛି। ବିଶେଷ କରି ବ୍ରହ୍ମପୁରକୁ ଦକ୍ଷିଣ ଓଡ଼ିଶାର ବାଣିଜ୍ୟିକ ରାଜଧାନୀ କରି ଗଢ଼ି ତୋଳିବାର ଯେଉଁ ସ୍ୱପ୍ନ ଦେଖାଯାଇଥିଲା, ତାହା ଏପର୍ଯ୍ୟନ୍ତ ପୂର୍ଣ୍ଣ ରୂପ ନେଇପାରିନାହିଁ। ନିର୍ବାଚନକୁ ଆଉ ତିନି ବର୍ଷ ବାକି ଥିବା ବେଳେ ଏହି ସମୟ ହିଁ ଜନପ୍ରତିନିଧିଙ୍କ ପାଇଁ ନିଜ କାର୍ଯ୍ୟଦକ୍ଷତା ପ୍ରମାଣ କରିବାର ସୁଯୋଗ ଭଳି କୁହାଯାଉଛି। ରାଜନୈତିକ ବକ୍ତବ୍ୟ ଓ ଦଳୀୟ କାର୍ଯ୍ୟକ୍ରମକୁ ଛାଡ଼ି ଯଦି ଜିଲ୍ଲାର ମୌଳିକ ସମସ୍ୟା ସମାଧାନ ଦିଗରେ ଦୃଶ୍ୟମାନ ପଦକ୍ଷେପ ନିଆଯାଏ, ତେବେ ଲୋକଙ୍କ ବିଶ୍ୱାସ ଅତୁଟ ରହିବ ବୋଲି ରାଜନୈତିକ ସମୀକ୍ଷକ ମାନେ କହିଛନ୍ତି। ନଚେତ ଦାଦନ, ବେକାରୀ, କୃଷି ଓ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗ ଆଗାମୀ ଦିନରେ ଗଞ୍ଜାମ ରାଜନୀତିର ସବୁଠାରୁ ବଡ଼ ପ୍ରସଙ୍ଗ ହୋଇ ଉଭା ହେବ। ଏବେ ଦେଖିବାର କଥା, ଜନତାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଗଞ୍ଜାମର ସାଂସଦ ଓ ବିଧାୟକମାନେ କେତେ ଦୂର ସଫଳ ହେଉଛନ୍ତି।

# ସିଏମ୍ଆର୍ ସପିଙ୍ଗ ମଲ୍‌ରେ କିଡ୍‌ସ ଫ୍ୟାଶନ୍ ଶୋ'



ବ୍ରହ୍ମପୁର, ୭।୬(ସମିସ): ସିଏମ୍ଆର୍ ସପିଂ ମଲ୍ ପକ୍ଷରୁ ରବିବାର ମଲ୍ ପରିସରରେ କିଡ୍‌ସ ଫ୍ୟାସନ୍ ସୋ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ରୁ ୧୪ ବର୍ଷ ବୟସର ପ୍ରାୟ ୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶିଶୁଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ସୃଜନଶୀଳତାର ବିକାଶ ଏବଂ ପ୍ରତିଭା ଉନ୍ମୋଚନ ଏହି ଫ୍ୟାସନ୍ ସୋ'ର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଶିଶୁ ମାନେ ପାରମ୍ପରିକ ଓ ଫ୍ୟାନ୍ସି ପୋଷାକ ପିନ୍ଧି ରେମ୍ପ ୱାକ କରିଥିଲେ। ପ୍ରତିଯୋଗିତାରେ ସୁଦୀପ୍ତା ପାତ୍ର ପ୍ରଥମ, ଶ୍ରଦ୍ଧାରାଣୀ ଦ୍ୱିତୀୟ ଓ ସାଇନା ସାହୁ ତୃତୀୟ ହୋଇଥିବା ବେଳେ କେ. ବେଦାନ୍ତ କନ୍‌ସୋଲେସନ୍ ପାଇଜ୍ ଜିତିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣକାରୀ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଭି.ଲଲିତା ହାସ୍‌ନୀ ଫ୍ୟାସନ୍ ସୋ' ଜୁରି ରହିଥିଲେ। ସଙ୍ଗୀତା ବିଶ୍ୱାଳ ଉଦ୍‌ଘୋଷିକା ଦାୟିତ୍ୱ ସମ୍ପାଦନ କରିଥିଲେ। ପିଆରଓ ଧୀରେନ୍ଦ୍ର କୁମାର ପରିଚ୍ଛା, ଷ୍ଟୋର୍ ମ୍ୟାନେଜର୍ ସୀମାଞ୍ଚଳ ମହାରଣା ଓ ସତୀଶ ଗିରିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଫ୍ୟାସନ୍ ସୋ' ପରିଚାଳନା ଓ ସଂଯୋଜନା କରିଥିଲେ।

# ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପୁନର୍ଗଠିତ

ବ୍ରହ୍ମପୁର, ୭।୬(ସମିସ): ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ବ୍ରଜନଗର ଠାରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କମିଟି ତରଫରୁ ବ୍ରହ୍ମପୁର, ଗଞ୍ଜାମ ତଥା ଦକ୍ଷିଣଓଡ଼ିଶାର ବିକାଶ ଓ ଅଭିବୃଦ୍ଧି ସକାଶେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ସମ୍ବନ୍ଧରେ ବୈଠକରେ ସୂଚନା ଦିଆଯାଇଥିଲା। ଜନଗଣନା ପ୍ରକ୍ରିୟା ଚାଲିଥିବାରୁ ବୃହତ୍ତର ବ୍ରହ୍ମପୁର ମହାନଗର ନିଗମ ଗଠନ ସଂକ୍ରାନ୍ତ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବାରେ ବିଳମ୍ବ ଘଟୁଛି। ଜନଗଣନା ନିର୍ଦ୍ଦେଶକଙ୍କ ଅନୁମତି ଲୋଡାଯାଇଛି। ଡ୍ରାଫ୍ଟ ନୋଟିଫିକେସନ ପ୍ରକାଶ ପାଇସାରିଥିବା ବେଳେ ବିଭାଗୀୟ ଅନୁମୋଦନ ଆସିବା କ୍ଷଣି ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ହେବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କମିଟିକୁ ପ୍ରତିଶ୍ରୁତି ଦିଆଯାଇଥିବା ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଜନଗଣନା ନସରିଲା ପର୍ଯ୍ୟନ୍ତ ପଞ୍ଚାୟତ ଓ ପୌର ନିର୍ବାଚନ ନିର୍ଦ୍ଧାରିତ ସମୟରେ ନହୋଇ ଘୁଞ୍ଚିବାର ସମସ୍ତ ସମ୍ଭାବନା ଥିବାରୁ ସେଥି ମଧ୍ୟରେ ବୃହତ୍ତର ବ୍ରହ୍ମପୁର ମହାନଗର ନିଗମ ଗଠନ ପ୍ରକ୍ରିୟା ଚୂଡ଼ାନ୍ତ ରୂପ ନେବ ବୋଲି ବିଭାଗ ସହ ଆଲୋଚନାରୁ ଜଣା ପଡ଼ିଥିବା ସଭାପତି ପ୍ରକାଶ କରିଥିଲେ। ସେହିପରି କମିଶନରେଟ ପୁଲିସ ଗଠନ ଓ ରେଳବିକାଶ ସମ୍ବନ୍ଧୀୟ କମିଟିର ଦାବୀ ଉପରେ ଆରଡିସି ଯେଉଁ ସୁପାରିଶ ମୁଖ୍ୟ ଶାସନ ସଚିବଙ୍କୁ କରିଥିଲେ ଇତିମଧ୍ୟରେ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ମଧ୍ୟ ବ୍ରହ୍ମପୁରରେ ପୋଲିସ କମିଶନରେଟ ବ୍ୟବସ୍ଥା ଲାଗୁ ନେଇ ଗୃହବିଭାଗ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ସୁପାରିଶ କରିଥିବା ସେ ସୂଚନା ଦେଇଛନ୍ତି। ଫଳରେ ଖୁବଶୀଘ୍ର ବ୍ରହ୍ମପୁରରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ ନେଇ ସରକାର ଘୋଷଣା କରିପାରନ୍ତି ବୋଲି ବୈଠକରେ ଆଶା ପ୍ରକଟ କରାଯାଇଥିଲା।



ସେହିଭଳି ରେଳବିକାଶ କ୍ଷେତ୍ରରେ ଆରଡିସିଙ୍କ ସୁପାରିଶ ଉପରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ପରିବହନ ସଚିବଙ୍କୁ ମଧ୍ୟ ଚିଠି କରାଯାଇଛି। ପରିବହନ ସଚିବ ଉକ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ପଠେଇଥିବା ବେଳେ ସେଥିରେ ଅନୁମୋଦନ ପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ସାମାନ୍ୟ ପରିବର୍ତ୍ତନ କରାଯାଇ ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ କମିଟିକୁ ପୁନର୍ଗଠିତ କରାଯାଇଛଇ। ଜନାର୍ଦ୍ଦନ ସ୍ୱାଇଁଙ୍କୁ ଉପଦେଷ୍ଟା, ପବିତ୍ର ମିଶ୍ରଙ୍କୁ କାର୍ଯ୍ୟକାରୀ ସଭାପତି, ଲକ୍ଷ୍ମୀକାନ୍ତ ଜେନାଙ୍କୁ ସାଂଗଠନିକ ସମ୍ପାଦକ, ବରୁଣ କୁମାର ଚୌଧୁରୀ ଓ ସୁନୀଲ ପାତ୍ରଙ୍କୁ କମିଟିରେ କାର୍ଯ୍ୟକାରୀ ସଦସ୍ୟ ରୂପେ ମନୋନୀତ କରାଯାଇଛି। ବୃହତ୍ତର ବ୍ରହ୍ମପୁର ଗଠନ ପାଇଁ କମିଟିର ପ୍ରତିବଦ୍ଧତା ଜାରି ରହିବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ବୈଠକରେ ସଭାପତିଙ୍କ ବ୍ୟତୀତ ଦେବୀ ପ୍ରସାଦ ଦାସ, ଟି. ସୁଦେଶ ପାତ୍ର, ଏମ୍ ଲାବଣ୍ୟ ପାତ୍ର, ଶ୍ରୀମାନ୍ତ ପାଣିଗ୍ରାହୀ, ଶ୍ରୀକାନ୍ତ ପଢ଼ିହାରୀ, ସୁଦର୍ଶନ ସାମଲ, ନାରାୟଣ ଚନ୍ଦ୍ର ପରିଚ୍ଛା, ସୁରେଶ ଚନ୍ଦ୍ର ରଥ, ରମା ରଞ୍ଜନ ପଣ୍ଡା, ଅଶୋକ ପାଳ, ପୂର୍ଣ୍ଣଚନ୍ଦ୍ର ବେହେରା, ପଦ୍ମ ଚରଣ ବେହେରା, ପ୍ରଫେସର ଡ. ରଙ୍ଗନାଥ ମିଶ୍ର, ଉମା ପ୍ରସାଦ ପାତ୍ର ଓ ଅନିଲ ଅଧିକାରୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

● କନେଷ୍ଟବଳ ଆଶୁତୋଷଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ପୁଲିସର ଖୋଳତାଡ଼, ପତ୍ନୀ ଓ ଶାଳକଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୭।୬(ସମିସ): ଏମଭି କନେଷ୍ଟେବଳ ଆଶୁତୋଷ ମୃଦୁଙ୍ଗିଆଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଆସିଛି ନୂଆ ଟୁଇଷ୍ଟ। ଆଶୁତୋଷ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ସମୟରେ ଉଭୟ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ଦେଇଥିବା ବୟାନର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେଥିରେ ସେ ସିଧାସଳଖ ତାଙ୍କ କନଷ୍ଟେବଳ ପତ୍ନୀ ସନ୍ଧ୍ୟା ଓ ଶଳା ହିଁ ପେଟ୍ରୋଲ ଢ଼ାଳି ତାଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ସେପଟେ ଆଶୁତୋଷଙ୍କ ଅଭିଯୋଗକ୍ରମେ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ମୋବାଇଲକୁ ପୁଲିସ ଜବତ କରି ଉଭୟଙ୍କର ବୟାନ ରେକର୍ଡ଼ କରିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହି ଥିବାବେଳେ ଆବଶ୍ୟକ ସ୍ଥଳେ ଅଧିକ ଖୋଳତାଡ ପାଇଁ ତଥା ଗୁପ୍ତ ରହସ୍ୟ ଉନ୍ମୋଚନ ପାଇଁ କ୍ରାଇମବ୍ରାଞ୍ଚର ସହାୟତା ନିଆଯିବ ବୋଲି କହିଛନ୍ତି ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ୍। ଏମ୍‌ଭି କନଷ୍ଟେବଳ ଆଶୁତୋଷଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ବଢ଼ିବାରେ ଲାଗିଛି ସସପେନ୍ସ। ଆଶୁତୋଷ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନା ତାଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରାଯାଇଛି ତାକୁ ନେଇ ଆସିଛି ନୂଆ ତଥ୍ୟ। ଆଶୁତୋଷଙ୍କ ଶରୀରର ପ୍ରାୟ ୮୫ପ୍ରତିଶତ ଜଳି ଯାଇଥିବା ବେଳେ କିଭଳି ଘଟଣା ସମ୍ପର୍କରେ ସେ ପୁଲିସ ନିକଟରେ ଦେଇଛନ୍ତି ଚାଞ୍ଚଲ୍ୟକର ତଥ୍ୟ। ଗତ ୫ତାରିଖ ସନ୍ଧ୍ୟାରେ ବିଜିପୁର ପୁଲିସ କଲୋନୀରେ ଥିବା ସନ୍ଧ୍ୟାଙ୍କ କ୍ୱାର୍ଟରକୁ ଆଶୁତୋଷ ଯାଇଥିଲେ। ସେଠାରେ ଆଶୁତୋଷଙ୍କ କନଷ୍ଟେବଳ ପତ୍ନୀ ସନ୍ଧ୍ୟା ଓ ତାଙ୍କ ଭାଇ ଥିଲେ। ଉଭୟେ ଭାଇ ଓ ଭଉଣୀ ହଠାତ ତାଙ୍କ ଉପରେ ପେଟ୍ରୋଲ ଢ଼ାଳି ଦେଇଥିଲେ। ନିଜକୁ ରକ୍ଷା କରିବାକୁ ଉଦ୍ୟମ କରୁଥିବା ସମୟରେ ତାଙ୍କ ଉପରେ ଦିଆସିଲିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଛନ୍ତି। ଆଶୁତୋଷଙ୍କ ଶରୀରରେ ନିଆଁ ଲାଗିବା ପରେ ସେ ଜୀବନ ବିକଳରେ ତୁରନ୍ତ ସନ୍ଧ୍ୟାଙ୍କ କ୍ୱାର୍ଟର୍ସରୁ ବାହାରି ନିକଟସ୍ଥ ଅନ୍ୟ ଏକ ଘରେ ପ୍ରବେଶ କରିଥିଲେ। ସେଠାକାର ଲୋକେ ତାଙ୍କ ଦେହରେ ପାଣି ଢାଳି ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଭାଇରାଲ ହୋଇଥିବା ଭିଡିଓରେ ସେ ନିଜେ କହିଛନ୍ତି। ସେପଟେ ଆଶୁତୋଷ ଜଣେ ଏମ୍‌ଭି କନେଷ୍ଟବଳ ଥିବାବେଳେ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ ମଧ୍ୟ ଜଣେ ପୁଲିସ କନଷ୍ଟେବଳ। ଉଭୟେ ପ୍ରେମ ବିବାହ କରିଥିବା ବେଳେ ଗତ ଏକବର୍ଷ ଧରି ଉଭୟଙ୍କ ମଧ୍ୟରେ ବିଭିନ୍ନ କାରଣରୁ ମନୋମାଳିନ୍ୟ ଥିଲା। ସନ୍ଧ୍ୟା ୩ ମାସର ଗର୍ଭବତୀ ଥିବା ବେଳେ ଆଶୁତୋଷ ସନ୍ଧ୍ୟାଙ୍କୁ ମାଡ଼ ମାରିଥିଲେ ଏବଂ ସେଥିରେ ତାଙ୍କର ଗର୍ଭ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଘଟଣାକୁ ନେଇ ସନ୍ଧ୍ୟା ଆଶୁତୋଷଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିବା ବେଳେ ଉକ୍ତ ମାମଲାରେ ଗିରଫ ହୋଇ ଆଶୁତୋଷ ଜେଲ ଯାଇଥିଲେ। ଗତ ୩ ତାରିଖରେ ଆଶୁତୋଷ ଜାମିନରେ ଜେଲରୁ ମୁକୁଳିଥିଲେ। ତେବେ ଘଟଣାକୁ ନେଇ ବିଭିନ୍ନ ଦିଗରୁ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଜାରି ରହିଛି। ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ବିରୁଦ୍ଧରେ ଆଶୁତୋଷଙ୍କ ପରିବାର ପକ୍ଷରୁ ଆସିଥିବା ହତ୍ୟା ଉଦ୍ୟମକୁ ନେଇ ମାମଲା ରୁଜୁ ହେବା ସହ ଉଭୟ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ମୋବାଇଲକୁ ଜବତ କରିଛି ପୁଲିସ। ସେପଟେ ଆଶୁତୋଷଙ୍କ ଦରପୋଡ଼ା ମୋବାଇଲକୁ ମଧ୍ୟ ଜବତ କରାଯାଇଛି। ବିଭିନ୍ନ ସମ୍ଭାବ୍ୟ ଓ ଆଶଙ୍କା କରାଯାଉଥିବା ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରହିଛି। ଆଶୁତୋଷଙ୍କ କନଷ୍ଟେବଳ ପତ୍ନୀ ସନ୍ଧ୍ୟା ଓ ତାଙ୍କ ଭାଇ କେତେ ସତ କହୁଛନ୍ତି ଆବଶ୍ୟକ ସ୍ଥଳେ ସେମାନଙ୍କର ପଲିଗ୍ରାଫ ଟେଷ୍ଟ ମଧ୍ୟ କରାଯିବ। ଏହାଛଡ଼ା ମାମଲାର ତଦନ୍ତରେ କ୍ରାଇମବ୍ରାଞ୍ଚର ସହଯୋଗ ଲୋଡାଯିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

# ଏସ୍‌ପି, ଡିଜିଙ୍କ ଚେତାବନୀ ସତ୍ତ୍ୱେ ଅପରାଧରେ ସମ୍ପୃକ୍ତ ପୁଲିସ କର୍ମଚାରୀ

ବ୍ରହ୍ମପୁର, ୭।୬(ସମିସ)

ଅପରାଧ ପ୍ରତି ଶୂନ୍ୟ ସହନଶୀଳତା ଏବଂ ଅପରାଧୀଙ୍କୁ ନିସ୍ତାର ନାହିଁ ବୋଲି ଏସପି, ଆଇଜି ଓ ଡିଜି ବାରମ୍ବାର ଗଣମାଧ୍ୟମ ଜରିଆରେ ତାଗିଦ କରିବା ସତ୍ତ୍ୱେ ଖୋଦ୍ ପୋଲିସ ବିଭାଗର କର୍ମଚାରୀଙ୍କ ଦ୍ୱାରା ଅପରାଧ ସଂଘଟିତ ହେବା ଏକ ଅସାଧାରଣ କଥା। ଏପରି ଘଟଣା ଏକ ସାଂଘାତିକ ସାମାଜିକ ବ୍ୟାଧି ଆଡ଼କୁ ଟାଣି ନେଉଥିବା ଅନୁମାନ କରାଯାଉଛି। ପାଲିସ କର୍ମଚାରୀ ଧୈର୍ଯ୍ୟ ଏବଂ ସହନଶୀଳତା ସହ ଶୃଙ୍ଖଳିତ ତାଲିମରେ ଧୂରନ୍ଧର ହେବା ଜରୁରୀ। କିନ୍ତୁ ବିଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ଥାନାରେ ଯେଉଁଭଳି ଭାବେ ଅପରାଧିକ ଘଟଣା ଘଟିଚାଲିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏହାକୁ ତାଳଦେଇ ଆନୁପାତିକ ଭାବରେ ଗଞ୍ଜାମ ରାଜସ୍ୱ ଜିଲ୍ଲାର ବେଲଗାଁ ଓ କବିସୂର୍ଯ୍ୟନଗର ଥାନାର ଘଟଣା ବିଭାଗୀୟ ଅଧିକାରୀଙ୍କୁ ପୁଲିସ କର୍ମଚାରୀଙ୍କ ଖୋଲା ଚ୍ୟାଲେଞ୍ଜ ଭଳି ପ୍ରତୀୟମାନ ହେଉଛି। ଏହି ସବୁ ଘଟଣା ମନରୁ ନଲିଭୁଣୁ ଶନିବାର ବ୍ରହ୍ମପୁରରେ ଜଣେ କନେଷ୍ଟବଳ ନିଆଁରେ ପୋଡ଼ିଯିବା ଘଟଣାର ଅଭିଯୋଗ ଯେଉଳି ଆସିଛି ତାହା ଅତ୍ୟନ୍ତ ସମ୍ବେଦନଶୀଳ। ଏବଂ ଶୃଙ୍ଖଳିତ ପୋଲିସ କର୍ମଚାରୀ ଖୋଦ୍ ବିଭାଗୀୟ ଅଧିକାରୀଙ୍କ ତାଗିଦକୁ କେଉଁ ଆଧାରରେ ଆହ୍ୱାନ ଦେଉଛନ୍ତି ତାହା ଚିନ୍ତାର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅପରାଧ ଯିଏ ଘଟାଇଲା ସିଏ କର୍ମକର୍ତ୍ତବ୍ୟ, ଜାତି, ଧର୍ମ ନିର୍ବିଶେଷରେ ଅପରାଧୀ ଅଟେ। ଅପରାଧୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କୌଣସି ମତେ ଭିନ୍ନ ହେବା ଅନୁଚିତ। କବିସୂର୍ଯ୍ୟନଗର ଘଟଣାରେ କେତେଜଣ ପୋଲିସ କର୍ମଚାରୀଙ୍କ ଉପରେ ହତ୍ୟା ମାମଲା କିମ୍ବା ହତ୍ୟା ଷଡଯନ୍ତ୍ର ମାମଲା ରୁଜୁ କରାଗଲା ଅଥବା ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହେଲାନାହିଁ। ତଦନ୍ତ ଚାଲିଛି ସତ ତେବେ ଏଭଳି ଘଟଣା ଯଦି ସାଧାରଣ ନାଗରିକ ଦ୍ୱାରା ହୁଏ ତେବେ ପୁଲିସର କାର୍ଯ୍ୟାନୁଷ୍ଠାନ କଠୋର ଏବଂ ଆକ୍ରମଣାତ୍ମକ ହେଉଥିବା ବେଳେ ନିଜ ବିଭାଗ କ୍ଷେତ୍ରରେ ଟିକେ କୋହଳ ମନୋଭାବ ହେଉଥିବା ସଭ୍ୟ ସମାଜରେ ଚର୍ଚ୍ଚା ଆଲୋଚନା ଜାରି ରହିଛି। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ବ୍ରହ୍ମପୁରର ଏକ ପୋଲିସ କଲୋନୀରେ ଜଣେ ପୋଲିସ ଆଉଜଣେ ପୋଲିସ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ହତ୍ୟା ଉଦ୍ୟମର ସାହସ କରିବା ଅଭିଯୋଗ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଦୁର୍ଭାଗ୍ୟଜନକ। ନିଜ ବିଭାଗର ବଡ଼ବାବୁମାନଙ୍କ ଅପରାଧ ପ୍ରତି ତାଗିଦକୁ କିଭଳି ବେଖାତିର କରିବା ପାଇଁ ସାହସ ଆସୁଛି? ଅନ୍ୟପଟେ ମଂଗଳା ବେହେରାର ମା ଜନୈକ ପୋଲିସ କର୍ମଚାରୀ ଉପରେ ଯେଉଁଭଳି ସାଂଘାତିକ ଆରୋପ ଲଗାଇଲେ ତାହାର ତଦନ୍ତ ରିପୋର୍ଟ ଏବଂ କାର୍ଯ୍ୟାନୁଷ୍ଠାନ ସାର୍ବଜନୀନ କରାଇ ବିଭାଗର କର୍ମଚାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଚେତାବନୀ ଦେବା ବଦଳରେ ତଦନ୍ତ କେଉଁଠି ଅଟକିଛି ବୋଲି ସହରର ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପୋଲିସ କର୍ମଚାରୀ ଭୁଲ କଲେ ତ୍ୱରିତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଉପରିସ୍ଥ ଅଧିକାରୀ ଗ୍ରହଣ କଲେ ଅନ୍ୟ କର୍ମଚାରୀ ନିଶ୍ଚିତ ଭୟ ଏବଂ ଶୃଙ୍ଖଳିତ ହେବେ ବୋଲି ବୁଦ୍ଧିଜୀବୀ ମତ ପୋଷଣ କରିଛନ୍ତି। କିନ୍ତୁ ବର୍ତ୍ତମାନ ଅନେକ ଘଟଣାରେ ତାହା ଭିନ୍ନ ରୂପ ଭାବେ ଉଭା ହେଉଥିବା ଯୋଗୁଁ ଶୃଙ୍ଖଳା ବିଭାଗର କର୍ମଚାରୀ ବିଶୃଙ୍ଖଳିତ ହେବା ପାଇଁ ଏକ ସୁଯୋଗ ସୃଷ୍ଟି ହେଉଥିବା ମନେ ହେଉଛି। ଏଣୁ ଉପରିସ୍ଥ ଅଧିକାରୀ ଜିଲ୍ଲା ଏବଂ ରାଜ୍ୟର ବୃହତ୍ ସ୍ୱାର୍ଥ ପାଇଁ ନିଜ କର୍ମଚାରୀଙ୍କ ଦ୍ୱାରା ହେଉଥିବା ବଡ଼ ଭୁଲ ଗୁଡିକ ଉପରେ କଠୋର ହେବା ଜରୁରୀ ବୋଲି ଆଇନଜୀବୀ ତଥା ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି।

# ୧୫ବର୍ଷରୁ କମ୍ ଗଞ୍ଜାମ ବକ୍ସିଂ ଦଳର ରାଉରକେଲା ଯାତ୍ରା

ବ୍ରହ୍ମପୁର, ୭।୬(ସମିସ): ୮ ଓ ୯ ତାରିଖରେ ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ୧୫ବର୍ଷରୁ କମ୍ ରାଜ୍ୟସ୍ତରୀୟ ସବ ଜୁନିଅର ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲା ଦଳ ଚୟନ କରାଯାଇଛି। ଦଳରେ ୧୩ଜଣ ବାଳକ, ୭ଜଣ ବାଳିକା ଖେଳାଳିଙ୍କ ସହିତ କୋଚ, ମ୍ୟାନେଜର ଓ ରେଫେରୀ ଜଜ୍‌ଙ୍କୁ ମିଶାଇ ମୋଟ ୨୬ଜଣିଆ ବକ୍ସିଂ ଦଳ ରାଉରକେଲା ଅଭିମୁଖେ ଗସ୍ତ କରିଛନ୍ତି। ଏନେଇ ସୂଚନା ଦେଇଛନ୍ତି ଗଞ୍ଜାମ ଜିଲ୍ଲା ବକ୍ସିଂ ସଂଘର ସମ୍ପାଦକ କେ. ପ୍ରଭାକର ରାଓ ଓ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ। ଘୋଷିତ ବାଳକ ଦଳରେ ଏକ. କୃଷ୍ଣ, ଚନ୍ଦ୍ରଶେଖର ବେହେରା, ଏମ. ଭେଙ୍କେଟ ରାଓ, ପ୍ରଭୁ ପ୍ରସାଦ ପାଣିଗ୍ରାହୀ, ପ୍ରଶାନ୍ତ କାର୍ଜି, ତେଜା ସେଠୀ, ଏ. କ୍ରିଷ୍ଣା, ସିଏଚ. ଇଶ୍ୱର, ଅସୀମ ନାୟକ, ଜେ. ସାଇ କରନ ଆଚାରୀ, ଅଭୟରାମ ଦାଶ, ମଣିକଣ୍ଠ ଓ ମହମ୍ମଦ ସାଦେବ ସାମିଲ ହୋଇଛନ୍ତି। ସେହିଭଳି ବାଳିକା ବର୍ଗରେ ସାନଖୀ ଦାସ, ୱାଇ. ତମନ୍ନା, ମାକି ବେହେରା, ଅନୁସ୍କା ନାୟକ, ପ୍ରଜ୍ଞା ମହାରଣା, ଶୁଭଶ୍ରୀ ବେହେରା ଓ ସ୍ନେହାରାଣୀ ବେହେରାଙ୍କ ସହିତ କୋଚ ଓ ମ୍ୟାନେଜର ଭାବେ ଏସ. ସାଇ ପ୍ରତାପ, ପ୍ରବୀଣ ସେଠୀ, ସଂଗ୍ରାମ ସାମଲ ଓ ଶ୍ୟାମାମୁଖୀ ଯାତ୍ରା କରିଛନ୍ତି। ଏଥି ସହିତ ଦଳ ସହିତ ପୂର୍ବତନ ଖେଳାଳୀ ତଥା ରାଜ୍ୟ ରେଫେରୀ ଜଜ୍ ଶିବରାମ ପାତ୍ର, ବୁଲୁ ପାତ୍ର, ଅନ୍ତର୍ଜାତୀୟ ରେଫେରୀ ତଥା କୋଚ ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ଯାତ୍ରା କରିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଗସ୍ତ କରିଥିବା ଉଭୟ ବର୍ଗର ଖେଳାଳୀମାନେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ନିୟମିତ ବକ୍ସିଂ ଅଭ୍ୟାସ କରୁଛନ୍ତି। ଗଞ୍ଜାମ ଜିଲ୍ଲାର ଉଭୟ ବାଳକ ଓ ବାଳିକା ଦଳ ପ୍ରତିଯୋଗୀତାରେ ଭଲ ପ୍ରଦର୍ଶନ କରି ପଦକ ହାସଲ କରିବେ ବୋଲି ସମ୍ପାଦକ ପ୍ରଭାକର ରାଓ ଓ କାମେଶ୍ୱର ରାଓଙ୍କ ସମେତ ଲଡୁ କିଶୋର ସାହୁ, ବାବୁ ରାଓ, ଅବିନାଶ ନାୟକ, ସୁମନ ଦାସ, ମୁନା ଗୌଡ, ଅଜିତ ମୁଖୀ, ବିପିନ ଗୌଡ, ସଞ୍ଜୟ ଗୌଡ, ଅକ୍ଷୟ ପଟ୍ଟନାୟକ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସଞ୍ଜୀବ ସାହୁ, କାଜଲ କୁମାର ସାହୁ, ସୀତା ଜେନା ଓ ବକ୍ସର ମମତା ପଣ୍ଡା ଆଶା ବ୍ୟକ୍ତ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।



### ଧାମନଗର ତହସିଲ୍ ଅଞ୍ଚଳରେ ବୃଦ୍ଧି ପାଉଛି ବାଲିମାଫିଆଙ୍କ ଦୌରାତ୍ମ୍ୟ

# ଧକ୍କା ଦେଲା ବାଲି ବୋଝେଇ ଟ୍ରାକ୍ଟର; ବର୍ତ୍ତିଗଲେ ଉପଜିଲ୍ଲାପାଳ

ଦୋବଲ,୭।୬(ସମିସ)

ଧାମନଗର ତହସିଲ୍ ଅଞ୍ଚଳରେ ବେଆଇନ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଚରମ ସୀମାରେ ପହଞ୍ଚିଛି। ସାଧାରଣ ଜନତା ତ ଛାଡ଼ନ୍ତୁ, ଏବେ ଖୋଦ୍ ପ୍ରଶାସନିକ ଅଧିକାରୀ ତଥା ମାଜିଷ୍ଟ୍ରେଟ୍ ମଧ୍ୟ ଏମାନଙ୍କ କୋପରୁ ବର୍ତ୍ତି ପାରୁନାହାନ୍ତି। ଶନିବାର ଅପରାହ୍ଣ ପ୍ରାୟ ୨ଟା ବେଳେ ଏକ ଭୟଙ୍କର ଦୁର୍ଘଟଣାରୁ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ବାଲି ଚୋରି କରୁଥିବା ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ତାଙ୍କ ସରକାରୀ ଗାଡ଼ିଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି।

ରବିବାର ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତର ପିତେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ 'ସ୍ୱାବଲମ୍ବୀ ଯୁବ ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାର ସଫଳ ପରିଚାଳନା ପାଇଁ ଶନିବାର ମଧ୍ୟାହ୍ନରେ ବିଦ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ବୈଠକ ସରିବା ପରେ ସେ ନିଜ ସରକାରୀ ଗାଡ଼ିରେ ଭଦ୍ରକ ଫେରୁଥିବାବେଳେ ପିତେଇପୁରଠାରେ ବୈତରଣୀ ନଦୀବନ୍ଧ ଉପରକୁ ଉଠି କ୍ଷେଣ୍ଟପୁର ଦିଗରେ ଆସୁଥିଲେ। ତେବେ କଣ୍ଟାପାରୀ ଓ ବୈତରଣୀ ବ୍ରିଜ୍ ଛକ ମଝିରେ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଉପଜିଲ୍ଲାପାଳଙ୍କ ସରକାରୀ ଗାଡ଼ିକୁ ପଛପଟୁ ଖୁବ୍ ଜୋରରେ ଧକ୍କା ଦେଇଥିଲା। ଧକ୍କା ଏତେ ଶକ୍ତ ଥିଲା ଯେ ଗାଡ଼ିର ପଛ ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ତାହା ନଦୀବନ୍ଧ ଧାରକୁ ଖସି ଯାଇଥିଲା। ମାତ୍ର ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଓ ସତର୍କତା ଯୋଗୁଁ ଗାଡ଼ିଟି ବନ୍ଧ ତଳକୁ ଖସୁ ଖସୁ ରହିଯାଇଥିଲା ଏବଂ ଏକ ବଡ଼ ବିପତ୍ତି ଟଳିଯାଇଥିଲା। ଦୁର୍ଘଟଣା ପରେ ଉପଜିଲ୍ଲାପାଳ ଓ ତାଙ୍କ ଡ୍ରାଇଭର ଗାଡ଼ିର କ୍ଷତି ଦେଖୁଥିବାବେଳେ ସୁଯୋଗ ଦେଖି ଟ୍ରାକ୍ଟର ଡ୍ରାଇଭର ସେଠାରୁ ଗାଡ଼ି ନେଇ ଛୁ ମାରିଥିଲା। ଉପଜିଲ୍ଲାପାଳ ଓ ତାଙ୍କ ପଛରେ ଆସୁଥିବା ଅନ୍ୟ ସରକାରୀ ଅଧିକାରୀମାନେ ତୁରନ୍ତ ସମ୍ପୃକ୍ତ ବାଲି ଟ୍ରାକ୍ଟରକୁ ପିଛା କରିଥିଲେ ହେଁ ଡ୍ରାଇଭର ଜଣକ ଗାଡ଼ି ସହ ଗାଁ ଭିତରକୁ ପଶି ଫେରାର୍ ହେବାରେ ସଫଳ ହୋଇଥିଲା। ଫଳରେ ଉପଜିଲ୍ଲାପାଳ ବାଧ୍ୟ ହୋଇ ସେଠାରୁ ଫେରିଥିଲେ। ଏହି ଘଟଣା ସତ୍ତ୍ୱେ ପ୍ରଶାସନିକ ଦାୟିତ୍ୱକୁ ଆଗରେ ରଖି ରବିବାର ଉପଜିଲ୍ଲାପାଳ ଭିନ୍ନ ଏକ ଗାଡ଼ି ଯୋଗେ ପିତେଇପୁର ଆସି 'ସ୍ୱାବଲମ୍ବୀ ଯୁବ ଅଭିଯାନ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଧାମନଗର ତହସିଲ୍ ଅନ୍ତର୍ଗତ କ୍ଷେଣ୍ଟପୁର, କଣ୍ଟାପାରୀ ଓ ବେଦପୁର ଅଞ୍ଚଳରେ ଦୀର୍ଘ ଦିନ ହେବ ବେଆଇନ ଭାବେ ବାଲି ଚୋରି ବ୍ୟାପକ ରୂପେ ବୃଦ୍ଧି ପାଇଛି। ଗାଡ଼ି ମାଲିକମାନେ ସରକାରୀ ନିୟମକୁ ବେଖାତିର୍ କରି ବୈତରଣୀ ନଦୀ ଗର୍ଭରୁ ମନଇଚ୍ଛା ବାଲି ଉତ୍ତୋଳନ କରୁଛନ୍ତି। ବାଲି ଚୋରିର ଏହି ଅନ୍ଧ ପ୍ରତିଯୋଗିତା ଯୋଗୁଁ ଟ୍ରାକ୍ଟର ଡ୍ରାଇଭରମାନେ ନଦୀବନ୍ଧ ଭଳି ଅଣଓସାରିଆ ରାସ୍ତାରେ ଅତି ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି। ଯାହା ଫଳରେ ନିୟମିତ ଭାବେ ସ୍ଥାନୀୟ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାଜ୍ୟ ଖଣି ବିଭାଗକୁ ବାଲିଘାଟ ନିଲାମ ଓ ତଦାରଖ ଦାୟିତ୍ୱ ହସ୍ତାନ୍ତର ହେବା ପୂର୍ବରୁ ଉପଜିଲ୍ଲାପାଳ ହିଁ ଏହାର ସର୍ବେସର୍ବା ଥିଲେ ଏବଂ ସେ ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ମଧ୍ୟ। ହେଲେ ବାଲି ମାଫିଆଙ୍କ ସାହସ ଏତେ ବଢ଼ିଯାଇଛି ଯେ ସେମାନେ ଜଣେ ଜିଲ୍ଲାସ୍ତରୀୟ ଶୀର୍ଷ ଅଧିକାରୀଙ୍କୁ ଧକ୍କା ଦେବାକୁ ପଛାଉନାହାନ୍ତି। ଏହି ସମ୍ବେଦନଶୀଳ ଘଟଣା ପରେ ଉପଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ କ୍ଷୋଭ ପ୍ରକାଶ କରିବା ସହ ଧାମନଗର ଅଞ୍ଚଳରେ ବେଆଇନ ବାଲି ଚୋରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆଗାମୀ ଦିନରେ ଚଢ଼ଉକୁ ଆହୁରି ଜୋରଦାର୍ କରାଯିବ ବୋଲି ଦୃଢ଼ ଚେତାବନୀ ଦେଇଛନ୍ତି।

## ବଜ୍ରପାତରେ ନାବାଳକ ମୃତ



ଭଦ୍ରକ,୭।୬(ସମିସ): ରବିବାର ସନ୍ଧ୍ୟାରେ ପ୍ରଚଣ୍ଡ ବଜ୍ରପାତରେ ଥରିଥିଲା ଭଦ୍ରକ ଅଞ୍ଚଳ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ବଜ୍ରପାତ ସହ ବର୍ଷା ଲାଗି ରହିଥିଲା। ଏହି ବଜ୍ରପାତରେ ସନ୍ଧ୍ୟାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁର ସୁବାସ ସାମଲଙ୍କ ପତ୍ନୀ ଘରପାଖ ଗୁହାଳରେ ଥିଲେ। ବର୍ଷା ଯୋଗୁଁ ତାଙ୍କର ଏକମାତ୍ର ପୁଅ ଜୀବନଜ୍ୟୋତି ସାମଲ(୧୦) ନିଜ ମାଆଙ୍କୁ ଘରକୁ ଆଣିବାକୁ ଛତା ନେଇ ଯାଉଥିବାବେଳେ ବଜ୍ରପାତରେ ଟଳିପଡ଼ିଥିଲେ। ଏହି ଦୁଃଖଦ ଘଟଣାରେ ବନ୍ଧଗାଁ ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି। ସ୍ଥାନୀୟ ସମିତିସଭ୍ୟଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ମହାପାତ୍ର ଓ ସରପଞ୍ଚ ନିରୋଜ ରାଉତ ପ୍ରମୁଖ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି।

## ୧୫ ଦିନରେ ଦୁଇ ନାବାଳକ ନିଖୋଜ

ଦୋଳସାହି,୭।୬(ସମିସ): ତିହିଡ଼ି ଥାନା ଅଧୀନସ୍ଥ ମୁକୁନ୍ଦପୁର ପଞ୍ଚାୟତରେ ଜଣେ ନାବାଳକ ନିଖୋଜ ହୋଇଥିବା ରବିବାର ତିହିଡ଼ି ଥାନାରେ ଅଭିଯୋଗ ହୋଇଛି। ବାରମ୍ବାର ଏଭଳି ନିଖୋଜ ଘଟଣା ଘଟୁଥିଲେ ମଧ୍ୟ ପୁଲିସ କୌଣସି ଖୋଜ୍‌ଖବର ପାଇପାରୁ ନାହିଁ। ୧୫ ଦିନ ଭିତରେ ୨ ଜଣ ନାବାଳକ ନିଖୋଜ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମୁକୁନ୍ଦପୁର ପଞ୍ଚାୟତର ବିଦ୍ୟାଧରପୁର ଗ୍ରାମର ବିଚିତ୍ର ବେହେରାଙ୍କ ୧୫ ବର୍ଷର ପୁତ୍ର ବିଶ୍ୱଜିତ୍ ବେହେରା ନିଖୋଜ ହୋଇଯାଇଥିବା ନେଇ ଅଭିଯୋଗ କରିଛନ୍ତି। ସେହିପରି ଗତ କିଛିଦିନ ତଳେ ଗୁଆମାଳ ପଞ୍ଚାୟତର ମସୁଆପାଳ ଗ୍ରାମର ଅନନ୍ତ ଜେନାଙ୍କ ପୁତ୍ର ବିଦ୍ୟାଧର ଜେନା ଗତ ମାସ ୨୫ ତାରିଖରେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି।

## ବିଶ୍ୱ ସାଇକଲ ଦିବସ ଓ ସଫେଇ କାର୍ଯ୍ୟକ୍ରମ




ଧାମନଗର,୭।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଖପରପଦା ପଞ୍ଚାୟତରେ ମା' ଜାଗୁଳେଇ ଯୁବକ ସଂଘ ତରଫରୁ ବିଶ୍ୱ ସାଇକଲ ଦିବସ ମହାସମାରୋହରେ ପାଳିତ ହୋଇଥିବାବେଳେ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ସଂଘର ସମ୍ପାଦିକା ସୁକାନ୍ତି ସାହୁଙ୍କ ନେତୃତ୍ୱରେ ପ୍ରଥମେ ଯୁବକଯୁବତୀମାନଙ୍କ ଦ୍ୱାରା ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ତଥା ସାଧାରଣ ଜ୍ଞାନ ଏବଂ ସ୍ଲୋ ସାଇକଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଲୋ ସାଇକଲ ଚାଳନା ପ୍ରତିଯୋଗିତାରେ ସଞ୍ଜୟ ସାହୁ ପ୍ରଥମ, ଶୁଭମ୍‌ଜ୍ୟୋତି ରାଉତ ଦ୍ୱିତୀୟ ଏବଂ ପ୍ରକାଶ ମଳିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସାଧାରଣ ଜ୍ଞାନରେ ପ୍ରିୟଙ୍କା ଶିଅଳ ପ୍ରଥମ, ଶୁଭସ୍ମିତା ସୂତାର ଦ୍ୱିତୀୟ ଏବଂ ସୌମ୍ୟାଶାଶ୍ୱତି ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ପାଦିକା ସୁକାନ୍ତି ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୋଚିଂ ସେଣ୍ଟରର ମୁଖ୍ୟ ଲକ୍ଷ୍ମଣ କୁମାର ସାହୁ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିକ୍ଷା ସାହୁ ଏବଂ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ହିମାଂଶୁ ଚରଣ ବେହେରା ଅତିଥି ଭାବରେ ଯୋଗଦେଇ ବିଶ୍ୱ ସାଇକଲ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ସହ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ସଂଘର ସଦସ୍ୟ ଆଦିତ୍ୟ ମହାପାତ୍ର, ଗଣେଶ ସାହୁ, ଓମ୍‌ପ୍ରକାଶ ସାହୁ, ବାଦଲ ବସନ୍ତିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମହଙ୍ଗା ମାଡ଼ରେ ଖାଉଟି ହନ୍ତସନ୍ତ

ବିଞ୍ଝାରପୁର,୭।୬(ସମିସ): ତୈଳଦର ବୃଦ୍ଧି ଯୋଗୁଁ ପନିପରିବା ଠାରୁ ଆରମ୍ଭକରି ନିତ୍ୟବ୍ୟବହାର ଜିନିଷ ଦରଦାମ ଆକାଶଛୁଆଁ ହେଉଥିବାରୁ ଗ୍ରାହକମାନଙ୍କର ଏବେ ନିଦ ହଜାଇ ଦେଇଥିବା ବେଳେ ପଡୁଥିବା ବେଳେ ମହିଳାମାନେ ହାଣ୍ଡିଶାଳରେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏପରିସ୍ଥଳେ ଜନସାଧାରଣ କିପରି ଚଳିବେ ତାକୁ ନେଇ ଭାଳେଣି ପଡ଼ିଗଲାଣି। ଆଜିର ଦିନରେ ପନିପରିବାର ଦରଦାମ ଏତେ ଆକାଶ ଛୁଆଁ ହୋଇଛି ଯେ, ହଜାରଟଙ୍କା ହାଟକୁ ଧରି ଗଲେ ମଧ୍ୟ ପରିବା ବ୍ୟାଗଟି ପୂର୍ଣ୍ଣ ହେଉନାହିଁ। ବର୍ତ୍ତମାନ ଆଳୁ ୧୦ରୁ ୨୦ଟଙ୍କା ରହୁଥିବା ବେଳେ ପିଆଜ ୨୦ରୁ ୩୫, ବାଇଗଣ ୫୦, ଟମାଟୋ ୪୦, ଭେଣ୍ଡି ୪୦, କଞ୍ଚାକଦଳୀ ୭୦, ଶାଗବିଡ଼ା ୧୦, ଝୁଡ଼ଙ୍ଗ ୭୦, କଖାରୁ କେଜି ପ୍ରତି ୩୦, କାଙ୍କଡ଼ ୫୦ ହୋଇଥିବା ବେଳେ କଞ୍ଚା ଲଙ୍କା ୧୦୦, ସାରୁ ୩୦ରୁ ୪୦, ଖୁମ୍ବଆଳୁ ୬୦, ବିନ୍ ୬୦, କାକୁଡ଼ି ୪୦, କଲରା ୭୦ଟଙ୍କା ହୋଇଥିବା ବେଳେ ସେହିଭଳି ଫଳମୂଳ ଦାମ ନକହିବା ଭଲ। ବଡ଼ବଡ଼ିଆ ତରି ଯାଉଥିବା ବେଳେ ଦିନମଜୁରିଆ ଯେନତେଣ ଉପାୟରେ ଚଳିଯାଉଛନ୍ତି। ମାତ୍ର ମଧ୍ୟବିତ ପରିବାରର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ବନ୍ତ/ଆଗରପଡ଼ା,୭।୬(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଓଡ଼ଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ତଥା ଛୟାଳସିଂହ ପଞ୍ଚାୟତ ମଙ୍ଗୁଳି ଗ୍ରାମରେ ଅବସ୍ଥିତ ମଙ୍ଗୁଳି ସରକାରୀ ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଘୋଷଣା ପରେ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲରେ ଏହାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପଲାଇ ପ୍ରମୁଖ ଯୋଗଦେଇ ସରକାର ଶିକ୍ଷାର ଏକ ନୂଆ ଅଧ୍ୟାୟ ଯୋଡ଼ିଥିବା କଥା କହିଥିଲେ। ଏହା ଫଳରେ ପ୍ରାଥମିକସ୍ତରୀୟ ପିଲା ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରୀ, ଖେଳ ପଡ଼ିଆ ସମେତ ଅନେକ କିଛି ସୁବିଧା ପାଇବେ। ସରକାରୀ ପ୍ରାଥମିକ ବିଦ୍ୟାଳୟ ବୋଡକପାଟଣାର ପ୍ରଧାନଶିକ୍ଷକ ବାରିଆଲ ଟୁଡୁ ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ଅନୁସୂୟା ଜେନା, ମହାମାୟା ଜେନା, ବିଦ୍ୟୁତ୍‌ପ୍ରଭା ମଲ୍ଲିକ, ଶିକ୍ଷକ ସୋମନାଥ ବିଶ୍ୱାଳ, ଅବିନାଶ ମଲ୍ଲିକ, ତରଣୀସେନ ବେହେରା,



ଅବସରରେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ସାଂସଦ ପ୍ରତିନିଧି ସନ୍ତୋଷ ନାୟକ, ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଧଳ, ସମିତିସଭ୍ୟା ନିରୁପମା ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷକ ରମାକାନ୍ତ ରାଉତ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଇତିଶ୍ରୀ ମିଶ୍ର, ଇପ୍ସିତା ଜେନା, ଓଡ଼ଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟି, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମର ଚରଣ ସ୍ୱାଇଁ, ପରିଚାଳନା କମିଟି ସଭାପତି ହରେକୃଷ୍ଣ ପରିଡ଼ା, ପ୍ରାକ୍ତନ ସରପଞ୍ଚ ଚିନ୍ତାମଣି ଘଡ଼ାଇ, ସମାଜସେବୀ ପ୍ରଫୁଲ୍ଲ ରାଉତ, ଛୟାଳସିଂହ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କା, କାଦୁବରାଙ୍ଗ ଚିନ୍ମୟ କୁମାର ସାହୁ, ପ୍ରତିମାରାଣୀ ପାତ୍ର, ଅନାଞ୍ଜଳି ବେହେରାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅଭିଭାବକ, ଛାତ୍ରଛାତ୍ରୀ, ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ୨୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ହେବାକୁ ଥିବାବେଳେ, ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଓ ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରି ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଥିମଧ୍ୟରୁ ବନ୍ତ ବ୍ଲକ୍‌ର ୩ଟି ପ୍ରାଥମିକ ବିଦ୍ୟାଳୟ ସ୍ଥାନ ପାଇଛି।

### ଲେବଲ୍‌କ୍ରସିଂ ପାର୍ ବେଳେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା ଟ୍ରେନ୍

## ଯୁବକ ମୃତ; ପ୍ରତିବାଦରେ ରାସ୍ତାରୋକ





ଭଦ୍ରକ,୭।୬(ସମିସ): ଭଦ୍ରକ-ଧାମରା ରେଳପଥର ତିହିଡ଼ି ବ୍ଲକ୍ ପୀରହାଟ ଥାନା ଅଧୀନ ସାହାପୁର ରାସ୍ତା ଲେବଲ୍‌କ୍ରସିଂ ନିକଟରେ ରବିବାର ଏକ ଟ୍ରେନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ୟକ୍ତ ଲୋକେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ବଜାରରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ, ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦାବିରେ ରାସ୍ତା ଅବରୋଧ କରାଯାଇଛି।

ଘଟଣାରୁ ପ୍ରକାଶ ଯେ, ସାହାପୁର ପଞ୍ଚାୟତ ଅଧୀନ କଣ୍ଡରାଗିଆ ଗାଁର ଅଭିମନ୍ୟୁ ପରିଡ଼ା(୪୫) ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସାହାପୁର ଲେବଲ୍‌କ୍ରସିଂ ନିକଟରେ ଧାମରାରୁ ଭଦ୍ରକ ଅଭିମୁଖେ ଯାଉଥିବା ଟ୍ରେନ୍ ସମ୍ପୃକ୍ତ ଯୁବକଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ କ୍ଷତିପୂରଣ ଓ ନିଯୁକ୍ତି ଦାବି କରିଛନ୍ତି। ଖବର ପାଇ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ, ପୀରହାଟ ଥାନା ଆଇଆଇସି ରୋଜାଲିନ୍ ବେହେରା, ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ହରସିଂହପୁର ସରପଞ୍ଚ ଅଜୟ ମହାନ୍ତି, ସଂଗ୍ରାମ ମହାନ୍ତି ପ୍ରମୁଖ ଘଟଣାର ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। ଦୀର୍ଘ ସମୟ ଯାଏଁ ରାସ୍ତାରୋକ ଜାରି ରହିଥିଲା।

## ଦୁର୍ବଳ ହେଉଛି ସାଳନ୍ଦୀ ନଦୀ ବନ୍ଧ



### ନଦୀ ଭିତରୁ ଖୋଳାଯାଉଛି ମାଟି; ଲୋକେ ଅସନ୍ତୁଷ୍ଟ

ଦୋଳସାହି,୭।୬(ସମିସ): ଦୁର୍ବଳ ହେଉଛି ବନ୍ୟା ନିୟନ୍ତ୍ରଣ ବନ୍ଧ ନିର୍ମାଣ କାର୍ଯ୍ୟ। ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଦେଇ ଗତି କରୁଥିବା ସାଳନ୍ଦୀ ନଦୀର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ଘାଇ ସୃଷ୍ଟି ହୋଇ ବନ୍ୟା ହେଉଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନଦୀର ଉଭୟ ପାର୍ଶ୍ୱର ବନ୍ଧ ନିର୍ମାଣ କାର୍ଯ୍ୟ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ଜଣାଯାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ କୁବେରା ପଞ୍ଚାୟତ ଗତି କରୁଥିବା ଏହି ସାଳନ୍ଦୀ ନଦୀ ବନ୍ଧର ଉଭୟ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଦ୍ୱାରା ବନ୍ୟା ନିୟନ୍ତ୍ରଣ ପାଇଁ ବନ୍ଧ ନିର୍ମାଣ କାର୍ଯ୍ୟ ହେଉଥିବାବେଳେ ଏହି ବନ୍ଧ ନିର୍ମାଣ କାର୍ଯ୍ୟ ଦୁର୍ବଳ ହେଉଥିବା ଅଭିଯୋଗ ହେଉଛି। ନଦୀ ଭିତରୁ ଜେସିବି ଦ୍ୱାରା ମାଟି ଉଠାଇ ବନ୍ଧର ଉଭୟ ପାର୍ଶ୍ୱରେ ପକାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବନ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ତରଫରୁ ବନ୍ଧ ମରାମତି ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଏହି ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ପ୍ରତିବର୍ଷ ଏହି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

### ଯାଜପୁରରେ କାଳବୈଶାଖୀ

## ବିଦ୍ୟୁତ୍ ଓ ଯାତାୟାତ ବାଧାପ୍ରାପ୍ତ



ଯାଜପୁର, ୭।୬(ସମିସ): ଆଜି ଅପରାହ୍ନରେ ଯାଜପୁର ଜିଲ୍ଲାରେ କାଳବୈଶାଖୀ ଫଳରେ ବିଭିନ୍ନ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାପଡିଛି। ଅପରାହ୍ନ ୫ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ଯାହାର ପ୍ରଭାବରେ ଅନେକ ସ୍ଥାନରେ ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ଓ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ବଜ୍ରପାତରେ ଧର୍ମଶାଳା ଅଂଚଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବରୀ ଅଞ୍ଚଳରେ ରାସ୍ତା ଅବରୋଧ ହୋଇଥିବା ଜଣାପଡିଛି। ଯାଜପୁରରେ ହୋଇଥିବା କାଳବୈଶାଖୀ ଫଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବ ପ୍ରସାଦ ଦାସ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ପ୍ରଭାବିତ ପରିବାରଙ୍କୁ ଭେଟିଥିବା ଜଣାପଡିଛି।

### ● ଯାତ୍ରା ମଞ୍ଚରେ ଅନୁଷ୍ଠାନ ପ୍ରେମୀ ସମ୍ବର୍ଦ୍ଧିତ

## 'କାଳଜୟୀ ନାଟକ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ'



ବାରିକପୁର,୭।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ରାଢୋସ୍ଥିତ ରାମ ନବମୀ ଯାତ୍ରା ମଞ୍ଚରେ କମିଟିର ୫ଜଣ ପ୍ରତିଷ୍ଠାତା ସଦସ୍ୟ ତଥା ଅନୁଷ୍ଠାନ ପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଦେବଦତ ଦାଶ ଓ ସମ୍ମାନିତ ଅତିଥି ଭାବେ ସୁନାମଧନ୍ୟ ନାଟ୍ୟକାର ଅରୁଣ ବାରିକ ଯୋଗଦେଇ କାଳଜୟୀ ନାଟକ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଗାଁରେ ଯାତ୍ରା ଉତ୍ସବ ସମ୍ପର୍କକୁ ନିବିଡ଼ କରିବା ସହିତ ଭାଇଚାରା ସୃଷ୍ଟି କରିଥାଏ ବୋଲି ଅତିଥିମାନେ କହିଥିଲେ। ଅନ୍ୟତମ ଅତିଥି ଭାବେ ବର୍ଷିୟାନ ଯାତ୍ରା କଳାକାର କୀର୍ତ୍ତନ ଧଳ, ସଦସ୍ୟ ଅମରେଶ ସାହୁ, ସିଦ୍ଧାନାଥ ଦାସ ପ୍ରମୁଖ ଯାତ୍ରା ଉତ୍ସବ ଆୟୋଜନ ସମ୍ପର୍କରେ ବିଭିନ୍ନ ମତ ଦେଇଥିଲେ। ଏହି ଅବସରରେ ସର୍ବପୁରାତନ ଯାତ୍ରା କମିଟିର ପ୍ରାଣ ପ୍ରତିଷ୍ଠାତା ତଥା ବରିଷ୍ଠ ସଦସ୍ୟ ଭାଗିରଥି ବେହୁରିଆ, ନିତ୍ୟାନନ୍ଦ ନାୟକ, ଦୁର୍ଯ୍ୟୋଧନ ରାଉତ, ଚୈତନ୍ୟ ନାୟକ, ଶିଶିର ନାୟକଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯାତ୍ରା କମିଟି ସଭାପତି ସାଗର ରଞ୍ଜନ ଲେଙ୍କା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ଜିତେଶ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନ ଧରି ଚାଲିଥିବା ଯାତ୍ରା ଉତ୍ସବରେ ଆଖପାଖ ଗାଁର ଜନସାଧାରଣ ଯୋଗଦେଇ ଭରପୂର ମନୋରଞ୍ଜନ କରିଥିଲେ।

# ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଅସମ୍ମାନ

### ସମ୍ମାନିତ ଅତିଥି ଭାବେ ଡାକି ସମ୍ମାନ ଦେବାକୁ ଭୁଲିଗଲେ ବ୍ଲକ୍ ଶିକ୍ଷା ବିଭାଗ

ଧାମନଗର,୭।୬(ସମିସ)

ଭାରତ ସ୍ୱାଧୀନ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଯେଉଁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆଜି ଦେଶ ସ୍ୱାଧୀନ, ସେହି ବୀର ସନ୍ତାନଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ ରାଜନେତାମାନେ କିଭଳି ଅସମ୍ମାନ କରିପାରନ୍ତି, ତାହାର ଏକ ଜ୍ୱଳନ୍ତ ଉଦାହରଣ ରବିବାର ଧାମନଗର ବ୍ଲକ୍ ବୟାଙ୍ଗଡିହି ପଞ୍ଚାୟତରେ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ୨ୟ ପର୍ଯ୍ୟାୟ ଶିଳାନ୍ୟାସ ଉତ୍ସବ ଅବସରରେ ଜଣେ ପ୍ରତିଷ୍ଠିତ ତଥା ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ୯୮ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ ଅତିଥି ଭାବେ ଡାକି ମଞ୍ଚ ତଳେ ଅପମାନିତ କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ରବିବାର ୨୦୪ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବୟାଙ୍ଗଡିହି ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲକୁ ଏହି ଆଦର୍ଶ ବିଦ୍ୟାଳୟ ଭାବେ ଘୋଷଣା କରାଯାଇ ସ୍ଥାନୀୟସ୍ତରରେ ଏକ ଶିଳାନ୍ୟାସ ଉତ୍ସବର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେବା






ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଠି ସଂଖ୍ୟା ୬୭ ଜରିଆରେ ସ୍ଥାନୀୟ ଅଞ୍ଚଳର ଗର୍ବ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ନିମନ୍ତ୍ରଣ କରିଥିଲେ। ସରକାରୀ ଆହ୍ୱାନକୁ ସମ୍ମାନ ଜଣାଇ ସଂଗ୍ରାମୀ ବ୍ରଜକିଶୋର ନିର୍ଦ୍ଧାରିତ ସମୟରେ ସଭାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ମଞ୍ଚ ଉପରେ ବିଇଓ ପ୍ରଫୁଲ୍ଲ ସାହୁ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ଶିକ୍ଷାବିତ୍ ଭାଗବତ ପାତ୍ର, ସମାଜସେବୀ ସୁବ୍ରତ ସାମଲ ଏବଂ ସ୍ଥାନୀୟ ସରପଞ୍ଚଙ୍କ ପରିବାର ଲୋକେ ଆସନ ଗ୍ରହଣ କରିସାରିଥିଲେ। ଆଶ୍ଚର୍ଯ୍ୟର ବିଷୟ, ସଭାସ୍ଥଳରେ ପହଞ୍ଚିଥିବା ଅତିଥି ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋରଙ୍କ ପାଇଁ ମଞ୍ଚରେ କୌଣସି ଆସନ ଖାଲି ନ ଥିଲା କି କେହି ଜଣେ ହେଲେ ସରକାରୀ ବା ରାଜନେତା ତାଙ୍କୁ ସମ୍ମାନର ସହ ମଞ୍ଚକୁ ଡାକିବା ଉଚିତ୍ ମଣି ନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା। ଦେଶାତ୍ମବୋଧର ଭାବନାରେ ଉଦ୍‌ବୁଦ୍ଧ ସଂଗ୍ରାମୀ ବ୍ରଜକିଶୋର ଜଣେ ସାଧାରଣ ଲୋକଙ୍କ ଭଳି ମଞ୍ଚ ତଳେ ଛିଡ଼ା ହୋଇ ସଙ୍ଗୀତ ଗାନ କରିଥିଲେ। କିନ୍ତୁ ଅଭିମାନୀ ମଞ୍ଚାସୀନ ବ୍ୟକ୍ତିବିଶେଷଙ୍କ ଆଖି ତାଙ୍କ ଉପରେ ପଡ଼ି ନ ଥିଲା। ଏହି ସମ୍ବେଦନଶୀଳ ଦୃଶ୍ୟକୁ ସେଠାରେ ଉପସ୍ଥିତ ଜଣେ ସ୍ଥାନୀୟ ସାମ୍ବାଦିକ ନିଜ କ୍ୟାମେରାରେ କଏଦ୍ କରି ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିବା ପରେ ସଭାସ୍ଥଳରେ ହଟଚମଟ ସୃଷ୍ଟି ହୋଇଥିଲା। ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ଏବଂ ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ଚେତା ଫେରିଥିଲା ପ୍ରଶାସନର। ମଞ୍ଚରେ ଥିବା ବ୍ୟକ୍ତିମାନେ ତରବରିଆ ଭାବେ ତାଙ୍କୁ ମଞ୍ଚକୁ ଡାକିବାକୁ ଚେଷ୍ଟା କରିଥିଲେ, ମାତ୍ର ସେଠାରେ ମଧ୍ୟ ଅଜ୍ଞତାର ସୀମା ପାର୍ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କୁ ମଞ୍ଚରୁ ଡାକିବା ବେଳେ "ସ୍ୱାଧୀନତା ସଂଗ୍ରାମୀ ଗଣେଶ୍ୱର ରାଉତ ମଞ୍ଚକୁ ଆସନ୍ତୁ' ବୋଲି ଭୁଲ୍ ନାମରେ ସମ୍ବୋଧନ କରାଯାଇଥିଲା। ଯାହା ସେମାନଙ୍କର ସଂଗ୍ରାମୀଙ୍କ ପ୍ରତି ଥିବା ଆନ୍ତରିକତା ଓ ସମ୍ମାନବୋଧର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ନେତା ଓ ସରକାରୀ ବାବୁମାନଙ୍କର ଏଭଳି ବେଖାତିର୍ ମନୋଭାବକୁ ଧାମନଗର ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

## କୋରେଇ ଶିକ୍ଷା ବିଭାଗରେ କେଳେଙ୍କାରୀ ମାମଲା

# ୨ ମାସ ହେଲା ମିଳୁନି ଦରମା

**ବ୍ୟାସନଗର, ୭।୬(ସମିସ)**

ଯାଜପୁର ଜିଲ୍ଲା କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦରମା କେଳେଙ୍କାରୀ ସାମ୍ନାକୁ ଆସିବା ପରେ ଏବେ ତାର କୁପରିଣତି ଭୋଗୁଛନ୍ତି ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ। ଗତ ୨ ମାସ ହେଲା ଶିକ୍ଷା ମଣ୍ଡଳର ସମସ୍ତ ଶିକ୍ଷକଙ୍କ ଦରମା ବନ୍ଦ ହୋଇଯାଇଥିବାରୁ ସେମାନେ ଦୟନୀୟ ଅବସ୍ଥା ଭୋଗୁଛନ୍ତି।

ସୂଚନା ଅନୁସାରେ, ଭୂତ ଶିକ୍ଷକଙ୍କ ନାଁରେ ୪କୋଟି ୯୭ ଲକ୍ଷ ୫୫ ହଜାର ୫୧୦ ଟଙ୍କା ଆତ୍ମସାତ୍ କରାଯାଇଥିବା ନେଇ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟରୁ ସ୍ପଷ୍ଟ ହେବା ପରେ ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶରେ ଗତ ମାର୍ଚ୍ଚ ୫ ତାରିଖରୁ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଏହି ମୃତ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ଦରମା ଗାଏବ ଘଟଣା ଏବେ ବିଚାରଧୀନ ରହିଥିବା ବେଳେ ଏହାର ସିଧାସଳଖ ଫଳ ଭୋଗୁଛନ୍ତି କୋରେଇ ବ୍ଲକରେ କାର୍ଯ୍ୟ କରୁଥିବା ନିୟମିତ ଶିକ୍ଷକ। ପ୍ରାୟ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ସେମାନେ ବେତନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାପ ଖାଇଲା ତାଳ, ପୁଅକୁ ପଡ଼ିଛି କାଳ ଭଳି କୋରେଇ ବ୍ଲକ ଶିକ୍ଷାମଣ୍ଡଳ ଅନ୍ତର୍ଗତ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ୫ ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ତ ଏପ୍ରିଲ ମାସରୁ ଅଦ୍ୟାବଧି ମାସିକ ଦରମା ପାଇ ପାରିନାହାନ୍ତି। କୋରେଇ ଶିକ୍ଷା ମଣ୍ଡଳରେ ମୃତକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଦରମା ବାବଦରେ ୪, ୯୭, ୫୫, ୫୧୦ ଟଙ୍କା ଆର୍ଥିକ ହେରଫେର ଘଟଣାର ତଦନ୍ତ ଚାଲୁ ରହିଥିବା ବେଳେ ଗତ ଏପ୍ରିଲ ମାସରେ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଳିକଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଶ୍ରୀଯୁକ୍ତ ମଲ୍ଲିକ ନିଲମ୍ବନ ହେବା ପରେ ଗତ ମେ' ମାସ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସୁକିନ୍ଦା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ।ରାୟଣ ଦାସଙ୍କୁ କୋରେଇ ବ୍ଲକର ଅତିରିକ୍ତ ଦାୟିତ୍ୱ ଅର୍ପଣ କରାଯାଇଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଅଦ୍ୟାବଧି ଦୁଇ ମାସ ପୂରଣ ହୋଇ ଯାଇଥିଲେ ମଧ୍ୟ କେହି ବେତନ ପାଇ ପାରିନାହାନ୍ତି। ବିଭାଗୀୟ ଏବଂ ଅଫିସିଆଲ ଅବହେଳାର ପରିଣାମ ଫିଲ୍ଡରେ କାର୍ଯ୍ୟକରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ କାହିଁକି ଭୋଗିବେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏପରିକି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ବ୍ୟାଙ୍କରୁ ଲୋନ୍ କରି ଘର ଏବଂ ଗାଡ଼ି କିଣିଥିବା ବେଳେ ହଠାତ୍ ବିଭାଗୀୟ ଅବହେଳାରୁ ଦରମା ବନ୍ଦ କରାଯିବା ପରେ ସେମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏପରିକି ବାହାର ଜିଲ୍ଲାରୁ ଆସି କୋରେଇ ବ୍ଲକରେ ଭଡ଼ା ନେଇ ରହୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇ ଗ୍ରୀଷ୍ମ ଅବକାଶରେ ଘରକୁ ଫେରି ପାରିନାହାନ୍ତି। ତତ୍‌ସହିତ ଚଳିତ ମାସ ଭୋଟର ତାଲିକା ସଂଶୋଧନ ଆଦି କାର୍ଯ୍ୟରେ ଅନେକ ଶିକ୍ଷକ ନିଯୁକ୍ତ ଅଛନ୍ତି। ଗ୍ରୀଷ୍ମ ଅବକାଶ ମଧ୍ୟରେ ପୋଷାକ ବଣ୍ଟନ, ପାଠ୍ୟ ପୁସ୍ତକ ବଣ୍ଟନ, ଅନ୍‌ଲାଇନ ପାଠ୍ୟକ୍ରମ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ଚାଲୁ ରହିଥିବା କାରଣରୁ ବହୁ ଦୂରଦୂରାନ୍ତରୁ ଆସି ଶିକ୍ଷକତା କରୁଥିବା ଶିକ୍ଷକମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇତିମଧ୍ୟରେ ଆଉ କିଛି ଦିନ ପରେ ଓଡ଼ିଶାର ଗଣପର୍ବ ରଜ ଆସୁଥିବାରୁ ସମସ୍ତେ ଏହି ବେତନର ଅନିଶ୍ଚିତତାକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରଛନ୍ତି। ତେବେ ଏଭଳି ଘଟଣାରେ କୋରେଇ ମଣ୍ଡଳ ଭାରପ୍ରାପ୍ତ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ପ୍ରତିକ୍ରିୟା ନିମନ୍ତେ ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ। ତେଣୁ ବିଭାଗ ପକ୍ଷରୁ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ତୁରନ୍ତ ବ୍ଲକ ଅଧୀନସ୍ଥ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବେତନ ପ୍ରଦାନ କରିବାରେ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

**ହତାଶ ହେଉଛନ୍ତି ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ**

# ବିରଜା ସେବାୟତଙ୍କୁ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରଣ



**ଯାଜପୁର, ୭।୬(ସମିସ):** ଗତ ଫେବୃଆରି ମାସ ୨ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରକୁ ଆସିଥିବା ବେଳେ ନିଜ ପିତୃପୁରୁଷଙ୍କ ପିଣ୍ଡଦାନ କରିଥିଲେ। ସେହି ସମୟରେ ପିଣ୍ଡଦାନ କରିଥିବା ବ୍ରାହ୍ମଣ ତଥା ମନ୍ଦିରର ସେବାୟତମାନଙ୍କୁ ଦକ୍ଷିଣା ଦେବା ସହିତ ଭୋଜନ ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେବାୟତ ମାନେ ଦକ୍ଷିଣା ଆଣିବା ପାଇଁ ରାଷ୍ଟ୍ରପତି ଭବନକୁ ଯିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେତେବେଳେ ରାଷ୍ଟ୍ରପତି ଏଥିପାଇଁ ନିଜର ସମ୍ମତି ଜଣାଇଥିଲେ। ସେହି ସମୟରେ ରାଷ୍ଟ୍ରପତି ଦେଇଥିବା କଥାକୁ ପୁରଣ କରିଛନ୍ତି ରାଷ୍ଟ୍ରପତି। ରାଷ୍ଟ୍ରପତି ଭବନକୁ ସେବାୟତମାନଙ୍କୁ ଡାକି ବକେୟା ପାଉଣା ଦେଇଛନ୍ତି ରାଷ୍ଟ୍ରପତି। ଗତକାଲି ଠାରୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଅତିଥି ସାଜିଛନ୍ତି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଅଙ୍ଗଲାଗି ସେବାୟତ ପ୍ରତିନିଧି ଦଳ। ଗତକାଲି ଠାରୁ ସେବାୟତ ପରିଷଦର ସଭାପତି ଦେବୀପ୍ରସାଦ ପାଣିଙ୍କ ନେତୃତ୍ୱରେ ୫ ଜଣିଆ ସଦସ୍ୟ ଦଳ ରାଷ୍ଟ୍ରପତି ଭବନରେ ପହଞ୍ଚି ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ସାଙ୍ଗରେ ମା' ବିରଜା ମନ୍ଦିରର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଅଛନ୍ତି। ଏହି ଟିମ୍ ଆଗାମୀ ୩ ଦିନ ଧରି ନୂଆଦିଲ୍ଲୀରେ ରହି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।

**କଥା ରଖିଲେ ରାଷ୍ଟ୍ରପତି**

## ରଜପର୍ବ ପାଳନ ପାଇଁ ପ୍ରସ୍ତୁତି ବୈଠକ

**କୁଆଖିଆ, ୭।୬(ସମିସ):** ରସୁଲପୁର ବ୍ଲକ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରଭୁ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମ୍ପାଦକ ଗୋପାଳ ପାତ୍ରଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୪ତାରିଖ ରଜପର୍ବକୁ ନିଆରା ଢଙ୍ଗରେ ବ୍ରହ୍ମବରଦା ସ୍ଥିତ ବରିଷ୍ଠ ନାଗରିକ ଆବାସିକ ଗୃହ (ବୃଦ୍ଧାଶ୍ରମ)ଓ ସଂସ୍କାର ଗୋଶାଳାରେ ପାଳନ କରାଯିବ। ୧୬ତାରିଖ ପ୍ରଭୁ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଓ ୧୯ ତାରିଖ ପବିତ୍ର ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦହିପଣା ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ସୁଦାମ ଚରଣ ଦାସ, ଅରବିନ୍ଦ ଦାଶ, ମିଡ଼ିଆ ସେଲ ସମ୍ପାଦକ ମାନସ ମଲ୍ଲିକ, ବସନ୍ତ ପାତ୍ର, ମଣି ଶଙ୍କର ମଲ୍ଲିକ, ସୁମନ୍ତ ଶେଖର ରଥ, ସନ୍ତୋଷ ଦାସ, ପ୍ରଶାନ୍ତ ସ୍ୱାଇଁ, ସତ୍ୟ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ସ୍ମୃତିଚାରଣ



**ଦଶରଥପୁର, ୭।୬(ସମିସ):** ଦଶରଥପୁର ହାଇସ୍କୁଲ୍‌ସ୍ଥିତ ଦିଲୀପ ତିର୍କି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆଜି ଯାଜପୁର ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ୍ ପକ୍ଷରୁ ଓଡ଼ିଶାର ବଶିଷ୍ଟ କ୍ରୀଡ଼ା ପ୍ରଶାସକ ତଥା କ୍ରୀଡ଼ା ବିଭାଗର ପୂର୍ବତନ ସହ ନିର୍ଦ୍ଦେଶକ ଏବଂ କ୍ରୀଡ଼ା ସମୀକ୍ଷକ ଅଶୋକ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ରଗବୀ ଫୁଟବଲ ଆସୋସିଏସନର ଯୁଗ୍ମ ସମ୍ପାଦକ ତଥା ଜିଲ୍ଲା ସମ୍ପାଦକ ଭରତ ସାହୁ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରଦୀପ ଧଳ, ରଞ୍ଜନ ମହାନ୍ତି, କ୍ରୀଡ଼ା ସଙ୍ଗଠକ ବାସୁଦେବ ତାରାଇ, ରଗବୀ କୋଚ୍ ଅଜୟ ପ୍ରଧାନ, ବିଘ୍ନେଶ୍ୱର ମାଲିକ, ବିଶାଳ ଚୌଧୁରୀଙ୍କ ସମେତ ବହୁ କ୍ରୀଡାବିତ୍ ତାଙ୍କର ଅକାଳ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ତାଙ୍କର ସ୍ମୃତିଚାରଣ କରିଥଲେ।

## ଭାଗବତ ସପ୍ତାହ କାର୍ଯ୍ୟକ୍ରମ

**ବରୁଆଁ, ୭।୬(ସମିସ):** ଯାଜପୁର ବ୍ଲକ ଜମଧର ପଞ୍ଚାୟତ ରେକାବି ବଜାର ସ୍ଥିତ କାର୍ତ୍ତିକେଶ୍ୱର ପୀଠରେ ୧୩ ବର୍ଷରେ ପଦାର୍ପଣ କରିଥିବା ଭାଗବତ ସପ୍ତାହର ଶୁଭାରମ୍ଭ ହୋଇଛି। ଆଜି ଠାରୁ ଆଗାମୀ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ପୂଜକ ପ୍ରଦୀପ ପାଢ଼ୀ ଓ ସହଯୋଗୀ ଜୀବନ ଦାସଙ୍କ ଭାଗବତ ପଠନ ଓ ମନ୍ତ୍ର ଧ୍ୱନିରେ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ କର୍ତ୍ତା ଭାବେ ନାରାୟଣ ରଣା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ପରିଚିତ କଥାବାଚକଙ୍କ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ରେକାବି ବଜାରର ବ୍ୟବସାୟୀ ସ୍ଥାନୀୟ ବାସିନ୍ଦା କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରୁଛନ୍ତି।

# ଖାନନଗର ସ୍କୁଲରେ ଗୁରୁପୂଜନ ସମ୍ବର୍ଦ୍ଧନା



**କୟାଁଗୋଲା, ୭।୬(ସମିସ):** ଖାନନଗର ନୋଡାଲ ଉଚ୍ଚ ପ୍ରାଥମିକ ପୁରାତନ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ପକ୍ଷରୁ ଗୁରୁ ପୂଜନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୯୬୧ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ନିଜ ଗୁରୁଙ୍କୁ ସମ୍ମାନ ଜଣାଇଥିଲେ।ସଭାରେ ପୁରାତନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ପୁରାତନ ଶିକ୍ଷକ ବଂଶୀଧର ଦାସ, ଅନାଦି ଚରଣ ପାତ୍ର, ଶଶିକାନ୍ତ ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ପରିଡ଼ା, ଧ୍ରୁବଚରଣ ସାହୁ, କୀର୍ତ୍ତନ ବିହାରୀ ମଲ୍ଲିକ, ଦିବାକର ସାମଲ, ନରେନ୍ଦ୍ର ଦାସ ଏବଂ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାୟ, ବିଷ୍ଣୁଚରଣ ମହାନ୍ତି, ପୁଷ୍ପାଞ୍ଜଳି ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ନିଜ ଗୁରୁଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରେ ସିଲଭର ଜୁବୁଲି ପାଳନ କରାଯାଇଛି ଆଗାମୀ ଦିନରେ ସୁବର୍ଣ୍ଣ ଜୟନ୍ତୀ କିପରି ପାଳନ କରାଯିବ ସେ ନେଇ ପୁରାତନ ଶିକ୍ଷକ ଅନାଦି ଚରଣ ପାତ୍ର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ପୁରାତନ ଛାତ୍ର ସନ୍ତୋଷ ପୁଷ୍ଟି, ରମାକାନ୍ତ ମହାରଣା, ଭୋଳାନାଥ ସାହୁ, ବିଶ୍ୱଭୂଷଣ ବିଶ୍ୱାଳ, ବିରଜା ମଲ୍ଲିକ, ଭାଗୀରଥି ସାହୁ, ପ୍ରଶାନ୍ତ ସାହୁ, ପ୍ରତାପ ମହାପାତ୍ର, ପରୀକ୍ଷିତ ସାହୁ, ରଞ୍ଜନ କୁମାର ପୁଷ୍ଟି, ବିନୋଦ ମଲ୍ଲିକ, ମାମିନା ମଲ୍ଲିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ରବୀନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା ସହ ଅତିଥି ପରିଚୟ କରିଥିଲେ। ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**ଡିଫା କପ୍ ଫୁଟବଲଟୁର୍ଣ୍ଣାମେଣ୍ଟ**

# ସେମିରେ ୟଙ୍ଗ ଉତ୍କଳ କ୍ଲବ୍ କଟକ



**ଧର୍ମଶାଳା, ୭।୬(ସମିସ):** ଧର୍ମଶାଳା ଫୁଟବଲ ଆସୋସସିଏସନ ପକ୍ଷରୁ ବାନିପୀଠ ପଡ଼ିଆରେ ଚାଲିଥିବା ୨୮ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଭୁବନେଶ୍ୱରକୁ ୧-୦ ଗୋଲରେ ପରାସ୍ତ କରି ୟଙ୍ଗ ଉତ୍କଳ କ୍ଲବ କଟକ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଚହାଟା ସରପଞ୍ଚ ସୁମିତ୍ରା ସ୍ୱାଇଁ ଓ ରାଜ୍ୟ ରଗ୍‌ବି ସଂଘର ଯୁଗ୍ମ ସମ୍ପାଦକ ଭରତ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ମ୍ୟାଚରେ କଟକରେ ୟଙ୍ଗ ଉତ୍କଳ କ୍ଲବ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ସେମିରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ୟଙ୍ଗ ଉତ୍କଳ କ୍ଲବ କଟକର ପପୁନି ବିନ୍ଧାଣୀ ଗୋଟିଏ ଗୋଲ୍ କରି ଦଳକୁ ବିଜୟୀ କରିଥିବା ବେଳେ ପପୁନିଙ୍କୁ ଆଜି ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ଅତିଥି ଭରତ ସାହୁଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଜିର ଏହି ମ୍ୟାଚକୁ ଅବଦୁଲ ମାଟିନ ରେଫରି ଭାବେ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ଓଝା ଓ ଶୈଳେଶ ପାଣି ଲାଇନମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ସେକ ସଲିମ ରହିଥିଲେ। ଆସନ୍ତାକାଲି ୟୁନାଇଟେଡ୍ କ୍ଲବ ଭଦ୍ରକ ଓ ଆୟୋଜକ ଡିଫା ଧର୍ମଶାଳା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଗାଡ଼ି ଧକ୍କାରେ ମହିଳା ମୃତ

**ଯାଜପୁର, ୭।୬(ସମିସ):** ଯାଜପୁର ଟାଉନ ଥାନା ଅନ୍ତର୍ଗତ ମୋକେଇପୁର ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଟାଉନ ଥାନା ଅନ୍ତର୍ଗତ ସୁନ୍ଦରପୁର ଅଞ୍ଚଳର ସୁଶିଳା ଦାଶ (୫୬)। ସୁଶିଳା ନିଜ ଝିଅ ଘରକୁ ଆସୁଥିବା ବେଳେ ମୋକେଇପୁର ଛକ ନିକଟରେ ଛିଡ଼ା ହୋଇ ଝିଅ ପାଖକୁ ଫୋନ କରିଥିଲେ। ପରେ ଝିଅଘର ଲୋକେ ମୋକେଇପୁରରେ ପହଞ୍ଚିବା ବେଳକୁ ସୁଶିଳାଙ୍କ ମୃତଦେହ ପଡ଼ିଥିଲା। କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା କୁହାଯାଉଛି। ଦୁର୍ଘଟଣା ସ୍ଥଳରେ ଏକ ଆମ୍ବ ବ୍ୟାଗ ପଡ଼ିଥିବା ଦେଖିବାକୁ ମିଳିଛି। ଆଗକୁ ରଜ ଆସୁଥିବାରୁ ନିଜ ଝିଅ ଘରକୁ ରଜ ଭାର ନେଇ ଯାଉଥିବା କୁହାଯାଉଛି। ଖବର ପାଇ ଘଟଣାସ୍ଥଳରେ ଯାଜପୁର ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ଚାଷୀ ମୃତ

**ଧର୍ମଶାଳା, ୭।୬(ସମିସ):** ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତ ଗୁଣ୍ଡିଲୋ ମୌଜାରେ ବଜ୍ରପାତ ଘଟି ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଗୁଣ୍ଡିଲୋ ଗ୍ରାମର ସନ୍ତୋଷ ନାୟକଙ୍କ ପୁତ୍ର ସଂଗ୍ରାମ ନାୟକ (୨୨) ବୋଲି ଜଣାପଡ଼ିଛି। ସେ ଆଜି ଅପରାହ୍ନରେ ବିଲରେ କାମ କରୁଥିବା ବେଳେ କାଳ ବୈଶାଖୀର ପ୍ରଭାବରେ ବର୍ଷା ଝଡ ତୋଫାନ ସାଙ୍ଗକୁ ଭୀଷଣ ବଜ୍ରପାତ ହୋଇଥିଲା। ଏହି ସମୟରେ ତାଙ୍କୁ ବିଜୁଳି ମାରିବାରୁ ସେ ବିଲରେ ଟଳିପଡ଼ିଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ସନ୍ଧ୍ୟାରେ ସେ ବିଲରେ ପଡ଼ିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସେଠାରୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଲେମ୍ପ୍ରୋରେ ସ୍ୱାସ୍ଥ୍ୟସେବା ଶିବିର



**ସୁକିନ୍ଦା, ୭।୬(ସମିସ):** ଡୁବୁରୀସ୍ଥିତ ଶ୍ରୀବିନାୟକ ହସ୍ପିଟାଲ ଓ ସୁକିନ୍ଦା ପ୍ରେସ୍ କ୍ଲବର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ପ୍ରୋ ପଞ୍ଚାୟତର କବାଟ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ଗ୍ରାମର ୩୧୯ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଶ୍ରୀବିନାୟକ ହସ୍ପିଟାଲ ପ୍ରତିଷ୍ଠାତା ଉମେଶ କୁମାର ସାମଲ ଏବଂ ସୁକିନ୍ଦା ପ୍ରେସ୍ କ୍ଲବ ସଭାପତି ବିଶ୍ୱଜିତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭେଷଜ ବିଶେଷଜ୍ଞ ଡ. ଚିତ୍ତରଞ୍ଜନ ନାୟକ, ଯକୃତ ରୋଗ ବିଶେଷଜ୍ଞ ଡ. ପ୍ରବିନ ମାଝୀ ଉପସ୍ଥିତ ରହି ଚିକିତ୍ସା କରିଥିଲେ। ପ୍ରଦୀପ କୁମାର ଦାଶ, ବିନାୟକ ସାମଲ, ଅର୍ପିତା ଦେହୁରୀ, ଶ୍ୱେତରେଖା ମାଝୀ, ଚନ୍ଦନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ଏବଂ ବୃକ୍ଷ ରୋପଣ କାର୍ଯ୍ୟକୁ ମିଳିତ ଭାବରେ ଜାରି ରଖିବାକୁ ପ୍ରେସ୍ କ୍ଲବ ଏବଂ ଚିକିତ୍ସାଳୟ କର୍ତ୍ତୃପକ୍ଷ ଶପଥ କରିଥିଲେ।

# ଜାତୀୟ ରାଜପଥ ପାର୍ଶ୍ୱରେ ମାଂସ ଦୋକାନକୁ ନେଇ ଅସନ୍ତୋଷ

**କୁଆଖିଆ, ୭।୬(ସମିସ):** କେହି ମାନୁନାହାନ୍ତି ସରକାରୀ ନିୟମ। ଖୋଲାଖୋଲି ଉଲ୍ଲଙ୍ଘନ ହେଉଚି ଆଇନ୍‌କାନୁନ୍। ଜାତୀୟ ରାଜପଥ ସହ ରାଜ୍ୟ ରାଜପଥ କଡ଼ରେ ଖୁଲମଖୁଲା ଚାଲୁଛି ମାଂସ କଟା। ଦିନ ଦ୍ୱିପ୍ରହରରେ ହେଉଛି ଜୀବହତ୍ୟା। ଯାହାକୁ ନେଇ ସାଧାରଣରେ ସୃଷ୍ଟି ହୋଇଛି ଅସନ୍ତୋଷ।

ଭାରତ ସରକାରଙ୍କ ଦ୍ୱାରା ୧୯୬୦ ଜୀବ ନିଷ୍ଠୁରତା ସୁରକ୍ଷା ଆଇନ୍‌ରେ, ୧୯୮୮ ସଡକ ସୁରକ୍ଷା ଆଇନ୍ ଏବଂ ୧୯୮୬ ପରିବେଶ ସୁରକ୍ଷା ଆଇନର ସର୍ବସାଧାରଣ ସ୍ଥାନରେ କୌଣସି ଜୀବଜନ୍ତୁଙ୍କୁ ହାଣିବା ତଥା ମାରିବା ସମ୍ପୂର୍ଣ୍ଣ ବେଆଇନ୍ କାର୍ଯ୍ୟ ବୋଲି ଦର୍ଶାଯାଇଛି। ଏହି ଆଇନ୍ ଅନୁସାରେ କେହି ମାଂସ କିମ୍ବା ଚିକେନ୍ ଦୋକାନ ଖୋଲିବା ପୂର୍ବର ବୈଧ ପ୍ରମାଣପତ୍ର ସ୍ଥାନୀୟ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନଠାରୁ ଆଣିବା ଦରକାର। ରାସ୍ତାଠାରୁ ୧୦୦ ମିଟର ଦୂରରେ ବଣଜଙ୍ଗଲ ଘେରା ଅଞ୍ଚଳରେ ଏପରି ଦୋକାନ ଖୋଲିବାର ଅନୁମତି ରହିଛି। ଯଦି ଜଣେ ବ୍ୟକ୍ତି ସଡ଼କ ପଥପାର୍ଶ୍ୱରେ ନିଜର ଘରୋଇ ଜମିଥାଏ; ସେ ଏହି ବର୍ଗର ଦୋକାନ ଖୋଲିବା କିମ୍ବା ଭଡ଼ା ଦେବା ସମ୍ପୂର୍ଣ୍ଣ ବେଆଇନ୍ ଅଟେ। କିନ୍ତୁ ଏହି ଆଇନକୁ କେହି ବି ମାନୁନାହାନ୍ତି କି ନିୟମ ସମ୍ପର୍କରେ କେହି ଜାଣିଥିବା ପରି ମନେ ହେଉଛି। ଯାଜପୁର ଜିଲ୍ଲା ଦେଇ ଯାଇଥିବା ଦୁଇ ଜାତୀୟ ରାଜପଥ ୧୬ ନଂ, ୨୦ ନଂ, ସହ ରାଜ୍ୟ ରାଜପଥ ଏବଂ ଅନ୍ୟ ପୂର୍ତ୍ତ ତଥା ଆର୍‌ଡି ରାସ୍ତା ପାର୍ଶ୍ୱରେ ଖୋଲିଖୋଲି ବିଭିନ୍ନ ଚିକେନ୍ ଦୋକାନ, ମାଂସ କଟା ଦୋକାନ ଖୋଲିଛି। ରାସ୍ତା ପାର୍ଶ୍ୱରେ ଛେଳି, କୁକୁଡ଼ା ମାରି ଦୋକାନ ଖୋଲାଖୋଲି ଝୁଲାଇ ରଖିଛନ୍ତି। ସକାଳୁ ରାତି୧୦ଟାଶ ପର୍ଯ୍ୟନ୍ତ ଏମିତି ରାସ୍ତାପାର୍ଶ୍ୱରେ ଜୀବହତ୍ୟା ହୋଇ ମାଂସ ବିକ୍ରି ଚାଲୁଥିଲେ ମଧ୍ୟ କାହାରି ନଜର ପଡୁନି କି କେହି ପ୍ରତିବାଦ ମଧ୍ୟ କରୁନାହାନ୍ତି। ଫଳରେ ଏହି ଜୀବହତ୍ୟାର କୁପ୍ରଭାବ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ନାବାଳକଙ୍କ ଉପରେ ପଡୁଛି। ବିଶେଷ କରି ଛାତ୍ରଛାତ୍ରୀଙ୍କୁ ଏହା ବେଶି ପ୍ରଭାବିତ କରୁଛି। ଏହି ବର୍ଗର ଦୋକାନ ଗୁଡିକ ରାସ୍ତା ପାର୍ଶ୍ୱରେ ଖୋଲାଗଲେ ଟ୍ରାଫିକ୍ ଜାମ୍ ହେବା ସହ ଗାଡ଼ି ଦୁର୍ଘଟଣା ରାସ୍ତା ଉପରେ ବୃଦ୍ଧି ପାଇବା ସହ ସାମାଜିକ ଶୃଙ୍ଖଳା ଉପରେ ଏହାର ଘୋର ପ୍ରଭାବ ପଡୁଛି। ଅନ୍ୟ ପକ୍ଷରେ ପରିବେଶ ସୁରକ୍ଷା ଆଇନ୍ ଅନୁସାରେ ସମାଜର ଗୋଟିଏ ସୁସ୍ଥ ପରିବେଶକୁ ତଥା ସାମାଜିକ ଏବଂ ଧାର୍ମିକ ପରମ୍ପରାକୁ ଉଲ୍ଲଙ୍ଘନ କରୁଛି। କେବଳ ରାସ୍ତାପାର୍ଶ୍ୱ ନୁହେଁ, ଏପରିକି ଧାର୍ମିକ ସ୍ଥାନ, ସ୍କୁଲ କଲେଜ ନିକଟରେ ମଧ୍ୟ ଚିକେନ୍, ମାଂସ ଦୋକାନ ଖୋଲିଛି। ଫଳରେ ଏହି ସବୁ ଦୋକାନରୁ ନିର୍ଗତ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ବିଶେଷ କରି ଗଡ଼ିପାଡି ଛକ, କୁଆଖିଆ, ମୁଗୁପାଳ, ବରାଂଶ ଛକ, ହରିପୁର, ମହେଶ୍ୱରପୁର, ବରୁଆଁ, ବାଲିପାଟଣା, ମୁଳାପାଳ, ଗୋପାଳପୁର, ମଧୁବନ ହାଇସ୍କୁଲ ଛକ, ସାହାପୁର, ବ୍ରହ୍ମବରଦା, ଧର୍ମଶାଳା ପ୍ରଭୃତି ଶତାଧିକ ସ୍ଥାନରେ ଏହି ବର୍ଗର ଦୋକାନ ଆଇନ୍ ଉଲ୍ଲଙ୍ଘନ କରି ବ୍ୟବସାୟ ଚଳାଉଛନ୍ତି। କୁଆଖିଆରୁ ଏନ୍‌ଏଚ୍ ୨୦ ପାର୍ଶ୍ୱରେ ବରୁଆଁ-ଗଜିପାଡି ଛକ ମଧ୍ୟରେ ଶହେରୁ ଊର୍ଦ୍ଧ୍ୱ ମଟନ, ଚିକେନ୍ ଦୋକାନ ରହିଛି। ତେଣୁ ପ୍ରଶାସନ ଏ ନେଇ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା**

# ଯୋଡ଼ି ହୋଇପାରୁନି ନୂଆ ହିତାଧିକାରୀ ନାମ

**ଦଶରଥପୁର, ୭।୬(ସମିସ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ମିଳିଛି। ମାତ୍ର ସେହି କାର୍ଡରେ ପରିବାରର ନୂତନ ସଦସ୍ୟଙ୍କ ନାମ ସଂଯୋଗ ହୋଇପାରୁନି। ଏପରିକି ପୂର୍ବରୁ କୌଣସି କାରଣରୁ ରାସନ କାର୍ଡରୁ ବାଦ ପଡ଼ିବା ପରେ ତଦନ୍ତରେ ଯୋଗ୍ୟ ବିବେଚିତ ପରିବାର ସଦସ୍ୟଙ୍କ ନାମ ଯୋଡ଼ିହୋଇପାରୁନି। ଫଳରେ ରାସନ କାର୍ଡ ଜରିଆରେ ମିଳିବାକୁ ଥିବା ବିଭିନ୍ନ ସରକାରୀ ସୁବିଧାରୁ ଦୀର୍ଘ ମାସ ହେବ ବଞ୍ଚିତ ହେଉଛନ୍ତି ଦଶରଥପୁର ବ୍ଲକ ଅଧୀନରେ ଥିବା ସାହସ୍ରାଧିକ ଯୋଗ୍ୟ ହିତାଧିକାରୀ। ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ଥିବା ପରିବାର ସଦସ୍ୟଙ୍କ ନାମ ସଂଯୋଗ ହୋଇପାରୁଥିବା ବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କ୍ଷେତ୍ରରେ ତାହା ସମ୍ଭବପର ହୋଇପାରୁନି। ସମସ୍ୟା ବାବଦରେ ବ୍ଲକର ହଜାର ହଜାର ଯୋଗ୍ୟ ହିତାଧିକାରୀ ବ୍ଲକ, ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ଅଧିକାରୀଙ୍କ ନିକଟରେ ଗୁହାରି କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ପନ୍ଥା କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ଥିବା କହି ବିଭାଗୀୟ ଅଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ୩୫ ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେବା ସମୟରୁ ବିଭିନ୍ନ କାରଣରୁ ହଜାର ହଜାର ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଥିଲେ। ଇତି ମଧ୍ୟରେ ଯୋଜନା କାର୍ଯ୍ୟକାରୀ ହେବାକୁ ୧୦ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଯୋଜନାରେ ନୂତନ ସଦସ୍ୟଙ୍କ ନାମ ସଂଯୋଗ ହୋଇପାରୁନଥିବାରୁ ହଜାର ହଜାର ସଂଖ୍ୟକ ସାଧାରଣଲୋକ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପର୍କିତ ଆୟୁଷ୍ମାନ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏଥି ନେଇ ବଞ୍ଚିତ ହିତାଧିକାରୀ ଜିଲ୍ଲାପାଳଙ୍କ ଜନଶୁଣାଣି ଠାରୁ ଆରମ୍ଭ କରି ବିଧାୟକ, ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଅଭିଯୋଗ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନି।ରେସନ କାର୍ଡରେ ନାମ ନଥିବାରୁ କେବଳ ଖାଦ୍ୟ ସାମଗ୍ରୀ ନୁହେଁ ସ୍ୱାସ୍ଥ୍ୟ ସେବା, ଛାତ୍ରବୃତ୍ତି, ଆର୍ଥିକ ସ୍ୱଚ୍ଛଳତା ପ୍ରମାଣପତ୍ର ସହିତ ଅନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବ୍ଲକ ଯୋଗାଣ ବିଭାଗର ସୂଚନା ମୁତାବକ ରାସନ କାର୍ଡରେ ଅନ୍ତର୍ଭୁକ୍ତ ଶତାଧିକ ମୃତ ହିତାଧିକାରୀଙ୍କ ସମେତ ବିଭିନ୍ନ କାରଣରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ପାଖାପାଖି ସାଢ଼େ ତିନି ହଜାର ହିତାଧିକାରୀଙ୍କ ନାମ ବାଦ ପଡ଼ିଥିବା ବେଳେ ସେହି ସ୍ଥାନରେ ନୂତନ ହିତାଧିକାରୀଙ୍କୁ ଯୋଡିବାକୁ ଦାବି ହେଉଥିଲେ ମଧ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ପୋର୍ଟାଲ ବନ୍ଦ ଥିବାରୁ ରାସନ କାର୍ଡରେ ନୂତନ ସଦସ୍ୟଙ୍କ ନାମ ଯୋଡ଼ିହୋଇପାରୁନାହିଁ ବୋଲି ବ୍ଲକ ଯୋଗାଣ ନିରୀକ୍ଷିକା ସୁଶ୍ରୀ ସ୍ମିତି ପ୍ରଜ୍ଞା ସୂଚନା ଦେଇଛନ୍ତି। ଯଦି ସରକାର ସମସ୍ୟାକୁ ଗୁରୁତ୍ୱ ଦେବା ସହିତ ନୂତନ ହିତାଧିକାରୀଙ୍କୁ ସାମିଲ କରିବାକୁ ପଦକ୍ଷେପ ଗ୍ରହଣ କରନ୍ତେ ତେବେ ଅନେକ ହିତାଧିକାରୀ ବିଭିନ୍ନ ସରକାରୀ ସୁବିଧା ପାଇପାରନ୍ତେ ବୋଲି ସାଧାରଣରେ ଦାବି ହୋଇଛି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା

## ଟାଙ୍ଗୀର ୪ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଟାଙ୍ଗୀ, ୭।୬ (ସମିସ): ଆଜି ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧାର କୁମାରବସ୍ତ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ରାଜ୍ୟରେ ୨୦୪ଟି ପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରିଛନ୍ତି। ଏହି ଆଧାରରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକରେ ୪ଟି ପ୍ରାଥମିକ ବିଦ୍ୟାଳୟ ସାମିଲ ହୋଇଛି। ଏହି ତାଲିକାରେ କୁଞ୍ଜୁରୀ ପଞ୍ଚାୟତ ନରମାନବୀ ଉଚ୍ଚ ବିଦ୍ୟାଳୟ, କମାଗୁରୁ ଉଚ୍ଚ ବିଦ୍ୟାଳୟ, କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ, ନିରାକାରପୁର ଓ ଜରିଆ ଉପ୍ରା ବିଦ୍ୟାଳୟକୁ ଏହି ସୁଯୋଗ ମିଳିଛି। ଏହି ଆଧାରରେ ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ ନରମାନବୀରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, କୁଞ୍ଜୁରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ସାମନ୍ତରାୟ, ସମିତି ସଭ୍ୟା ଜ୍ୟୋସ୍ନାରାଣୀ ପ୍ରଧାନ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଳନ୍ଦୀ ବେହେରା, କ୍ଲଷ୍ଟର ସଂଯୋଜକ ରମେଶ ବେହେରା ଆଦି ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ଅଶୋକ ବେହେରା, ଆଲୁମିନ ସଭାପତି ତପନ ବେହେରା, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଶିକ୍ଷକ ରାଜେନ୍ଦ୍ର ନାରାୟଣ ସ୍ୱାଇଁ,ବୀରେନ୍ଦ୍ର କୁମାର ସାହୁ, ଆଶା କର୍ମୀ ମଞ୍ଜୁବାଳା ସୁନ୍ଦରା, ପଞ୍ଚାୟତ ପିଇଓ ଓ କୁହୁଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## କମାଗୁରୁ ବିଦ୍ୟାଳୟ ପରିସରରେ ଶିଳାନ୍ୟାସ



ନିରାକାରପୁର, ୭।୬ (ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସୁନ୍ଦରାୟ, ଭାଗୀରଥି ସାମନ୍ତରାୟ, କମାଗୁରୁ ଗ୍ରାମପଞ୍ଚାୟତର ସରପଞ୍ଚ ସୁନୀତା ଚମ୍ପତି, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାମ୍ବଲ, ପୂର୍ବତନ ସରପଞ୍ଚ ମନୋରଞ୍ଜନ କୁମାର ଚମ୍ପତି, ସମାଜସେବୀ ସନ୍ତୋଷ କୁମାର ଦାମ୍ବଲ, ବିଦ୍ୟାଳୟପରିଚାଳନା କମିଟିର ସଭାପତି ବବ୍ରୁବାହନ ସାହୁ, ବିଦ୍ୟାଳୟ ଆଲୁମିନି କମିଟିର ସଭାପତି ମାଧବ ଚନ୍ଦ୍ର ମାଝୀ ଏବଂ ସମାଜସେବୀ ମାଧବ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହା ସହିତ ଗ୍ରାମର ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟରେ ସରକାରଙ୍କ ଉନ୍ନତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ଗର୍ବ ଅନୁଭବ କରିଛନ୍ତି।

## ଭାଷଣ ଦେଖିବାରୁ ବଞ୍ଚିତ ହେଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା: ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିବନ୍ଧ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟରରେ ଚାଲିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶୁଭ ଉଦଘାଟନ ଅବସରରେ ସିଧା ପ୍ରସାରଣରେ ସାମୟିକ ସମୟ ପାଇଁ ବ୍ୟାଘାତ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବୋଲଗଡ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଭାଷଣର ସିଧା ପ୍ରସାରଣ ସମୟରେ ଏଲଇଡି ଡିସପ୍ଲେ ତ୍ରୁଟି ଦେଖା ଦେଇଥିଲା। କାର୍ଯ୍ୟକ୍ରମରେ ବୋଲଗଡ ବିଡିଓ ସୁମନ ସୁଧା କୁଣ୍ଡୁ ଉପସ୍ଥିତ ଥିଲେ ମଧ୍ୟ କିଁ କର୍ତ୍ତବ୍ୟ ବିମୁଢ଼ ହୋଇ ଅନ୍ୟ ଏକ ଟିଭି ଅଣା ଯାଇ କାର୍ଯ୍ୟକ୍ରମକୁ ଦେଖିଥିଲେ। ଏଥିରେ ବ୍ଲକ ପ୍ରଶାସନର କିଭଳି ଦାୟିତ୍ୱ ତୁଲାଇଛନ୍ତି ଘଟଣାରୁ ସ୍ପଷ୍ଟ ଭାବରେ ବାରି ହୋଇ ପଡୁଛି। ତେବେ ଏହା ଘଟଣା ବିଜୁଳି ବେଗରେ ପ୍ରଚାରିତ ହେବାରୁ ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଘଟଣା ସ୍ଥଳରେ ସ୍କୁଲ୍ ହେଡ୍ ମାଷ୍ଟର, ପଞ୍ଚାୟତ ପିଇଓ ଓ ସହକାରୀ ଶିକ୍ଷା ଅଧିକାରୀ ନୀରବ ଦର୍ଶକ ଭଳି ବସି ରହିଥିଲେ।

## କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



ଖୋର୍ଦ୍ଧା: ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଗ୍ରସ୍ତ କରିଛନ୍ତି। ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ଆଜି ମୁଖ୍ୟମନ୍ତ୍ରୀ ସ୍ଥାପନ କରିଛନ୍ତି। ତେବେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ନିଯୁକ୍ତି ଓ ସୁଶାସନ ପ୍ରଦାନରେ ଅକ୍ଷମତା ଦର୍ଶାଇ କଂଗ୍ରେସ ନେତ୍ରୀମାନେ ଆଜି କଳା ଶାଢ଼ି ପିନ୍ଧି ପ୍ରତିବାଦ କରିବା ଆଶଙ୍କା କରି ଜିଲ୍ଲା ପୁଲିସ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇ ଆଣି ସାଢ଼େ ୬ ଘଣ୍ଟା ଅଟକ ରଖିଥିଲା। ଶିଳ୍ପାଞ୍ଚଳ ପୁଲିସ ପୂର୍ବାହ୍ନ ୯ଟାରୁ କଂଗ୍ରେସ ନେତ୍ରୀ ତଥା ରାଜ୍ୟ ମୁଖପାତ୍ର ସୋନାଲୀ ସାହୁଙ୍କୁ ତାଙ୍କ ଘରୁ ଓ ତାଙ୍କର ସମର୍ଥକଙ୍କୁ ଆଣି ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କ ଗ୍ରସ୍ତ ପରେ ଅପରାହ୍ନ ୩ ଟାରେ ସମସ୍ତ କଂଗ୍ରେସ କର୍ମୀଙ୍କୁ ଛଡ଼ାଯାଇଥିବା ଥାନା ପକ୍ଷରୁ କୁହାଯାଇଛି।

## ଗୋପବନ୍ଧୁ ଯୁବ କଳା ପରିଷଦର ନାଟକ ମଞ୍ଚସ୍ଥ

ଟାଙ୍ଗୀ, ୭।୬ (ସମିସ): ଚାନ୍ଦପୁର ଗୋପବନ୍ଧୁ ଯୁବ କଳା ପରିଷଦ ଆନୁକୂଲ୍ୟରେ ପ୍ରଥମଦିନ "ଆଖିର ଜନମ କାନ୍ଦିବା ପାଇଁ" ଏବଂ ଦ୍ୱିତୀୟ ଦିବସରେ 'ମଝି ନଈରେ ମୋ ଜୀବନ ଡଙ୍ଗା' ନାଟକ ମଞ୍ଚସ୍ଥ ହୋଇଯାଇଛି। ଶିକ୍ଷକ ରବୀନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଏବଂ ସମ୍ମାନିତ ଅତିଥି ଭାବରେ ଭଗବାନ ପାତ୍ର, ଶିବପ୍ରସାଦ ସାହୁ, ଅଶୋକ ସ୍ୱାଇଁ, ରାମକୃଷ୍ଣ ସାମନ୍ତରାୟ, ସାହି ସଭାପତି ବିରଞ୍ଚି ନାରାୟଣ ସାହୁ, ପଦ୍ମଚରଣ ପ୍ରଧାନ, ତପନ ପଲ୍ଲେଇ, ପ୍ରଜ୍ଞା ପାରମିତା ସିଂ, ଅକ୍ଷୟ କୁମାର ସାହୁ, ପ୍ରଦୀପ ସେନାପତି ନାଟ୍ୟ ନିର୍ଦ୍ଦେଶକ ଦୁଃଶାସନ ମଲ୍ଲିକ ଏବଂ ବିକ୍ରମ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସରୋଜ ସେଠୀ, ଦେବେନ୍ଦ୍ର ପଲେଇ, ସଞ୍ଜୟ ସାମନ୍ତରାୟ, ପ୍ରମୋଦ ସାହୁ, ପ୍ରସନ୍ନ ସାହୁ ବିକାଶ ନାୟକଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ମୁଖ୍ୟଅତିଥି ପରିଷଦ ପାଇଁ ଏକ ଆଖଡ଼ା ଗୃହ ଏବଂ ସଂଗୀତ ନାଟକ ଏକାଡେମୀ ସହିତ କଳାକାର ମାନଙ୍କୁ ସାମିଲ କରାଇବାର ପ୍ରତିଶ୍ରୁତି ଦେଇଥିଲେ।

## ଚିତ୍ରକୂଟ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ



ନିରାକାରପୁର, ୭।୬ (ସମିସ): ଖୋର୍ଦ୍ଧା ଜିଲ୍ଲା କାଶୀପୁର ଚିତ୍ରକୂଟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ପ୍ରସିଦ୍ଧ ମା' ଭୈରବୀ ପୀଠ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ ପ୍ରତିଭାବାନ କୃତୀ ଛାତ୍ରଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଶୁଭେଚ୍ଛୁ ନିରଞ୍ଜନ ଦଳେଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ୱାର୍ଡମେମ୍ବର ନକୁଳ ସାହୁ ଏବଂ ବିଶିଷ୍ଟ ଶିକ୍ଷକ ପତିତ ପାବନ ବଳିଆରସିଂ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କୈଳାଶ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସ୍ୱତନ୍ତ୍ର ଅବସରରେ ସାମାଜିକ ସଂଗଠନ 'ସହଯୋଗ'ର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ସହିତ ନବୋଦୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବା କୃତୀ ଛାତ୍ର ସାଇ ପ୍ରତ୍ୟୁଷ ବେହେରା, ଶିକ୍ଷକତା କ୍ଷେତ୍ରରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ସୋନୁପ୍ରିୟା ପେଣ୍ଟୋଇ, ପ୍ରତିଷ୍ଠାତା ସଦସ୍ୟ ଦୋଳଗୋବିନ୍ଦ ପ୍ରଧାନ ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗୀ ରାକେଶ ପରିଡ଼ା, ବିଶ୍ୱନାଥ ଦଳେଇ, ପ୍ରତାପ ପ୍ରଧାନ, ତୁଷାର ସାହୁ, ଶଶିଭୂଷଣ ବିଶ୍ୱାଳ, ନୃସିଂହ ଦଳେଇ, ସମାଜସେବୀ ହେମନ୍ତ ସାମନ୍ତରାୟ ଏବଂ ରବିନାରାୟଣ ବାରିକ ପ୍ରମୁଖ ସହଯୋଗ କରିଥିଲେ।

● ଅବକାରୀ ବିଭାଗ ଓ ରେଳବାଇ ପୁଲିସର ମିଳିତ ଚଢ଼ଉ

## ୨୨କେଜି ଗଞ୍ଜେଇ ଜବତ; ଜଣେ ଗିରଫ



ବାଲୁଗାଁ, ୭।୬ (ସମିସ): ଟାଙ୍ଗୀ ଓ ବାଲୁଗାଁ ଅବକାରୀ ବିଭାଗ ଏବଂ ରେଳବାଇ ପୁଲିସ ମିଳିତ ଭାବେ ରବିବାର ସକାଳେ ବାଲୁଗାଁ ରେଳଷ୍ଟେସନରେ ଚଢ଼ଉ କରି ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ତା' ନିକଟରୁ ୨୨ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୁଜୁରାଟ ରାଜ୍ୟର ଗାନ୍ଧୀନଗର ଜିଲ୍ଲା ପେଠାପୁର ଥାନା ଅନ୍ତର୍ଗତ ଅଞ୍ଚଳର ମହମ୍ମଦ ସଲମାନ (୩୨) ହୋଇଥିବା ବେଳେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ସୂଚନା ମୁତାବକ, ବାଲୁଗାଁରୁ ଟ୍ରେନ ଯୋଗେ ବେଆଇନ ଭାବେ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ କୌଣସି ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ରେଳବାଇ ପୁଲିସ ସହାୟତାରେ ମିଳିତ ଭାବେ ସଦଳ ବଳେ ରବିବାର ସକାଳେ ବାଲୁଗାଁ ରେଳଷ୍ଟେସନରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ମହମ୍ମଦ ସଲମାନ ନାମକ ଜଣେ ଯୁବକ ଦୁଇଟି ଲଗେଜ ବ୍ୟାଗ ଧରି ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ବିଶାଖା ଏକ୍ସପ୍ରେସ ଟ୍ରେନ୍ ଯୋଗେ ଯିବା ପାଇଁ ଅପେକ୍ଷାରତ ଥିବା ବେଳେ ସନ୍ଦେହ କରି ତାକୁ ଅଟକ ରଖି ବ୍ୟାଗ ଦୁଇଟିକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ ଦୁଇ ବ୍ୟାଗରୁ ୨୨ କେଜି ଗଞ୍ଜେଇ ସହ ଏକ ମୋବାଇଲ ଫୋନ ଜବତ କରିଥିଲେ। ତେବେ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀ ମହମ୍ମଦ ସଲମାନକୁ ଗିରଫ କରିଥିବା ବେଳେ ଏହି ଗଞ୍ଜେଇ ଗୁଜୁରାଟ ଚାଲାଣ ହେଉଥିବା ନେଇ ଅଭିଯୁକ୍ତ କହିଥିଲା। ଏସଂକ୍ରାନ୍ତରେ ଟାଙ୍ଗୀ ରେଞ୍ଜ ଅବକାରୀ ବିଭାଗ କେସ୍ ନଂ ୨୩/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଉକ୍ତ ଚଢ଼ଉରେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ର, ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନା, ଅବକାରୀ ବିଭାଗର ଅନିଲ କୁମାର ପ୍ରଧାନ, ସତ୍ୟବତ ମାଝୀ ଏବଂ ରେଳବାଇ ପୁଲିସ ଏସଆଇ ତପନ କୁମାର ନାୟକ, କୃଷ୍ଣଚନ୍ଦ୍ର ସାହୁ, କନଷ୍ଟେବଳ ପିଏଲ ରେଡ୍ଡୀ ଓ ଏନଏମ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

## ଗୋବିନ୍ଦପୁରରେ ଶୀତଳ ଷଷ୍ଠୀ ମହୋତ୍ସବ

ବେଗୁନିଆ, ୭।୬ (ସମିସ): ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଶୀତଳ ଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ ଚାରି ଦିନ ଧରି ମହୋତ୍ସବ ଚାଲୁ ରହିବ। ଏଥିରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଳାକାର ଦଳ ଓ ଆଞ୍ଚଳିକ କଳାକାର ମାନେ ଉପସ୍ଥିତ ରହି ନୃତ୍ୟ ଏବଂ ଗୀତ ପରିବେଷଣ ସହ ଏକ ସାଧାରଣ ସଭାର ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।

● ଚମ୍ପାଇଲୋ ସିପିଏଲ୍ କ୍ରିକେଟ ସିଜିନ -

## ମା'ବଘେଇ ବ୍ଲାଷ୍ଟର ବିଜୟୀ



ବୋଲଗଡ଼, ୭।୬ (ସମିସ): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମ ଖେଳପଡିଆରେ ଚାଲିଥିବା ଷଷ୍ଠ ସଂସ୍କରଣ "ଚମ୍ପାଇଲୋ ପ୍ରିମିୟର ଲିଗ୍ (ସିପିଏଲ) ସିଜିନ -୬ ଟୁର୍ଣ୍ଣାମେଣ୍ଟର ୪ର୍ଥ ମ୍ୟାଚରେ ଆରବ ରାଇଡର୍ସ ୟୁନାଟେଡ ଟିମ୍‌କୁ ହରାଇ ମା'ବଘେଇ ବ୍ଲାଷ୍ଟର ଟିମ ବିଜୟୀ ହୋଇଛି। ମା'ବଘେଇ ବ୍ଲାଷ୍ଟର ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୩ଉଇକେଟ୍ ହରାଇ ୨୧୮ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ୨୧୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆରବ ରାଇଡର୍ସ ଦଳ ୧୨ ଓଭରରେ ୬ ଉଇକେଟ୍ ବିନିମୟରେ ୧୭୦ ରନ୍ କରିଥିଲା। ପୂର୍ବତନ ସମିତସଭ୍ୟ ପ୍ରମୋଦ ପ୍ରତାପସିଂହ, ସମାଜସେବୀ ଭରତ ଶ୍ରୀଚନ୍ଦନ ଓ ସ୍ୱାସ୍ଥ୍ୟକର୍ମୀ ଗୋବର୍ଦ୍ଧନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବେ ମନୋଜ ସୁନ୍ଦରାୟ ଓ ସାଗର ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଖେଳାଳି ଜଗନ ଦାଶ ଙ୍କୁ "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ କରାଯାଇଛି।

■ ବୋଲଗଡ଼ ଓଭରବ୍ରିଜ୍‌ରେ ଦୁର୍ଘଟଣା

## ଗାଡ଼ି ଧକ୍କାରେ ଯୁବକ ମୃତ

ବୋଲଗଡ଼, ୭।୬ (ସମିସ): ବଲାଙ୍ଗିର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ବୋଲଗଡ଼ ଓଭରବ୍ରିଜ୍ ଉପରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ବୋଲଗଡ଼ ଥାନା ଦଳେଇସାହି ପଞ୍ଚାୟତ ରାମଚନ୍ଦ୍ରପୁରପାଟଣା ଗ୍ରାମର ତରେଶ୍ୱର ସାହୁଙ୍କ ପୁତ୍ର ଜୀବନ କୁମାର ସାହୁ ବୋଲି ଜଣାପଡ଼ିଛି। ମିଳିଥିବା ସୁଚନା ଅନୁଯାୟୀ ତାଙ୍କର କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିବାର କୁହାଯାଉଛି। ସେ ବୋଲଗଡ଼ ରୁ ନିଜ କାର୍ଯ୍ୟ ସାରି ଘରକୁ ସାଇକଲ ଯୋଗେ ଫେରୁଥିବା ସମୟରେ ଓଭରବ୍ରିଜ୍ ଉପରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିବାର କୁହାଯାଉଛି କ୍ଷଖବର ପାଇ ବୋଲଗଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାର ଅନୁସନ୍ଧାନ ଓ ତଦନ୍ତ ଚଳାଇଛି।

## ନିରାକାରପୁରରେ ଉତ୍କଳ ସମ୍ମିଳନୀ ଶାଖା ଉଦ୍‌ଘାଟିତ



ନିରାକାରପୁର, ୭।୬ (ସମିସ): ରାଜ୍ୟ କେନ୍ଦ୍ରୀୟ କମିଟିର ଅନୁମୋଦନ କ୍ରମେ ନିରାକାରପୁରରେ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ସଭାରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ରାଜ୍ୟ ସମ୍ପାଦକ ଆଡ୍‌ଭୋକେଟ ଦିଲ୍ଲୀପ ଦାସଶର୍ମା, ରାଜ୍ୟ ଉପସଭାପତି ଅଧକ୍ଷ ଡ. ସୁରେନ୍ଦ୍ର ମିଶ୍ର, ଖୋର୍ଦ୍ଧା ଜିଲ୍ଲା ସଭାପତି ଆଡ୍‌ଭୋକେଟ ଶକ୍ତି ଶଙ୍କର ମିଶ୍ର ଉପସ୍ଥିତ ରହି ଉତ୍କଳ ସମ୍ମିଳନୀ ଶାଖା ଉଦ୍ଘାଟନ କରିଥିଲେ। ଏଥିରେ ନାରାୟଣ ଶତପଥୀ, କାଶୀନାଥ ପାଣିଗ୍ରାହୀ, ହିମାଂଶୁ ଭୂଷଣ ଚମ୍ପତିରାୟ, ଶଙ୍କର୍ଷଣ ପ୍ରଧାନ, ସୁରେଖା ଦାଶ, ଗୋବିନ୍ଦ ବିଷୋୟୀ, ଚିତ୍ତରଞ୍ଜନ ମାର୍ଥା, ବୈନେତେୟ ନାରାୟଣ ଦାଶ ଏବଂ ପଦିଆ କାଣ୍ଡିଙ୍କୁ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା।

## ଗୁରୁଜଙ୍ଗ ହାଇସ୍କୁଲରେ ନୂତନ ପ୍ରଧାନ ଶିକ୍ଷକ

ଖୋର୍ଦ୍ଧା, ୭।୬ (ସମିସ): ଖୋର୍ଦ୍ଧାର ଅଗ୍ରଣୀ ହାଇସ୍କୁଲ ଗୁରୁଜଙ୍ଗରେ ବିଭୂତି ଭୂଷଣ ଜେନା ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକ ନୂତନ ପ୍ରଧାନ ଶିକ୍ଷକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦ୍ୟାଳୟରେ ସ୍ୱାଗତ କରିଥିଲେ। ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଶ୍ରୀ ଜେନା ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ବରିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ଜେନା କହିଛନ୍ତି ନିଜର ସୁଦୀର୍ଘ ଅଭିଜ୍ଞତାକୁ ସୁବିନିଯୋଗ କରି ବିଦ୍ୟାଳୟ ବିକାଶକୁ ତ୍ୱରାନ୍ୱିତ କରିବାରେ ସତତ ଚେଷ୍ଟିତ ହେବେ। ଏଥିପାଇଁ ସହକର୍ମୀ, ମ୍ୟାନେଜିଂ କମିଟି, ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ କାମନା କରିଛନ୍ତି।

## ପୋଖରୀ ପୁନରୁଦ୍ଧାରରେ ମିଳୁଛି ସ୍ୱଳ୍ପ ପାରିଶ୍ରମିକ



ନିରାକାରପୁର, ୭।୬ (ସମିସ): ସରକାରଙ୍କ ବିକାଶମୂଳକ ଯୋଜନା ଓ ପର୍ଯ୍ୟାପ୍ତ ପାଣ୍ଠି ସତ୍ତ୍ୱେ ପ୍ରଶାସନିକ ଅବହେଳା ଏବଂ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ କିଭଳି ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ଼ ଗ୍ରାମ ପଞ୍ଚାୟତର ହାଡ଼ପଦା ଗ୍ରାମରେ। ଗ୍ରାମର ଏକମାତ୍ର ଭରସା 'ବେତରାଗୋଡ଼ି ପୋଖରୀ'ଟି ପ୍ରଶାସନର ଉଦାସୀନତା ଯୋଗୁଁ ପୋତିହୋଇ ପଡ଼ିଥିବା ବେଳେ ଏମ୍‌ଜିଏନଆରଜିଏସ ସ୍ୱଳ୍ପ ମଜୁରୀ ସହିତ ଗ୍ରାମର ମହିଳା ଓ ପୁରୁଷମାନେ ମିଳିତ ଭାବେ ନିଜ ଶ୍ରମଦାନରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ହାଡ଼ପଦା ଗ୍ରାମର ପ୍ରାୟ ୧୦୦ରୁ ଅଧିକ ଅନୁସୂଚିତ ଜାତି ବର୍ଗର ପରିବାର ଏହି ପୋଖରୀ ଉପରେ ଦୈନନ୍ଦିନ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ପୋଖରୀଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଫଳରେ ଏହା ଏକ ପଡ଼ିଆ ଭଳି ଭ୍ରମ ସୃଷ୍ଟି କରୁଥିଲା। ପୋଖରୀର ଦୂଷିତ ଓ ଅଳ୍ପ ଜଳ ବ୍ୟବହାର କରି ଗ୍ରାମବାସୀ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଏଥି ସହିତ ଗୋରୁଗାଈ ଓ ସାଧାରଣ ଲୋକେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ସରକାରଙ୍କ ଉପରୁ ଭରସା ତୁଟିଯିବା ପରେ, ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ଏମଜିଏନଆରଜିଏସ ସ୍ୱଳ୍ପ ମଜୁରୀ ସହିତ ପ୍ରଖର ଖରାକୁ ଖାତିର ନକରି ନିଜ ପ୍ରଚେଷ୍ଟାରେ କୋଦାଳ, ଟୋକେଇ ଓ ଫାଉଡ଼ା ଧରି ପୋଖରୀରୁ ମାଟି କାଢ଼ିବା କାମ ଜାରି ରଖିଛନ୍ତି। ସରକାରଙ୍କ ମାଳମାଳ ଯୋଜନା ଥାଇ ମଧ୍ୟ ଦିନ ମଜୁରିଆ ଶ୍ରେଣୀର ଏହି ଗ୍ରାମବାସୀମାନେ ନିଜ ସ୍ୱାର୍ଥ ରକ୍ଷା ପାଇଁ ଦିନରାତି ଏକ କରି ଶ୍ରମଦାନ କରୁଥିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାସନ ଏକ ସ୍ଥାୟୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏହାର କେବେ ଉନ୍ନତିକରଣ କରୁଛନ୍ତି ତାହାକୁ ଗ୍ରାମବାସୀ ଚାହିଁ ରହିଛନ୍ତି।

## ବାଣପୁର ମୁକ୍ତି ଦିବସ ସମାରୋହ ଉଦ୍‌ଯାପିତ




ବାଣପୁର, ୭।୬ (ସମିସ): ପରାଧୀନ ଭାରତ ବର୍ଷରେ ଇଂରେଜ ସରକାରଙ୍କ ବିରୋଧରେ ଭାରତର ବୀର ବିପ୍ଳବୀ ମାନେ ୧୮୩୬ ମସିହା ଜୁନ ମାସ ପହିଲାରୁ ବିଦ୍ରୋହର ଡାକରା ଦେଇ ଲଢ଼େଇ କରି ଜୁନ ୪, ୫ ଓ ୬ ତାରିଖ ତିନି ଦିନ ପାଇଁ ବାଣପୁରକୁ ଫିରିଙ୍ଗି ମୁକ୍ତ କରି ସ୍ୱାଧୀନ ବାଣପୁର ଘୋଷଣା କରିଥିବା ଘଟଣା ଭାରତ ଇତିହାସରେ ପ୍ରଥମ। ଉକ୍ତ ଦିବସକୁ ମନେପକାଇ ସେହି ମହାନାୟକ ଦେଶପ୍ରେମୀ ସହିଦ କୃତ୍ତିବାସଙ୍କ ସହିତ ସମସ୍ତ ସହିଦଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ଲାଗି ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟଅଞ୍ଚଳବାସୀ ବାଣପୁର ମୁକ୍ତି ଦିବସ ରୂପେ ପାଳନ କରିଛନ୍ତି। ଚଳିତ ବର୍ଷ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମୁକ୍ତି ଦିବସ ସ୍ମୃତି କମିଟିର ମିଳିତ ସହଯୋଗରେ ଜୁନ ୪ ତାରିଖରେ ଐତିହାସିକ ପଲଟଣ ପଡ଼ିଆରେ ମୁକ୍ତି ପତାକା ଉତ୍ତୋଳନରୁ ଆରମ୍ଭ ହୋଇଥିବା ବାଣପୁର ମୁକ୍ତି ଦିବସ ସମାରୋହ ଜୁନ ୬ତାରିଖ ଶନିବାର ଅପରାହ୍ନରେ ବାଣପୁର ଐତିହାସିକ ପଲଟଣ ପଡ଼ିଆ ସ୍ଥିତ ସହିଦ କୃତିବାସ ଭବନରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହର ଆବାହକ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ସଭାପତିତ୍ୱରେ ଓ ମୁକ୍ତି ଦିବସ ସ୍ମାରକୀ କମିଟିର ସଂପାଦକ ବାଳମୁକୁନ୍ଦ ଦାସଙ୍କ ପରିଚାଳନାରେ ଆୟୋଜିତ ଉଦଯାପନୀ ସମାରୋହରେ ଅତିଥି ଭାବେ ବିଶ୍ୱମୁକ୍ତି ପତ୍ରିକାର ସଂପାଦକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ନିଖିଳ ଉତ୍କଳ ପାଇକ ସଂଘର ସଭାପତି ଅଶୋକ ପାଲଟାସିଂ, ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଂପାଦକ କେଦାରନାଥ ଦାସ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି କୃଷ୍ଣଚନ୍ଦ୍ର ନାହାକ, ଶିକ୍ଷାବିତ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଓ ସର୍ବେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ଆଲୋଚନାଚକ୍ର, ଦେଶାବୋଧକ କବିତା ପାଠୋତ୍ସବ, ପାଇକ କବିତା ଆବୃତ୍ତି, ଓଡ଼ିଶା ଇତିହାସରେ ଉଲ୍ଲିଖିତ ପାଇକ ବିଦ୍ରୋହ ସମ୍ପର୍କିତ କବିତା, ପ୍ରବନ୍ଧ ଓ ନାଟକ ଆଦି ସମ୍ପର୍କରେ ପର୍ଯ୍ୟାଲୋଚନା ଆଦି କାର୍ଯ୍ୟକ୍ରମରେ କବି ପୁରୁଷୋତ୍ତମ ମହାପାତ୍ର, ଶିଶିର ଦାସ, ରଙ୍ଗନାଥ ସେଠୀ, ଭିକାରୀଚରଣ ପ୍ରଧାନ, ମହେଶ୍ୱର ଜେନା, ସଂଧ୍ୟା ଦେବୀ, ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ, ସ୍ମୃତି ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତିବିଶେଷ ସାମିଲ ହୋଇଥିବା ବେଳେ ଶେଷରେ ମୁକ୍ତି ପତାକା ଅବତରଣ କରାଯାଇ ମୁକ୍ତି ଦିବସ ସମାରୋହ ଉଦଯାପିତ ହୋଇଥିଲା।

# ଶ୍ରୀକ୍ଷେତ୍ର ସିଟି

୭/୬/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୬୨,୯୪୭/- ସୁନା:୦୧.୮୫୦ ଗ୍ରାମ୍ ରୁପା: ୫୫.୦୦୦ ଗ୍ରାମ୍



## ୩୦ ବର୍ଷରେ ପୁରୀ ଆକାଶବାଣୀ ଏଫ୍ଏମ୍

# ମହାବାତ୍ୟାରୁ ମହାମାରୀ ଯାଏଁ ଜନତାଙ୍କ ଅନାହତ ସାଥୀ

ପୁରୀ,୭।୬(ସମିସ)



ଗଣମାଧ୍ୟମର ଅନନ୍ୟ ପ୍ରତୀକ ପୁରୀ ଆକାଶବାଣୀ ଏଫ୍ଏମ୍ ଆଜି ୩୦ ବର୍ଷ ପୂରଣ କରିଛି। ୧୯୯୫ ଜୁନ୍‌ରେ ଜନ୍ମ ନେଇଥିବା ଏହି ସ୍ୱର-ବାହିନୀ କେବଳ ଏକ ରେଡିଓ ଷ୍ଟେସନ ନୁହେଁ, ବରଂ ଶ୍ରୀକ୍ଷେତ୍ରର ସଂସ୍କୃତି, ପରମ୍ପରା ଓ ଜନଜୀବନର ଜୀବନ୍ତ ସ୍ୱର।

୧୯୩୬ରେ 'ଇଣ୍ଡିଆନ୍ ବ୍ରଡ୍‌କାଷ୍ଟ କର୍ପୋରେସନ' ନାମରେ ଜନ୍ମ ନେଇଥିବା ଆକାଶବାଣୀକୁ ଆଜି ୯୦ ବର୍ଷ। ଏକ କାଠବାକ୍ସରୁ ଆରମ୍ଭ ହୋଇଥିବା ଏହି ଯାତ୍ରା କେବଳ ଖବର ଦେଇନାହିଁ, ଦେଶରେ କୃଷି ବିପ୍ଳବ, ନାରୀ ସଶକ୍ତୀକରଣ, ଶିଶୁ ବିକାଶ ଓ ଆଧ୍ୟାତ୍ମିକ ଜନଜାଗରଣ ସୃଷ୍ଟି କରିଛି। ହେଲେ ପୁରୀ ଭଳି ତୀର୍ଥକ୍ଷେତ୍ରରେ ଏକ ଆକାଶବାଣୀ କେନ୍ଦ୍ର ପାଇଁ ଦୀର୍ଘ ୭ ବର୍ଷ ସଂଗ୍ରାମ କରିବାକୁ ପଡ଼ିଥିଲା। ୧୯୮୮ରେ ପ୍ରଥମେ ସ୍ୱର ଉଠାଇଥିଲେ ପଦ୍ମଶ୍ରୀ ସଦାଶିବ ରଥଶର୍ମା, ପଣ୍ଡିତ କେଶବ ଚନ୍ଦ୍ର ରାଜଗୁରୁ, ଗବେଷକ ଜଗବନ୍ଧୁ ପାଢ଼ୀ, ଦେବଦତ୍ତ ସାମନ୍ତସିଂହାର, କୁମାର ହାଲ୍‌ଦାର, ପ୍ୟାରିମୋହନ ଦାଶଙ୍କ ସମେତ ବହୁ ସାହିତ୍ୟିକ, ଗୀତିକାର ଓ ବୁଦ୍ଧିଜୀବୀ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପର୍ଯ୍ୟଟନ ବିକାଶ ପାଇଁ ଗୀତିକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ତତ୍କାଳୀନ ସାଂସଦ ବ୍ରଜକିଶୋର ତ୍ରିପାଠୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ। ଶେଷରେ ଯେତେବେଳେ ଢେଙ୍କାନାଳ ରାଜା କାମାକ୍ଷା ପ୍ରସାଦ ସିଂହଦେଓ ସୂଚନା ଓ ପ୍ରସାରଣ ବିଭାଗର କେନ୍ଦ୍ରମନ୍ତ୍ରୀ ହେଲେ, ସେତେବେଳେ ପୁରୀ ଆକାଶବାଣୀ





ଏଫ୍ଏମ୍‌ର ଘୋଷଣା ହେଲା ଏବଂ ୧୯୯୫ ଜୁନ୍‌ରେ ଏହା ପ୍ରତିଷ୍ଠା ହେଲା। ୧୯୯୬ ଜୁନ୍ ୮ ତାରିଖରେ ଏଠାରୁ ପ୍ରଥମ ପ୍ରସାରଣ ଆରମ୍ଭ ହୋଇଥିଲା। ପୁରୀ ଆକାଶବାଣୀ କେବଳ ମଠ-ମନ୍ଦିର, ଜଗନ୍ନାଥ ସଂସ୍କୃତି, ଚାଷ-ଚାଷୀଙ୍କ କଥା, ସାହିତ୍ୟ ଫର୍ଦ୍ଦ, କବି ସମ୍ମିଳନୀ, ଭଜନ-ଜଣାଣ ପ୍ରସାରଣ କରିନାହିଁ। ୧୯୯୯ ମହାବାତ୍ୟା, ୨୦୧୯ ଫାନୀ ବାତ୍ୟା ହେଉ କି ୨୦୨୦-୨୧ର ଭୟାବହ କରୋନା ମହାମାରୀ ସବୁ ବିପଦରେ ପୁରୀ ଆକାଶବାଣୀ ଜନଗଣଙ୍କ ପାଖରେ ଭରସାର ସ୍ୱର ହୋଇ ଠିଆ ହୋଇଛି। ଯେତେବେଳେ ଠିକ୍ ଭାବେ ବିଜୁଳି ନ ଥିଲା, ମୋବାଇଲ୍ ନେଟ୍‌ୱର୍କ ବନ୍ଦ ଥିଲା, ସେତେବେଳେ ବ୍ୟାଟେରିଚାଳିତ ରେଡିଓରୁ ଆସୁଥିବା ଆକାଶବାଣୀର ସୂଚନା ହିଁ ଲକ୍ଷ ଲକ୍ଷ ଲୋକଙ୍କୁ ବଞ୍ଚାଇଥିଲା।

ପୁରୀ ଆକାଶବାଣୀ ୧୦୩.୪ ଏଫ୍ଏମ୍‌ରେ ପ୍ରସାରିତ ହେଉଛି। ଏଠାରୁ ପ୍ରତିଦିନ କୃଷିଭିତ୍ତିକ କାର୍ଯ୍ୟକ୍ରମ କିଷାନବାଣୀ, ଜଗନ୍ନାଥ ସଂସ୍କୃତିର କାର୍ଯ୍ୟକ୍ରମ କ୍ଷେତ୍ର ମହିମା, ଯୁବପିଢ଼ିଙ୍କ ପାଇଁ ଯୁବବାଣୀ, ଗୃହିଣୀମାନଙ୍କ କାର୍ଯ୍ୟକ୍ରମ ମୁକ୍ତା, ସାହିତ୍ୟ କାର୍ଯ୍ୟକ୍ରମ ସାହିତ୍ୟ ସୁଧା, ପିଲାଙ୍କ ପାଇଁ ଇଟିକିଲି ମିଟିକିଲି, ଦମ୍ପତିଙ୍କ କାର୍ଯ୍ୟକ୍ରମ ଶ୍ରୀମାନ ଶ୍ରୀମତୀ, ଅନୁରୋଧ ଗୀତ କାର୍ଯ୍ୟକ୍ରମ ହେଲୋ ଆକାଶବାଣୀ ପୁରୀ, ବରିଷ୍ଠ ନାଗରିକଙ୍କ କାର୍ଯ୍ୟକ୍ରମ ଅସ୍ତରାଗ ପ୍ରସାରିତ ହେଉଛି। ଏହାଛଡ଼ା ଭକ୍ତି ଗୀତ, କଥାଚିତ୍ର ଗୀତ, ଓଡ଼ିଶୀ, ପଲ୍ଲୀଗୀତ ମଧ୍ୟ ଏଠାରୁ ପ୍ରସାରିତ ହୁଏ। ଯାହା କେବଳ ପୁରୀ ନୁହେଁ, ଆଖପାଖ ଜିଲ୍ଲାର ଶ୍ରୋତାଙ୍କୁ ମଧ୍ୟ ଯୋଡ଼ି ରଖିଛି। ଏଫ୍ଏମ୍ ଚ୍ୟାନେଲ୍ ଓ ଡିଜିଟାଲ୍ ମିଡିଆର ପ୍ରତିଯୋଗିତା ଭିତରେ ବି ପୁରୀ ଆକାଶବାଣୀ ନିଜର ବିଶ୍ୱସନୀୟତା ବଜାୟ ରଖିଛି। ହେଲେ ଆଧୁନିକ ଷ୍ଟୁଡିଓ, ଡିଜିଟାଲ୍ ଆର୍କାଇଭ୍ ଏବଂ ଯୁବ ପ୍ରତିଭାଙ୍କୁ ସୁଯୋଗ ଦେବା ଏବେ ସମୟର ଆହ୍ୱାନ। ୩୦ ବର୍ଷର ଏହି ଯାତ୍ରା ପ୍ରମାଣ କରୁଛି, ଅତୀତ ହେଲେ ବି ଆକାଶବାଣୀ ମରିନାହିଁ। ଶ୍ରୀକ୍ଷେତ୍ରର ଶଙ୍ଖଧ୍ୱନି ଭଳି ଏହାର ସ୍ୱର ଅନାହତ, ଅନନ୍ତ। ଯେ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଅଛନ୍ତି, ସେ ପର୍ଯ୍ୟନ୍ତ ପୁରୀ ଆକାଶବାଣୀର ସ୍ୱର ବି ଅମର ରହିବ ଏହି ଆଶା ରଖିଛନ୍ତି ଶ୍ରୋତାଗଣ। ଏ ସବୁ ଇତିହାସ ତଥା ଆକାଶବାଣୀର ଏହି ଜୟଯାତ୍ରାକୁ ନେଇ ଡ. ବଦ୍ରି ମିଶ୍ରଙ୍କ ଚିତ୍ରନାଟ୍ୟରେ ଦିଲ୍ଲୀପ କୁମାର ନାୟକଙ୍କ ପ୍ରଯୋଜନା ଓ ଅଭିମନ୍ୟୁ କାନୁନ୍‌ଗୋଙ୍କ ଉପସ୍ଥାପନାରେ ସୋମବାର ସକାଳ ୮ଟା ୩୦ରେ ପୁରୀ ଆକାଶବାଣୀରୁ ପ୍ରସାରିତ ହେବ ନାଟ୍ୟ ରୂପକ "ଅନାହତ ଯାତ୍ରା'। ଏଥିରେ ଅଭିନୟ କରୁଛନ୍ତି ପ୍ୟାରୀମୋହନ ଦାଶ, ବଦ୍ରି ମିଶ୍ର, ପ୍ରକାଶ ରଥ, ଅଭିମନ୍ୟୁ କାନୁନ୍‌ଗୋ ଓ ସନ୍ତୋଷ ଲେଙ୍କା। ଏଥିରେ ସଙ୍ଗୀତ ଦେଇଛନ୍ତି ବଦ୍ରି ମିଶ୍ର ଓ କଣ୍ଠଶିଳ୍ପୀ ପ୍ରକାଶ ରଥ।

# ଭକ୍ତଙ୍କୁ ପାଣି ବାଣ୍ଟିଲା ପୁଲିସ

ପୁରୀ,୭।୬(ସମିସ): ଏବେ ପ୍ରବଳ ଗରମ ହେଉଛି। ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା ପରେ ଭକ୍ତ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଗୁଳୁଗୁଳି ବି ଅଧିକ ମାତ୍ରାରେ ଅନୁଭୂତ ହେଉଛି। ତେଣୁ ଭକ୍ତଙ୍କ ସମାଗମ ଓ ପ୍ରଚଣ୍ଡ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ଏକ ମାନବୀୟ ପଦକ୍ଷେପ ଦେଖିବାକୁ ମିଳିଛି। ରବିବାର ସିଟି ଡିଏସ୍‌ପି, ସିଂହଦ୍ୱାର ଥାନା, ଟାଉନ ଥାନା ଅଧିକାରୀ ଓ ତାଙ୍କ ଟିମ୍ ଶ୍ରଦ୍ଧାଳୁମାନଙ୍କୁ ପାଣି ବଣ୍ଟନ କରିଥିଲେ। ଦର୍ଶନ ପାଇଁ ଆସୁଥିବା ବୃଦ୍ଧ, ମହିଳା ଓ ଶିଶୁମାନଙ୍କୁ ଖରାରୁ



ଆଶ୍ୱସ୍ତି ଦେବା ସହ ସେମାନଙ୍କ ଆଧ୍ୟାତ୍ମିକ ଯାତ୍ରାକୁ ସୁଗମ କରିବା ପାଇଁ ପୁଲିସ ଏହି ସେବା କାର୍ଯ୍ୟ କରିଥିଲା। ପୁରୀ ପୁଲିସର ଏଭଳି ସେବାଭାବକୁ ଭକ୍ତମାନେ ପ୍ରଶଂସା କରିଛନ୍ତି। ପୁଲିସ ପକ୍ଷରୁ କୁହଯାଇଛି "ସୁରକ୍ଷା ସହ ସେବା ହିଁ ଆମର ଧର୍ମ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ଭକ୍ତ ଆମ ପାଇଁ ସମ୍ମାନିତ ଅତିଥି।'

# ଅଟୋ ପାର୍କିଂ ବିବାଦରୁ ଅପହରଣ

ପୁରୀ,୭।୬(ସମିସ): ଅଟୋ ପାର୍କିଂକୁ ନେଇ ହୋଇଥିବା ବିବାଦ ଅପହରଣ ଓ ମରଣାନ୍ତକ ଆକ୍ରମଣରେ ପରିଣତ ହୋଇଛି। ଏହି ମାମଲାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାମଚଣ୍ଡୀ ସାହି ବାଲି ଉପରର ଅମିତ ଦାସ (୩୭), ସୁଜିତ୍ ଦାସ (୩୫) ଓ ଶେଖ୍ ମୁମ୍‌ତାଜ (୬୦)। ଅଭିଯୋଗ ଅନୁସାରେ, ଗତ ୪ ତାରିଖ ରାତି ପ୍ରାୟ ୩ଟା ସମୟରେ ଅଭିଯୋଗକାରୀ ରାମଚଣ୍ଡୀ ସାହି ବାଲି ଉପରର ମହେଶ ଦଳେଇଙ୍କର ଗୁଣ୍ଡିଚା ମନ୍ଦିର ନିକଟରେ ତାଙ୍କ ଅଟୋ ପାର୍କିଂକୁ ନେଇ ଅଭିଯୁକ୍ତମାନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତ ମିଶି ଅଭିଯୋଗକାରୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶନିବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଅଭିଯୋଗକାରୀ ମହେଶ ଯେତେବେଳେ ନିଜ ଅଟୋରେ ବାଲି ଉପର ଆଡ଼କୁ ଯାଉଥିଲେ ଆଶ୍ରମ ଛକ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। ପରେ ଜୋର୍‌ଜବରଦସ୍ତ ତାଙ୍କୁ ଅଟୋ ସହ ଅପହରଣ କରି ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତିନି ଅଭିଯୁକ୍ତ ପୁଣି ମହେଶଙ୍କୁ ମୁଥ ଓ ଗୋଇଠା ମାରିଥିଲେ। ଫଳରେ ତାଙ୍କ ଗାଲରୁ ରକ୍ତସ୍ରାବ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ମହେଶଙ୍କ ଅଭିଯୋଗ ଆଧାରରେ କୁମ୍ଭାରପଡ଼ା ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

**ମାଡ଼ ମାରି ଲହୁଲୁହାଣ; ୩ ଗିରଫ**

## ରଥଖଳାରୁ...

# ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ପ୍ରସ୍ତୁତି ଶେଷ

ପୁରୀ,୭।୬(ସମିସ)





ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ରବିବାର ୪୮ତମ ଦିବସରେ ପହଞ୍ଚିଛି। ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକମାନଙ୍କ ସହଯୋଗରେ ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ପ୍ରସ୍ତୁତି ଶେଷ ହୋଇଛି। ଏଥିସହ ଶେଷ ହୋଇଛି ଭୂଇଁ ଫ୍ରେମ୍‌ର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କାର୍ଯ୍ୟ। ଏହି ପ୍ରଥମ ଭୂଇଁ ଫ୍ରେମ୍ ୬ଟି ଓରା ବା ଛ' କାଠିରେ ୪ଟି ଖମ୍ବି ସଂଯୋଗ ହୋଇ ଚତୁଃପାଶ୍ୱର୍ରେ ୨୪ଟି ପାଖୁଡ଼ା ଏବଂ ୧୬ଟି ଛିଆଣ ଲାଗି, ପାଖୁଡ଼ାକୁ ଧରି ରଖିବା ପାଇଁ ୨୪ଟି ଭୂଇଁ ଖମ୍ବି ଚାରିପାଶ୍ୱର୍ରେ ସଂଯୋଗ ହୋଇଛି। ସୋମବାର ଚାରିନାହାକାରେ ତିନିରଥର ପ୍ରଥମ ଭୂଇଁ ଛ' କାଠି ଉଠିବା କାର୍ଯ୍ୟକ୍ରମ ରହିଥିବାରୁ, ତା'ର ପୂର୍ବ ପ୍ରସ୍ତୁତି ଶେଷ କରିଛନ୍ତି ଭୋଇ ସେବକମାନେ। ତିନିରଥରେ ଚାରି ନାହାକାକୁ ଛ' କାଠି ବା ଭୂଇଁ ଚଉତା ଉଠାଇବା ସହ ହେବା ପାଇଁ ସୋମବାର ଭୋଇ ସେବକମାନେ ୪ଟି ଲେଖାଏଁ ୨୦ ଫୁଟିଆ ଚାଙ୍ଗଡ଼ା ଫାଳି ଚାରି ନାହାକାକୁ ଲଗାଇ ପକାଇଛନ୍ତି।

ନନ୍ଦିଘୋଷ ରଥର ୧୬ଟି ଯୋକା ନନ୍ଦିଘୋଷ ରଥ ଚତୁଃପାଶ୍ୱର୍ କୋଣରେ ଫିଟିଙ୍ଗ୍ ହେବା ସହ ରବିବାର ତାଳଧ୍ୱଜ ରଥରେ ବାକି ୮ଟି ଯୋକା ଏବଂ ଦର୍ପଦଳନ ରଥର ବାକି ୪ଟି ଯୋକା ଫିଟିଙ୍ଗ୍ ଶେଷ ହୋଇଛି। ଏଥିସହ ରବିବାର ମହାପ୍ରଭୁଙ୍କ ଅଣସର ଗୃହ ପ୍ରସ୍ତୁତ ପାଇଁ ତାଳଧ୍ୱଜ ରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ତିନି ଗୋଟି ୨୦ ଫୁଟିଆ ଅଣସର ଗୟଳ ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ରୂପକାର ସେବକମାନେ ତିନିରଥର ୮ଟି ଲେଖାଏଁ ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ୧୩ ପରସ୍ତ ପୋଟଳ ନିର୍ମାଣ ପାଇଁ ଜଙ୍ଘା କଣ୍ଟା, ବାଗିଆ କଣ୍ଟା ଏବଂ ଗୋଡ଼ିଛାଲ କଣ୍ଟା ନିର୍ମାଣ କରୁଛନ୍ତି।

# ମହାଶୈବ ଯଜ୍ଞ ମହୋତ୍ସବ ଉଦ୍‌ଯାପିତ

ପୁରୀ,୭।୬(ସମିସ): କୁମ୍ଭାରପଡ଼ାସ୍ଥିତ ଶ୍ରୀଶ୍ରୀ ବୁଢ଼ା ବାନାମ୍ବର ଦେବଙ୍କ ଚତୁର୍ଦ୍ଦିବସୀୟ ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଶୈବ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଶାଳା ଶୋଧନ, ମଙ୍ଗଳାର୍ପଣ, ମଣ୍ଡଳାଧିବାସ ସହିତ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଶତାଧିକ ବ୍ରତଧାରୀ ଇନ୍ଦ୍ରଦ୍ୟୁମ୍ନ ସରୋବରରୁ ଜଳ ସଂଗ୍ରହ କରିଥିଲେ। ପଣ୍ଡିତ ରଘୁନାଥ ଦାଶଙ୍କ ପୌରୋହିତ୍ୟରେ ୫ଜଣ ଶୋତ୍ରିୟ ବ୍ରାହ୍ମଣମାନଙ୍କ ଦ୍ୱାରା ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଯଜ୍ଞ କାର୍ଯ୍ୟକ୍ରମ ବୈଦିକ ରୀତିରେ ସମ୍ପନ୍ନ ହୋଇଥିଲା। ଶନିବାର ଠାକୁରଙ୍କ ନଗର ପରିକ୍ରମା ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା।

ଏହି ଅବସରରେ ଦୁଇଦିନ ଧରି ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃଷ୍ଣ ମୋହନ ସଙ୍ଗୀତ ନୃତ୍ୟ ଏକାଡେମୀ ପକ୍ଷରୁ ସଦାଶିବ ବିଶ୍ୱାଳଙ୍କ ତତ୍ତ୍ୱାବଧାନ ଏବଂ ଗୁରୁ ସବିତା ପଣ୍ଡାଙ୍କ



ନେତୃତ୍ୱରେ କୁନିକୁନି କଳାକାରମାନେ ଓଡ଼ିଶୀ ଏବଂ ଭଜନ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମ ଦିବସରେ ପ୍ରାକ୍ତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମାଜସେବୀ ଦିଲ୍ଲୀପ ସାହୁ, ରୋହିତ ସ୍ୱାଇଁ, ବିଶ୍ୱନାଥ ବେହେରା, ରଞ୍ଜନ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ପୂର୍ବକ ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା କରିଥିଲେ। ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ହରିହର ପାଢ଼ୀ, ସଭାପତି ଜଗନ୍ନାଥ ପାଢ଼ୀ, ମୁଖ୍ୟ ପୂଜାରୀ କୃଷ୍ଣ ଚନ୍ଦ୍ର ପାଢ଼ୀ, ସମ୍ପାଦକ ମହେନ୍ଦ୍ର ବିଶୋଇ, କାର୍ଯ୍ୟାଳୟ ଅଧିକାରୀ କୈଳାସ ବିଶୋଇଙ୍କ ସୁପରିଚାଳନାରେ ଅନୁଷ୍ଠିତ ଏହି ଚାରିଦିନିଆ ମହୋତ୍ସବର ଅନ୍ତିମ ଦିବସରେ କୁମ୍ଭାରପଡ଼ା ଏବଂ ଆଖପାଖର ଲୋକେ ପ୍ରସାଦସେବନ କରିଥିଲେ। ଆଶିଷ କୁମାର ସମର୍ଥା, ବିଶ୍ୱଭୂଷଣ ପାଢ଼ୀ, ବିଶ୍ୱଜିତ୍ ପାଢ଼ୀ, ସୁଦର୍ଶନ ସମର୍ଥା, ମଧୁସୂଦନ ସମର୍ଥା, ତ୍ରିନାଥ ପାତ୍ର, ସୁମୋ ରାଉଳ, ବିକ୍ରମ ପଟ୍ଟନାୟକ, ଶିବ ସମର୍ଥା, ଜଳନ୍ଧର ବିଶୋଇ, ବୀର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୋଗକେନ୍ଦ୍ରର ସ୍ଥାପନା ଦିବସ ପାଳିତ

ପୁରୀ,୭।୬(ସମିସ): ଭାରତୀୟ ଯୋଗ ସଂସ୍ଥାନ (ପଞ୍ଜିକୃତ) ପୁରୀ ଯୋଗ ଜିଲ୍ଲା ଜଗନ୍ନାଥ କ୍ଷେତ୍ରର କଣ୍ଡପୁର ଯୋଗକେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ ରବିବାର ପାଳିତ ହୋଇଯାଇଛି। ପୁରୀ ଯୋଗ ଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର, ପ୍ରାନ୍ତ ସଦସ୍ୟ ଏମ୍. ରାମ୍ୟା ରେଡ୍ଡୀ, ଉପଦେଷ୍ଟା ବି.ବି. ରାମ ସ୍ୱାଇଁ, ମନ୍ତ୍ରୀ ସଦାଶିବ ଦାସ, ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଚିନ୍ମୟୀ ଗଜେନ୍ଦ୍ର, ମମତା ପରିଡ଼ା ଓ ତାଙ୍କ ଗ୍ରୁପ୍ ଦ୍ୱାରା ସରସ୍ୱତୀ ବନ୍ଦନା ପରିବେଷଣ କରାଯାଇଥିଲା। ଗୁଡ୍‌ଲି ସ୍ୱାଇଁ, ଅଙ୍କିତା ପ୍ରିୟଦର୍ଶିନୀ, ମିଳନ ବେହେରା, ଦୁର୍ଯ୍ୟୋଧନ ବିଶ୍ୱାଳ ଯୋଗାଭ୍ୟାସ କରାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଯୋଗ, ପ୍ରାଣାୟାମ ଓ ଧ୍ୟାନର ଉପଯୋଗିତା ଉପରେ ବିଶଦ୍ ଚର୍ଚ୍ଚା ସହ ନିଜ ନିଜ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବହୁ ସାଧକ, ସାଧିକା ଉପସ୍ଥିତ ଥିଲେ। ସୁକାନ୍ତ କୁମାର ସ୍ୱାଇଁ ମଞ୍ଚ ସଞ୍ଚାଳନ କରିଥିବାବେଳେ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା, ତ୍ରିଲୋଚନ ସାହୁ, ସଞ୍ଜୟ ପ୍ରଧାନ, ନବ କିଶୋର ପ୍ରଧାନ ସହଯୋଗ କରିଥିଲେ। ସଂଗଠନ ମନ୍ତ୍ରୀ ପ୍ରକାଶ ଜେନା ଧନ୍ୟବାଦ ଦେଇଥିଲେ। ତେଜସ୍ୱିନୀ, କଙ୍ଗନ ଓ ଦେବସ୍ମିତା ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶାନ୍ତିପାଠ କରାଯାଇଥିଲା।

# 'ସୁସ୍ଥ ରହିବାର ମୂଳମନ୍ତ୍ର ଯୋଗ'

ପୁରୀ,୭।୬(ସମିସ): ସ୍ଥାନୀୟ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ପିଲାଙ୍କ ଖବର କାଗଜ ଶିଶୁ ସମାଚାରର ଉନ୍ନବିଂଶ ସ୍ୱନକ୍ଷତ୍ର ଉତ୍ସବ ପରିପ୍ରେକ୍ଷୀରେ ରବିବାର ବିଦ୍ୟାଳୟସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପୌର ସଦସ୍ୟା ସରସ୍ୱତୀ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ପିଲାମାନଙ୍କୁ ଯୋଗର ଉପକାରିତା ସମ୍ବନ୍ଧରେ ସଚେତନତା ବାର୍ତ୍ତା ଦେଇ କହିଥିଲେ 'ସୁସ୍ଥ ରହିବାର ମୂଳମନ୍ତ୍ର ଯୋଗ'। ଏହାକୁ କେବଳ ପ୍ରତିଯୋଗିତା ମଧ୍ୟରେ ସୀମିତ ନ ରଖି ନିତ୍ୟ ଯୋଗ କରିବା ଉଚିତ୍। ଅନ୍ୟତମ ଅତିଥି ଭାବେ ଯୋଗଗୁରୁ ରମାବଲ୍ଲଭ ମହାପାତ୍ର ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ବହୁ ଯୋଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଯୋଗଗୁରୁ ଆଲୋକ କୁମାର ସ୍ୱାଇଁ ଏବଂ ଯୋଗଗୁରୁ ବିଥିକା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଡ. ଶଶିକାନ୍ତ ରଥ ପରିଚାଳନା କରିଥିବାବେଳେ ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ସହ ଆସନ୍ତା ୨୧ ତାରିଖ ସକାଳ ୮ଟାରେ ଓଡ଼ିଶା ସଂଗୀତ ପରିଷଦରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଅଗଷ୍ଟ ୮ ତାରିଖରେ ପୌର ସଦନରେ ହେବାକୁ ଥିବା ସ୍ୱନକ୍ଷତ୍ର ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡ. ସ୍ନେହଲତା ରଥ, ବନିତା ଦୀକ୍ଷିତ୍ ଓ ଓମ୍ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ସମାଜସେବୀ ଉମେଶ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରତିବାଦ ପଦଯାତ୍ରାକୁ ୬୮ ଦିନ; ସରକାର ନିରବ



ପୁରୀ,୭।୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନା ସରକାର କେହି ବି ଶୁଣୁନାହାନ୍ତି। ସେମାନଙ୍କ ନିରବଦ୍ରଷ୍ଟାକୁ ନେଇ ପୁରୀବାସୀ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ହେଲେ ସମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି ପୁରୀବାସୀ। ଏପ୍ରିଲ୍ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ୬୮ ଦିନରେ ପହଞ୍ଚିଛି। ହେଲେ ହକ୍ ହାସଲ ପାଇଁ ଥକି ପଡ଼ିନାହାନ୍ତି। ପ୍ରତିଦିନ ଭଳି ଶନିବାର ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ। ନେତା, ମନ୍ତ୍ରୀ ସମସ୍ତେ ଧାଡ଼ିରେ ଯାଆନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ମନୋରଞ୍ଜନ ରଣସିଂହ, ନୃସିଂହନାଥ ନାୟକ, ସରସ୍ୱତୀ ପାତ୍ର, ମମତା ସ୍ୱାଇଁ, ମମତା ଦାସ, ପବିତ୍ରା ନାୟକ, ପ୍ରଣତି ରାୟ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ଛବିରାଣୀ ମହାରଣା, ବନିତା ଦିକ୍ଷୀତ୍, ସନ୍ତୋଷ ସେନାପତି, ରାଜା ମହାନ୍ତି, ପ୍ରକାଶ ଚନ୍ଦ୍ର ନାୟକ, ଶିବ ସୁନ୍ଦର ମିଶ୍ର, ଅଭିମନ୍ୟୁ ପ୍ରଧାନ, ଯାଦବାନନ୍ଦ ରାୟ, ପ୍ରଫୁଲ୍ଲ କୁମାର ସାହୁ, ବିଜୟ ମିଶ୍ର, ଜଗନ୍ନାଥ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ଶୁଭଶ୍ରୀ ମହାରଣା, ଅଦ୍ୟାଶା ମାହାଲ, ଦୀପା ବେହେରା ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ।

## ଲିଙ୍ଗରାଜ କଳା ନିକେତନର ବାର୍ଷିକ ଉତ୍ସବ 'ଶ୍ରୀ ଜଗନ୍ନାଥ ଶରଣ'

# ମନଛୁଆଁ ନୃତ୍ୟ, ଗୀତରେ ଦର୍ଶକ ମନ୍ତ୍ରମୁଗ୍ଧ

ପୁରୀ,୭।୬(ସମିସ): ସ୍ଥାନୀୟ ପୌରସଦନରେ ରବିବାର ଲିଙ୍ଗରାଜ କଳାନିକେତନର ୩୬ତମ ବାର୍ଷିକ ଉତ୍ସବ 'ଶ୍ରୀଜଗନ୍ନାଥ ଶରଣ' ନୃତ୍ୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀମାନଙ୍କ ମନଛୁଆଁ ନୃତ୍ୟ ଗୀତରେ ମନ୍ତ୍ରମୁଗ୍ଧ ହୋଇଥିଲେ ଦର୍ଶକ।

ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର୍, ଗୁରୁମା' ଆରତୀ ରଣବୀର୍, ବରିଷ୍ଠ ସେବାୟତ ଭଗବାନ ସୁଆର, ରବିନାରାୟଣ ଦାଶ, ହୋଟେଲିୟର ନିରଞ୍ଜନ ଦାଶ, ସମାଜସେବୀ ଦିବାକର ମୁଦୁଲି, ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଗୁରୁ ଧବଳେଶ୍ୱର ମିଶ୍ର, ଉପସଭାପତି ଗଣେଶ୍ୱର ପ୍ରହରାଜ, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ମୁଖ୍ୟ ପରାମର୍ଶଦାତା ଧିରେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ସସ୍ମିତା ମହାନ୍ତି ରାଉତରାୟ ଏବଂ ନାରାୟଣ ପାଣ୍ଡେଙ୍କୁ ଗୁରୁ ଲିଙ୍ଗରାଜ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଯୁବ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଯଜ୍ଞଦତ୍ତ ଦାଶଙ୍କୁ ନୃତ୍ୟ ଆରତୀ ରଣବୀର୍ ଯୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା।





ଅନୁଷ୍ଠାନର ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟନାଟିକା ଭାଗବତ ଶାସ୍ତ୍ରର କଥାବସ୍ତୁକୁ ନେଇ ସର୍ବଭୂତେ ହରି-ଦଳଗତ, ରାମଧ୍ୟାନ, ଗୁରୁ ବନ୍ଦନା, ଶାନ୍ତାକାରଂ, ଅଇଗିରି ନନ୍ଦିନୀ, ଶ୍ୟାମ ନାଗର ହେ, ବିକଶିତ ଭାରତ, ଭଜନ ନୃତ୍ୟ, ଲୋକନୃତ୍ୟ, ଦଣ୍ଡନୃତ୍ୟ ଇତ୍ୟାଦି ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରକାଶ କୁମାର ରଥ ଏବଂ ଗୁରୁ ତାପସ ନାୟକଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ସଙ୍ଗୀତ, ଛାନ୍ଦ ଦଳଗତ ପରିବେଷଣ କରାଯାଇଥିଲା। ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଦ୍ୱୈତ ତବଲା ବାଦନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ସିପ୍ରା ମିଶ୍ର, ମମତା ଭୋଇ, ଅର୍ଚ୍ଚନା ସାହୁ, ଭାଗ୍ୟଲକ୍ଷ୍ମୀ ଜେନା, ଶୁଭସ୍ମିତା ବଳ, କାଳୁଚରଣ ବରାଳ, ବଳରାମ ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଗୁରୁ ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏକ ଚିତ୍ରକଳା ପ୍ରଦର୍ଶନୀ ହେବା ସହିତ ଭାରତ ସରକାରଙ୍କ ପ୍ରସାର ଭାରତୀ ପକ୍ଷରୁ ଦୂରଦର୍ଶନରେ ବି ଗ୍ରେଡ୍ ମାନ୍ୟତା ଲାଭ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାରସିଂଙ୍କୁ ସମ୍ମାନିତ କରାଯାଇଥିଲା।

## ନୂତନ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ

**ରାଇରଙ୍ଗପୁର, ୭।୬(ସମିସ):** ସୁଗମ ଗମନାଗମନ ସୁବିଧା ନିମନ୍ତେ ନୂତନ ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ କରାଯାଇଛି। ବାମନଘାଟି ଉପଖଣ୍ଡର ଜାମଦା ବ୍ଲକ ଅନ୍ତର୍ଗତ ହରିଲାବେଡ଼ାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।



ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଗମନାଗମନ ସୁବିଧା ଯୋଗାଇ ଦେବାକୁ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଯାଉଛି। ସ୍ଥାନୀୟ ଅଞ୍ଚଳର ୧ଏକର ୭ ଡେସିମିଲ ପରିମିତ ଜାଗାରେ ଏହି ବସଷ୍ଟାଣ୍ଡ ନିର୍ମାଣ ହେବ। ଯେଉଁଥିରେ ଯାତ୍ରୀଙ୍କ ରହିବା ପାଇଁ ଗୃହ, ପିଇବା ପାଣି ଓ ଶୌଚାଳୟ ଭଳି ଆବଶ୍ୟକ ସୁବିଧା ଉପଲବ୍ଧ କରାଯିବ ବୋଲି ସୂଚନା ମିଳିଛି।

## କବି ପ୍ରଦୀପ ନାୟକଙ୍କ 'ଅମୃତାୟନୀ' ଉନ୍ମୋଚିତ



**ବାରିପଦା, ୭।୬(ସମିସ):** ସାହିତ୍ୟ ଓ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ଆନୁକୂଲ୍ୟରେ କବି ପ୍ରଦୀପ କୁମାର ନାୟକ ଲିଖିତ କବିତା ସଂକଳନ 'ଅମୃତାୟନୀ' ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ପାଲବଣିସ୍ଥ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ରୋଟାରୀୟାନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱ ଓ ରୋଟାରିଆନ ସନ୍ତୋଷ କୁମାର କାସ୍ତଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରତିଶ୍ରୁତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା, ମୁଖ୍ୟବକ୍ତା ଭାବେ ତତ୍ତ୍ୱମସୀ ପ୍ରତିଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ, ପୁସ୍ତକ ସମୀକ୍ଷକ ଭାବେ ବାରିପଦା ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁବଳ ଚନ୍ଦ୍ର ସାହୁ ଓ ଲେଖକ ଶ୍ରୀ ନାୟକ ଯୋଗ ଦେଇଥିଲେ। ଜଗନ୍ନାଥଙ୍କ ନିକଟରେ ଧୂପ ପ୍ରଜ୍ୱଳନ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପ୍ରଥମେ ଲେଖକ ଶ୍ରୀ ନାୟକ ପୁସ୍ତକ ରଚନା ଓ ପ୍ରକାଶନରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ସମୀକ୍ଷକ ଶ୍ରୀ ସାହୁ ପୁସ୍ତକର ଲିଖନ ଶୈଳୀ, ଶବ୍ଦ ବିନ୍ୟାସ ଓ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀ ସାମଲ ବର୍ତ୍ତମାନ ସମୟରେ ପୁସ୍ତକ ଲିଖନ, ପଠନ ଓ ତନ୍ମଧ୍ୟରୁ ଜ୍ଞାନଆହରଣ ବିଷୟରେ କହିଥିଲେ। ମୁଖ୍ୟଅତିଥି ଶ୍ରୀ ପଣ୍ଡା ଜଗତର ନାଥ ଜଗନ୍ନାଥଙ୍କ ଉପରେ ପ୍ରବଚନ ପ୍ରଦାନ କରି ଉପସ୍ଥିତ ଶ୍ରୋତାଙ୍କୁ ମୁଗ୍ଧ କରିଥିଲେ। ରୋଟାରିଆନ ନଳିନ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୋଟାରିଆନ ଅମିତାଭ ପଟ୍ଟନାୟକ, ଡା ଚନ୍ଦ୍ରମୋହନ ସିଂ, ସଞ୍ଜୀବ କୁମାର ଦଣ୍ଡପାଟ, ଚିତ୍ତରଞ୍ଜନ ପଲତା, ଜ୍ୟୋତିପ୍ରକାଶ ପଣ୍ଡା ଓ ଚଳଚ୍ଚିତ୍ର ପଯୋଜକ ତଥା ରୋଟାରିଆନ ଶୁଭେନ୍ଦୁ ସାହୁ ଯୋଗ ଦେଇଥିଲେ।

## ଅସନା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ



**ବିଶୋଇ, ୭।୬(ସମିସ):** ଦ୍ୱିତୀୟ ପର୍ଯ୍ୟାୟରେ ଆଜି ରାଜ୍ୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ହୋଇଛି। ଖୋର୍ଦ୍ଧା ଜିଲ୍ଲା ଶ୍ରୀଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି। ଏ ପରିପ୍ରେକ୍ଷୀରେ ବିଶୋଇ ବ୍ଲକ ଅନ୍ତର୍ଗତ ଅସନା ପଞ୍ଚାୟତରେ ଥିବା ଅସନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ ହୋଇଛି। ବିଶୋଇ ଗୋଷ୍ଠୀ ଶିକ୍ଷାଧିକାରୀ କପିଳେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକ ବଲିଷ୍ଠ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ଫଳକ ଉନ୍ମୋଚନ କରିବା ସହିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନଦଣ୍ଡ ବିକାଶ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ତହସିଲଦାର ସତ୍ୟବାନ ନାୟକ, ଅସନା ପଞ୍ଚାୟତ ସରପଞ୍ଚ ସାବିତ୍ରୀ ନାୟକ, ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି କୁଳିଆନନ୍ଦ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶତ୍ରୁନାଥ ପଣ୍ଡା, ସାଂସଦ ପ୍ରତିନିଧି ରମାକାନ୍ତ ନନ୍ଦ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଆନନ୍ଦ ରାମ, ସମାଜସେବୀ ଗୋପବନ୍ଧୁ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟଟି ୧୯୦୪ରେ ପ୍ରାଥମିକ ବିଦ୍ୟାଳୟ ଭାବେ ସ୍ଥାପିତ ହୋଇଥିଲା। ପରେ ୧୯୬୫ରେ ମାଧ୍ୟମିକ ବିଦ୍ୟାଳୟ ଓ ୨୦୧୨ରେ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ହୋଇଥିଲା। ୨୦୨୧ରେ ୫-ଟିରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତିକରଣ ହେବାପରେ ୨୦୨୬ରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭାବେ ସାମିଲ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଆରସିସି ରଶ୍ମିତା ବାରିକ, ଶିକ୍ଷକ ଯଜ୍ଞେଶ୍ୱର ମହାନ୍ତ, ଶିକ୍ଷୟିତ୍ରୀ ରଶ୍ମିରେଖା ପାତ୍ର, ଦୁଲାରୀ ମାଝୀ, ଶିକ୍ଷକ ରାଜେନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ।

### ଆଜିଠୁ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ

# ନବୀନଙ୍କ ପ୍ରକଳ୍ପ ପାଇବ ବାସ୍ତବ ରୂପ, ସ୍ୱାସ୍ଥ୍ୟସେବାରେ ହେବ ବିପ୍ଲବ

**ବାରିପଦା, ୭।୬(ସମିସ)**




ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଗସ୍ତରେ ଆସି ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ଭାବେ ନିର୍ମିତ ହସ୍ପିଟାଲ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ବ୍ୟବସ୍ଥାର ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ରେ ରାଜ୍ୟର ଚତୁର୍ଥ ମେଡିକାଲ କଲେଜ ଓ ହସ୍ପିଟାଲ ଭାବେ ଏହାର ଶିଳାନ୍ୟାସ କରିଥିବାବେଳେ ୨୦୨୪ରେ ଲୋକାର୍ପଣ କରିଥିଲେ। ଏଠାରେ ୬ଟି ବିଭାଗ କାର୍ଯ୍ୟାରମ୍ଭ କରିଥିଲା। ତେବେ ପ୍ରଥମରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲୁଥିବା ବାକି କ୍ଲିନିକାଲ ବିଭାଗ ରଙ୍ଗାମାଟିଆସ୍ଥ ନୂତନ ମେଡିକାଲ କ୍ୟାମ୍ପସକୁ ସ୍ଥାନାନ୍ତରିତ ହେବ। ଏହାଦ୍ୱାରା କେବଳ ମୟୂରଭଞ୍ଜ ନୁହେଁ, ବଙ୍ଗ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟର ରୋଗୀ ମଧ୍ୟ ଉଚ୍ଚକୋଟୀର ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏଣିକି ଆଉ ବେଡ୍ ନ ପାଇ ଚଟାଣରେ ହେବନାହିଁ ଚିକିତ୍ସା, ବଦଳିବ ଚିକିତ୍ସା ସେବାର ଚିତ୍ର। ପିଆରଏମ ହସ୍ପିଟାଲରେ ୬୫୦ ବେଡ ଜିଲ୍ଲା ଚିକିତ୍ସା ସେବାକୁ ଯୋଗାଇବ ବଳ ବୋଲି ମତ ପ୍ରକାଶ ପାଇଛି।

ପିଆରଏମ ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ଡା. ରିତାଞ୍ଜଳି ବେହେରାଙ୍କ ସୂଚନା ଅନୁଯାୟୀ, ନୂତନ ହସ୍ପିଟାଲଟି ସମ୍ପୂର୍ଣ୍ଣ ଭାବେ ୬୫୦ ଶଯ୍ୟା ବିଶିଷ୍ଟ ହେବ। ଏଠାରେ ସାଧାରଣ ଚିକିତ୍ସାଠାରୁ ଆରମ୍ଭ କରି ଜଟିଳ ଅସ୍ତ୍ରୋପଚାର ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଡାକ୍ତରଖାନାରେ ମୋଟ ୩୧ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ୱାର୍ଡ କାର୍ଯ୍ୟ କରିବ। ନୂତନ କ୍ୟାମ୍ପସରେ ମାଇକ୍ରୋ, ପାଥୋ, ବାୟୋକେମିଷ୍ଟ୍ରି ଭଳି ସମସ୍ତ ଲାବ୍ରୋଟୋରୀ ଟେଷ୍ଟିଂ ସୁବିଧା ରହିବ। କେବଳ ସିଟି ସ୍କାନ ଓ ଏମଆରଆଇ ପିପିପି ମୋଡ୍‌ରେ ପୁରୁଣା ସ୍ଥାନରେ ଚାଲିବ। ଯାହାର ରିପୋର୍ଟ ରୋଗୀମାନେ ସହଜରେ ପାଇପାରିବେ। ଏଥିସହ ମେଡିକାଲ କଲେଜ ଓ ହସ୍ପିଟାଲ ପାଖାପାଖି ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଯାତାୟାତ ସମୟ ବଞ୍ଚିବ ଓ ସ୍ୱାସ୍ଥ୍ୟ ସେବା ଶୀଘ୍ର ମିଳିବ। ପିଆରଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ୨୦୧ଟି ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟ ଓ ଜୁନିୟର ରେସିଡେଣ୍ଟ ଆଦି ମଞ୍ଜୁରପ୍ରାପ୍ତ ପଦବୀ ରହିଥିବାବେଳେ ଏବେ ମଧ୍ୟ ୪୮ଟି ପଦବୀ ଖାଲିପଡ଼ିଛି। ଯାହା ଖୁବଶୀଘ୍ର ପୂରଣ ହେବ।

ସେହିପରି ଚିକିତ୍ସା ସେବା ଯୋଗାଇବା ପାଇଁ ଏଠାରେ ନର୍ସି ବିଭାଗରେ ୨୫୨ ଜଣ, ଡିଏମଏଲଟି ବିଭାଗରେ ୯୦ ଜଣ ଓ ଡିଏମଆରଟି ବିଭାଗରେ ୬୦ ଜଣ କର୍ମଚାରୀ ସେବା ଯୋଗାଇବା ପାଇଁ ପ୍ରସ୍ତୁତ ରହିଛନ୍ତି। ଏହାସହ ମେଡିକାଲ କଲେଜରୁ ପ୍ରତି ବ୍ୟାଚ୍‌ରେ ଉତ୍ତୀର୍ଣ୍ଣ ହେଉଥିବା ୧୨୫ ଜଣ ଛାତ୍ରଛାତ୍ରୀଙ୍କ ରୋଗୀ ସେବା ମଧ୍ୟ ବେଶ୍ ଗୁରୁତ୍ୱ ବହନ କରିବ। ଏହା ସମଗ୍ର ମୟୂରଭଞ୍ଜ ଓ ଆଖପାଖ ଜିଲ୍ଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୂର୍ବରୁ ସାଧାରଣ ରୋଗୀ କଟକ ବା ଭୁବନେଶ୍ୱର ରେଫର ହୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ଗୋଟିଏ ଛାତ ତଳେ ଆଧୁନିକ ଟେକ୍ନୋଲୋଜି ସହ ଚିକିତ୍ସା ମିଳିବାକୁ ଯାଉଥିବାରୁ ଏହା ସମସ୍ତଙ୍କ ପାଇଁ ବଡ଼ ଆଶ୍ୱାସନା ଆଣିଦେବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଉଦ୍‌ଘାଟନୀ ଉତ୍ସବକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପଞ୍ଚାୟତିରାଜ, ଆରଡି, ପିଡବ୍ଲ୍ୟୁଡି ଓ ଜଳସେଚନ ଭଳି ବିଭିନ୍ନ ବିଭାଗର ପ୍ରକଳ୍ପର ଲୋକାର୍ପଣ ହେବାକୁ ଯାଉଛି। ଏଥିସହ ପିଆରଏମ ମେଡିକାଲ କଲେଜର ସ୍ଥାନାନ୍ତର ପ୍ରକ୍ରିୟା ପାଇଁ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ପରିଚାଳନା ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିୟୋଜିତ କରାଯାଇଛି। ୯ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ୧୦୦ ଆସନରୁ ଶିକ୍ଷାଦାନ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ଏହା ୧୨୫ ଆସନରେ ପହଞ୍ଚିଛି। ଆଗାମୀ ଦିନରେ ବିଏସସି ନର୍ସି ସମେତ ଅନ୍ୟାନ୍ୟ ପାଠ୍ୟକ୍ରମ ଯୋଡ଼ି ହେଲେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଶିକ୍ଷା କ୍ଷେତ୍ର ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

### ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାଇନିଂ ବକେୟା ଆଦାୟ ପାଇଁ ସମ୍ପତ୍ତି ଦଖଲ ପ୍ରକ୍ରିୟା ଆରମ୍ଭ

## ଖଣି ମାଲିକଙ୍କ ଘରେ ପ୍ରଶାସନର ବଡ଼ କାର୍ଯ୍ୟାନୁଷ୍ଠାନ



**ରାଇରଙ୍ଗପୁର, ୭।୬(ସମିସ):** ଜିଲ୍ଲାରେ ବେଆଇନ ଖଣି କାରବାର ରୋକିବା ଓ ରାଜସ୍ୱ ଆଦାୟ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଦୀର୍ଘ ବର୍ଷ ହେବ ଖଣି ମାଲିକଙ୍କ ବକେୟା ଥିବା ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିପୁଳ ମାଇନିଂ ରାଜସ୍ୱ ଆଦାୟ ପାଇଁ ଜିଲ୍ଲା ସାର୍ଟିଫିକେଟ ଅଫିସର ତଥା ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ ପ୍ରକ୍ରିୟା ଜାରି ରହିଛି। ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଖଣି ମାଲିକ ଜୟ କିଶୋର ଚୌବେଙ୍କ ବାସଭବନରେ ଶନିବାର ସକାଳୁ ଚଢ଼ଉ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ରାଇରଙ୍ଗପୁର ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ରାଇରଙ୍ଗପୁର ତହସିଲଦାର ଭବାନୀ ପ୍ରସାଦ ସାହୁ, ସବରେଜିଷ୍ଟ୍ରାର ରାଜେଶ୍ୱରୀ ମାଝୀ, ଖଣି ଅଧିକାରୀ ନିତ୍ୟାନନ୍ଦ ନାଏକ, କନିଷ୍ଠ ଖଣି ଅଫିସର, ରାଜସ୍ୱ ପର୍ଯ୍ୟବେକ୍ଷକ ଇଂ ନିହାର କୁମାର ପାତ୍ର, ଆରଆଇ ରଞ୍ଜନ ମହାନ୍ତ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ରାଇରଙ୍ଗପୁର ପୁଲିସ ମିଳିତ ଭାବେ ଖଣି ମାଲିକଙ୍କ ଅଁଳାଡୁବାସ୍ଥ ବାସଭବନରେ ଚଢ଼ଉ କରିଥିଲେ। ୨୦୧୮ରେ ହୋଇଥିବା ମାମଲା ଅନୁଯାୟୀ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବାକି ପଡ଼ିଛି। ତେଣୁ ସମସ୍ତ ସମ୍ପତ୍ତିକୁ ସରକାରୀ ଅକ୍ତିଆରକୁ ନେବା ସହ ଏହାର ନିଲାମ ମୂଲ୍ୟ ନିର୍ଦ୍ଧାରଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଶ୍ରୀ ଚୌବେଙ୍କ ଘରେ ପହଞ୍ଚିଥିବାବେଳେ ସେ ଉପସ୍ଥିତ ନ ଥିଲେ। ତେବେ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ଗୃହରେ ଆତ୍ୟାଧୁନିକ କୋଠରୀ ରହିଛି। ଗୃହ ସମ୍ପତ୍ତିର ମୂଲ୍ୟ ରାଇରଙ୍ଗପୁର ପ୍ରଶାସନ ଆକଳନ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରିବେ। ଜିଲ୍ଲାପାଳ ହେମକାନ୍ତ ସୟ ରାଇରଙ୍ଗପୁର ତହସିଲଦାରଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ଚିହ୍ନଟ ହୋଇଥିବା ସମସ୍ତ ସମ୍ପତ୍ତିକୁ ସରକାରୀ ଅକ୍ତିଆରକୁ ନେବା ସହ ଏହାର ମୂଲ୍ୟ ନିର୍ଦ୍ଧାରଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଙ୍ଗିରିପୋଷି ଥାନା ତଥା ତହସିଲ ଅନ୍ତର୍ଗତ କାହିଆବେଡ଼ା ଓ ବାଉଁଶବୁଡ଼ି ଗ୍ରାମରେ ଥିବା ପଥର ଖଣିକୁ ଶ୍ରୀ ଚୌବେ ଲିଜ ନେଇଥିଲେ।

## ସାଂସଦଙ୍କ ଅଲଚିକି ଲିପି ଶିକ୍ଷାକେନ୍ଦ୍ର ପରିଦର୍ଶନ



**ରାଇରଙ୍ଗପୁର, ୭।୬(ସମିସ):** ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ଅଲଚିକି ଲିପି ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ମାଗଣା ତାଲିମ ଶିବିର ଜାରି ରହିଛି। ଉକ୍ତ କେନ୍ଦ୍ରକୁ ସାଂସଦ ନବଚରଣ ମାଝୀ ପରିଦର୍ଶନ କରିଛନ୍ତି। ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ଶହୀଦ ନୁଦୁରାମ ମେମୋରିଆଲ ଟ୍ରଷ୍ଟ ଓ ଅଲ୍ ଇତୁନ ଆଶ୍ରା ଆନୁକୂଲ୍ୟରେ ଅଲଚିକି ଲିପି ଶିକ୍ଷା ଜାରି ରହିଛି। ଏ ଅବସରରେ ଆୟୋଜିତ ବୈଠକକୁ ଟ୍ରଷ୍ଟି ମନୋରଞ୍ଜନ ହାଁସଦା ଅଧ୍ୟକ୍ଷତା କରି ଟ୍ରଷ୍ଟର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ମୋଚିରାମ ମାଝୀ ଟ୍ରଷ୍ଟର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏମ୍ ବିଜୟ କୁମାର ରାମଙ୍କ ଅନୁପସ୍ଥିତି ଯୋଗୁଁ ଟ୍ରଷ୍ଟର ଆବାହକ ଗୋପାଳକୃଷ୍ଣ ମହାନ୍ତି ବୈଠକ ପରିଚାଳନା କରିଥିଲେ। ସେବାସ୍ତମ୍ଭ ସଭାପତି ରବୀନ୍ଦ୍ର ମୁଖୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟ ମୁଖ୍ୟ ମନୋରଞ୍ଜନ ହାଁସଦା ଅଲଚିକି ଶିକ୍ଷକ/ଶିକ୍ଷୟିତ୍ରୀ ନିସ୍ୱାର୍ଥପର ଭାବେ ସହଯୋଗ କରିଥିବାରୁ ଧନ୍ୟବାଦ ଦେଇଥିଲେ। ମାତୃଭାଷାର ଶିକ୍ଷା ହେଉଛି ପ୍ରତ୍ୟେକ ମାନବ ସମାଜର ମୌଳିକ ଅଧିକାର। ଯେଉଁ ଦେଶର ଶିକ୍ଷାର ପ୍ରଗତି ଅଧିକ ସେହି ଦେଶର ପ୍ରଗତି ସେତେ ଅଧିକ ଅଟେ। ଅଲଚିକି ଲିପିର ପ୍ରସାର ଓ ପ୍ରଚାର ପାଇଁ ବିଶିଷ୍ଟ ଯୁବ ସମାଜସେବୀ ମନୋରଞ୍ଜନ ହାଁସଦା ପ୍ରୟାସ କରିଛନ୍ତି। ଏଥିପାଇଁ ଶହୀଦ ନୁଦୁରାମ ସୋରେନ ଟ୍ରଷ୍ଟ ପକ୍ଷରୁ ଗ୍ରୀଷ୍ମାବକାଶରେ ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ମୁକ୍ତ ସାନ୍ତାଳୀ ଭାଷା ଓ ଲିପି ଅଲଚିକି ଶିକ୍ଷାଦାନ କାର୍ଯ୍ୟକ୍ରମ ହେଉଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ବାରିପଦା ଗସ୍ତ

**ବାରିପଦା, ୭।୬(ସମିସ):** ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଦିନିକିଆ ଗସ୍ତରେ ବାରିପଦା ଆସୁଛନ୍ତି। ଏହି ଗସ୍ତ ସମୟରେ ସେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି। ବେସରକାରୀ ସୂତ୍ରରୁ ମିଳିଥିବା କାର୍ଯ୍ୟସୂଚୀ ଅନୁସାରେ ପୂର୍ବାହ୍ନ ୧୦ଟା ୪୫ ମିନିଟରେ ସ୍ଥାନୀୟ ରିଜର୍ଭ ପୁଲିସ୍ ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ହେଲିକପ୍ଟର ଯୋଗେ ପହଞ୍ଚିବେ ମୁଖ୍ୟମନ୍ତ୍ରୀ। ସେଠାରୁ ଛଉ ପଡ଼ିଆ-କଲେଜ ଫିଲ୍ଡରେ ପହଞ୍ଚି ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ମଧ୍ୟାହ୍ନ ୧୨:୪୫ରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ (ପିଆରଏମଏମସିଏଚ୍)ର ରଙ୍ଗାମାଟିଆ ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ଉଦଘାଟନୀ ଉତ୍ସବରେ ଯୋଗଦେବେ। ଅପରାହ୍ନ ୧ଟାରୁ ୧ଟା ୩୦ ପର୍ଯ୍ୟନ୍ତ ଭାବବିନିମୟ କାର୍ଯ୍ୟକ୍ରମରେ ଭାଗ ନେବେ। ପରେ ଅତିଥି ଭବନରେ କିଛି ସମୟ ବିଶ୍ରାମ ନେବେ। ସେଠାରୁ ଅପରାହ୍ନ ୨ଟା ୪୦ ମିନିଟରେ ରଙ୍ଗାମାଟିଆ ଫୁଟବଲ୍ ପଡ଼ିଆ ଅସ୍ଥାୟୀ ହେଲିପ୍ୟାଡରୁ ଭୁବନେଶ୍ୱର ଅଭିମୁଖେ ହେଲିକପ୍ଟର ଯୋଗେ ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଜନସାଧାରଣଙ୍କୁ ଯାତାୟାତ ଓ ସୁରକ୍ଷା ନିୟମ ମାନିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ସରିଗଲା ମହୋତ୍ସବ, ଛାଡ଼ିଗଲା ସ୍ମୃତି

## ସମ୍ବର୍ଦ୍ଧିତ ହେଲେ ୬୮ କଳାକାର



**ବାରିପଦା, ୭।୬(ସମିସ):** ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ୬ ଦିନିଆ ନାଟ୍ୟ ମହୋତ୍ସବ ସଫଳତାର ସହ ଉଦଯାପିତ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ପରିବେଷିତ ଉଚ୍ଚକୋଟୀର ନାଟକ ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ। ମଞ୍ଚରେ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଆଜି ସ୍ଥାନୀୟ ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ପକ୍ଷରୁ ନାଟ୍ୟ ମହୋତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ନାଟ୍ୟସଂସ୍ଥାର ମୋଟ ୬୮ ଜଣ ଅଭିନେତା ଓ ଅଭିନେତ୍ରୀଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତସହିତ ସମସ୍ତ ନାଟକର ମଞ୍ଚ ପରିଚାଳକଙ୍କ ସମେତ ପ୍ରତ୍ୟେକ ଦିନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ପରିବାରର ସର୍ବକନିଷ୍ଠ ସଦସ୍ୟ ଆୟୁଷ ଗିରିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପରବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଅସିତ କୁମାର ଗିରି, ବରିଷ୍ଠ ଉପଦେଷ୍ଟା ତଥା ପ୍ରତିଷ୍ଠିତ ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ, ଉପସଭାପତି ଅନ୍ନଦା ଦାଶ ଓ ଡଃ ପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ସମ୍ବର୍ଦ୍ଧିତ କରିବା ସହ ନାଟକକୁ ବଞ୍ଚାଇ ରଖିବା ପାଇଁ ସୁଚିନ୍ତିତ ମତ ପୋଷଣ କରିଥିଲେ। ଏହି ମହୋତ୍ସବରେ ବହୁ ଯୁବ ଅଭିନେତା ଓ ଅଭିନେତ୍ରୀ ପ୍ରଥମ ଥର ପାଇଁ ମଞ୍ଚରେ ପାଦଦେଇ ବେଶ ଉଚ୍ଚମାନର ଅଭିନୟ କରିଥିଲେ ବୋଲି ବରିଷ୍ଠ ସଦସ୍ୟମାନେ ପ୍ରକାଶ କରିଛନ୍ତି। ସହସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଲ୍‌ଚିକି ବାର୍ଷିକୀ ପରୀକ୍ଷାରେ ୩୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

**ରାଇରଙ୍ଗପୁର, ୭।୬(ସମିସ):** ଆସେକା ପକ୍ଷରୁ ଅଲିଚିକି ଲିପିର ପ୍ରଚାର ପ୍ରସାର ନିମନ୍ତେ ଅଲଚିକି ବାର୍ଷିକୀ ପରୀକ୍ଷା ଅନୁଷ୍ଠିତ ହୋଇଛି। ତିରିଂ ବ୍ଲକ ଅନ୍ତର୍ଗତ ବଡ଼ଡାଲିମାସ୍ଥ ପାର୍ବତୀ ବାଳିକା ଉଚ୍ଚବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତିନିଦିନ ଧରି ବିଭିନ୍ନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ରବିବାର ପରୀକ୍ଷା ଶେଷ ହୋଇଛି। ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାରମ୍ପରିକ ବେଶ ପୋଷାକରେ ଯୋଗଦେଇ ଅଲଚିକି ଗ୍ରୀଷ୍ମ ବାର୍ଷିକୀ ପରୀକ୍ଷା ଦେଇଥିଲେ। ପରୀକ୍ଷା କେନ୍ଦ୍ରରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ସମେତ ଅନ୍ୟ ଅତିଥି ଭାବେ ଅଲଚିକି ପ୍ରଚାରକ ବାଘରାୟ ହେମ୍ବ୍ରମ, ଅଲଚିକି ଶିକ୍ଷୟିତ୍ରୀ ସୁରୁବାଲି ମାରାଣ୍ଡି, ଆସେକ ସାଧାରଣ ସମ୍ପାଦକ ଜିତେନ୍ଦ୍ର ହାଁସଦା, ଅବସରପ୍ରାପ୍ତ ଏବିଇଓ ମକର ମୁର୍ମୁ, ସମାଜସେବୀ ଭୁଗଲୁ ପ୍ରସାଦ ମାରାଣ୍ଡି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାଚରଣ ମାଝୀ, ସାନ୍ତାଳୀ ଗାୟିକା ନିର୍ମଳା କିସ୍କୁ ଓ ଯମୁନା ଟୁଡୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଲିଚିକି ଲିପିର ପ୍ରଚାର ପ୍ରସାର ପାଇଁ ଆସେକା ପକ୍ଷରୁ ପ୍ରତିବର୍ଷ କରାଯାଉଥିବା ଉକ୍ତ ପରୀକ୍ଷାକୁ ସ୍ୱାଗତ ଜଣାଇଥିଲେ। ଉକ୍ତ ପରୀକ୍ଷାକୁ ଅଲଚିକି ଶିକ୍ଷକ ଲକ୍ଷ୍ମଣ ମାରାଣ୍ଡି, କର ବାସ୍କେ, ଦୁଲାରୀ ହାଁସଦା, ଫୁଲମଣି ହେମ୍ବ୍ରମ, ହିନ୍ଦୁରାଇ ସୋରେନ, ଉଦାଇ ସୋରେନ, ଯୋଗେଶ୍ୱର ବେଶ୍ରା ପ୍ରମୁଖ ପରିଚାଳନା କରିଥିଲେ।



### ରାଇରଙ୍ଗପୁରରେ ଜୁଆ ଆଡ୍ଡା ସକ୍ରିୟ

## ବିଭିନ୍ନ ସ୍ଥାନରେ ଖୁଲମଖୁଲା ଚାଲିଛି ଜୁଆ ଖେଳ

**ରାଇରଙ୍ଗପୁର, ୭।୬(ସମିସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ରାଇରଙ୍ଗପୁରରେ ଜୁଆଡ଼ିଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା କରି ଖୁଲମଖୁଲା ଭାବେ ଜୁଆ ଖେଳକୁ ଅଧିକ ସକ୍ରିୟ କରୁଛନ୍ତି। ଏହାକୁ ରୋକିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ପୂର୍ବରୁ ମକର ସଂକ୍ରାନ୍ତି, ଦୁର୍ଗାପୂଜା, ନବବର୍ଷ ଆଦି ପର୍ବପର୍ବାଣୀ ସମୟରେ ଗ୍ରାମାଞ୍ଚଳ ହାଟ ଓ ଅନ୍ୟାନ୍ୟ ସ୍ଥାନରେ ଜୁଆ ଆଡ୍ଡା ହେଉଥିଲା। ବର୍ତ୍ତମାନ ତାହା ବ୍ୟାପିବା ସହ ବର୍ଷ ତମାମ ଜୁଆଡିଙ୍କ ଉପଦ୍ରବ ଜାରି ରହିଛି। ଜୁଆଡି ଟିମ ସକ୍ରିୟ ଭାବେ ସପ୍ତାହକ ସାରା ରାଇରଙ୍ଗପୁରର ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ସଜେଇ ଖେଳ ଜାରି ରଖିଛନ୍ତି। ଜୁଆଡ଼ି ଟିମ ସକ୍ରିୟ ଭାବେ ପୁଲିସ ପ୍ରଶାସନର ନାକ ତଳେ ଜୁଆ ଖେଳ ଚଳାଇଛନ୍ତି। ଫଳରେ ଲୋକ ନିଜର କଷ୍ଟ ଉପାର୍ଜିତ ଧନ ହରାଉଥିବାବେଳେ ଏହାକୁ ରୋକିବାରେ ପୁଲିସ ବିଫଳ ହୋଇଛନ୍ତି। ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଚମ୍ପାବୁଦା ନିକଟସ୍ଥ ଖେଳ ପଡ଼ିଆରେ ଶୁକ୍ରବାର, ଶନିବାର ଓ ରବିବାର ଜୁଆ ଆଡ୍ଡା ହେଉଥିବାବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପିଠାକୁଟୁଣିରେ ସୋମବାରଠାରୁ ଜୁଆ ଆଡ୍ଡା ବସୁଛି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ସିନ୍ଦୁରଗୌରୀ, ଇଚିଣ୍ଡା ଓ ବହଳଦା ଥାନା ଅନ୍ତର୍ଗତ ଅଁଳାଯୋଡ଼ି ଗ୍ରାମର ଲୋକେ ଉକ୍ତ ଜୁଆ ଖେଳରେ ସମ୍ପୃକ୍ତ ରହି ଖୁଲମଖୁଲା ଜୁଆ ଖେଳ ଚଳାଇଛନ୍ତି। ପ୍ରତିଦିନ ଜୁଆ ଖେଳ ହେଉଥିବାବେଳେ ନିୟମିତ ୫/୬ ପାଳି ଜୁଆ ହେଉଛି। ପ୍ରତି ପାଳିରେ ଜୁଆଡି ୨୦, ୦୦୦ ଟଙ୍କା ପାଉଛନ୍ତି। ଉକ୍ତ ଟଙ୍କାର ଅଂଶ ବିଭିନ୍ନ ସ୍ଥାନର ତଳରୁ ଉପର ପର୍ଯ୍ୟନ୍ତ ଅଧିକାରୀଙ୍କ ପର୍ଯ୍ୟନ୍ତ ପ୍ରତିଦିନ ପାଳି ଅନୁଯାୟୀ ବଟି ପ୍ରଦାନ କରାଯାଉଥିବା ଜଣେ ବ୍ୟକ୍ତି ନାମ ଗୋପନ ରଖି ଜଣାଇଛନ୍ତି।

ସେହିପରି ରାଇରଙ୍ଗପୁର ଅଞ୍ଚଳର ଗଡ଼ ନିକଟସ୍ଥ ମଧୁବନ ସାହି, ସିନ୍ଦୁରଗୌରି ଗାଁର ଚଟାଣୀ, ତିଳପୋଷି ଓ ଭାଲୁବସା ଗାଁ ସମେତ ବିଭିନ୍ନ ସାପ୍ତାହିକ ହାଟ, ବଜାର,

- ପୋଲିସ ପ୍ରଶାସନ ଜ୍ଞାତରେ ଚାଲିଛି ଖେଳ
- ହେଉନି କାର୍ଯ୍ୟାନୁଷ୍ଠାନ, ନିର୍ଭୟରେ ଜୁଆଡ଼ି
- ଜୁଆ ଖେଳି ସର୍ବସ୍ୱାନ୍ତ ହେଉଛନ୍ତି ଲୋକେ

ଗ୍ରାମାଞ୍ଚଳରେ ଜୁଆ ଖେଳ ହେଉଛି। ଠୁଳ ଠୁଲି ଓ ତିନି ଗୋଟି ଆଦି ଜୁଆ ଖେଳ ବେଶୀ ଚାଲିଛି। ଏକ ଚାରିଚକିଆ ଗାଡ଼ିରେ ଜୁଆ ଖେଳ ସରଞ୍ଜାମ ନେଇ ହାଟ ସ୍ଥାନରେ ପହଞ୍ଚି ପସରା ମେଲାଉଛନ୍ତି ଜୁଆଡ଼ି। ପୁଲିସ ପ୍ରଶାସନ ଜ୍ଞାତରେ ଜୁଆ ଖେଳ ଜାରି ରହିଛି। କାର୍ଯ୍ୟାନୁଷ୍ଠାନ ଅଭାବରୁ ନିର୍ଭୟରେ ଜୁଆଡି ଖେଳ ଜାରି ରଖିଥିବାବେଳେ ଜୁଆ ଖେଳି ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି। ତାଙ୍କ ନଜରରେ ନିଶାସକ୍ତ ଲୋକେ ବେଶୀ ରହିଥା'ନ୍ତି। ଅଳ୍ପ ଟଙ୍କା ଲଗାଇ ଅଧିକ ଟଙ୍କା ଜିତିବାର ପ୍ରଲୋଭନ ଦେଖାଇ ଜୁଆ ଖେଳିବାକୁ ବାଧ କରନ୍ତି। ଥରେ ଉକ୍ତ ଜୁଆ ଖେଳ ଆରମ୍ଭ କଲେ ସବୁ ଟଙ୍କା ହରାଇ ଲୋକେ ସର୍ବସ୍ୱାନ୍ତ ହୋଇଥା'ନ୍ତି। ଜୁଆ ଖେଳାଳି ବାବଦରେ ସ୍ଥାନୀୟ ଥାନା ସବୁ ଜାଣି ସୁଦ୍ଧା ଚଢ଼ଉ ନକରି ଚୁପ୍ ରହୁଛନ୍ତି। ବର୍ଷକୁ ଥରେ କାଁ ଭାଁ ଚଢ଼ଉ କରି ଗୋଟିଏ ଦୁଇଟି ଜୁଆଡ଼ି ଟିମକୁ ଧରି ପୁଲିସ ଚୁପ୍ ରହୁଛି। ଏ ନେଇ ସତନ୍ତ୍ର ପୁଲିସ ଟିମ କରି ଚଢ଼ଉ ପ୍ରକ୍ରିୟା ଆବଶ୍ୟକ ରହିଛି। ରାଇରଙ୍ଗପୁର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ ଆଗକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମିଳିତ ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ରହିଛି। ଯାହାକୁ ନେଇ ଅନେକ ସ୍ଥାନରୁ ଲୋକେ ରାଇରଙ୍ଗପୁର ଆସିବା ଆରମ୍ଭ ହୋଇଛି। ଏ ସମୟରେ ଜୁଆ ଆଡ୍ଡା ଦେଖି ରାଇରଙ୍ଗପୁର ପରିଚୟ ନଷ୍ଟ ହେଉଛି। ବର୍ତ୍ତମାନ ସମୟରେ ରାଇରଙ୍ଗପୁର ସମେତ ଅନ୍ୟ ସ୍ଥାନରେ ଜୁଆ ଖେଳ ସକ୍ରିୟ ଥିବାରୁ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ବନ୍ଦ କରିବା ନେଇ ପୁଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।



# ଜଡିଚାତର ଗ୍ରାମରେ ବ୍ଲକ୍‌ସ୍ତରୀୟ ଗୋଣ୍ଡ ସାଂସ୍କୃତିକ ସମାଜ ବୈଠକ



ତୁରୁମୁଙ୍ଗା, ୭।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚାକୁଣ୍ଡାପାଳ ଗ୍ରାମପଞ୍ଚାୟତର ଜଡି ଚାତର ଗ୍ରାମରେ ରବିବାର ଜିଲ୍ଲା ଗୋଣ୍ଡ ସାଂସ୍କୃତିକ ସମାଜ ତରଫରୁ ଏକ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଗୋଣ୍ଡ ସାଂସ୍କୃତିକ ସମାଜର ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ଯୁଧିଷ୍ଠିର ସିଂହ, ପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ଉପଦେଷ୍ଟା ହରେକୃଷ୍ଣ ନାୟକ, ଯୁଗ୍ମ ସମ୍ପାଦକ ବାସୁଦେବ ସିଂହ, ସହ ସମ୍ପାଦକ ବ୍ରହ୍ମାନନ୍ଦ ଦେହୁରୀ, ଉପସଭାପତି ବେଣୁଧର ନାୟକ, କୋଷାଧ୍ୟକ୍ଷ ପରେଶ ମହାପାତ୍ର, ସହ କୋଷାଧ୍ୟକ୍ଷ ରୁଦ୍ରଚରଣ ନାୟକ, ବୃଷକେତୁ ନାୟକ, ହାଡିବନ୍ଧୁ ନାୟକ, ଦାଶରଥୀ ନାୟକ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ପାଟଣା ବ୍ଲକ କମିଟିର ନୂତନ ଗଠନ କରାଯାଇଛି। ଏଥିରେ ବ୍ଲକ ସଭାପତି ଭାବେ ନିଶାକର ନାୟକ, ସମ୍ପାଦକ ଭାବେ ଗୌରାଙ୍ଗ ନାୟକ, ନାରୀ ସଂଗଠନ ସଭାପତି ବୈଦେହୀ ନାୟକ, ସମ୍ପାଦକ ଶୁଭସ୍ମିତା ନାୟକ, ଯୁବ ସଂଗଠନ ସଭାପତି ଟସ୍କର ନାୟକ ଏବଂ ସମ୍ପାଦକ ବିପିନ ନାୟକଙ୍କୁ ନିର୍ବାଚିତ କରାଯାଇଛି। ସେହିପରି ଗୋଣ୍ଡ ଜନଜାତିର ଛାତ୍ରଛାତ୍ରୀଙ୍କ ଶିକ୍ଷା ଉନ୍ନତି ପାଇଁ ଜଡି ଚାତର ଗ୍ରାମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଗୋଣ୍ଡ ଚାଟଶାଳା ଜୁଲାଇରୁ ଆରମ୍ଭ କରିବା ନିଷ୍ପତ୍ତି ନିଆଯାଇଛି। ବୈଠକକୁ ବିପିନ ନାୟକ ପରିଚାଳନା କରିଥିବାବେଳେ ଯୁଧିଷ୍ଠିର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଚରମକଳା କ୍ଷେତ୍ରର ବାର୍ଷିକ ହସ୍ତଶିଳ୍ପ ପ୍ରଦର୍ଶନୀ



ଆନନ୍ଦପୁର, ୭।୬(ସମିସ): ଘଷିପୁରାସ୍ଥିତ ଥାନା ସମ୍ମୁଖ ରାୟ କଲୋନୀଠାରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଚରମ କଳା କ୍ଷେତ୍ରର ବାର୍ଷିକ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ ପରୀକ୍ଷା ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୦୦ ଚିତ୍ରକଳା ଏବଂ ସୃଜନଶୀଳ କଳାକୃତି ପ୍ରଦର୍ଶିତ ହୋଇଥିଲା।

ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ସତ୍ୟପ୍ରକାଶ ବଳ, ଅଧ୍ୟକ୍ଷ ଦୀପ୍ତିମଞ୍ଜରି କୁଅଁର, ପରାମର୍ଶଦାତା ଆଶିଷ କୁମାର ରାୟ, ବ୍ରହ୍ମାନନ୍ଦ ଜେନା ଏବଂ ପ୍ରିୟାଲକ୍ଷ୍ମୀ ଶାଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଶିକ୍ଷାବିତ ଅଭିମନ୍ୟୁ ସାହୁ ସମ୍ମାନିତ ଅତିଥି ସାମ୍ବାଦିକ ଶତ୍ରୁଘ୍ନ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଯଶୋବନ୍ତ ପାଢ଼ୀ, ବାଦ୍ୟଗୁରୁ ଅରୁଣ କୁମାର ସାହୁ, ନୃତ୍ୟଗୁରୁ ଅନସୂୟା ଯେନା, ଚିତ୍ରଶିଳ୍ପୀ ନୂତନ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳ ଉତ୍କର୍ଷ ହାସଲ କରିବାକୁ ଉତ୍ସାହିତ କରିଥିଲେ। ଏହି ପରୀକ୍ଷାକୁ କୋଲକାତାର ସୁର ଭାରତୀ କଳା କେନ୍ଦ୍ରର ବାହ୍ୟ ପରୀକ୍ଷକ ଦୁର୍ଜୟ କେତନ ବେହେରା ପରିଚାଳିତ କରିଥିଲେ। ଭଦ୍ରକ, ବାଲେଶ୍ୱର, ଯାଜପୁର, ଘଟଗାଁ, ଆନନ୍ଦପୁର, ଘଷିପୁରା, କେଶଦୁରାପାଳ, ବ୍ରାହ୍ମଣୀପାଳ ଏବଂ ଦେଓଗାଁର ତଥା ବିଭିନ୍ନ ଉପାନ୍ତର ୮୨ ଜଣ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହିତ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଚିତ୍ରକଳା, ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ପ୍ରଦର୍ଶନ ଏବଂ ସୃଜନଶୀଳତା ପାଇଁ ପ୍ରଶଂସା ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଆରୋହନ୍ ଫାଇନାନ୍ସ ଏଜେଣ୍ଟ ଗିରଫ



ଆନନ୍ଦପୁର, ୭।୬ (ସମିସ): ଆନନ୍ଦପୁରର ଖପରଖାଇଠାରେ ଥିବା ଆରୋହନ ଫାଇନାନ୍ସ ଲିମିଟେଡର ଏଜେଣ୍ଟ ରାକେଶ ସାମଲଙ୍କୁ ପୁଲିସ ଗିରଫ କରିଛି। ଗତ ମଇ ମାସରେ ଉକ୍ତ ଏଜେଣ୍ଟ ୪୩ ଗ୍ରାହକଙ୍କଠାରୁ ୫ଲକ୍ଷ ୭୦ହଜାର ଟଙ୍କା ଆଦାୟ କରି ବ୍ୟାଙ୍କରେ ଡିପୋଜିଟ ନକରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା। ପରେ ଫାଇନାନ୍ସ କମ୍ପାନୀ ମ୍ୟାନେଜର ବିଶ୍ୱପ୍ରକାଶ ଦାସ ଥାନାରେ ରିପୋର୍ଟ କରିଥିଲେ। ଆନନ୍ଦପୁର ପୁଲିସ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା ପୁଲିସ ଏଜେଣ୍ଟ ରାକେଶଙ୍କୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଛି।

# ଅପରେସନ୍ ବୈତରଣୀ ବନ୍ଦ ପରେ ସୀମାରୁ ଚୋରା ଚାଲାଣ

ଆନନ୍ଦପୁର, ୭।୬(ସମିସ)



ବାଲିମାଫିଆଙ୍କ ବିରୋଧରେ କଠୋର ଆଭିମୁଖ୍ୟ ପାଇଁ କେନ୍ଦୁଝର ପୁଲିସ୍ ପକ୍ଷରୁ ଆନନ୍ଦପୁର ଅଞ୍ଚଳରେ ଅପରେସନ୍ ବୈତରଣୀ ଅଭିଯାନ ଚାଲିଥିଲା। ଏହିକ୍ରମରେ କେନ୍ଦୁଝର ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଆନନ୍ଦପୁର ଅଞ୍ଚଳରେ ଚଢ଼ଉ କରିଥିଲା। ପୁଲିସ ୯ ଜଣଙ୍କୁ ଗିରଫ କରିଥିବାବେଳେ ୨୭ଲକ୍ଷ ଟଙ୍କା ୫୦ଗାଡି ମଧ୍ୟ ଜବତ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଅପରେସନ୍ ବନ୍ଦ ହୋଇଯାଇଛି। ଏହି ଅପରେସନ୍ କେବଳ ଆନନ୍ଦପୁର ପାଇଁ ଉଦ୍ଦିଷ୍ଟ ରହିଥିଲା ବୋଲି ମଧ୍ୟ ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ଆନନ୍ଦପୁର ଅଞ୍ଚଳରୁ ବୈତରଣୀରୁ ବାଲିନେଇ କେନ୍ଦୁଝର ଜିଲ୍ଲା ସୀମା ମୟୂରଭଞ୍ଜ ଜିଲ୍ଲା ଅଞ୍ଚଳରେ ଡମ୍ପ କରି ବାଲି ବେପାର କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପଟେ ବୈତରଣୀ ନଦୀ କେନ୍ଦୁଝର ଜିଲ୍ଲାର ଅନ୍ୟ ଅଞ୍ଚଳର ସହିତ ଯାଜପୁର ଜିଲ୍ଲାରେ ମଧ୍ୟ ପ୍ରବାହିତ ହୋଇଛି। ଏପରିକି କେନ୍ଦୁଝର ଜିଲ୍ଲାରେ ବାଲି ଚାଲାଣ ବନ୍ଦ ରହିଥିବାବେଳେ ସୀମାରେ ଯାଜପୁର ଜିଲ୍ଲାରେ ରଣପୁର, ମୁକୁନ୍ଦପୁର, ମଥୁରାପୁର ଓ କଣ୍ଟାବଣିଆରେ ଦିନରାତି ବୈତରଣୀ ନଦୀରୁ ବାଲି ଚାଲାଣ ଖୋଲାଖୋଲି ଭାବେ ଚାଲିଛି। ଆଗକୁ ମୌସୁମୀ ଆସୁଥିବାରୁ ମାଫିଆମାନେ ଦିନରାତି ଏକ କରି ବିନା କାଗଜପତ୍ରରେ ବାଲି ପରିବହନ ଜାରି ରଖିଛନ୍ତି। କେନ୍ଦୁଝର ସୀମାରେ ମୁଖ୍ୟମନ୍ତ୍ରୀଙ୍କ ଆଦେଶ କେବେ କାର୍ଯ୍ୟକାରୀ ହେବ ବୋଲି ପ୍ରଶ୍ନ ଉଠିଛି।

### ପାଟ୍ରୋଲିଂ ନିଷ୍କ୍ରିୟ

# ରାତିଅଧରେ ଜୋରଦାର ବାଲି ଚାଲାଣ

ହାଟଡ଼ିହୀ, ୭।୬(ସମିସ): ଗତ ଏକ ମାସ ତଳେ ବାଲି ଚୋରା ଚାଲାଣ ହେଉଥିବା ନେଇ ଉଭୟ ମାଇନିଂ ଓ ପୁଲିସ ପ୍ରଶାସନ ପକ୍ଷରୁ ହାଟଡ଼ିହୀ ଅଞ୍ଚଳରେ ଦମଦାର ଚଢ଼ଉ ହୋଇଥିଲା। ଯାହାକୁ ନେଇ ବାଲି ମାଫିଆଙ୍କ ମଧ୍ୟରେ କକୁଆ ଭୟ ସୃଷ୍ଟି ହୋଇଥିଲା। ପରେ ଚଢ଼ଉ କୋହଳ ହେବା ଏବଂ ମାଇନିଂ ଓ ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାରେ ଶିଥିଳ ପଡିଯିବା କାରଣରୁ ଗତ ଏକ ସପ୍ତାହ ହେବ ପୂର୍ବଭଳି ବାଲି ଚାଲାଣ ପ୍ରକ୍ରିୟା ଜୋରଦାର ଚାଲିଛି। ଏନେଇ ମାଇନିଂ ବିଭାଗର କନିଷ୍ଠ ମାଇନିଂ ଅଧିକାରୀ ପ୍ରଦୀପ ବେହେରା କହିଛନ୍ତି, ବାଲି ଚାଲାଣ ନେଇ ପ୍ରଶାସନ ପକ୍ଷରୁ ପରିବହନ ପାଇଁ ଟ୍ରାଞ୍ଜିଟ୍ ପାସ୍ ପ୍ରଦାନ କରାଯାଇଛି। ତେବେ କେତେ ପରିମାଣର ବାଲି ଏବଂ କେତେ ଚକା ବିଶିଷ୍ଟ ହାଇୱା ଗାଡ଼ିକୁ ଲୋଡିଂ ଅନୁମତି ମିଳିଛି ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ଉପଖଣ୍ଡସ୍ତରୀୟ ମାଇନିଂ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚାହିଁଥିଲେ ସୁଦ୍ଧା କୌଣସି କାରଣରୁ ଯୋଗାଯୋଗ ହୋଇପାରି ନଥିଲା। ମାଇନିଂ ଓ ପୁଲିସ ବିଭାଗର ଯାଞ୍ଚ ପ୍ରକିୟାର କୋହଳ ମନୋଭାବ ଯୋଗୁଁ କିଛି ଟ୍ରାଞ୍ଜିଟ୍ ଗାଡ଼ି ସହ ଅନେକ ବିନା ଟ୍ରାଞ୍ଜିଟ୍ ଗାଡ଼ି ଖୁବ ଆରାମରେ ବାଲି ପରିବହନ କରୁଥିବା କୁହାଯାଇଛି। ଏଭଳି ଯୋଗୁଁ ଉଭୟ ମାଇନିଂ ଓ ପୁଲିସ୍ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବଭଳି ବାଲି ପରିବହନରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବି ହୋଇଥିବା ବେଳେ ଏଦିଗରେ ଖୋଦ୍ ଜିଲ୍ଲାପାଳଙ୍କ ଦୃଷ୍ଟି ପଡିଲେ ଚୋରା ବାଲି ଚାଲାଣରେ ରୋକ୍ ଲାଗିପାରନ୍ତା ବୋଲି କୁହାଯାଇଛି।

# ବିପଦ ବଢ଼ାଉଛି ଖୋଲାମେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର



ହାଟଡ଼ିହୀ, ୭।୬(ସମିସ): ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ଛକ ବଜାର, ଗାଁ ଗଣ୍ଡାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡ଼ିକର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ଲଗାଯାଉଥିବା ବେଳେ ସମଣା ପଞ୍ଚାୟତ ଚାପୁଣ୍ଡିଆ ଗ୍ରାମରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ବିଦ୍ୟୁତ ବିଭାଗ ଦୃଷ୍ଟି ନଦେବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମ ମଧ୍ୟରେ ଥିବା ଏକ ଛକ ସ୍ଥଳ ପାର୍ଶ୍ୱରେ ମେଲା ମୁକୁଳା ହୋଇ ପଡ଼ିଥିବା ଏହି ଟ୍ରାନ୍ସଫର୍ମର ବିପଦକୁ ଆମନ୍ତ୍ରଣ କରୁଥିବା ଦେଖାଯାଇଛି। ଅପରାହ୍ନ ହେଲେ ପିଲାମାନେ ଖେଳକୁଦ କରିବାଠୁଁ ବାକଶୂନ୍ୟ ପ୍ରାଣୀମାନଙ୍କ ବିଚରଣରେ ବିପଦ ଭରି ରହିଛି। ଏଣୁ ଏହି ମେଲାମୁକୁଳା ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱରେ ଯଥାଶୀଘ୍ର ସୁରକ୍ଷା ବାଡ଼ ନିର୍ମାଣ କରିବା ପାଇଁ ଗ୍ରାମର ୱାର୍ଡସଭ୍ୟ ଅର୍ଜୁନ ସେଠୀଙ୍କ ସମେତ ବିଜୟ କୁମାର ସା, ବିପିନ ବିହାରୀ ନାୟକ, ମନୋରଞ୍ଜନ ନାୟକ, ସୁରେନ୍ଦ୍ର ନାୟକ, କ୍ଷୀରୋଦ ସାହୁ, ଅଭିମନ୍ୟୁ ସାହୁ, ଭୀମସେନ ସେଠୀ, ମନୋଜ କୁମାର ସାହା, ବାଇଧର ସାହା, ଘନଶ୍ୟାମ ନାୟକ, ଭାଜନ ସେଠୀ, ବାଇଧର ଜେନା, ରବିନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି।

### ତୁରନ୍ତ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଦାବି

# ଗାଁ ଗାଁରେ ଚାଲିଛି ଏସ୍‌ଆଇଆର୍ କାର୍ଯ୍ୟ



ହାଟଡ଼ିହୀ, ୭।୬(ସମିସ): ଗତମାସ ୩୦ତାରିଖରୁ ଏସଆଇଆର କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ନିର୍ବାଚନ କମିସନରଙ୍କ ନିର୍ଦ୍ଦେଶକ୍ରମେ ଏହି ଏସଆଇଆର କାର୍ଯ୍ୟରେ ବିଏଲଓଙ୍କୁ ନିୟୋଜିତ କରାଯାଇଛି। ବିଏଲଓମାନେ ପ୍ରତ୍ୟେକ ଘରକୁ ଯାଇ ଭୋଟର ମାନଙ୍କ ପରିଚୟ ପତ୍ର ସଂଶୋଧନ କାର୍ଯ୍ୟ କରୁଥିବା ଦେଖାଯାଇଛି। ଖରା ଓ ଗୁଳୁଗୁଳିକୁ ଖାତିର ନକରି ହାଟଡ଼ିହୀ ଗ୍ରାମରେ ବିଏଲଓ ସଦାଶିବ ଚକ୍ର ନିଜ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ଭୋଟର ଶାନ୍ତିଲତା ମହାନ୍ତି ତାଙ୍କ ପରିବାରର ସମସ୍ତ ଏସଆଇଆର ଫର୍ମ ପୂରଣ କରି ବିଏଲଓଙ୍କୁ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି। ଖରା ଯୋଗୁଁ ଲୋକେ ଘରୁ ବାହାରିବାକୁ କୁଣ୍ଠାବୋଧ ହେଉଥିବା ବେଳେ ବିଏଲଓଙ୍କ ଏଭଳି ସେବା ପାଇଁ ସରକାରୀ, ବେସରକାରୀ ଓ ଜନସାଧାରଣଙ୍କ ତରଫରୁ ନିୟୋଜିତ ସମସ୍ତ ବିଏଲଓ ମାନଙ୍କୁ ଧନ୍ୟବାଦ ଦିଆଯାଇଛି।

# ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହେଲା ଟୋଲ୍ ପ୍ଲାଜା

ତୁରୁମୁଙ୍ଗା, ୭।୬(ସମିସ): କେନ୍ଦୁଝର ଜିଲ୍ଲା ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ଟୋଲ ଗେଟ୍‌ରେ ଶନିବାର ରାତି ୮ଟାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟୋଲ ଗେଟ୍‌ର କ୍ୟାମେରା ଗାଡ଼ିର ନମ୍ବର ପ୍ଲେଟ୍ ରିଡ଼ ହୋଇ ନପାରି ବେରିୟର ଖୋଲି ନଥିଲା। ଫଳରେ ଟୋଲ ଗେଟ୍‌ର ଉଭୟ ପାର୍ଶ୍ୱରେ ଭାରୀଯାନ, ବସ ଓ କାର ଅଟକି ରହିଥିଲା। ଟୋଲ ଗେଟ୍‌ରେ ଲାଗିଥିବା ସ୍ୱୟଂଚାଳିତ କ୍ୟାମେରାରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଦୀର୍ଘ ସମୟ ଧରି ଗାଡି ଅଟକି ରହିବାରୁ ଯାତ୍ରୀ ଓ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ସମୟ ଧରି ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା ପରେ ପାଖାପାଖି ପ୍ରାୟ ଘଣ୍ଟାଏ ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଚାଷୀଙ୍କ ଆନ୍ଦୋଳନ ଚେତାବନୀ

# ସାହାରପଡ଼ା ସମବାୟ ସମିତିରେ ସାର ବଣ୍ଟନରେ ଦୁର୍ନୀତି ଅଭିଯୋଗ



ତୁରୁମୁଙ୍ଗା, ୭।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଲ୍ୟାମ୍ପସକୁ ସରକାରୀ ମାଧ୍ୟମରେ ଚାଷୀଙ୍କ ପାଇଁ ସୁଲଭ ମୂଲ୍ୟରେ ଯୋଗାଯାଇଥିବା ସାର ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦୁଝର ସମବାୟ ବ୍ୟାଙ୍କ୍ ଜରିଆରେ ଆସିଥିବା ସାର ମଧ୍ୟରୁ କିଛି ପରିମାଣ ଅଧାରାସ୍ତାରୁ ହଡ଼ପ କରାଯାଇଛି। ଏହି ଘଟଣାକୁ ନେଇ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ଶନିବାର ସମବାୟ ନିବନ୍ଧକ, ଜିଲ୍ଲାପାଳ କେନ୍ଦୁଝର, ସମବାୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅବଗତ କରାଇଛନ୍ତି। ଦୋଷୀଙ୍କ ବିରୋଧରେ ତଦନ୍ତ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ବିଶାଳ ଚାଷୀ ଆନ୍ଦୋଳନ କରାଯିବ ବୋଲି ଚାଷୀନେତା ଜଗଦୀଶ ମହାନ୍ତ, ଗୌତମ ମହାନ୍ତ, ଅଜୟ ମହାନ୍ତ, ଲମ୍ବୋଦର ନାଏକ, ମୁକୁନ୍ଦଚରଣ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅଭିଯୋଗ ପରେ ଡିଆରସିଏସ ପର୍ଶୁରାମ ପାତ୍ରଙ୍କୁ ପଚରାଯିବା ପରେ ଏଆରସିଏସ ତଦନ୍ତ କରିଥିବା ବେଳେ ତଦନ୍ତରେ ସାହାରପଡା ଲ୍ୟାମ୍ପସରେ ସାର ବିକ୍ରି ଓ ବଣ୍ଟନରେ କିଛି ଅନିୟମିତତା ଥିବା ଜଣାପଡିଛି। ଏନେଇ ସାହାରପଡା ଲ୍ୟାମ୍ପ ଏମଡି ରଞ୍ଜୁଶ୍ରୀ ହାନ୍ତ କହିଛନ୍ତି ଯେ ୧୫ ଦିନ ତଳେ ୧୦୦ ପ୍ୟାକେଟ୍ ଡିଏପି ଏବଂ ୧୦୦ ପ୍ୟାକେଟ୍ ୟୁରିଆ ସାର ଆସିଥିଲା ଏବଂ ସେଗୁଡ଼ିକ ଚାଷୀଙ୍କୁ ବିତରଣ କରାଯାଇଛି। କିଛି ଚାଷୀ ସାର ପାଇ ନଥିବାରୁ ଭୁଲ ଅଭିଯୋଗ ଉଠାଇଛନ୍ତି। ସାହାରପଡା ଅଞ୍ଚଳ ପାଇଁ ପ୍ରାୟ ୩୦ ଟନ୍ ସାର ଆବଶ୍ୟକ ଥିବା ବେଳେ ମାତ୍ର ୧୦୦ ପ୍ୟାକେଟ୍ ସାର ଆସିଥିଲା। ଏହି କାରଣରୁ ସମସ୍ତ ଚାଷୀଙ୍କୁ ସାର ଯୋଗାଇବା ସମ୍ଭବ ହୋଇ ନଥିବାରୁ ଅସନ୍ତୋଷ ଉପଜିଛି। ସାର ବଣ୍ଟନରେ କୌଣସି ପ୍ରକାର ଦୁର୍ନୀତି ହୋଇ ନଥିବା କହିଛନ୍ତି।

### ସରକାରୀ କାର୍ଯ୍ୟ ପାଇଁ ମିଳୁନି

# ମାଫିଆ ଲୁଟୁଛନ୍ତି ବ୍ୟାରେଜ୍ ମୋରମ୍

ଆନନ୍ଦପୁର, ୭।୬(ସମିସ)



ଆନନ୍ଦପୁର ଅଞ୍ଚଳରେ ଏବେ ମୋରମ ଖାଦାନ ନଥିବାବେଳେ ସମସ୍ତଙ୍କ ନଜର ଆନନ୍ଦପୁର ବ୍ୟାରେଜ୍ ଦକ୍ଷିଣ ପାର୍ଶ୍ୱ କେନାଲ ଖୋଳା ମାଟି ଉପରେ। ଏପରିକି ନାମକୁ ମାତ୍ର ଅନୁମତି ନେଇ ଏହା ଆଳରେ ମୋରମ ଓ ମାଟି ଲୁଟ୍ ହେଉଛି। ଆନନ୍ଦପୁର ପୌରାଞ୍ଚଳରେ ନିର୍ମାଣ ହେବାକୁ ଥିବା ଅଙ୍ଗନବାଡି କେନ୍ଦ୍ର ଓ କମ୍ୟୁନିଟି ସେଣ୍ଟରଗୁଡିକ ପାଇଁ ମାଟି ଯୋଗାଇ ପାଇଁ ପୌରଅଧିକାରୀ ଗତ ଚାରିମାସ ହେଲା ଚିଠି ଲେଖିଥିଲେ ମଧ୍ୟ ଅଦ୍ୟାବଧି ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ନିର୍ମାଣାଧୀନ ଆନନ୍ଦପୁର ବ୍ୟାରେଜ୍ ଦକ୍ଷିଣ ପାର୍ଶ୍ୱ କେନାଲ କୂଳରେ ବଣମୁଣ୍ଡ ଓ କେନିପୁରା ମୌଜାରେ ଥିବା ମୋରମ ଓ ମାଟିକୁ କିଛି ବ୍ୟକ୍ତି ରାତି ଅଧିଆ ମେସିନ୍ ଲଗାଇ ବୋହି ନେଇଛନ୍ତି। ପ୍ରଥମେ ନୂତନଭାବେ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଭାଙ୍ଗିଯିବାର ସମ୍ଭାବନା ରହିଥିବାରୁ ଏହାକୁ ଲୋକମାନେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ରାସ୍ତା ନିର୍ମାଣ କରାଯାଇ ମାଟି ଚାଲାଣ ଚାଲିଛି। ଏପଟେ ନାମକୁ ମାତ୍ର ଅନୁମତି ପତ୍ର କାଟି ଠିକାଦାରମାନେ ମାତ୍ରାଧିକ ମାଟି ଓ ମୋରମ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଏପରିକି ଏହି ଅନୁମତି ଆଳରେ ମେସିନ୍ ଲଗାଇ ଦିନଦ୍ୱିପହରେ ହାଇୱାରେ ମାଟି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଅଭିଯୋଗ ମଧ୍ୟ ହୋଇଛି। ଏହି ଆଳରେ ମାଟି ବିକ୍ରି କରାଯାଉଥିବା ମଧ୍ୟ ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ଗତକାଲି ଅପରାହ୍ନରେ ମାଟି ଚାଲାଣ ସମୟରେ ଗାଡିରେ ଟିପି ନଥିବାରୁ ସ୍ଥାନୀୟ ଲୋକମାନେ ଚାରିଟି ହାଇୱାକୁ ଦୀର୍ଘସମୟ ଅଟକ ରଖିଥିଲେ। ତେବେ ଆଜି ପୁଣି ସ୍ଥାନୀୟ କିଛି ଗୁଣ୍ଡାକୁ ହାତକରି ମାଟି ଚାଲାଣ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିରେ ବ୍ୟାରେଜ୍ ଡିଭିଜନ୍ ଅଧିକାରୀଙ୍କ ହାତ ରହିଥିବା ମଧ୍ୟ କୁହାଯାଉଛି। ଏପଟେ ଆନନ୍ଦପୁର ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଗତ ଫେବୃଆରୀ ୧୯ ତାରିଖରେ ୧୨ନମ୍ବର ଖପରାଖାଇ ଓ ୩ନମ୍ବର ୱାର୍ଡ ସରସ୍ୱତୀ ଶିଶୁମନ୍ଦିର ନିକଟରେ ଓ ମାର୍ଚ୍ଚ ୨୩ ତାରିଖରେ ୧୪ନମ୍ବର ୱାର୍ଡ ଘସିପୁରା ମଙ୍ଗଳାଶାଳ ନିକଟରେ ହେବାକୁ ଥିବା ଅଙ୍ଗନବାଡି ନିର୍ମାଣ ସ୍ଥାନରେ ମାଟି ପକାଯିବାକୁ ବ୍ୟାରେଜ୍ ଡିଭିଜନର ଅଧୀକ୍ଷଣଯନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ତେବେ ଅଦ୍ୟାବଧି ଏହି ସ୍ଥାନକୁ ମାଟି ଯୋଗାଇ ଦିଆଯାଇନାହିଁ। ଏପଟେ ମାଟି ଯୋଗାଇ ଦିଆଯାଉ ନଥିବାରୁ ଅଙ୍ଗନାବାଡି ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନଥିବା ନେଇ ୧୪ ନମ୍ବର କାଉନସିଲର ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ ପ୍ରକାଶ କରିଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ତୁରୁମୁଙ୍ଗା, ୭।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଦାମାହୁଦା ପଞ୍ଚାୟତ ଗୋଜାପଥର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଖୋର୍ଦ୍ଧାରୁ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସାହାରପଡା ବ୍ଲକର ଉପାନ୍ତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ଏହା ବେଶ ଉପଯୋଗୀ ହେବା ସହ ଭିତ୍ତିଭୂମି ସୁଦୃଢ ହେବ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ମହାନ୍ତ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବିରୁଆ, ସାହାରପଡା ବିଡ଼ିଓ ରଣଜିତ ମହାନ୍ତ, ବିଇଓ କ୍ଷେତ୍ରମୋହନ ହାଁସଦା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂର୍ବାସା ପ୍ରିୟଦର୍ଶିନୀ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡ୍ଡୁ, ଦାମାହୁଦା ସରପଞ୍ଚ ବାସନ୍ତୀ ଟୁଡ୍ଡୁ, ମାଛଗଡ଼ ସରପଞ୍ଚ ସୋନାଲି ଦାସ, ବୀରଭଦ୍ର ମହାନ୍ତଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାହାରପଡା ବ୍ଲକସ୍ତରୀୟ ଯନ୍ତ୍ରୀଙ୍କ ସହ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



### ସୀମାନ୍ତରେ ଜଙ୍ଗଲ ବିବାଦ

# ସୀମା ଚିହ୍ନଟ କଲା ବନ ବିଭାଗ



ନବରଙ୍ଗପୁର, ୭।୬ (ସମିସ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ଅନ୍ତର୍ଗତ ବହୁ ପ୍ରତିକ୍ଷୀତ ଦୀର୍ଘ ବର୍ଷ ଧରି ଚାଲିଥିବା ନାକଟିସିମଡ଼ା ଏବଂ କୁସୁମପୁର ସଂରକ୍ଷିତ ଜଙ୍ଗଲ ବିବାଦର ସମାଧାନ ପାଇଁ ବାଟ ଫିଟିଲା । ପ୍ରାୟ ବର୍ଷେ ଧରି ଲାଗି ରହିଥିବା ବିବାଦର ସମାଧାନ ନିମନ୍ତେ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନ୍ୟାୟ ପାଇବା ନିମନ୍ତେ ନାକଟିସିମଡ଼ା ବନ ସୁରକ୍ଷା ସମିତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଜଙ୍ଗଲ ସୀମା ନିର୍ଦ୍ଧାରଣ କରିବା ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବିବାଦୀୟ ଅଞ୍ଚଳରେ ବ୍ୟାପକସ୍ତରରେ ସୀମା ନିର୍ଦ୍ଧାରଣ ଓ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ନବରଙ୍ଗପୁର ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ମୌସୁମୀ ସଜ୍ଜନ, ରାଇଘର ରେଞ୍ଜର ମହମ୍ମଦ ଅବଦୁଲ ସମ୍ମଦ,କୋଷାଗୁମୁଡା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ସମେତ ଜିଲ୍ଲାର ଛଅଟି ରେଞ୍ଜର ଶହେରୁ ଅଧିକ ବନ କର୍ମଚାରୀ ସୀମା ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ବନ ବିଭାଗ ଅଧିକାରୀଙ୍କ ସହ ସମସ୍ତ ଅଧିକାରୀ ବିବାଦୀୟ ଅଞ୍ଚଳରେ ପହଞ୍ଚି ସୀମା ଚିହ୍ନଟ, ପୁରୁଣା ରେକର୍ଡ ଓ ମାନଚିତ୍ର ଯାଞ୍ଚ କରିଥିଲେ। ସ୍ଥାନୀୟ ଲୋକଙ୍କ ମତାମତ ମଧ୍ୟ ସଂଗ୍ରହ କରାଯାଇଥିଲା। ସମଗ୍ର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବନ ବିଭାଗ ସୂଚନା ଅନୁଯାୟୀ, ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏଭଳି ଜଙ୍ଗଲ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଓଡ଼ିଶାରେ ପ୍ରଥମ ଥର ହୋଇଛି। ତଦନ୍ତ ସମୟରେ ସଂଗୃହୀତ ସମସ୍ତ ତଥ୍ୟ ଆଧାରରେ ବିସ୍ତୃତ ରିପୋର୍ଟ ହାଇକୋର୍ଟରେ ଦାଖଲ କରାଯିବ ବୋଲି ଏସିଏଫ୍ କହିଛନ୍ତି। ବିବାଦୀୟ ଜମିରେ ରହିଥିବା ୭ ଘରକୁ ଖାଲି କରିବାକୁ ନୋଟିସ୍ ଦିଆଯାଇଥିବା ଜଣାପଡ଼ିଛି। ବିବାଦର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ କୌଣସି ବିବାଦ ସୃଷ୍ଟି ହେବ ନାହିଁ ବୋଲି କୁସୁମପୁର ଓ ନାକଟିସିମଡା ଗ୍ରାମବାସୀମାନେ ମତବ୍ୟକ୍ତ କରିଛନ୍ତି।

# କଲରାପତରିଆ ବାଘ ଛାଲ ଜବତ ଘଟଣା, ଶିକ୍ଷକ ସମ୍ପୃକ୍ତ

ରାୟଗଡ,୭।୬(ସମିସ):



ରାୟଗଡ ବନଖଣ୍ଡ ଅନ୍ତର୍ଗତ କଲ୍ୟାଣସିଂହପୁର ବନାଞ୍ଚଳ ଅଧୀନ ରିଭଲକଣା ଗ୍ରାମ ଛକରେ ଗତ ଶନିବାର ଦିନ ବନ ବିଭାଗର ଦୁଇଟି ଟିମ୍ ପକ୍ଷରୁ ଚଢ଼ଉ କରାଯାଇ ଗୋଟିଏ ଚିତା ବାଘ ଛାଲକୁ ଜବତ କରାଯାଇଥିଲା । ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ବନ ବିଭାଗ। ଏହି ଘଟଣାରେ ବନ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ୫ ଜଣ ଓ ରାୟଗଡ ଜିଲ୍ଲାର ୪ ଜଣଙ୍କୁ ଗିରଫ୍ କରାଯାଇଥିବା ନେଇ ଆଜି ରାୟଗଡ ଏସିଏଫ ସନ୍ଦୀପ ପୁଷ୍ଟି ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୪ଟି ବାଇକ୍ ଓ ୯ ଗୋଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ବାଘ ଛାଲ ଚୋରା ଚଲାଣ ଘଟଣାରେ ସମ୍ପୃକ୍ତ ଥିବା କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଜିରାଗଛ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜିତେନ୍ଦ୍ର ବେନିଆଙ୍କୁ ଗିରଫ କରାଯାଇଛି। ଗତ ବର୍ଷ ନଭେମ୍ବର ମାସରେ ବାଘକୁ ଶିକାର କରାଯାଇ ହାଡ, ନଖ ସବୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଏହି ଅଭିଯୁକ୍ତମାନେ କମ୍ ଦାମରେ ବାଘ ଛାଲ କିଣି ବାହାର ରାଜ୍ୟକୁ ଚାଲାଣ କରିବା

### ଗିରଫ ସଂଖ୍ୟା ୯କୁ ବୃଦ୍ଧି

ବିକ୍ରି କରାଯାଇଥିଲା। ବର୍ତ୍ତମାନ ଏହାର ଛାଲକୁ ଆନ୍ତଃ ରାଜ୍ୟ ବନ୍ୟଜନ୍ତୁ ଚୋରା ଚାଲାଣକାରୀକୁ ବିକ୍ରି କରାଯିବା ପାଇଁ ଉଦ୍ୟମ ସମୟରେ ବନବିଭାଗ ସେମାନଙ୍କୁ ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ରିଭଲକଣା ଛକରେ ଓ ଏକ ଘରେ ଚଢ଼ଉ କରିଥିଲା।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ରାୟଗଡ଼,୭।୬(ସମିସ): ରବିବାର ଦିନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଟିକଣା ଠାରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ରାୟଗଡର ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ସମ୍ମାନିତ ଅତିଥି ରୂପେ ସରପଞ୍ଚ ସୁଶ୍ରୀ କାମି ତାଡ଼ିଙ୍ଗି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବଳରାମ ହୁଇକା, ସମାଜସେବୀ ଭୀମ କଣ୍ଡଗରି,ନାୟବ ସରପଞ୍ଚ ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ବେହେରା ଏହି ବିଦ୍ୟାଳୟ ନିର୍ମାଣର ରୂପରେଖ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶା ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , ଅନ୍ୟକର୍ମଚାରୀ, ସିଆରସିସି ସଂଗ୍ରାମ ବେହେରା ପରିଚାଳନା କରିଥିଲେ।

# ଜିଲ୍ଲାରେ ୫,୯୫,୯୦୭ ମତଦାତାଙ୍କୁ ଫର୍ମ ବିତରଣ

ନବରଙ୍ଗପୁର,୭।୬(ସମିସ): ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର କାର୍ଯ୍ୟ ଚାଲିଛି। ବିଏଲଓ ମାନେ ଘରକୁ ଘର ଯାଇ ବର୍ତ୍ତମାନ ସୁଦ୍ଧା ୫,୯୫,୯୦୭ ଜଣ ବା ୬୯.୪୨ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି। ଆଜି ସୁଦ୍ଧା ଉମରକୋଟ ନିର୍ବାଚନ ମଣ୍ଡଳୀରେ ୬୩ ପ୍ରତିଶତ, ଝରିଗାଁ ନିର୍ବାଚନ ମଣ୍ଡଳୀରେ ୭୪ ପ୍ରତିଶତ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୭୧ ପ୍ରତିଶତ ଏବଂ ଡାବୁ ଗାଁ ନିର୍ବାଚନ ମଣ୍ଡଳୀରେ ୬୮ ପ୍ରତିଶତ ପରିଗଣନା ଫର୍ମ ବିତରଣ କରାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ବିଏଲଓ ମାନେ ପରିଗଣନା ଫର୍ମ ଗୃହସ୍ତଙ୍କୁ ପ୍ରଦାନ ସହ ଫର୍ମ ପୂରଣରେ ମାର୍ଗଦର୍ଶନ କରୁଛନ୍ତି। ଫର୍ମ ପୂରଣ ପରେ ଭୋଟରଙ୍କ ଠାରୁ ଗ୍ରହଣ କରି ଏକ ପ୍ରାପ୍ତି ସ୍ୱୀକାର ପତ୍ର ଭୋଟରଙ୍କୁ ଦେଉଛନ୍ତି। ଏହି ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରତ୍ୟେକ ଦିନ ଇଆରଓ ଏବଂ ଏଇଆରଓ କ୍ଷେତ୍ର ପରିଦର୍ଶନ କରୁଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେଅତିରିକ୍ତଜିଲ୍ଲାପାଳରାଜସ୍ୱବିଶ୍ୱଜିତ୍ଚନ୍ଦ୍ରବର୍ମନଏବଂଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ବିଏଲଓ, ସୁପରଭାଇଜର କାର୍ଯ୍ୟକୁ ନିରୀକ୍ଷଣ କରୁଛନ୍ତି। ଏ ସମସ୍ତ କାର୍ଯ୍ୟରେ ଜିଲ୍ଲାର ପ୍ରତ୍ୟେକ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବୈପାରିଗୁଡ଼ା,୭।୬(ସମିସ ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ବାରିଆଗୁଡା ଜଙ୍ଗଲ ଭିତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ମୃତକ ବାରିଆଗୁଡା ଗଜେନ୍ଦ୍ର ରାମପୁରିଆ(୪୬) । ଗତକାଲି ଜାଳେଣି କାଠ ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ଯାଇଥିବା ଗଜେନ୍ଦ୍ର ରାମପୁରିଆ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଓ ସ୍ଥାନୀୟ ଲୋକମାନେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଆଜି ଅପରାହ୍ନ ପ୍ରାୟ ଦୁଇଟା ସମୟରେ ଜଙ୍ଗଲ ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ବଜ୍ରପାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

# ଶିକ୍ଷୟିତ୍ରୀଙ୍କ ଶିକ୍ଷାଭିତ୍ତିକ କର୍ମଶାଳ



ଜୟପୁର, ୭।୬ (ସମିସ) : ଜୟପୁର ସହରର ପାଇକସାହିସ୍ଥିତ ସାରସ୍ୱତ ବାଲ ମନ୍ଦିରର ବିଦ୍ୟାଳୟର ବାର୍ଷିକ ଶିକ୍ଷା ଭିତ୍ତିକ କର୍ମଶାଳା ଅଧକ୍ଷା, ଶିକ୍ଷୟିତ୍ରୀମାନେ, ପରିଚାଳନା କମିଟି ଏବଂ ଅଭିଭାବକମାନଙ୍କର ପୂର୍ଣ୍ଣ ସହଯୋଗରେ ଆୟୋଜିତ ହେଉଛି । ଗତ ୫ ତାରିଖରେ ଆରମ୍ଭ ହୋଇଥିବା ଏହି କର୍ମଶାଳା ୧୦ ଦିନ ଧରି ଚାଲିବ। ଏହି କର୍ମଶାଳାକୁ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ଅଧକ୍ଷା ରୀତାଲି ସାହୁ, ନାଟ୍ୟକାର ଉଦୟ ଶଙ୍କର ଜାନୀ, ବିଦ୍ୟାଳୟର ସଭାପତି ଅନୁପ କୁମାର ସମନ୍ତରାୟ, ସରକାରୀ ବିଦ୍ୟାଳୟର ସିଆରସିସି ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶିକ୍ଷକ ଭାବେ ଏନ ସୁଧାକର, ନୃସିଂହ ପ୍ରସାଦ ଷଡଙ୍ଗୀ, ପଦ୍ମନାଭ ଚୌଧୁରୀ, ମନୋରଞ୍ଜନ ଦାଶ, ପଞ୍ଚାନନ ମିଶ୍ର, ରାଧାମୋହନ ପଣ୍ଡା, ମହମ୍ମଦ ସରିଫ ପ୍ରମୁଖ ଯୋଗଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ରୀତିକଳା, ନିଶାରାଣୀ ସାହୁ, ମୈତ୍ରୀ ତ୍ରିପାଠୀ ଲୋପାମୁଦ୍ରାଜେନା, ବୈଜୟନ୍ତୀପଟନାୟକ, ସ୍ମିତାରଥ, ଟିକିନାତ୍ରିପାଠୀ, ତନୁଶ୍ରୀୟାଚୌଧୁରୀ, ମାମୁନି ସ୍ୱାଇଁ, ସ୍ୱର୍ଣ୍ଣଲତା ମଲ୍ଲିକ ଓ ରୀନା ଗୌଡ଼ ଏବଂ ଅଭିଭାବକଙ୍କ ଉପସ୍ଥିତ ରହିଥିଲେ।

# ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ,୭।୬(ସମିସ): ରାୟଗଡରୁ ବିଜୟୱାଡାକୁ ବେଆଇନ ଭାବେ ଗଂଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ୬କେଜି ୫୦୦ ଗ୍ରାମର ଗଞ୍ଜେଇ ଜବତ କରିଛି ରାୟଗଡ ସରକାରୀ ରେଳବାଇ ପୁଲିସ। ଗିରଫ ଅଭିଯୁକ୍ତ ହେଲେ କର୍ଣ୍ଣାଟକ ରାଜ୍ୟର ସାହିଲ ଖାନ (୨୩)। ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଆଜି ରାୟଗଡ ରେଳ ଷ୍ଟେସନ ପ୍ଲାଟଫର୍ମ -୧ରେ ଜିଆରପି ଥାନା ଆଇଆଇସି ବିନୟ ପ୍ରକାଶ ମିଂଜ,ଏସଆଇ ସନ୍ତୋଷ କୁମାର ପରିଡା,ଏଏସଆଇ ମାଣିକ ଚନ୍ଦ୍ର ଗୌଡ,ଅନୁଜ ବଦ୍ୟଭୂଷଣ ପ୍ରମୁଖ ନିୟମିତ ଯାଞ୍ଚ କରୁଥିବା ସମୟରେ ବ୍ୟାଗରେ ଗଂଜେଇ ଥିବା ଜଣାପଡିଥିଲା। ରାୟଗଡ ଜିଆରପି ଥାନାରେ ଏକ ଏନଡିପିଏସ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା କୁହାଯାଇଛି।

# ନିଖୋଜ ବୃଦ୍ଧାଙ୍କ ଶବ ଉଦ୍ଧାର

ନନ୍ଦପୁର,୭।୬(ସମିସ): ଗତ କାଲି ସନ୍ଧ୍ୟାରେ ନନ୍ଦପୁର ବ୍ଲକ ଭେଜା ପଞ୍ଚାୟତ ହଞ୍ଜରପେଣ୍ଠ ଗ୍ରାମର ସହଦେବ ପାଙ୍ଗିଙ୍କ ପତ୍ନୀ ଗୋରିମଣି ପାଙ୍ଗି(୫୯) ଗାରାଡ଼ି ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସହଦେବଙ୍କ ଏତଲା ଅନୁସାରେ ତାଙ୍କ ପତ୍ନୀ ଗୋରିମଣୀ ଗତକାଲି ରାତି ୮ଟା ସମୟରେ ଶୌଚ ନିମନ୍ତେ ନଦୀକୁ ଆସିଥିଲେ। କିନ୍ତୁ ସିଏ ନିଖୋଜ ରହିଥିଲେ। ରବିବାର ତାଙ୍କ ମର ଶରୀର ନଦୀରେ ଭାସୁଥିବା ଖବର ପାଇ ଉଭୟ ନନ୍ଦପୁର ଓ ପାଡୁଆ ପୋଲିସ ତଥା ପାଡୁଆ ଥାନା ଆଇଆଇସି ଟୁନା ପୀଡିକା ସହଙ୍କ ସହ ନନ୍ଦପୁର ଥାନା ଏଏସଆଇ ଗୁପ୍ତେଶ୍ୱର ଗୌଡଙ୍କ ଉପସ୍ଥିତିରେ ନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉଦ୍ଧାର କରାଯାରିଥିଲେ। ସନ୍ଧ୍ୟା ହୋଇଯିବାରୁ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପାଡୁଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଏସଆଇ ସୁରେନ୍ଦ୍ର କୁମାର ସେଠୀ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଇନ୍ସପେକ୍ଟର ପ୍ରସନ୍ନ ମିଶ୍ରଙ୍କ ଅକାଳ ବିୟୋଗ

ରାୟଗଡ, ୭।୬(ସମିସ): ଆଜି ରାୟଗଡରେ ପୁଲିସ ଇନ୍ସପେକ୍ଟରଙ୍କ ପ୍ରସନ୍ନ ମିଶ୍ରଙ୍କ ଅକାଳ ବିୟୋଗ ଘଟିଛି।



ସେ କୋରାପୁଟ ଜିଲ୍ଲାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଆଜି ଅପରାହ୍ନରେ ରାୟଗଡ଼ ସହର ଡିଏଫଓ ଅଫିସ ଚତୁର୍ଥ ଗଳିରେ ରହୁଥିବା ତାଙ୍କ ସାନ ଭାଇ ପ୍ରକାଶ ମିଶ୍ରଙ୍କ ଘରେ ଥିବା ଅବସ୍ଥାରେ ଅସୁସ୍ଥ ଅନୁଭବ କରିବା ଯୋଗୁଁ ତାଙ୍କୁ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଶୁଚିକିତ୍ସା ନିମନ୍ତେ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସା ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ପରେ ଆଜି ସନ୍ଧ୍ୟାରେ ରାୟଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଏଏସପି ଏବଂ କୋରାପୁଟ ଜିଲ୍ଲାର ଉପ ଆରକ୍ଷୀ ଅଧିକ୍ଷକ ଏବଂ ପୋଲିସ ଅଫିସରଙ୍କ ସମେତ ଅନ୍ୟ କର୍ମଚାରୀ ତାଙ୍କର ଶେଷ ଦର୍ଶନ କରିଥିଲେ।

# ବିଭିନ୍ନ ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



କୁନ୍ଦୁରା, ୭।୬(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ମସିଗାଁ ପଞ୍ଚାୟତ ଯନ୍ତାପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଭର୍ଚୁଆଲରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ବ୍ଲକ ସଦର ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟ ଓ ମସିଗାଁ ପଞ୍ଚାୟତ ଯନ୍ତାପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛ। ଯନ୍ତାପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏସଏନ ଅମିତାଭ ପଣ୍ଡାଙ୍କ ତତ୍ତ୍?ାବଧାନରେଅନୁଷ୍ଠିତ ଏହିକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣଆଚାର୍ଯ୍ୟ ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ,ସରପଞ୍ଚ କମଳା ପୂଜାରୀ,ଏବିଇଓ ପପେୟା ବେହେରା,ଏସଏମସି ସଭାପତି ଈଶ୍ୱର ପାତ୍ର, ପୂର୍ବତନ ସଭାପତି ତଥା ପ୍ରତିଷ୍ଠାତା ସଭ୍ୟ ଗୁପ୍ତ ଜଡ଼କମିଆ, ଶିକ୍ଷାବିତ ନିରଞ୍ଜନ ମିଶ୍ର,ପୂର୍ବତନ ପ୍ରଧାନ ଶିକ୍ଷକ ରାମସ୍ୱାମୀ ହରିଜନ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ଆନନ୍ଦ ମିଶ୍ର ଏବଂ ବିଜେପି ମଣ୍ଡଳ ସଭାପତି ଧନପତି ପରଜା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକର କେରମେଟି ଓ ରାଣୀଗୁଡ଼ା ବିଦ୍ୟାଳୟରେ ଭିତିପ୍ରସ୍ତର ସ୍ଥାପିତ ହୋଇଛି। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ କରାଯିବ ବୋଲି ଅତିଥି ମାନେ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ଏସଏମସି କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ଓ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୀମାଞ୍ଚଳ ବେହେରା, ଜି.ରମେଶ ଏବଂ ଶିକ୍ଷୟିତ୍ରୀ ଲିପ୍ସା ଜେନା ପ୍ରମୁଖ ସହଯୋଗ କରିଥିଲେ।



**କୋଟପାଡ଼ :** କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକର ଗୁଆଳି ପଞ୍ଚାୟତ ଅଧିନସ୍ଥ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଆସନା ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁ ଭତରା, ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି ଚନ୍ଦ୍ରଶେଖର ଦାସ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚମେଲୀ ମଜୁମଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ସବିତାରାଣୀ ଷଡ଼ଙ୍ଗୀ,ଏବିଇଓ ପଦ୍ମନ ରନ୍ଧାରୀ, ଗୁଆଳି ସରପଞ୍ଚ ରାଜମୋହନ ଭଣ୍ଡାରୀ ପ୍ରମୁଖ ଉପସ୍ଥିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନଫରେନସ ମାଧ୍ୟମରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। କୋରାପୁଟ ଜିଲ୍ଲାରେ ମୋଟ ୧୨ଗୋଟି ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମଧ୍ୟରୁ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ କୋଟପାଡ଼ ଗୁଆଳି ପଞ୍ଚାୟତର ଆସନା ବିଦ୍ୟାଳୟରେ ଏକମାତ୍ର ଭିତ୍ତିପ୍ରସ୍ତର ବିଧାୟକ ରୁପୁ ଭତରାଙ୍କ କରକମଳରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ସିଆରସି, ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ବିଦ୍ୟାଳୟ ଛାତ୍ର, ଛାତ୍ରୀ ମାନଙ୍କ ସହିତ ଅଭିଭାବକ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଦୁର୍ବେ ସହଯୋଗ କରିଥିଲା ବେଳେ ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ପବିତ୍ରାନନ୍ଦ ସନ୍ତୋଷ କୁମାର ନାୟକ କରିଥିଲେ।

ରାମନାଗୁଡ଼,୭।୬(ସମିସ): ରାୟଗଡ଼ ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଶୁଣ୍ଡିଧାମୁଣି ପଞ୍ଚାୟତ ଅଧୀନରେ ଥିବା ବାଟପୁଲିସି ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗୋମାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସରପଞ୍ଚ ଭାସ୍କର କାଡ୍ରାକା, ସମିତି ସଭ୍ୟ କମଳ ଲୋଚନ ମୁଟିକା, ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା, ଗୋଷ୍ଠି ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା, ବିଆରସିସି ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଏଏସଆଇ ଜଗନ୍ନାଥ ବେହେରା ଯୋଗ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ବିଜେଡି ବ୍ଲକ ସଭାପତି ବାତ୍ରୀ ମାଣ୍ଡାଙ୍ଗି, ଯୁବ ଭାଜପା ନେତା ଆଶିଷ କୁମାର ବେହେରା,ଶକ୍ତି ପ୍ରସାଦ ପାତ୍ରଙ୍କ ସମେତ ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ମାନେ ଉପସ୍ଥିତ ରହି ବିଦ୍ୟାଳୟ ନିର୍ମାଣ ପାଇଁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଶେଷରେ



ବିଦ୍ୟାଳୟର ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଛାତ୍ର ଛାତ୍ରୀଙ୍କ ସେବାରେ ଉତ୍ସର୍ଗୀକୃତ ହେବ ବୋଲି ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ଗୋମାଙ୍ଗ କହିଥିଲେ।

# ଗୁଣୁପୁର ପୁଲିସର ସାଇକଲ୍ ଶୋଭାଯାତ୍ରା



ଗୁଣୁପୁର,୭।୬(ସମିସ): ଜାତୀୟ ଏକତା ଏବଂ ଫିଟନେସ୍‌ର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ରାୟଗଡା ଜିଲ୍ଲା ଏସପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଗୁଣୁପୁର ପୁଲିସ ପକ୍ଷରୁ ଥାନା ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ସାଇକଲ ଶୋଭାଯାତ୍ରା ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଯୁବକ, କ୍ରୀଡ଼ାପ୍ରେମୀ ଓ ସମାଜ ର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ। ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରି ଅଂଶଗ୍ରହଣକାରୀମାନେ ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଏକତାର ବାର୍ତ୍ତା ପ୍ରଦାନ କରିଥିଲେ। ନିୟମିତ ସାଇକେଲ ଚାଳନା ଶାରୀରିକ ସୁସ୍ଥତା ବଜାୟ ରଖିବା ସହ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ବହୁଳ ମାତ୍ରାରେ ସାଇକେଲ୍ ବ୍ୟବହାର କରନ୍ତୁ ଏବଂ ଫିଟ ରୁହନ୍ତୁ ବୋଲି ଗୁଣୁପୁର ପୁଲିସ ପକ୍ଷରୁ ଏକ ନିଆରା ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବିଧାୟକଙ୍କ ସହଯୋଗରେ ଆସିଲା ମୃତଦେହ

ପୋଡ଼ାଗଡ଼,୭।୬(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ସଦର ପୋଡ଼ାଗଡ଼ ପଞ୍ଚାୟତର ଆଦିବାସୀ ସାହିର ଦେବରାଜ ଭୋଇ(୪୪) ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇ ପାଲାସା ରେଳ ଷ୍ଟେସନରେ ମୃତଦେହ ପଡିଥିବା ଜଣାପଡିଥିଲା। ମୃତଦେହ ଆଣିବା ପାଇଁ ଅର୍ଥର ଅଭାବ ଥିବା ହେତୁ ବିଧାୟକ ପବିତ୍ର ସାଉନ୍ତାଙ୍କୁ ପରିବାର ଲୋକେ ଯୋଗାଯୋଗ କରିଥିଲେ। ମୃତଦେହ ନିଜ ଗାଁ ପୋଡ଼ାଗଡ ଆସିବା ପର୍ଯ୍ୟନ୍ତ ଯାହା ଅର୍ଥ ଆବଶ୍ୟକ ହେବ ତାହା ବିଧାୟକ ପ୍ରଦାନ କରିଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ସରପଞ୍ଚଙ୍କ ସ୍ୱାମୀ ଚୟତନ ଭୋଇ ପ୍ରଶଂସା କରିଛନ୍ତି।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଶିକ୍ଷକଙ୍କ ଉଲ୍ଲଂଘନ

ମାଥିଲି,୭।୬(ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଶିକ୍ଷାର ବିକାଶ ପାଇଁ ଏକ ଅଭିନବ ପ୍ରୟାସ କରିଛନ୍ତି ଜିଲ୍ଲାପାଳ। ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ୨୦ ଦିନିଆ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ଯାହା ଜିଲ୍ଲାର ଶିକ୍ଷାବିତ ମାନେ ଘୁରି ଘୁରି ପ୍ରଶଂସା କରିଛନ୍ତି। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନ କରି ଉଚ୍ଚ ବିଦ୍ୟାଳୟ ର ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ସକାଳ ୭ ରୁ ୯ ଟା ଦୁଇ ଘଣ୍ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ମାଥିଲି ବ୍ଲକରେ ମାତ୍ର ହାତଗଣତି ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ଦିଆଯାଉଛି। ବାକି ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗ ଆସିଛି। ଏବିଷୟରେ ଆମେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯିବା ବେଳେ ସେ ଆମର ଫୋନ ଉଠାଇ ନଥିଲେ। ଏ ନେଇ ମାଥିଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନାହାନ୍ତି। ସିଆରସିସିଙ୍କୁ ପଚାରି ସେ ଜଣାଇବେ ବୋଲି କହିଥିଲେ। କିନ୍ତୁ ଦୁଇ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗ୍ରୀଷ୍ମ ଛୁଟିରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ନିଜର କାର୍ଯ୍ୟରୁ ବିରତି ନେଇ ଛୁଟି ବନେଇବା ପାଇଁ ନିଜ ନିଜର ଘରକୁ ଚାଲି ଯାଇଛନ୍ତି। ଅନୁପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ କରାଯାଉଛି ତାହା ଦେଖିବାକୁ ରହିଛି।

# ଜିଲ୍ଲାକୁ ଉପେକ୍ଷା ନେଇ କାର୍ଯ୍ୟକାରିଣୀ ବୈଠକ




ଜୟପୁର, ୭।୬ (ସମିସ) : ରାଜ୍ୟ ଅମଲା ସଂଘ ୧୭ ତମ ତ୍ରୟୋବାର୍ଷିକି ସମ୍ମିଳନୀକୁ କୋରାପୁଟ ଜିଲ୍ଲା ସଂଘ ବିରୋଧ କରିଥିବା ନେଇ ଆଜିର ବୈଠକରେ ରାଜ୍ୟ ସ୍ତରୀୟ ନେତା ସମାଲୋଚନା କରିଛନ୍ତି। ଜୟପୁର ଯାଦବ ଭବନ ଠାରେ ଏକ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଂଘର ଆଞ୍ଚଳିକ ସମ୍ପାଦକ କୈଳାସ ସାମନ୍ତରା, ରାଜ୍ୟ ଅତିରିକ୍ତ ସମ୍ପାଦକ ଶଶିଭୂଷଣ ଦାଶ ଏବଂ ସଂଘର ଅନ୍ୟାନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ରାଜ୍ୟ ଅମଲା ସଂଘର ତ୍ରୟୋବାର୍ଷିକି ସମ୍ମିଳନୀ ଆୟୋଜନ ପାଇଁ କୋରାପୁଟ ଜିଲ୍ଲାକୁ ଉପେକ୍ଷା କରାଯାଇଥିବା ନେଇ ଶ୍ରୀ ଦାଶ ବାରମ୍ବାର ରାଜ୍ୟ ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ। ଅପର ପକ୍ଷରେ କିଛି କୁ-ଚକ୍ରାନ୍ତକାରୀ ଅମଲା,ରାଜସ୍ୱ ଅମଲା ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଯେଉଁ ଭଳି ଭାବରେ କୁଚକ୍ରାନ୍ତ କରି ହଜାର ହଜାର ଅମଲା ଆଖିରେ ଧୂଳି ଦେଇ ପୁରୀ ଠାରେ ଏକ ତ୍ରୟବାର୍ଷିକି ସମ୍ମିଳନି ଲୁକ୍କାୟିତ ଭାବେ କରି କର୍ମକର୍ତ୍ତା ଚୟନ କରାଯାଇଛି। ଉକ୍ତ ଚୟନ ପ୍ରକ୍ରିୟାରେ ୫ ଲକ୍ଷ ଟଙ୍କା କାରବାର ହୋଇଥିବା ଅଭିଯୋଗ କରାଯାଇଛି। ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଏ ସବୁ କରାଇଥିବା ନେଇ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଏନେଇ ଉଚ୍ଚ ନ୍ୟାୟାଳୟ ଠାରେ ଏକାଧିକ ମାମଲା ରୁଜୁ ହୋଇଛି। ତେଣୁ ସମସ୍ତଙ୍କ ମତାମତକୁ ଆଧର କରି ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତାଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମସ୍ତଙ୍କ ମତାମତକୁ ଆଧାର କରିରେ ପରବର୍ତ୍ତୀ ପଦକ୍ଷପ ଗ୍ରହଣ କରାଯିବ ବୋଲି କହିଛନ୍ତି।